# ପ୍ରାର୍ଥନା

ମୁଁ ଅନୁଭବ କରୁଛି, ଆମେ ତୁମ ମନ୍ଦିରର ହୃଦ୍‌ଦେଶରେ ପ୍ରବେଶ କରିଛୁ ଏବଂ ତୁମର ସଂକଳ୍ପ ସମ୍ପର୍କରେ ହିଁ ସଚେତନ ହୋଇ ଉଠିଛୁ । ଏକ ବିପୁଳ ଆନନ୍ଦ, ଏକ ଗଭୀର ଶାନ୍ତି ମୋ ଭିତରେ ରାଜୁତି କରୁଛି, କିନ୍ତୁ ଏବେ ମୋର ସମସ୍ତ ଆନ୍ତର ଧାରଣା ଏକ ବୃଥା ସ୍ୱପ୍ନ ଭଳି ଅନ୍ତର୍ହିତ ହୋଇଛି ଏବଂ ତୁମର ଅପରିମେୟତା ସମ୍ମୁଖରେ ମୁଁ ବର୍ତ୍ତମାନ ନିଜକୁ କୌଣସି ସଂଗଠନ କି ବିଧାନ ରହିତ ଭାବେ, ଅଦ୍ୟାବଧି ଏକ ବ୍ୟକ୍ତି ଭାବେ ରୂପାୟିତ ହୋଇ ନଥିବା ସତ୍ତାଟିଏ ଭଳି ଦେଖୁଛି । ସମସ୍ତ ଅତୀତ ତାହାର ବାହ୍ୟ ରୂପରେ ମନେହୁଏ ଯେପରି ଗୋଟାଏ ଅସଂଗତ ହାସ୍ୟକର ଆରୋପ ମାତ୍ର, ତଥାପି ମୁଁ ଜାଣେ ଯେ ସେହି ସମୟ ସକାଶେ ଏହାର ପ୍ରୟୋଜନ ଥିଲା ।

କିନ୍ତୁ ବର୍ତ୍ତମାନ ସବୁକିଛି ପରିବର୍ତ୍ତିତ : ଏକ ନୂତନ ପର୍ଯ୍ୟାୟର ଆରମ୍ଭ ହୋଇଛି ।

ଏପ୍ରିଲ ୧, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

The ascent of the human soul to the supreme Spirit is that soul's highest aim and necessity, for that is the supreme reality; but there can be too the descent of the Spirit and its powers into the world and that would justify the existence of the material world also, give a meaning, a divine purpose to the creation and solve its riddle. East and West could be reconciled in the pursuit of the highest and largest ideal, Spirit embrace Matter and Matter find its own true reality and the hidden Reality in all things in the Spirit.

(CWSA, Vol. 36, p. 553) – Sri Aurobindo

ପରମ ଚୈତନ୍ୟକୁ ମାନବାତ୍ମାର ଆରୋହଣହିଁ ସେ ଆତ୍ମାର ସର୍ବୋଚ୍ଚ ଲକ୍ଷ୍ୟ ଏବଂ ପ୍ରୟୋଜନୀୟତା, ଯେହେତୁ ତାହାହିଁ ପରମ ବାସ୍ତବତା; କିନ୍ତୁ ସେ ମହାଚୈତନ୍ୟ ଏବଂ ତଦୀୟ ଶକ୍ତିରାଜିର ମଧ୍ୟ ଏ ପୃଥିବୀ ଭିତରକୁ ଅବତରଣ ଘଟିପାରେ ଏବଂ ତାହା ଏ ସ୍ଥୂଳ ପୃଥିବୀର ସ୍ଥିତିର ଯୌକ୍ତିକତା ବି ପ୍ରତିପାଦିତ କରିବ, ସୃଷ୍ଟିକୁ ଅର୍ଥପୂର୍ଣ୍ଣ କରିବ ଏବଂ ତାହାର ପ୍ରହେଳିକାର ସମାଧାନ କରିବ । ମହତ୍ତମ ଏବଂ ବୃହତ୍ତମ ଆଦର୍ଶର ସନ୍ଧାନରେ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ମିଳିତ ହୋଇ ପାରିବେ, ଚୈତନ୍ୟ ଜଡ଼କୁ କରିବ ଆଶ୍ଳେଷ ଏବଂ ଜଡ଼ ଚୈତନ୍ୟ ଦ୍ୱାରାହିଁ ସବୁବସ୍ତୁରେ ନିହିତ ତା'ର ପ୍ରକୃତ ସତ୍ୟ ଏବଂ ସଂଗୁପ୍ତ ସତ୍ୟର ସନ୍ଧାନ ପାଇପାରିବ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦ୍ୱାଦଶ ସର୍ଗ, ଆଦର୍ଶର ସ୍ୱର୍ଗସମୁଚ୍ଚୟ

## (The Heavens of the Ideal)

## (୨)

## ଶ୍ରୀଅରବିନ୍ଦ

On one side glimmered hue on floating hue,
A glory of sunrise breaking on the soul,
In a tremulous rapture of the heart's insight
And the spontaneous bliss that beauty gives,
The lovely kingdoms of the deathless Rose.

ଗୋଟିଏ ପାର୍ଶ୍ୱରେ ଭାସମାନ ବର୍ଣ୍ଣ ଉପରେ ବର୍ଣ୍ଣ ଝଲସି ଉଠୁଥିଲା, ଅନ୍ତରାତ୍ମା ଉପରେ ଅଜାଡ଼ି ପଡୁଥିଲା ସୂର୍ଯ୍ୟୋଦୟର ମହିମା, ହୃଦୟାନ୍ତର୍ଗତ ଅନ୍ତର୍ଦୃଷ୍ଟିର ସ୍ପନ୍ଦିତ ପୁଲକ ଏବଂ ସୌନ୍ଦର୍ଯ୍ୟ ଆଣି ଦେଉଥିବା ସ୍ୱତଃସ୍ଫୂର୍ତ୍ତ ଆହ୍ଲାଦ ମଧ୍ୟରେ ପ୍ରତିଭାତ ହେଉଥିଲା ମୃତ୍ୟୁହୀନ ଗୋଲାପର ରମଣୀୟ ରାଜ୍ୟସକଳ ।

Above the spirit cased in mortal sense
Are superconscious realms of heavenly peace,
Below, the Inconscient's sullen dim abyss,
Between, behind our life, the deathless Rose.

ନଶ୍ୱର ଇନ୍ଦ୍ରିୟ ଭିତରେ ଆବଦ୍ଧ ଚୈତନ୍ୟର ଊର୍ଦ୍ଧ୍ୱରେ ରହିଛି ସ୍ୱର୍ଗୀୟ ଶାନ୍ତିର ଅତିଚେତନ ରାଜ୍ୟସମୂହ, ନିମ୍ନରେ, ନିଶ୍ଚେତନାର ବିମର୍ଷ ବିଷଣ୍ଣ ନିଷ୍ପ୍ରଭ ଅତଳ, ମଧ୍ୟସ୍ଥଳରେ, ଆମ ଜୀବନର ପଶ୍ଚାତରେ, ଅମର ଗୋଲାପ ।

Across the covert air the spirit breathes,
A body of the cosmic beauty and joy
Unseen, unguessed by
the blind suffering world,
Climbing from Nature's deep
surrendered heart
It blooms for ever at the feet of God,
Fed by life's sacrificial mysteries.

ଚିନ୍ମୟ ସତ୍ତା ପ୍ରଶ୍ୱାସରେ ନେଉଥିବା ପ୍ରଚ୍ଛନ୍ନ ବାୟୁର ପରପାରିରେ, ବିଶ୍ୱ ସୁଷମା ଓ ଆନନ୍ଦର ଏକ ଅପଘନ, ଯାହାକୁ ଦେଖିପାରେନା, ଅନୁମାନ କରି ପାରେନା ଅନ୍ଧ ଦୁଃଖଜର୍ଜର ଜଗତ୍, ପ୍ରକୃତିର ସୁଗଭୀର ସମର୍ପିତ ହୃଦୟରୁ ଆରୋହଣ କରି ଜୀବନର ଯାଜ୍ଞିକ ରହସ୍ୟାବଳୀ ଦ୍ୱାରା ପୁଷ୍ଟ ହୋଇ ତାହା ଚିରକାଳ ପ୍ରସ୍ଫୁଟିତ ହୁଏ ଭଗବାନଙ୍କ ପାଦତଳେ ।

Here too its bud is born in human breasts;
Then by a touch, a presence or a voice
The world is turned into a temple ground
And all discloses the unknown Beloved.

ଏଠି ବି ତାହାର କଳିକା ଜନ୍ମ ନିଏ ମାନୁଷୀ ବକ୍ଷରେ; ତା'ପରେ ଏକ ସ୍ପର୍ଶ, ଏକ ଉପସ୍ଥିତି ଅଥବା ଏକ କଣ୍ଠସ୍ୱର ଦ୍ୱାରା ପୃଥିବୀ ପରିଣତ ହୁଏ ଏକ ମନ୍ଦିର ପ୍ରାଙ୍ଗଣରେ ଏବଂ ସବୁକିଛି ସେହି ଅଜ୍ଞାତ ପ୍ରେମାସ୍ପଦଙ୍କୁ ପ୍ରକଟ କରିଦିଏ ।

In an outburst of heavenly joy and ease
Life yields to the divinity within
And gives the rapture-offering of its all,
And the soul opens to felicity.

ସ୍ୱର୍ଗୀୟ ଆନନ୍ଦ ଏବଂ ସ୍ୱସ୍ତିର ଏକ ବିସ୍ଫୋରଣରେ ଆନ୍ତର ଦେବତ୍ୱ ସମୀପରେ ଜୀବନ ହୁଏ ଅବନତ ଏବଂ ତାହାର ସର୍ବସ୍ୱକୁ ସେ ଅର୍ପଣ କରେ ଉଲ୍ଲାସ-ନୈବେଦ୍ୟ ରୂପେ, ଏବଂ ଅନ୍ତରାତ୍ମା ଉନ୍ମୀଳିତ ହୋଇଯାଏ ପରମ ସୁଖାଭିମୁଖେ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ନିଜ ପାଇଁ ପଥଟିଏ

## ଶ୍ରୀମା

### ନିଜ ପାଇଁ କେତୋଟି ନିୟମ ରଖ

ନୈତିକତା ହେଲା ସଂପୂର୍ଣ୍ଣ ଭାବେ କୃତ୍ରିମ ଓ ମନମୁଖି ବ୍ୟାପାର ଏବଂ ଅଧିକାଂଶ କ୍ଷେତ୍ରରେ, ଯେଉଁମାନେ ସତକୁ ସତ ନୀତିବାଦୀ, ସେମାନଙ୍କ ଭିତରେ ଏହା ଯଥାର୍ଥ ଆଧାତ୍ମିକ ପ୍ରୟାସକୁ ବାଧାଦିଏ । କାରଣ ନୀତିବାଦୀମାନେ ଏକ ନୈତିକ ସନ୍ତୋଷରେ ମଗ୍ନ ଥାଆନ୍ତି । ସେମାନେ ଭାବନ୍ତି ଯେ ସେମାନେ ଠିକ୍ ବାଟରେ ଅଛନ୍ତି । ...

କିନ୍ତୁ ପ୍ରକୃତରେ ଯାହା ଆମକୁ ସାହାଯ୍ୟ କରିବ ତାହା ହେଲା — ନିଜ ଭିତରର ଆଲୋକକୁ ପ୍ରାପ୍ତ ହେବା ପର୍ଯ୍ୟନ୍ତ, ତୁମେ ତୁମ ନିଜ ପାଇଁ କେତେକ ନୀତି ସ୍ଥିର କରିନିଅ । ସେହି ନୀତିଗୁଡ଼ିକ ଯେପରି ଖୁବ୍ କଠୋର ଓ ଧରାବନ୍ଧା ନହୁଏ, କିନ୍ତୁ ତଥାପି ସେଗୁଡ଼ିକ ଏପରି ନିର୍ଦ୍ଦିଷ୍ଟ ହେବା ଉଚିତ ଯେ, ଯାହାଫଳରେ କି ତୁମେ ସତ୍‌ପଥରୁ ସଂପୂର୍ଣ୍ଣଭାବେ ବିଚ୍ୟୁତ ହୋଇଯିବ ନାହିଁ କିଂବା ଏପରି ଭୁଲ୍ କରି ବସିବ ନାହିଁ ଯାହାକି ଆଉ ସଂଶୋଧିତ ହୋଇ ପାରିବ ନାହିଁ — ଯାହାର ଫଳସ୍ୱରୂପ ସାରା ଜୀବନ ତୁମେ ସେଇ ପ୍ରମାଦର କୁଫଳ ଭୋଗି ଚାଲିଥିବ ।

ଏହିସବୁ ଦୃଷ୍ଟିରୁ, ତୁମେ ନିଜ ଲାଗି କେତୋଟି ନୀତି ନିର୍ଦ୍ଧାରଣ କରିବାଟା ଭଲ ହେବ । ତେବେ ଏକଥା ସତ ଯେ ପ୍ରତ୍ୟେକ ବ୍ୟକ୍ତି ତା'ର ସ୍ୱଧର୍ମ ଅନୁଯାୟୀ ଏହି ନୀତିଗୁଡ଼ିକୁ ନିର୍ଦ୍ଧାରଣ କରିବା ଉଚିତ । କିନ୍ତୁ ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ, ଜାଣିରଖ ଯେ ତୁମେ ତତ୍‌କ୍ଷଣାତ୍ ସେଇସବୁ ନିୟମର କ୍ରୀତଦାସ ହୋଇ ରହିବ ଏବଂ ତାହାହିଁ ତୁମ ରୂପାନ୍ତର ପାଇଁ ପ୍ରୟାସ କରିବା ଦିଗରେ ସମ୍ପୂର୍ଣ୍ଣ ଭାବେ ବାଧା ସୃଷ୍ଟି କରିବ ।

### ନିଜର ପଥ ଅନୁସରଣ କର

*ପ୍ରଶ୍ନ : ''ତୁମେ ନିଜର ଶୀର୍ଷଦେଶରେ ପହଞ୍ଚିବା ଉଚିତ,'' ଶ୍ରୀଅରବିନ୍ଦ ଏହାହିଁ କହିଛନ୍ତି । ବର୍ତ୍ତମାନ ପ୍ରଶ୍ନ ହେଲା — ଏହି ଶୀର୍ଷଦେଶଟି ସମସ୍ତଙ୍କ ପାଇଁ ସମାନ ନା ପ୍ରତ୍ୟେକଙ୍କ ପାଇଁ ସ୍ୱତନ୍ତ୍ର ଶୀର୍ଷଦେଶ ରହିଛି ?*

ଉତ୍ତର : ସର୍ବଶେଷ ବିଶ୍ଲେଷଣରେ ଯଦି କଥାଟି ବୁଝିବ, ତାହାହେଲେ ଜାଣିବ ଯେ ସେଇ ଶୀର୍ଷ ସ୍ଥାନଟି ସମସ୍ତଙ୍କ ପାଇଁ ସମାନ — ତାହାହେଲା ସବୁକିଛି ପଛରେ ରହିଛି ଦିବ୍ୟ ଏକତ୍ୱ — କିନ୍ତୁ ପ୍ରତ୍ୟେକ ଲୋକ ତା' ନିଜ ଶୀର୍ଷରେ ପହଞ୍ଚିବା ଉଚିତ ବୋଲି ଯାହା କୁହାଯାଇଛି ତା'ର ଅର୍ଥ ହେଲା ପ୍ରତ୍ୟେକ ଲୋକ ତା' ନିଜସ୍ୱ ପ୍ରକୃତି ଭିତର ଦେଇ ଯିବ ଏବଂ ତା' ନିଜ ମାର୍ଗରେ ସେଇ ଦିବ୍ୟ ଏକତ୍ୱକୁ ପ୍ରକାଶ କରିବ । ସେଦିନ ଆମେ ଏହି କଥାଟି କହୁଥିଲେ : ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ । ତୁମକୁ ଅନ୍ୟର ପଥ ଅନୁସରଣ କରିବାର ପ୍ରୟୋଜନ ନାହିଁ ! ତୁମେ ତୁମ ବାଟକୁ ଅନୁସରଣ କରି ଚାଲ ଏବଂ ତୁମ ବାଟରେ ଗଲେହିଁ ତୁମେ ସେଇ ଶୀର୍ଷରେ ପହଞ୍ଚି ପାରିବ । ଏଇ ଶୀର୍ଷ ସ୍ଥାନଟି 'ଏକ', କିନ୍ତୁ ତୁମ ବାଟରେ ତୁମେ ଯାଇ ସେଠି ପହଞ୍ଚୁଛ । ଲକ୍ଷ୍ୟଟି ରହିଛି ଏହି ଶୀର୍ଷକୁ ଅତିକ୍ରମ କରି ତା'ର ଆହୁରି ଊର୍ଦ୍ଧ୍ୱରେ — ସେଇ ଲକ୍ଷ୍ୟଟି 'ଏକ' ଏବଂ ସବୁ ଶୀର୍ଷର ଅତୀତ ଓ ଊର୍ଦ୍ଧ୍ୱରେ । କିନ୍ତୁ ପ୍ରତ୍ୟେକଙ୍କୁ ତାଙ୍କ ନିଜ ରାସ୍ତାରେ ଯାଇ ସେଠାରେ ପହଞ୍ଚିବାକୁ ହେବ । ପ୍ରତ୍ୟେକଙ୍କୁ ତାଙ୍କ ନିଜର ପାହାଡ଼ ଚଢ଼ିବାକୁ ହେବ, ଅନ୍ୟର ପାହାଡ଼ ନୁହେଁ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ପ୍ରତ୍ୟାଖ୍ୟାନ

## ଶେଖ ଅବଦୁଲ କାଶମ

ଦିବ୍ୟ ଜୀବନ ଓ ଦିବ୍ୟ ପରିପୂର୍ଣ୍ଣତାକୁ ସମ୍ଭବ କରିବାକୁ ହେଲେ ଆମକୁ ସେଥିଲାଗି ଆସ୍ପୃହା କରିବା ସହ ସେଥିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ପ୍ରତିକୂଳ ବସ୍ତୁଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ହୋଇଥାଏ । ଯୋଗ ସାଧନାରେ ଏହା ଏକ ଅତ୍ୟନ୍ତ କଠିନ କାର୍ଯ୍ୟ । କଠୋପନିଷଦ୍‌ରେ କୁହାଯାଇଛି – ''କ୍ଷୁରସ୍ୟ ଧାରା ନିଶିତା ଦୁରତ୍ୟୟା, ଦୁର୍ଗଂ ପଥସ୍ତତ୍ କବୟୋ ବଦନ୍ତି ।'' ଅର୍ଥାତ୍, ତତ୍ତ୍ୱଜ୍ଞାନୀମାନେ କହନ୍ତି ଯେ, ''ଏହି ପଥ (ଯୋଗପଥ) କ୍ଷୁର ଧାର ପରି ତୀକ୍ଷ୍ଣ ଓ ଦୁର୍ଗମ । ଏହାକୁ ଅତିକ୍ରମ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ।'' ଭଗବାନଙ୍କ ପାଖରେ ନିଜକୁ ଯଥାର୍ଥ ରୂପେ ବା ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିବାକୁ ହେଲେ ଆମ ସତ୍ତାର ବିଶୁଦ୍ଧିକରଣ ଏକାନ୍ତ ଆବଶ୍ୟକ । ଏହି ମାର୍ଗରେ ଅଗ୍ରସର ହେବା ବେଳେ ଆମକୁ ଆମ ଭିତରୁ ତଥା ଆମ ବାହାରୁ ନାନା ପ୍ରକାରର ସ୍ଥୂଳ ଓ ସୂକ୍ଷ୍ମ ପ୍ରତିବନ୍ଧକଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ । ଆମ ନିମ୍ନ ପ୍ରକୃତିରେ ରହିଥିବା ନାନା ପ୍ରତିକୂଳ ଗତିବୃତ୍ତି ଓ ପ୍ରବୃତ୍ତିଗୁଡ଼ିକ ଆମ ଅଗ୍ରଗତିକୁ ବ୍ୟାହତ କରିଥା'ନ୍ତି । ତେଣୁ ସେଗୁଡ଼ିକୁ ତତ୍‌କ୍ଷଣାତ୍ ବା ପର୍ଯ୍ୟାୟକ୍ରମେ ପ୍ରତ୍ୟାଖ୍ୟାନ କରିବାକୁ ହେବ । ବାହାରୁ ଯେଉଁ ପ୍ରତିବନ୍ଧକଗୁଡ଼ିକ ଆମ ସମ୍ମୁଖକୁ ଆସେ ସେଗୁଡ଼ିକୁ ଅତିକ୍ରମ କରିବାକୁ ଆମର ଏକ ଦୃଢ଼ ମନସ୍ତାତ୍ତ୍ୱିକ ପ୍ରସ୍ତୁତି ଆବଶ୍ୟକ ।

ପୂର୍ଣ୍ଣଯୋଗରେ ଏହି ପ୍ରତ୍ୟାଖ୍ୟାନ ବ୍ୟାପାରଟି ଅଧିକ କଷ୍ଟସାଧ୍ୟ ହୋଇଥାଏ । କାରଣ ଏଠାରେ ସ୍ଥୂଳ ଶରୀର ପର୍ଯ୍ୟନ୍ତ ପ୍ରକୃତିର ଆମୂଳ ରୂପାନ୍ତର ସାଧନ କରିବାକୁ ହୁଏ । କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ସାମୂହିକ ସ୍ତରରେ ମଧ୍ୟ ପାର୍ଥିବ ପ୍ରକୃତିର ରୂପାନ୍ତର ଆବଶ୍ୟକ ହେଉଥିବାରୁ ପ୍ରତିକୂଳ ଶକ୍ତି ବିରୋଧରେ ଅନେକ ଭୂମିରେ ଏକ ବହୁ ପର୍ଯ୍ୟାୟ ବିଶିଷ୍ଟ ଯୁଦ୍ଧ ଲଢ଼ିବାକୁ ହୁଏ । 'ମା' ପୁସ୍ତକରେ ଶ୍ରୀଅରବିନ୍ଦ ସାଧନା ଅନ୍ତର୍ଭୁକ୍ତ ତ୍ରିବିଧ ବ୍ୟକ୍ତିଗତ ପ୍ରଚେଷ୍ଟା ବିଷୟରେ ଉଲ୍ଲେଖ କରିବାକୁ ଯାଇ ପ୍ରତ୍ୟାଖ୍ୟାନ ସମ୍ପର୍କରେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ବୁଝାଇ କହିଛନ୍ତି –

''ଅପରା ପ୍ରକୃତିର ସକଳ ଗତିବୃତ୍ତିର ପ୍ରତ୍ୟାଖ୍ୟାନ – ପ୍ରତ୍ୟାଖ୍ୟାନ କରିବାକୁ ହେବ ମନର ଧାରଣା, ଅଭିମତ, ଅଭିରୁଚି, ଅଭ୍ୟାସ, ପରିକଳ୍ପନା ଯଦ୍ଦ୍ୱାରା ମନ ନୀରବ ହୁଏ ଏବଂ ଏହି ନୀରବ ମନ ହେଲା ଯଥାର୍ଥ ଜ୍ଞାନର ପ୍ରକାଶ ନିମିତ୍ତ ଗୋଟିଏ ମୁକ୍ତ କ୍ଷେତ୍ର – ପ୍ରତ୍ୟାଖ୍ୟାନ କରିବାକୁ ହେବ ପ୍ରାଣ ପ୍ରକୃତିର ବାସନା, ଦାବି, କ୍ଷୁଧା, ଉତ୍ତେଜନା, ଆବେଗ, ସ୍ୱାର୍ଥପରତା, ଅହଙ୍କାର, ଗର୍ବ, କାମ, ଲୋଭ, ଈର୍ଷା, ଅସୂୟା, ସତ୍ୟ ପ୍ରତି ବିରୁଦ୍ଧାଚାର ଯଦ୍ଦ୍ୱାରା ଅଚଞ୍ଚଳ, ଉଦାର, ସମର୍ଥ, ସମର୍ପିତ ପ୍ରାଣପୁରୁଷ ମଧ୍ୟରେ ଊର୍ଦ୍ଧ୍ୱରୁ ଦିବ୍ୟ ଶକ୍ତି ଓ ଆନନ୍ଦ ନିଜକୁ ଢାଳି ଦେଇପାରେ – ପ୍ରତ୍ୟାଖ୍ୟାନ କରିବାକୁ ହେବ ଶାରୀରିକ ପ୍ରକୃତିର ମୂଢ଼ତା, ସଂଶୟ, ଅବିଶ୍ୱାସ, ଅଜ୍ଞାନ, ଦୁରାଗ୍ରହ, ସଂକୀର୍ଣ୍ଣତା, ଆଳସ୍ୟ, ପରିବର୍ତ୍ତନବିମୁଖତା, ତାମସିକତା ଯଦ୍ଦ୍ୱାରା ସର୍ବଦା ଦିବ୍ୟ ଭାବରେ ବିକାଶଶୀଳ ଶରୀରରେ ଦିବ୍ୟ ଜ୍ୟୋତିଃ, ଶକ୍ତି ଓ ଆନନ୍ଦ ସୁପ୍ରତିଷ୍ଠିତ ହୋଇପାରେ ।''

ଆମ ନିମ୍ନ ପ୍ରକୃତି ଭିତରେ ବିଭିନ୍ନ ଗତିବୃତ୍ତି କିପରି ସଂଘଟିତ ହେଉଛି ତାହା ପ୍ରଥମେ ଜାଣିବାକୁ ହେବ । ଶ୍ରୀଅରବିନ୍ଦ କହନ୍ତି – "Truly, we do not think, will or act but thought occurs in us, will occurs in us, impulse and act occur in us."

(Sri Aurobindo or the Adventure of Consciousness, P. 58)

ଅର୍ଥାତ୍, ''ଆମେ ପ୍ରକୃତରେ ଚିନ୍ତା କରୁ ନାହୁଁ, ସଂକଳ୍ପ କରୁ ନାହୁଁ କିଂବା କର୍ମ କରୁ ନାହୁଁ, ମାତ୍ର ଚିନ୍ତା ଆମ ଭିତରେ ସଂଘଟିତ ହୁଏ, ସଂକଳ୍ପ ଆମ ଭିତରେ ଜାଗି ଉଠେ, ପ୍ରବୃତ୍ତି ଓ କର୍ମ ଆମ ଭିତରେ ସଂଘଟିତ ହୁଏ ।''

ଶ୍ରୀଅରବିନ୍ଦ ଆହୁରି କହନ୍ତି – "Universal Nature deposits certain habits of movement, personality, character, faculties, dispositions, tendencies in us, and that is what we usually call ourselves."

(Sri Aurobindo or the Adventure of Consciousness, P. 58)

ଅର୍ଥାତ୍, ‘‘ବିଶ୍ୱ ପ୍ରକୃତି ଆମ ଭିତରେ ଗତିବୃତ୍ତିର କେତେକ ନିର୍ଦ୍ଦିଷ୍ଟ ଅଭ୍ୟାସ, ବ୍ୟକ୍ତିତ୍ୱ, ଚରିତ୍ର, ସାମର୍ଥ୍ୟ, ସ୍ୱଭାବ, ପ୍ରବୃତ୍ତି ଢାଳି ଦେଇଥାଏ ଏବଂ ତାହାକୁହିଁ ସାଧାରଣତଃ ଆମେ ଆମର ପ୍ରକୃତ ସତ୍ତା ବୋଲି କହୁ ।’’

ପ୍ରକୃତରେ ବିଶ୍ୱଗତ ମନ (Universal Mind) ଭିତରୁ ନାନା ପ୍ରକାର ଭାବନା ଆସି ଆମର ମନରେ ପ୍ରବେଶ କରେ, ବିଶ୍ୱ ପ୍ରାଣ (Universal Vital)ରୁ ନାନା ପ୍ରକାର ପ୍ରାଣିକ ଆବେଗ ବା ପ୍ରବୃତ୍ତି ଆସି ଆମ ପ୍ରାଣ ଭିତରେ ପ୍ରବେଶ କରେ । ସେମିତି ଅବଚେତନ ଓ ଅତିଚେତନରୁ ମଧ୍ୟ ନାନା ପ୍ରକାର ତରଙ୍ଗ ଆସି ଆମକୁ ସ୍ପର୍ଶ କରେ । ସୋପାନ ଶ୍ରେଣୀବଦ୍ଧ ନାନା ଜଗତରୁ ବିଭିନ୍ନ ଅନୁସ୍ପନ୍ଦନ ଆସି ଆମକୁ ପ୍ରଭାବିତ କରିଥା’ନ୍ତି । ଆମର କ୍ଷୁଦ୍ର ସତ୍ତାଟି ବାହାରର ବିଶାଳ ଜଗତ୍ ସମୂହର ପ୍ରଭାବ ଓ ଚାପ ଦ୍ୱାରା ନିତ୍ୟ ପରିବେଷ୍ଟିତ ହୋଇ ରହିଛି । ସକଳ ବାହ୍ୟ ପ୍ରଭାବରୁ ମୁକ୍ତ ହୋଇ ନିଜର ପ୍ରକୃତ ସତ୍ତା ମଧ୍ୟରେ ସ୍ୱାଧୀନ ଭାବେ ପ୍ରତିଷ୍ଠିତ ହେବା, ଏହା ଆଦୌ ସହଜ ବ୍ୟାପାର ନୁହେଁ । ଏଥିପାଇଁ ସତତ ଜାଗୃତି ଓ ପ୍ରତ୍ୟାଖ୍ୟାନର ନିରବଚ୍ଛିନ୍ନ ପ୍ରୟାସ ଆବଶ୍ୟକ । ଅଭୀପ୍ସାର ନିଷ୍କମ୍ପ ଅଗ୍ନିଶିଖା ନିଜ ଭିତରେ ସର୍ବଦା ପ୍ରଜ୍ୱଳିତ ହୋଇ ରହିଥିବା ଉଚିତ । ନିରାସକ୍ତି ଓ ସମତାର ଦୃଢ଼ ସ୍ଥିତିରେ ପ୍ରତିଷ୍ଠିତ ହୋଇ ରହିବାକୁ ହେବ । ସର୍ବୋପରି ମାତୃ ଶକ୍ତି ଉପରେ ଏକାନ୍ତ ନିର୍ଭରତା ଅପରିହାର୍ଯ୍ୟ ।

ବିଭିନ୍ନ ଭାବନା, ଆବେଗ ଓ ପ୍ରବୃତ୍ତିଗୁଡ଼ିକ ବାହାରୁ ଆସୁଛି ବୋଲି ଜାଣିଗଲେ ତାକୁ ପ୍ରତ୍ୟାଖ୍ୟାନ କରିବା ସହଜ ହୋଇଉଠେ । ସେଗୁଡ଼ିକ ସହିତ ଏକାତ୍ମ (identified) ନ ହୋଇ ନିଜକୁ ସେଥିରୁ ପୃଥକ୍ କରି ରଖିଲେ ଆମେ ସେଗୁଡ଼ିକ ଉପରେ ବିଜୟ ଲାଭ କରିପାରିବା ।

ବାହାରୁ ଆସୁଥିବା ପ୍ରତିକୂଳ ଭାବନା ଓ ପ୍ରବୃତ୍ତିଗୁଡ଼ିକ ବିଷୟରେ ସଚେତନ ହେବା କ୍ଷଣି ସେଗୁଡ଼ିକୁ ବାହାରକୁ ଫିଙ୍ଗି ଦେବାକୁ ହେବ । ସେଗୁଡ଼ିକ ନିଜଠୁ ଅଧିକ ଶକ୍ତିଶାଳୀ ବୋଲି ଭାବି ଭୟଭୀତ ହୋଇଗଲେ ବା ଦୁର୍ବଳ ହୋଇଗଲେ ତାହା ଦ୍ୱାରା ଆମେ ଶୀଘ୍ର ବଶୀଭୂତ ହୋଇଯିବା । ସେଗୁଡ଼ିକ ବିଷୟରେ ଚିନ୍ତା ନକରିବା, ସେଗୁଡ଼ିକୁ ମହତ୍ତ୍ୱ ନଦେବା ବା ସେଗୁଡ଼ିକ ପ୍ରତି ଅସମ୍ପୃକ୍ତ ହୋଇ ରହିବା ଏବଂ ସେଗୁଡ଼ିକୁ ଆଦୌ କ୍ରିୟାରେ ପରିଣତ ନକରିବା ହେଉଛି ସେଥିରୁ ଉଦ୍ଧାର ପାଇବାର ଯଥାର୍ଥ ମାର୍ଗ । ବେଳେ ବେଳେ ଆମ ଭିତରେ କୌଣସି ଅଂଶ ସେହି ବାହ୍ୟ ଜିନିଷର ଆଗମନକୁ ସ୍ୱାଗତ କରିଥାଏ କିଂବା ତାକୁ ଯଥାର୍ଥ ବା ଯୁକ୍ତିସଙ୍ଗତ ବୋଲି ସାବ୍ୟସ୍ତ କରିଥାଏ । ଏପରି ହେଲେ ତାହା ଆମ ଭିତରେ ବିଭ୍ରାନ୍ତି ଓ ବିକ୍ଷୋଭ ସୃଷ୍ଟି କରିବ । ତେଣୁ ଆମ ଭିତରର କୌଣସି ଅଂଶ ଯେମିତି ସେହି ପ୍ରତିକୂଳ ବସ୍ତୁକୁ ସମର୍ଥନ ନକରେ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ଯଦି କୌଣସି ପ୍ରତିକୂଳ ଗତିବୃତ୍ତି ଆମ ଭିତରେ ଜାଗ୍ରତ୍ ହୋଇଛି ବୋଲି ଆମର ଅନୁଭବ ହୁଏ ତାହାହେଲେ ଆମେ ଜାଣି ରଖିବା ଯେ ତାହା ଆମ ଅଲକ୍ଷ୍ୟରେ ବାହାରୁ ଆସି ଆମ ଭିତରେ ଆଶ୍ରୟ ନେଇ ସାରିଛି । ତେଣୁ ଦୃଢ଼ ସଂକଳ୍ପ ଶକ୍ତି ଦ୍ୱାରା ସେହି ଗତିବୃତ୍ତିକୁ ଆମ ସତ୍ତା ମଧ୍ୟରୁ ବହିଷ୍କାର କରିବାକୁ ହେବ । ଯଦି ଆମର ସଂକଳ୍ପ ଶକ୍ତି ଯଥେଷ୍ଟ ଶକ୍ତିଶାଳୀ ନୁହେଁ ଏବଂ ପ୍ରତିକୂଳ ଗତିବୃତ୍ତିଟି ଖୁବ୍ ଅଧିକ ଶକ୍ତିଶାଳୀ ବୋଲି ମନେ ହେଉଛି ତାହାହେଲେ ଆମେ ମା’ଙ୍କ ପାଖରେ ସେହି ଗତିବୃତ୍ତିଟିକୁ ଉପସ୍ଥାପନ କରିବା ଏବଂ ତାକୁ ବହିଷ୍କାର କରିବା ନିମିତ୍ତ ତାଙ୍କୁ ପ୍ରାର୍ଥନା କରିବା ।

ଆଳସ୍ୟ ଓ ନିଷ୍କ୍ରିୟତା ଯୋଗୁଁ ଆମ ଭିତରେ ନିମ୍ନ ପ୍ରକୃତିଗତ ଗତିବୃତ୍ତି ଦେଖା ଦେଇପାରେ । ଏହି ତାମସିକ ଅବସ୍ଥାରେ ବିଶେଷ କରି କାମ ବାସନା ଜାଗ୍ରତ୍ ହେବାର ସମ୍ଭାବନା ରହିଥାଏ । କୌଣସି ନା କୌଣସି କର୍ମରେ ବ୍ୟସ୍ତ ରହିଥିଲେ ଏହି ପ୍ରକାର ଅବାଞ୍ଛନୀୟ ପରିସ୍ଥିତିରୁ ଆମେ ରକ୍ଷା ପାଇ ପାରିବା । କାରଣ କର୍ମରେ ଆଗ୍ରହ ଓ କର୍ମ ବ୍ୟସ୍ତତା ଆମର ସକଳ ଚିନ୍ତା ଓ ସଂକଳ୍ପଗୁଡ଼ିକୁ ଅଭିନିବିଷ୍ଟ କରି ରଖିପାରେ ଏବଂ ନିମ୍ନ-ଗତିବୃତ୍ତି ପାଇଁ ତାହା ସୁଯୋଗ ଦିଏ ନାହିଁ ।

କୌଣସି ପ୍ରବୃତ୍ତି ଆମକୁ ସାମୟିକ ଭାବେ ସୁଖ ଓ ସନ୍ତୋଷ ପ୍ରଦାନ କରିବାର ଲୋଭ ଦେଖାଇ ପାରେ । ତେଣୁ ଏଥିପ୍ରତି ସତର୍କ ରହି ତା’ ଆଗରେ ଆଦୌ ବଶୀଭୂତ ନହେବା ପାଇଁ ଦୃଢ଼ ଇଚ୍ଛାଶକ୍ତି ପୋଷଣ କରିବା ଆବଶ୍ୟକ । ବେଳେବେଳେ ସେହି ପ୍ରବୃତ୍ତି ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ ଏବଂ ତାହା ଯଥାର୍ଥ ବୋଲି ଆମର ମନ ଦୃଢ଼ ଯୁକ୍ତି ବି ବାଢ଼ିପାରେ । ଏହି ପ୍ରବୃତ୍ତିର ତୃପ୍ତି ସାଧନ ଏଇ ଥରକ ପାଇଁ ବା ଶେଷ ଥର ପାଇଁ କରିବାକୁ ଏହା ପ୍ରରୋଚିତ କରିପାରେ । ତେଣୁ ଏ କ୍ଷେତ୍ରରେ ସାବଧାନତା ଓ ସତର୍କତାର ପ୍ରୟୋଜନ ରହିଛି । କାରଣ ତଥାକଥିତ ‘ଶେଷ ଥର’ ବାରଂବାର ପୁନରାବୃତ୍ତି ହେବାର ଆଶଙ୍କା ରହିଥାଏ । ତୀକ୍ଷ୍ଣ ସଜାଗ ଦୃଷ୍ଟି

ଓ ଗଭୀର ଅନ୍ତର୍ବୋଧ ମାଧ୍ୟମରେ ଏପରି ପ୍ରଲୋଭନରୁ ଜଣେ ମୁକ୍ତ ହୋଇପାରେ ।

ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟାଖ୍ୟାନର ଏକ ନକାରାତ୍ମକ ପ୍ରଚେଷ୍ଟା ସାଙ୍ଗକୁ ଏକ ସକାରାତ୍ମକ ପ୍ରଚେଷ୍ଟା ମଧ୍ୟ ଦରକାର, ଅର୍ଥାତ୍ ସାଧକ ପରିସ୍ଥିତିକୁ ବୁଝି ଭଗବାନଙ୍କ ପାଖରେ ଶରଣାପନ୍ନ ହେବା ଉଚିତ ଏବଂ ଆନ୍ତରିକ ପ୍ରାର୍ଥନା କରିବା ଉଚିତ ଯେ ସେହି ଦୁର୍ବଳତା ବା ଦୁଷ୍ପ୍ରବୃତ୍ତି ଯେମିତି ସତ୍ତାକୁ କବଳିତ ନକରେ ।

ନିୟମିତ ବ୍ୟାୟାମ ଦ୍ୱାରା ମାଂସପେଶୀ ଓ ଅଙ୍ଗପ୍ରତ୍ୟଙ୍ଗକୁ ବଳିଷ୍ଠ କଲା ଭଳି ନିୟମିତ ଅଭ୍ୟାସ ଦ୍ୱାରା ଆମେ ଆମର ଇଚ୍ଛାଶକ୍ତିକୁ ବେଶ୍ ମଜଭୁତ କରିପାରିବା । ଇଚ୍ଛାଶକ୍ତି ଦୃଢ଼ ଓ ଜାଗ୍ରତ୍ ହୋଇ ରହିଥିଲେ କୌଣସି ପ୍ରତିକୂଳ ଚିନ୍ତା ବା ପ୍ରବେଗ ଆମ ଭିତରକୁ ପ୍ରବେଶ କରିପାରିବ ନାହିଁ ଏବଂ ଯଦି ଦୈବାତ୍ ପ୍ରବେଶ କରିଯାଏ ତାକୁ ଶୀଘ୍ର ବହିଷ୍କାର କରିବା ସହଜସାଧ୍ୟ ହେବ ।

ଅନ୍ଧକାର ଶକ୍ତିଗୁଡ଼ିକ ଆମକୁ ଆକ୍ରମଣ କରି ଭୁଲ୍ ଗତିବୃତ୍ତିରେ ଲିପ୍ତ ହେବା ପାଇଁ ପ୍ରରୋଚିତ କରିଥା'ନ୍ତି । ସେଥିପାଇଁ ଆଲୋକର ଶକ୍ତିଗୁଡ଼ିକ ସହିତ ସଂଯୋଗ ରଖି ଆମକୁ ବୀରଯୋଦ୍ଧା ଭଳି ସେସବୁର ସମ୍ମୁଖୀନ ହେବାକୁ ପଡ଼ିବ । ଆମର ବାରଂବାର ସମର୍ଥନ ଫଳରେ ଅନ୍ଧ ପ୍ରବୃତ୍ତିଗୁଡ଼ିକ ବେଶ୍ ଶକ୍ତିଶାଳୀ ହୋଇ ଆମର ଚେତନାଭୂମିର ଅଧିକାଂଶ ଅଞ୍ଚଳକୁ ମାଡ଼ି ବସିଥା'ନ୍ତି । ତେଣୁ ଏ କ୍ଷେତ୍ରରେ କୌଣସି ପ୍ରକାର ଅବହେଳା ବା ନିଷ୍କ୍ରିୟତା ଆଦୌ ସ୍ପୃହଣୀୟ ନୁହେଁ । ଆମକୁ ସତର୍କ ପ୍ରହରୀ ଭଳି ଜାଗ୍ରତ୍ ରହି ସେମାନଙ୍କ ଆକ୍ରମଣକୁ ତ୍ୱରିତ ଗତିରେ ପ୍ରତିହତ କରିବାକୁ ହେବ ।

ଏ ସମ୍ପର୍କରେ ମା'ଙ୍କର ଏକ ସୁନ୍ଦର ପରାମର୍ଶ ରହିଛି । ତାହାହେଲା, ଆମେ ଅନ୍ତର ଭିତରେ ଗୋଟିଏ ସଙ୍କେତ ଫଳକ (signpost) ବା ଏକ ଦର୍ପଣ ଭଳି ଜିନିଷଟିଏ ସ୍ଥାପନ କରି ରଖିଥିବା । ବାହାରୁ ଆସୁଥିବା ଭଲମନ୍ଦ ଚିନ୍ତା, ଭାବ ଓ ପ୍ରବେଗଗୁଡ଼ିକ ସେହି ଦର୍ପଣ ଦେଇ ଅତିକ୍ରମ କରିବେ । ସେଗୁଡ଼ିକର ପ୍ରତିଫଳନ ଦର୍ପଣରେ ପଡ଼ିବ । ସେଗୁଡ଼ିକ ଭଲ ବା ମନ୍ଦ, ସୁନ୍ଦର ବା କୁତ୍ସିତ, ଚିହ୍ନା ପଡ଼ିଯିବେ । ତା'ପରେ ଭଲଗୁଡ଼ିକୁ ଗ୍ରହଣ କରାଯାଇ ମନ୍ଦଗୁଡ଼ିକୁ ତତ୍କ୍ଷଣାତ୍ ଜବତ କରି ବାହାରକୁ ଫୋପାଡ଼ି ଦିଆଯିବ । ଏହା ଏକ ଚୈତ୍ୟିକ ଦର୍ପଣ (psychic mirror) ଯାହାର ଚାରିପଟେ ଆମେ ଏକ ବଡ଼ ବୃତ୍ତ ଅଙ୍କନ କରିଦେବା ଏବଂ ବିଭିନ୍ନ ଉପାଦାନଗୁଡ଼ିକୁ ଯଥାସ୍ଥାନ ଦେଇ ସଜାଡ଼ି ରଖିବା । ପ୍ରଥମେ ଭଲ ଓ ସୁନ୍ଦର ଜିନିଷଗୁଡ଼ିକୁ ସାଇତି ରଖିବା, ତା'ପରେ ଆଉ ଯାହା ଦର୍ପଣରେ ଧୂସର ଛାୟା ସୃଷ୍ଟି କରୁଛି ସେଗୁଡ଼ିକୁ ଅଦରକାରୀ ବୋଲି ଜାଣି ଅପସାରିତ କରିନେବା । ଏହା ହେଉଛି ନିରନ୍ତର ସଚେତନତା ଓ ସଜାଗତାର ଏକ ମାର୍ଗ ।

ଥରେ ଗୋଟିଏ ମିଥ୍ୟା ଗତିବୃତ୍ତିକୁ ସଫଳ ଭାବରେ ପ୍ରତ୍ୟାଖ୍ୟାନ କରି ପାରିଲେ ତାହା ଆମକୁ ଅଧିକ ବଳ ପ୍ରଦାନ କରିବ ଯଦ୍ଦ୍ୱାରା କି ଆମେ ଅନ୍ୟ ମିଥ୍ୟା ଗତିବୃତ୍ତିଗୁଡ଼ିକ ଉପରେ ମଧ୍ୟ କର୍ତ୍ତୃତ୍ୱ ସ୍ଥାପନ କରି ପାରିବା । ଅନ୍ୟ ପକ୍ଷରେ ଥରେ ଯଦି ଆମେ ସେହି ମିଥ୍ୟା ପ୍ରବେଗ ଆଗରେ ଦୁର୍ବଳ ହୋଇ ପଡ଼ିବା ଆଉ ଯୁଦ୍ଧ କରିବାକୁ ମନା କରିଦେବା ତାହାହେଲେ ତାହା ଆହୁରି ଅଧିକ ବିକ୍ରମ ସହ ଆମକୁ ଆକ୍ରମଣ କରିବ । ଭବିଷ୍ୟତରେ ସେହି ମିଥ୍ୟା ଗତିବୃତ୍ତିଟି ଅନତିକ୍ରମଣୀୟ ହୋଇ ଆମ ସତ୍ତା ଭିତରେ ଘର କରି ରହିଯିବ ଏବଂ ଆମର ଅଶେଷ କ୍ଷତିସାଧନ କରିବ । ସୁତରାଂ ଏ କ୍ଷେତ୍ରରେ କୌଣସି ଶିଥିଳତା, ଅସାବଧାନତା ଓ ଦୁର୍ବଳତାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ ।

ଅନେକ ସମୟରେ ଭବିଷ୍ୟତକୁ ନେଇ କେତେକ ଅବାନ୍ତର ଭୟ, ଆଶଙ୍କା ଓ ଉଦ୍‌ବେଗ ଆମକୁ ଆକ୍ରମଣ କରିଥା'ନ୍ତି । ସେଗୁଡ଼ିକ ଆମର ଅହଂଗତ ଦାବି, କ୍ଷୁଧା ଓ ଉଗ୍ର ଆକାଙ୍କ୍ଷାଗୁଡ଼ିକ ସହିତ ଜଡ଼ିତ ହୋଇ ରହିଥା'ନ୍ତି । ସେଗୁଡ଼ିକୁ ଶୀଘ୍ର ଦୂର ନକଲେ ସେମାନେ ଆମ ଭିତରେ ରହି ନାନା ପ୍ରକାର ମାନସିକ ରୋଗ ସୃଷ୍ଟି କରିଥା'ନ୍ତି, ଆମକୁ ସର୍ବଦା ବିକ୍ଷୁବ୍ଧ ଓ ସନ୍ତାପିତ କରି ରଖିଥା'ନ୍ତି । ଏଗୁଡ଼ିକ ମଧ୍ୟରୁ ଅନେକେ ଆଇସ୍‌ବର୍ଗ ଭଳି ଆମ ସତ୍ତା ଭିତରେ ତିନି ଚତୁର୍ଥାଂଶ ନିମଜ୍ଜିତ ଓ ଲୁକ୍କାୟିତ ହୋଇ ରହିଥା'ନ୍ତି । ଆମ ସତ୍ତା ଭିତରେ ଅନେକ ଅନ୍ଧକାରାଚ୍ଛନ୍ନ ଗଳି ରହିଥାଏ ଯେଉଁଠି ଆମର ଜାଗ୍ରତ୍ ଚେତନା ପହଞ୍ଚି ପାରି ନଥାଏ । ସେଠାରେ ସେମାନେ ଖୁବ୍ ଆରାମରେ ଆଶ୍ରୟ ନେଇଥା'ନ୍ତି । ଆମର ଦୁର୍ବଳ ମୁହୂର୍ତ୍ତରେ ସେଗୁଡ଼ିକ ହଠାତ୍ ସମ୍ମୁଖ ଭାଗକୁ ଆସି ଆମ ସତ୍ତାକୁ କ୍ଷତବିକ୍ଷତ କରି ପକାନ୍ତି । ସେମାନଙ୍କ ଉପଦ୍ରବ ବେଳେ ବେଳେ ଏପରି ଅସହ୍ୟ ହୋଇ ଉଠେ ଯେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ମଧ୍ୟ ବାଧ୍ୟ ହୁଏ । ଏ କ୍ଷେତ୍ରରେ ଆମର କର୍ତ୍ତବ୍ୟ ହେଲା ଚେତନାକୁ ଉଦ୍ଦୀପିତ କରି ରଖିବା ଏବଂ ସମଗ୍ର ସତ୍ତାକୁ ଐକ୍ୟବଦ୍ଧ (integrate) କରିବା । ଡନ୍ କୁସ୍ତି ବା ସାଙ୍ଗୋ ପାଞ୍ଜା ଭଳି

ଅପରିଣାମଦର୍ଶୀ ହୋଇ କୌଣସି ଭୁଲ୍ ପଦକ୍ଷେପ (misadventure) ନେବା ସେତେବେଳେ ବିପଜ୍ଜନକ ହୋଇପାରେ । ଅତ୍ୟନ୍ତ ଧୀର ସ୍ଥିର ହୋଇ ବିବେକ ବୁଦ୍ଧିର ପ୍ରୟୋଗ କରି ପରିସ୍ଥିତିକୁ ସମ୍ମୁଖୀନ ହେବାକୁ ପଡ଼ିବ । ସର୍ବୋପରି ମା'ଙ୍କୁ ଆନ୍ତରିକ ଭାବେ ପ୍ରାର୍ଥନା କଲେ ସହାୟତା ନିଶ୍ଚୟ ମିଳିବ । ସେହିଁ ଉଦ୍ଧାରର ମାର୍ଗ ବତାଇ ଦେବେ ।

ନିଜ ଭିତରେ କୌଣସି ଅନ୍ଧକାର ବା କୁତ୍ସିତ ଉପାଦାନକୁ ଦେଖିବାକୁ ପାଇଲେ ସେଥିରେ ବିଷଣ୍ଣ ହେବା ଉଚିତ ନୁହେଁ ବରଂ ଏହା ଆତ୍ମଶୁଦ୍ଧିକରଣର ଏକ ସୁଯୋଗ ବୋଲି ଭାବି ଉତ୍ସାହର ସହିତ ତା'ର ବହିଷ୍କରଣ ପାଇଁ ଆଶୁ ପଦକ୍ଷେପ ନେବା ଆବଶ୍ୟକ । ଆମ ଭିତରେ ଯେଉଁସବୁ ଦୁର୍ବଳତା, ଅସୁବିଧା ବା ଆସକ୍ତି ରହିଛି ସେସବୁକୁ ଆମ ଚେତନାର ସମ୍ମୁଖ ଭାଗକୁ ଆଣି ତା' ଉପରେ ସନ୍ଦୀପିତ ବୁଦ୍ଧିର ପ୍ରଖର ତେଜ ବା ଉଚ୍ଚତର ଚେତନାର ଆଲୋକ ରଶ୍ମି ପକାଇବା ଉଚିତ । ଦୁର୍ବଳତାକୁ ଦେଖି ଭୟଭୀତ ନହେବା ବା ତାହା ଅପରାଜେୟ ଓ ଅଶୋଧନୀୟ ବୋଲି ନଭାବିବା ସବୁଠୁ ବେଶୀ ଆବଶ୍ୟକ । ଦୁର୍ବଳତା, ଅନ୍ଧ ପ୍ରବୃତ୍ତି ବା ବାହ୍ୟ ଆକ୍ରମଣଗୁଡ଼ିକୁ ଭାଗ୍ୟର ଦୋଷ ବୋଲି କହି ନିଜକୁ ନିନ୍ଦିବା ବା ଘୃଣା କରିବା ସର୍ବଥା ଅନୁଚିତ । ଦୁର୍ବଳତା ବା ଆସକ୍ତିଟିର ଉତ୍ସ ମୂଳକୁ ଖୋଜି ତୁରନ୍ତ ତା'ର ପ୍ରତିକାର ବ୍ୟବସ୍ଥା କରିବା ବୁଦ୍ଧିମତ୍ତାର କାର୍ଯ୍ୟ ଅଟେ । ବେଳେ ବେଳେ ବ୍ୟକ୍ତି ଭିତରେ ଏପରି ବିକୃତ ମାନସିକତା ଥାଏ ଯେ ସେ ନିଜର ଦୁର୍ବଳତା ବା ଭୁଲ୍ ଗତିବୃତ୍ତି ପ୍ରତି ଗୋପନରେ ସହାନୁଭୂତି ଓ ସମର୍ଥନ ପ୍ରକାଶ କରୁଥାଏ, ସେଥିରୁ ଏକ ପ୍ରକାର ବିକୃତ ଖୁସୀ ମଧ୍ୟ ଅନୁଭବ କରୁଥାଏ । ଏଭଳି ପ୍ରମାଦ ଆମ ଭିତରେ ସାଂଘାତିକ ବିକ୍ଷୋଭ ଓ ଅସନ୍ତୁଳନ ସୃଷ୍ଟି କରିପାରେ । ତେଣୁ ସେଥିପ୍ରତି ସଜାଗ ରହିବା ଉଚିତ ।

କୌଣସି ମନ୍ଦ ଗତିବୃତ୍ତି ଯଦି କିଛି ସମୟ ପାଇଁ ଆମ ସତ୍ତାକୁ ଅଧିକାର କରିନିଏ ସେଥିପାଇଁ ବ୍ୟତିବ୍ୟସ୍ତ ନହୋଇ ନିଜକୁ ଅନାସକ୍ତିର ଏକ ଦୃଢ଼ ସ୍ଥିତି ଉପରେ ପ୍ରତିଷ୍ଠିତ କରିବା ଉଚିତ । କୌଣସି ପରିସ୍ଥିତିରେ ମଧ୍ୟ ମନ, ପ୍ରାଣରେ ବିଷାଦ ଓ ନୈରାଶ୍ୟକୁ ପ୍ରଶ୍ରୟ ଦେବା ଅନୁଚିତ । ଶାନ୍ତ ଓ ସ୍ଥିର ମନ ନେଇ ସଂଦୀପିତ ଦୃଷ୍ଟିରେ ସମସ୍ୟାଟିକୁ ଲକ୍ଷ୍ୟ କରିବାକୁ ହେବ ଏବଂ ତା'ର ପ୍ରତିକାର ଚିନ୍ତା କରିବାକୁ ହେବ । ଯଦି ନିଜ ଭିତରେ ପ୍ରକୃତ ନିଷ୍ଠା ଥାଏ ତାହାହେଲେ ଭୁଲ୍ ଗତିବୃତ୍ତି ବେଶୀ ସମୟ ଆମକୁ କବଳିତ କରି ରଖି ପାରିବ ନାହିଁ । ସଦିଚ୍ଛା ରହିଥିଲେ ନିଜ ଭିତରୁହିଁ ପ୍ରତିକାରର ଯଥାର୍ଥ ଉପାୟ ସ୍ୱତଃ ପ୍ରାପ୍ତ ହେବ ।

ଆମ ମନରେ ଏପରି କେତେକ ବଦ୍ଧମୂଳ ଧାରଣା ଓ ମତ ଦୃଢ଼ ହୋଇ ବସା ବାନ୍ଧିଥା'ନ୍ତି ଯାହା ପ୍ରକୃତରେ କ୍ଷତିକାରକ । ଆମେ ନିଜର ଅସଙ୍ଗତ ମତ ବା ଧାରଣାକୁ ଅନ୍ୟ ଉପରେ ଜୋର୍ କରି ଲଦି ଦେବାକୁ ଚେଷ୍ଟା କରିଥାଉ, ଯାହା ଫଳରେ ପରିବେଶରେ ଅଶାନ୍ତି ଓ ଅସଙ୍ଗତି ସୃଷ୍ଟି ହୋଇଥାଏ । ଆମେ ପରିଣାମକୁ ଦୃଷ୍ଟିରେ ରଖି ସେପରି ମତ ବା ଧାରଣାଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ଉଚିତ । ଆମର କେତେକ ବିଷୟ ପ୍ରତି ଅଭିରୁଚି ଓ ଆକର୍ଷଣ ରହିଥାଏ, ତେଣୁ ତା' ସପକ୍ଷରେ ଆମେ ଯୁକ୍ତିତର୍କ କରୁ, ତା'ର ପରିତର୍ପଣ ପାଇଁ ମିଥ୍ୟା ଓ ଅନୀତିର ଆଶ୍ରୟ ନେଉ । ଆଉ କେତେକ ବିଷୟ ପ୍ରତି ଆମର ବିକର୍ଷଣ ଭାବ ରହିଥାଏ, ଯଦିଓ ସେଗୁଡ଼ିକ ପ୍ରକୃତରେ ଔଚିତ୍ୟ ବହନ କରୁଥା'ନ୍ତି । ମନର ଏପରି କେତେକ ଅଭ୍ୟାସ ଥାଏ ଯାହା ଆମକୁ ପକ୍ଷପାତୀ ଓ ଏକଦେଶଦର୍ଶୀ କରି ପକାଏ । ଆମେ ସଂକୀର୍ଣ୍ଣ ଦୃଷ୍ଟି ନେଇ ବସ୍ତୁସକଳର ବିଚାର କରିଥାଉ । ପ୍ରକୃତରେ ଆମେ ଉପରଠାଉରିଆ ଭାବେ କୌଣସି ବସ୍ତୁ, ବ୍ୟକ୍ତି ବା ପରିସ୍ଥିତି ବିଷୟରେ ବିଚାର କରିବାକୁ ଯିବା ଉଚିତ ନୁହେଁ । ଆମେ ସାଧାରଣ ଚେତନାରେ ରହିଥିବା ପର୍ଯ୍ୟନ୍ତ କାହାରି ସମାଲୋଚନା କରିବା, ବିଚାର କରିବା ବା ଜଣକୁ ଅନ୍ୟ ଜଣକ ସହିତ ତୁଳନା କରିବାର ଅଭ୍ୟାସ ଆଦୌ ହିତକର ନୁହେଁ । ମନରେ ଅନେକ ଉଦ୍ଭଟ ଓ ଅବାନ୍ତର ଭାବନା ବା ପରିକଳ୍ପନା ଆଣି ଠୁଳ କରିବା, ତାକୁ ନେଇ ଘାରି ହେବା – ଏହା କେବଳ ସମୟ ଓ ଶକ୍ତିର ଅପଚୟ ମାତ୍ର । ଅବାସ୍ତବ, ଅବାଞ୍ଛିତ ଓ ଅତିରଞ୍ଜିତ କଳ୍ପନାଜଳ୍ପନା ଦ୍ୱାରା କିଛି ଲାଭ ହୁଏ ନାହିଁ । ସେଥିରେ ମନ ଅଯଥା ଭାରାକ୍ରାନ୍ତ ହୁଏ ଏବଂ ପ୍ରମାଦଯୁକ୍ତ କାର୍ଯ୍ୟ କରିବା ଲାଗି ବ୍ୟକ୍ତି ପ୍ରଚୋଦିତ ହୁଏ । ଏକାଗ୍ରତା ଓ ଅଭିନିବେଶ ଦ୍ୱାରା ମନକୁ ପ୍ରଶାନ୍ତ ଓ ନୀରବ କରି ପାରିଲେ ତଦ୍ଦ୍ୱାରା ଉର୍ଦ୍ଧ୍ୱରୁ ଜ୍ଞାନ ଅବତରଣ କରି ଆସିବ ଏବଂ ଆମେ ଯଥାର୍ଥ କର୍ମ କରିବାର ପ୍ରେରଣା ମଧ୍ୟ ଲାଭ କରିପାରିବା । ଆମେ ଚିରାଚରିତ ଓ ଅଭ୍ୟାସଗତ କେତେକ ନିର୍ଦ୍ଦିଷ୍ଟ ଭାବନା ବା ଧାରଣାକୁ ଜାବୁଡ଼ି ଧରିଥାଉ ଏବଂ ତାହାକୁହିଁ ସମସ୍ୟାର ସମାଧାନ ବୋଲି ବିଚାର କରୁଥାଉ । ଏହା ଏକ ଆତ୍ମ ପ୍ରତାରଣା । ଆମେ ନିତ୍ୟ ନୂତନ ଧାରଣା ଓ ବିଚାର ପ୍ରତି

ଉନ୍ମୁକ୍ତ ହେବା ଉଚିତ । ବଦ୍ଧମୂଳ ବିଶ୍ୱାସରେ ଅଟକି ନଯାଇ ଏକ ସ୍ୱାଧୀନ ଚିନ୍ତା ଦ୍ୱାରା ବିଷୟସବୁର ମନନ ଓ ବିଶ୍ଳେଷଣ କରିବା ଉଚିତ । ମନର ଗବାକ୍ଷଗୁଡ଼ିକୁ ନିବୁଜ କରି ନରଖି ପରିବର୍ତ୍ତନଶୀଳ ବିଶ୍ୱ ପ୍ରତି ଉନ୍ମୁକ୍ତ କରି ରଖିଲେ ଆମର ମନରେ କଳଙ୍କ ଲାଗିବ ନାହିଁ ବରଂ ତାହା ବିଶେଷ ପାରଦର୍ଶୀ ଓ ଫଳଦାୟକ ହେବ ।

ଆମର ପ୍ରାଣ ପ୍ରକୃତି ଭିତରେ ଅନେକ ପ୍ରକାର ବାସନା, ଦାବି ଓ କ୍ଷୁଧା କର୍ଦ୍ଦମର କୀଟ ଭଳି ସାଲୁବାଲୁ ହେଉଥା'ନ୍ତି । ଆମେ ପ୍ରଥମେ ସେଗୁଡ଼ିକର ଔଚିତ୍ୟ କିଛି ଅଛି କି ନାହିଁ ବିଚାର କରି ଦେଖିବା । ବାସନାଗୁଡ଼ିକର ପରିତର୍ପଣ ଦ୍ୱାରା ସାମୟିକ ସୁଖ ଓ ସନ୍ତୋଷ ମିଳେ ସିନା, ପରମ ତୃପ୍ତି ସେଥିରେ ନଥାଏ । ବାସନାଗୁଡ଼ିକର ଅନ୍ତ ନଥାଏ । ସେଗୁଡ଼ିକ ବାରଂବାର ଆମ ଭିତରେ ଉଙ୍କି ମାରୁଥା'ନ୍ତି, ଆମକୁ ଅଧୀର , ଅସ୍ଥିର ଓ ଉତ୍ତେଜିତ କରି ପକାଉଥା'ନ୍ତି, ସେଗୁଡ଼ିକୁ ଥରେ ଆହାର ଯୋଗାଇ ଦେଲେ ବାରଂବାର ଅଧିକରୁ ଅଧିକ ଲାଗି ଦାବି କରୁଥା'ନ୍ତି । ଫଳରେ ଅଶାନ୍ତି ଓ ଦୁର୍ଭୋଗହିଁ ପ୍ରାପ୍ତ ହୋଇଥାଏ । ଏହା ଆମକୁ ଏକ ଦୁଷ୍ଟଚକ୍ର (vicious circle)ରେ ନେଇ ପକାଇଥାଏ ।

ବାସନା (desire) ଓ ଆବଶ୍ୟକତା (need)ର ପ୍ରଭେଦ ଜାଣିବାକୁ ହେବ । ବାସନା ଆମ ଭିତରେ ଅସ୍ଥିରତା ଓ ଉତ୍ତେଜନା ସୃଷ୍ଟି କରିଥାଏ । ତାହା ପୂରଣ ନହେଲେ ଆମ ଭିତରେ ଅଶାନ୍ତି, ଅସନ୍ତୋଷ ଓ ବିଦ୍ରୋହଭାବ ସୃଷ୍ଟି କରିଥାଏ । ତା'ର ପରିତର୍ପଣ କଲେ ମଧ୍ୟ ପରିଣାମରେ ଏକ ତିକ୍ତ ଅନୁଭୂତି ଆଣି ଦେଇଥାଏ । ଅନ୍ୟ ପକ୍ଷରେ ଯାହା ଆମର ପ୍ରକୃତ ଆବଶ୍ୟକତା, ତାହା ପୂରଣ ହେଲେ ଆମର ଜୀବନରେ ଅଗ୍ରଗତି ଘଟେ ଏବଂ ପରିଣାମରେ ଜୀବନର ଉଦ୍ଦେଶ୍ୟ ସାଧିତ ହୁଏ । ତେଣୁ ଯାହା ଆମର ଆବଶ୍ୟକତା ନୁହେଁ, କେବଳ ମାତ୍ର ବାସନା ଅଟେ, ତାହାକୁ ଅବଶ୍ୟ ପ୍ରତ୍ୟାଖ୍ୟାନ କରିବାକୁ ହେବ, ନଚେତ୍ ତାହା ପରିଶେଷରେ ଆମର କ୍ଷତିସାଧନ କରିବ ।

(କ୍ରମଶଃ)

❑❑❑

ସାଧନାର ପରିମାଣ ଅନୁସାରେ ଭଗବାନ୍ ଫଳ ଦିଅନ୍ତି ନାହିଁ; ଦିଅନ୍ତି ସତ୍ତାର ଆନ୍ତରିକତା ଓ ଅଭୀପ୍ସାର ପରିମାଣ ଅନୁସାରେ । ସାଧକର କହିବା ଉଚିତ, ''ମୁଁ ଯାହା ଚାହେଁ ତାହା ପାଇଁ ନୁହେଁ, କିନ୍ତୁ ଭଗବାନ୍ ମୋତେ ଯାହା ହେବାକୁ ଚାହାନ୍ତି ସେଥିପାଇଁ ମୁଁ ପ୍ରସ୍ତୁତ ।''

*

ଆନ୍ତରିକ ଭାବରେ ନିଜକୁ ଖୋଲି ଧର; ଅର୍ଥାତ୍ ସଂପୂର୍ଣ୍ଣ ଭାବରେ ନିଜକୁ ଖୋଲି ଧର, ବିନା ଦ୍ୱିଧାରେ; ନିଜ ପାଇଁ ସବୁକିଛି ଗଚ୍ଛିତ ରଖି କେବଳ ଗୋଟିଏ ଅଂଶକୁ ଭଗବାନଙ୍କୁ ଦେଲେ କିଛି ହେବ ନାହିଁ । କାରଣ ନିଜ ପ୍ରକୃତିର ବହୁ ଅଂଶକୁ ନିଜର ଇଚ୍ଛା ଅନୁସାରେ ଚଳାଇ କେବଳ ଆଂଶିକ ସମର୍ପଣ କଲେ ଫଳ କିଛି ହେବ ନାହିଁ । ସବୁକିଛିକୁ ବିସ୍ତାରିତ ଭାବରେ ଖୋଲି ରଖ । ଭଗବାନଙ୍କ ନିକଟରେ ସତ୍ତାର କୌଣସି ଅଂଶକୁ ଲୁଚାଇ ରଖିଲେ ବା ଦୂରେଇ ରଖିଲେ ତାହା କେବେ ମଧ୍ୟ ଆନ୍ତରିକତା ହେବ ନାହିଁ ।

ବିଶ୍ୱସ୍ତତା ସହିତ ନିଜକୁ ଖୋଲି ଧର । ତାହାର ଅର୍ଥ ହେଲା ଏକ ନିରବଚ୍ଛିନ୍ନ ଓ ନିରନ୍ତର ଉନ୍ମୀଳନ । ଦିନକ ପାଇଁ ଖୋଲି ରଖି ପର ଦିନ ବନ୍ଦ କରିଦେବା ଯଥାର୍ଥ ଉନ୍ମୀଳନ ନୁହେଁ ।

— ଶ୍ରୀଅରବିନ୍ଦ

# ଲବଣ ପିତୁଳାର ସମୁଦ୍ରାଭିଯାନ

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ

#### କାରିକା-୧୩

"They told me, 'these things are hallucinations.' I inquired what was a hallucination and found that it meant a subjective or psychical experience which corresponds to no objective or no physical reality. Then I sat and wondered at the miracles of the human reason."

(Thoughts and Aphorisms)

''ସେମାନେ ମୋତେ କହିଲେ, 'ଏସବୁ ଦୃଷ୍ଟି-ବିଭ୍ରମ ।' ଦୃଷ୍ଟି-ବିଭ୍ରମ ବୋଇଲେ କ'ଣ, ମୁଁ ତା'ର ସନ୍ଧାନ ନେଇ ବୁଝିଲି ଯେ ତାହା କୌଣସି ବ୍ୟକ୍ତି-ନିର୍ଭର ବା ସୂକ୍ଷ୍ମ-ଚେତନାଗତ ଅଭିଜ୍ଞତା ଯାହାର ବ୍ୟକ୍ତି-ନିରପେକ୍ଷ ବା ସ୍ଥୂଳ ବାସ୍ତବତା ସହ କୌଣସି ସମ୍ପର୍କ ନାହିଁ । ମଣିଷର ଯୁକ୍ତି କେତେ ବିସ୍ମୟକର ଅଘଟନ ଦେଖାଇପାରେ, ତାହାହିଁ ଭାବି ମୁଁ ଚମତ୍କୃତ ହେଲି ।''

#### କାରିକା-୧୪

"Hallucination is the term of Science for those irregular glimpses we still have of truths shut out from us by our preoccupation with matter; coincidence for the curious touches of artist in the work of that supreme and universal Intelligence which is its conscious being, as on a canvas, has planned and executed the world."

(Thoughts and Aphorisms)

''ଆମେ ବସ୍ତୁ (ବା ବାହ୍ୟ) ଜଗତରେ ଓତପ୍ରୋତ ଜଡ଼ିତ ରହିବା ହେତୁ ଯେଉଁସବୁ ସତ୍ୟ ଆମଠୁଁ ଲୁଚି ରହିଛି, ଯେତେବେଳେ ସେସବୁର କିଛି କିଛି ଝଲକ ଆମ ଆଗରେ ଭାସି ଉଠେ, ବିଜ୍ଞାନ ତାକୁ ଦୃଷ୍ଟି-ବିଭ୍ରମ ଆଖ୍ୟା ଦିଏ । ପରମ ଏବଂ ମହାଜାଗତିକ ପ୍ରଜ୍ଞାର ଯେଉଁ ଶିଳ୍ପୀ ସଚେତନ ଭାବରେ ଏକ ପଟ୍ଟ ଉପରେ ଅଙ୍କନ କଲା ଭଳି ଏ ପୃଥିବୀର ଯୋଜନା କାର୍ଯ୍ୟକାରୀ କରିଛନ୍ତି, ତାଙ୍କ ତୂଳୀ-ନିଃସୃତ ଅବୋଧ ରେଖାକୁ ଆକସ୍ମିକ ଯୋଗାଯୋଗ ଆଖ୍ୟା ଦିଏ ।

#### କାରିକା-୧୫

"That which men term a hallucination is the reflection in the mind and senses of that which is beyond our ordinary mental and sensory perceptions. Superstition arises from the mind's wrong understanding of these reflections. There is no other hallucination."

(Thoughts and Aphorisms)

''ମଣିଷ ଯାହାକୁ ଦୃଷ୍ଟି-ବିଭ୍ରମ ଆଖ୍ୟା ଦିଏ, ତାହା ଆମ ସାଧାରଣ ମନ ଏବଂ ଇନ୍ଦ୍ରିୟାନୁଭୂତିର ବାହାରେ ଥିବା ବାସ୍ତବତାର ଆମ ଇନ୍ଦ୍ରିୟ ଏବଂ ମନ ଉପରେ ପ୍ରତିଫଳନ ମାତ୍ର । ମନର ଭୁଲ୍ ବୁଝାବୁଝିରୁ ଅନ୍ଧବିଶ୍ୱାସ ଜନ୍ମ ନିଏ । ଅନ୍ୟ କୌଣସି ଦୃଷ୍ଟି-ବିଭ୍ରମ ନାହିଁ ।

#### କାରିକା-୧୬

"Do not like so many modern disputants smother thought under polysyllables or charm inquiry to sleep by the spell of formulas and cant words. Search always; find out the reason for things which seem to the hasty glance to be mere chance or illusion."

(Thoughts and Aphorisms)

''ଆଜିର ତର୍କବାଗୀଶମାନଙ୍କ ଭଳି ଶବ୍ଦାଡ଼ମ୍ବର ଭିତରେ ଚିନ୍ତାଶକ୍ତିର କଣ୍ଠରୋଧ କରନା କିଂବା ଧରାବନ୍ଧା ନିୟମ ଓ କୁହୁକମୟ ଶବ୍ଦ ଦ୍ୱାରା ସଂଧାନସ୍ପୃହାକୁ ଯାଦୁକରୀ ନିଦରେ

ଶୁଆଇ ଦିଅନା । ସନ୍ଧାନ ରଖ ଅବ୍ୟାହତ; ଯାହା ଉପରଠାଉରିଆ ଭାବରେ ଦେଖିଲେ ଦୈବାତ୍ ଘଟୁଥିବା ଘଟଣା ବା ମାନସିକ ବିଭ୍ରାନ୍ତି ବୋଲି ମନେ ହେବ, ତା' ପଶ୍ଚାତରେ ଥିବା କାରଣ ଆବିଷ୍କାର କର ।''

*

ଇଂରାଜୀରେ ଅର୍ଥଦୃଷ୍ଟିରୁ ପରସ୍ପର ସମ୍ପର୍କିତ କେତୋଟି ଶବ୍ଦ ହେଲା Delusion, Hallucination ଏବଂ Illusion । ଏକ ଅଳୀକ ଧାରଣା(ପ୍ରାୟତଃ ନିଜକୁ କେନ୍ଦ୍ର କରି)ର ବଶବର୍ତ୍ତୀ ହୋଇ ରହିବା Delusion । ''ମୁଁ ଯଦି ଉପଯୁକ୍ତ ପରିସ୍ଥିତିରେ ଥା'ନ୍ତି, ତେବେ ମୁଁ ପୃଥିବୀର ସର୍ବୋତ୍ତମ ଜ୍ଞାନୀ ବୋଲି ସମସ୍ତେ ବୁଝି ପାରନ୍ତେ ।'' ଜଣେ ଅଳ୍ପ ଜ୍ଞାନୀ ଏମିତି ଧାରଣାର ବଶବର୍ତ୍ତୀ ହୋଇ ରହିଥିଲେ ସେ delusion ଭିତରେ ଅଛି ବୋଲି କୁହାଯାଇପାରେ ।

Illusion ହେଲା ଏକ ପ୍ରାୟତଃ ସାମୟିକ ଭ୍ରାନ୍ତ ଧାରଣା । ପୂର୍ଣ୍ଣିମାର ଚନ୍ଦ୍ର ଉଦୟ ବେଳେ ଅପେକ୍ଷାକୃତ ବଡ଼ ମନେହୁଏ । ଏହା ଏକ ଭ୍ରାନ୍ତି । ଅନେକ ସମୟରେ, ବିଶେଷତଃ ଦର୍ଶନ ଆଲୋଚନାରେ, Illusion କୁ ମାୟା ଅର୍ଥରେ ବ୍ୟବହାର କରାହୁଏ ।

Hallucination ହେଲା ଦୃଷ୍ଟି-ବିଭ୍ରମ; କେବେ କେବେ ମତି-ବିଭ୍ରମ ମଧ୍ୟ । ଜଣେ ଜ୍ୱରପୀଡ଼ିତ ବା ଅନ୍ୟ କୌଣସି ବିକାରଗ୍ରସ୍ତ ଅବସ୍ଥାରେ ଏଭଳି ଉଦ୍ଭଟ ଦୃଶ୍ୟ ଦେଖିପାରେ, ଏଭଳି ସ୍ୱର ବା ଉଚ୍ଚାରଣୀ ଶୁଣିପାରେ, ଯାହା Hallucination ।

ତାହା ବୋଲି ଯାବତୀୟ ଅସ୍ୱାଭାବିକ ଅନୁଭୂତି ବା ଦୃଶ୍ୟକୁ ଦୃଷ୍ଟି ବା ମତି-ବିଭ୍ରମ ବୋଲି ଉଡ଼ାଇ ଦେବାର ଅଧିକାର ଆମର ନାହିଁ । ତ୍ରୟୋଦଶ କାରିକାରେ ଶ୍ରୀଅରବିନ୍ଦ 'ସେମାନେ' ବୋଲି ସେହିସବୁ ତର୍କବାଗୀଶ, ବିଜ୍ଞାନସର୍ବସ୍ୱ ବସ୍ତୁବାଦୀମାନଙ୍କୁ ବୁଝାଉଛନ୍ତି; ଯେଉଁମାନଙ୍କ ବୋଧଶକ୍ତି ଅତ୍ୟନ୍ତ ସୀମିତ, ଯେଉଁମାନେ ସେମାନଙ୍କ ସ୍ଥୂଳ ଜଗତ୍ ବାହାରେ ଅନ୍ୟ କୌଣସି ବାସ୍ତବତା ଥାଇପାରେ, ଏହା କଳ୍ପନା କରି ପାରନ୍ତି ନାହିଁ । ସେମାନେ ଭୁଲି ଯାଆନ୍ତି ଯେ ଏ ପୃଥିବୀ ସୃଷ୍ଟିର ବହୁ ପରେ, ମଣିଷର ଚେତନା ବିକଶିତ ହେବାର ଗୋଟାଏ ବିଶେଷ ପର୍ଯ୍ୟାୟରେ ହେତୁ, ଯୁକ୍ତି, ପ୍ରମାଣ, ତର୍କ – ଏସବୁକୁ ସେ ବ୍ୟବହାର କରି ଶିଖିଲା । ସୃଷ୍ଟିର ପ୍ରାରମ୍ଭରେ ଯୁକ୍ତି ବା ହେତୁର ଭୂମିକା ନ ଥିଲା । ଯେଉଁ ଅକଳ୍ପନୀୟ ମହାଚେତନା ଏ ସୃଷ୍ଟିର ପଟ୍ଟଭୂମି, ସେହି ଚେତନାର ଏକ କ୍ଷୀଣ ଦିଗ ମାତ୍ର ଯୁକ୍ତି ଓ ହେତୁ । ସେହି କ୍ଷୀଣ ଦିଗଟି ଦ୍ୱାରା ସେ ମହାଚେତନାର ସବୁ କାର୍ଯ୍ୟକଳାପକୁ ବୁଝିବାର ଆଶାପୋଷଣ କରିବା ବିଡ଼ମ୍ବନା ମାତ୍ର ।

ଯେଉଁ ମଣିଷ (ବା ସାଧକ) ନିଜ ଚେତନାର ବିକାଶକୁ ବ୍ରତ ଭାବରେ ଗ୍ରହଣ କରିଥିବ କିଂବା ଯିଏ ନିଜ ଆନ୍ତର ଚେତନାର ବିପୁଳତା ଭିତରକୁ ବୁଡ଼ ଦେଉଥିବ, ଅଥବା ଯାହାର ସାଧନାର ଗତିପଥରେ ଅନିବାର୍ଯ୍ୟ ଭାବରେ ଇନ୍ଦ୍ରିୟୋତ୍ତର ନାନାଦି ସୂକ୍ଷ୍ମବାସ୍ତବତାର ଝଲକ ଦେଖା ଦେଉଥିବ, ସେସବୁକୁ ଦୃଷ୍ଟି-ବିଭ୍ରମ ଭାବରେ ଅଭିହିତ କରିବା ଔଦ୍ଧତ୍ୟ ଛଡ଼ା ଆଉ କିଛି ନୁହେଁ । ଶ୍ରୀଅରବିନ୍ଦ କିଞ୍ଚିତ୍ ବିଦ୍ରୂପାତ୍ମକ ଶୈଳୀରେ ମଣିଷ ମନର ସେହି ଔଦ୍ଧତ୍ୟ, ତା' ବୋଧଶକ୍ତି ବହିର୍ଭୂତ ଯାବତୀୟ ଅଭିଜ୍ଞତାକୁ ଦୃଷ୍ଟି-ବିଭ୍ରମ ବା ଅଳୀକ ଧାରଣା ବୋଲି କହି ଉଡ଼ାଇ ଦେଇ ପାରିବାର କସରତକୁ ଚମତ୍କାରିତା ବୋଲି କହୁଛନ୍ତି ।

କୌଣସି ମାଦକଦ୍ରବ୍ୟର ପ୍ରଭାବରେ ଜଣେ ଅଦ୍ଭୁତ ଦୃଶ୍ୟମାନ ଦେଖିପାରେ; ଅଶ୍ରୁତପୂର୍ବ ଧ୍ୱନିମାନ ଶୁଣିପାରେ । ଆଜିକାଲି ନାନା ପ୍ରକାର ଡ୍ରଗ୍‌ସର କବଳରେ ପଡ଼ି ଅନେକେ ସେଭଳି ଅଭିଜ୍ଞତା ଅର୍ଜନ କରନ୍ତି । ଚିତ୍ତଭ୍ରଷ୍ଟ (Schizophrenic) ରୋଗୀଟିଏ କେବେ କେବେ ଭୟାବହ ଦୃଶ୍ୟ ଦେଖି ଆତଙ୍କିତ ହୁଏ । ଅଳୀକ ଧମକ ଚମକ ତାକୁ ବିବ୍ରତ କରେ । ରାସ୍ତାରେ ମାଇକ୍ରୋଫୋନ୍ ଯୋଗେ କେହି ହୁଏତ ଗୋଟାଏ ସଭା ବା ସର୍କସର ଘୋଷଣା କରୁଛି, ସିଏ କିନ୍ତୁ ଭାବିବ, ତାହାରି ବିରୋଧରେ କେହି ଶତ୍ରୁଟିଏ ଜନସାଧାରଣଙ୍କୁ ନାନା କଥା କହି ମତାଉଛି ।

ଏସବୁ ବିକଳତାର ଦୃଷ୍ଟାନ୍ତ କମ୍ ନୁହେଁ । କିନ୍ତୁ ଏଗୁଡ଼ିକ ବାସ୍ତବ-ନିରପେକ୍ଷ ଅନୁଭବ ହୋଇଥିବା ଯୋଗୁଁ, ଯାହାକିଛି ବାସ୍ତବ-ନିରପେକ୍ଷ ଅନୁଭବ ସେସବୁକୁ ଦୃଷ୍ଟି-ବିଭ୍ରମ କହିବା ନିର୍ବୋଧତା । ଏ ବିଚିତ୍ର ସୃଷ୍ଟି ଭଗବାନଙ୍କର ଏକ କଳାକୃତି ସଦୃଶ । ସମଗ୍ର ଚିତ୍ରଟିରୁ ଗୋଟାଏ ରେଖାକୁ ଅଲଗା କରି ଦେଖିବା ଯେମିତି ଭୁଲ୍, ସମଗ୍ରରୁ ବିଚ୍ଛିନ୍ନ କରି ଗୋଟାଏ ନିର୍ଦ୍ଦିଷ୍ଟ ଘଟଣାକୁ ଦେଖିବା ମଧ୍ୟ ସେମିତି ଭୁଲ୍ । ଆମ ମନର ଗ୍ରହଣଶୀଳତା ବା ବୋଧଶକ୍ତି ସୀମାବଦ୍ଧ ହୋଇଥିବା ଯୋଗୁଁ ଥରେ ଥରେ ଗୋଟାଏ ଗୋଟାଏ ଘଟଣାର ପୂର୍ବାପର ସଙ୍ଗତି ଆମେ ବୁଝି ପାରୁନା । ସେତେବେଳେ ଘଟଣାଟି ଆମକୁ ଆକସ୍ମିକ ଯୋଗାଯୋଗ ଭଳି ମନେ ହୋଇଥାଏ । କିନ୍ତୁ ବୃହତ୍ତର

ବା ଊର୍ଦ୍ଧ୍ୱତର ଦୃଷ୍ଟିକୋଣରୁ ଦେଖିଲେ ଆକସ୍ମିକ ଯୋଗାଯୋଗ ବୋଲି କିଛି ନାହିଁ । ସେଥିପାଇଁ କୌଣସି ଜଣେ ମନୀଷୀ କହିଥିଲେ, ''ଯୋଗାଯୋଗ ହେଲା ଭଗବାନଙ୍କର ଏକ ଛଦ୍ମନାମ । ଯେତେବେଳେ ସେ ନିଜେ ସ୍ୱାକ୍ଷର ଦେବାକୁ ମନ କରନ୍ତି ନାହିଁ, ସେତେବେଳେ ସେ ଏ ଛଦ୍ମନାମଟି ବ୍ୟବହାର କରିଥା'ନ୍ତି । (Chance is the pseudonym of God which He uses when He does not wish to put down His signature.)

ପଞ୍ଚଦଶ କାରିକାରେ ଶ୍ରୀଅରବିନ୍ଦ ତଥାକଥିତ ଦୃଷ୍ଟି-ବିଭ୍ରମର ସତ୍ୟ ନିରୂପଣ କରିଛନ୍ତି । ଏ ଅନନ୍ତ ସୃଷ୍ଟିରେ ରହିଛି କେତେ ସ୍ତର, କେତେ ପର୍ଯ୍ୟାୟର ବାସ୍ତବତା । ଆମର ଇନ୍ଦ୍ରିୟରାଶି ଓ ମନ ସେ ଯାବତୀୟ ସ୍ତର ଓ ପର୍ଯ୍ୟାୟର ବ୍ୟାପାରକୁ ଧରି ପାରନ୍ତି ନାହିଁ । ଏପରିକି ଆମ ସ୍ୱାଭାବିକ ମଣିଷଙ୍କ ଭିତରେ ବି ସମସ୍ତଙ୍କର ଇନ୍ଦ୍ରିୟଶକ୍ତି ସମାନ ନୁହେଁ । ଅନେକେ ସବୁ ରଙ୍ଗ ଦେଖି ପାରନ୍ତି ନାହିଁ (colour blind) । ଆମେ ଯେତେ କିସମର ରଙ୍ଗ ଦେଖିପାରୁଁ, ତା' ବାହାରେ ଆହୁରି କେତେ ପ୍ରକାର ରଙ୍ଗ ନଥିବ ବୋଲି କିଏ କହି ପାରିବ ? ହଠାତ୍, କୌଣସି ସୂକ୍ଷ୍ମ କାରଣରୁ ସେହିସବୁ ଇନ୍ଦ୍ରିୟ-ଅଲକ୍ଷ୍ୟ ଦୃଶ୍ୟ ବା ଧ୍ୱନିଟିଏ ଆମ ଚେତନାରେ ପ୍ରତିଭାତ ହୋଇପାରେ । ଅତିଭୌତିକ ଜଗତ୍ ସମ୍ପର୍କରେ ଆମର ଜ୍ଞାନ ଥିଲେ ଆମେ ସେସବୁର ତାତ୍ପର୍ଯ୍ୟ ବୁଝିପାରିବା । ବୁଝି ନପାରିଲେ ମଧ୍ୟ ତା'ର ମହତ୍ତ୍ୱ ସମ୍ପର୍କରେ ସଜାଗ ରହିପାରିବା । କିନ୍ତୁ ଆମ ମନ ଯଦି ଅତ୍ୟନ୍ତ ଅପରିପକ୍ୱ ହୋଇଥିବ, ତେବେ ଆମେ ସେ ଅଭିଜ୍ଞତାର ଭୁଲ୍ ବ୍ୟାଖ୍ୟା କରିବା ସମ୍ଭବ । ସେହିଭଳି ଭୁଲ୍ ବ୍ୟାଖ୍ୟା ଭିତରୁ କୁସଂସ୍କାର ବା ଅନ୍ଧବିଶ୍ୱାସର ସୃଷ୍ଟି ହୋଇଯାଏ ।

ଷୋଡ଼ଶ କାରିକାରେ ଶ୍ରୀଅରବିନ୍ଦ ଜିଜ୍ଞାସୁମାନଙ୍କୁ ଦେଉଛନ୍ତି ଏହି ପରାମର୍ଶ : ତଥାକଥିତ ଯୁକ୍ତିବାଦୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସୂକ୍ଷ୍ମ ଅଭିଜ୍ଞତାକୁ ଅସ୍ୱୀକାର କର ନାହିଁ । ଯୁକ୍ତି-ପ୍ରବଣତାର ଏକ ମାଦକତା ରହିଛି, ଯାହା ସତ୍ୟକୁ ଓଲଟପାଲଟ କରିଦେଇ ପାରେ । ସଂପ୍ରତି ଭାରତବର୍ଷରେ ଏଭଳି କେଇ ଜଣ ମନୋସମୀକ୍ଷକଙ୍କ ଆବିର୍ଭାବ ବା ପ୍ରାଦୁର୍ଭାବ ଘଟିଛି, ଯେଉଁମାନେ ଯେକୌଣସି ମହାନ୍ ବ୍ୟକ୍ତିର ଆଧ୍ୟାତ୍ମିକ ଅଭିଜ୍ଞତାକୁ ମଧ୍ୟ ସେମାନଙ୍କ ସାମାନ୍ୟ ଜ୍ଞାନ ଦ୍ୱାରା ବ୍ୟାଖ୍ୟା କରିବାକୁ ଉଦ୍ୟତ । ଶ୍ରୀରାମକୃଷ୍ଣ ପରମହଂସଙ୍କର କୌଣସି ଗୋଟାଏ ଯୋଡ଼ାଏ ଅଭିଜ୍ଞତାକୁ ସେମାନେ ସେହି ଢଙ୍ଗରେ ବ୍ୟାଖ୍ୟା କରି ସେସବୁ ଏକପ୍ରକାର ମାନସିକ ଅବସ୍ଥା (ବିକଳତା ବୋଲି କହିବାର ସାହସ କରି ନାହାନ୍ତି), ଏହାହିଁ ପ୍ରତିପାଦିତ କରିବାର ପ୍ରୟାସ କରିଛନ୍ତି । କହିବା ବାହୁଲ୍ୟ, ଯିଏ ଶ୍ରୀରାମକୃଷ୍ଣଙ୍କ ସମଗ୍ର ବ୍ୟକ୍ତିତ୍ୱ ଓ ଜୀବନ ସମ୍ପର୍କରେ ଅବହିତ ଥିବ, ସେ ସ୍ୱତଃସ୍ଫୂର୍ତ୍ତ ଭାବରେ ହୃଦୟଙ୍ଗମ କରିବ ଯେ ସେ କେବେ କେବେ ଧ୍ୟାନାବିଷ୍ଟ, ସମାଧିସ୍ଥ ରହୁଥିବା ସତ୍ତ୍ୱେ ପ୍ରଖର ବାସ୍ତବ ଜ୍ଞାନ ଓ ସାଧାରଣ ପ୍ରଜ୍ଞାରେ ସେ ଯେକୌଣସି ହେତୁବାଦୀକୁ ବହୁ, ବହୁ ଦୂର ବଳିଯିବେ । ସେଭଳି ବ୍ୟକ୍ତି ଆମକୁ ଭୁଲ୍ ତଥ୍ୟ ଦେବାର କାରଣ ନାହିଁ, ଆମର ସାମାନ୍ୟ ଉନ୍ନତ ହେତୁବାଦହିଁ ଆମକୁ ଏତକ କହିଦେବ ।

ଶ୍ରୀରାମକୃଷ୍ଣଙ୍କର ଏକ ଉପମା ମନେ ପଡୁଛି : ଲୁଣର ପିତୁଳାଟିଏ ଯଦି ସମୁଦ୍ର ମାପିବାକୁ ଯାଏ, ତେବେ ତା'ର ଅବସ୍ଥା କ'ଣ ହେବ ?

ଫ୍ରୟେଡ୍ ଏବଂ ସେ ଗୋଷ୍ଠୀ ପ୍ରବର୍ତ୍ତିତ ମନୋସମୀକ୍ଷଣ (Psychiatry) ଶାସ୍ତ୍ର ଦ୍ୱାରା ଆଧ୍ୟାତ୍ମିକ ଅଭିଜ୍ଞତାର ଆକଳନ ପ୍ରୟାସ ସେହି ଲବଣ-ପିତୁଳାର ସମୁଦ୍ର-ମପା ପର୍ଯ୍ୟାୟର ଅଭିଯାନ ।

['ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୩୯ - ୪୨]

❑❑❑

ଜଣେ ସନ୍ନ୍ୟାସୀର, ''ମୁଁ କିଛି ଚାହେଁ ନାହିଁ'' କହିବା ଏବଂ ଜଣେ ସଂସାରୀର ''ମୁଁ ଏଇଟା ଚାହେଁ'' କହିବା – ଉଭୟଙ୍କର ମନୋଭାବ ଏକ । ଜଣେ ତ୍ୟାଗ ପ୍ରତି ଆସକ୍ତ ଓ ଅନ୍ୟଜଣକ ଭୋଗ ପ୍ରତି ଆସକ୍ତ । କେବଳ ଭଗବାନଙ୍କଠାରୁ ଆସୁଥିବା ସବୁକିଛିକୁ ତୁମକୁ ଗ୍ରହଣ କରିବାକୁ ହେବ । କାରଣ ଛଦ୍ମବେଶରେ ଥିବା ଗୋପନ କାମନାରୁ କିଛି ମଧ୍ୟ ଉଠି ଆସିପାରେ ।

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୫୩)

### 'ଭାରତ ଉଦ୍ଧାର' ନିମିତ୍ତ ହସ୍ତକ୍ଷେପ (ଛ) :

"India's Victory Assured. Very soon you will see some miracle." – The Mother

୧୯୪୩ର ବର୍ମା ଯୁଦ୍ଧରେ ନିଯୁକ୍ତ ଜେନେରାଲ ଜାକୋବ୍ ପଣ୍ଡିଚେରୀରୁ ଶ୍ରୀମା'ଙ୍କର ଉପରୋକ୍ତ ତାରବାର୍ତ୍ତା ହସ୍ତଗତ ହେବାର ଠିକ୍ ପରେ ପରେ ଗୋଟିକ ପରେ ଗୋଟିଏ ଆଶ୍ଚର୍ଯ୍ୟ ଘଟଣାସବୁ ଘଟିବାକୁ ଲାଗିଲା – ଆସାମ ଅଞ୍ଚଳରେ ଅସମୟରେ ନାହିଁ ନଥିବା ପ୍ରବଳ ଝଡ଼ତୋଫାନ ସହିତ ମୂଷଳ ଧାରାରେ ବୃଷ୍ଟି ହେବାକୁ ଆରମ୍ଭ କଲା । ବ୍ରିଟିଶ ତଥା ଆମେରିକା ବିରୋଧରେ ଲଢୁଥିବା ପ୍ରବଳ ଆକ୍ରମଣାତ୍ମକ ଜାପାନୀ ସୈନ୍ୟମାନଙ୍କ ସହ ସୁଭାଷଚନ୍ଦ୍ରଙ୍କର 'ଆଜାଦ୍ ହିନ୍ଦ୍ ଫୌଜ' ମଧ୍ୟ ପଛଘୁଞ୍ଚା ଦେବାକୁ ବାଧ୍ୟ ହେଲେ । ୧୯୪୪ର ଶେଷ ଆଡ଼କୁ ନାଜୀ ସୈନ୍ୟବାହିନୀର ପତନ ଘଟିବାକୁ ଆରମ୍ଭ କଲା । ୧୯୪୫ର ଆରମ୍ଭରେ ମିତ୍ର ଶକ୍ତି ଓ ରୁଷ୍ ସୈନ୍ୟବାହିନୀ ଯଥାକ୍ରମେ ପଶ୍ଚିମ ଓ ପୂର୍ବପଟରୁ ଜର୍ମାନୀର କେନ୍ଦ୍ରସ୍ଥଳକୁ ଅନୁପ୍ରବେଶ କରିବାକୁ ଆରମ୍ଭ କଲେ ଏବଂ ଏହି ବର୍ଷ ଏପ୍ରିଲ ବେଳକୁ ରୁଷ୍ ସୈନ୍ୟବାହିନୀ ବର୍ଲିନ୍‌କୁ ସମ୍ପୂର୍ଣ୍ଣ ରୂପେ ଘେରାଉ କରି ନେଇଥିଲା । ହିଟ୍‌ଲରର ମୃତ୍ୟୁ ମେ ପହିଲାରେ ଘୋଷଣା କରାଯାଇଥିଲା । ଜର୍ମାନକୁ ଆତ୍ମସମର୍ପଣ କରିବାକୁ ଆଉ ବେଶୀ କ୍ଷଣ ଲାଗି ନଥିଲା ।

୮ ମେ, ୧୯୪୫ ବେଳକୁ ଇଉରୋପରେ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଥିଲା ।

ପ୍ରାଚ୍ୟ ଭୂଖଣ୍ଡରେ ଜାପାନ ବିରୋଧରେ 'ମିତ୍ର ଶକ୍ତି'ର ସଂଘର୍ଷ ଶେଷ ହେବାକୁ ଆହୁରି ତିନି ମାସ ଲାଗି ଯାଇଥିଲା । ୬ ଅଗଷ୍ଟରେ ହିରୋସୀମା ଓ ୯ ଅଗଷ୍ଟରେ ନାଗାସାକି ଉପରେ ପରମାଣୁ ବୋମା ନିକ୍ଷେପ କରାଯାଇଥିଲା । ୧୫ ଅଗଷ୍ଟ, ୧୯୪୫ରେ ଜାପାନ ସମ୍ରାଟ୍ ହିରୋହିତୋ ଇତିହାସରେ ପ୍ରଥମ କରି ସ୍ୱଦେଶବାସୀଙ୍କୁ ପ୍ରତ୍ୟକ୍ଷ ଭାବରେ ବେତାର ବାର୍ତ୍ତାରେ ଘୋଷଣା କଲେ – ଜାପାନ ବିନା ସର୍ତ୍ତରେ 'ମିତ୍ର ଶକ୍ତି' ନିକଟରେ ଯୁଦ୍ଧରେ ଆତ୍ମସମର୍ପଣ କରିଛି । – ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ଘଟିଲା । ଏବଂ ଏହି ୧୫ ଅଗଷ୍ଟ ଥିଲା ଶ୍ରୀଅରବିନ୍ଦଙ୍କର ଜନ୍ମତିଥି !

(K.R.S. Iyengar : 'On the Mother'; p. 441)

୧୫ ଅଗଷ୍ଟ, ୧୯୪୫ରେ ପରମପ୍ରଭୁଙ୍କୁ ଶ୍ରୀମା'ଙ୍କର ନିମ୍ନୋକ୍ତ ପ୍ରାର୍ଥନା ଥିଲା :

''ହେ ପରମପ୍ରଭୁ, ତୁମର ବିଜୟ, ଅନ୍ତିମ ବିଜୟ ଲାଭ ହୋଇଛି; ଏଥିସକାଶେ ଆମେ ତୁମକୁ ଅସୀମ କୃତଜ୍ଞତା ଜଣାଉଛୁ ।

''କିନ୍ତୁ ଆମେ ଉର୍ଦ୍ଧ୍ୱମୁଖୀ ହୋଇ ତୁମକୁ ଏହି ଆକୁଳ ପ୍ରାର୍ଥନା ଜଣାଉଛୁ ଯେ କେବଳ ତୁମରି ଶକ୍ତିରେ ଏବଂ ତୁମରି ଶକ୍ତି ଦ୍ୱାରାହିଁ ଏହି ଯୁଦ୍ଧରେ ସୁନିଶ୍ଚିତ ବିଜୟ ଘଟିଛି । ପ୍ରଭୁ, ଏହାହିଁ ମଞ୍ଜୁର କର ସେମାନେ ('ମିତ୍ର ଶକ୍ତି') ଯେପରି ଏହି ସତ୍ୟଟିକୁ ସେମାନଙ୍କର ବିଜୟୋଲ୍ଲାସରେ ଏବଂ ସେମାନେ ସେମାନଙ୍କର ଘୋର ବିପତ୍ତି ଓ ନିଦାରୁଣ ମନସ୍ତାପ ମୁହୂର୍ତ୍ତସବୁରେ ତୁମକୁ ଦେଇଥିବା ପ୍ରତିଶ୍ରୁତିସବୁ ସମ୍ବନ୍ଧରେ କଦାପି ବିସ୍ମୃତ ନ ହୁଅନ୍ତି । ସେମାନେ ଯୁଦ୍ଧରେ ପ୍ରବୃତ୍ତ ହେବାର ଆରମ୍ଭ କ୍ଷଣରେ ତୁମର ନାମ ସ୍ମରଣ କରିଥିଲେ; ଅଧୁନା ପୃଥିବୀରେ ଶାନ୍ତି ସ୍ଥାପନ କରିବା ମୁହୂର୍ତ୍ତରେ ସେମାନେ ଯେପରି ତୁମର ଅସୀମ କରୁଣାକୁ ବିସ୍ମୃତ ନ ହୁଅନ୍ତି ।''

(M.C.W : Vol. 15; p. 48)

ପୁନଶ୍ଚ ଏଠାରେ ପ୍ରଣିଧାନଯୋଗ୍ୟ ଯେ,

''୧୯୪୫ର ନବବର୍ଷ ପ୍ରାର୍ଥନାଟିରେ ଶ୍ରୀମା କେତେକାଂଶରେ ପୃଥିବୀପୃଷ୍ଠରେ ଆସନ୍ନ ବିଜୟ ଓ ଶାନ୍ତି ପ୍ରତିଷ୍ଠା ହେବାକୁ ଯାଉଥିବାର ପୂର୍ବ ଘୋଷଣା କରିବା ସଙ୍ଗେ ସଙ୍ଗେ କିଛିଟା ଏକ ପ୍ରତ୍ୟାଶା ଓ ସତର୍କତା ଅବଲମ୍ବନ କରିବାର ପୂର୍ବ ଘୋଷଣା କରିଥିଲେ – ଯଦି ବିଜୟୀ ଦେଶସବୁ ଏକ ବିଶ୍ୱସ୍ତ ଓ ସତ୍ୟାଶ୍ରିତ ଶାନ୍ତି ଉପରେ ସେମାନଙ୍କର କର୍ମ ସମ୍ପାଦନର ନୀତି ସାବ୍ୟସ୍ତ ନକରନ୍ତି, ତେବେ ବିଜୟର ଫଳାଫଳ ପୁଣି ଥରେ ସେମାନଙ୍କ ହାତରୁ ଖସିଯିବ, ନିୟନ୍ତ୍ରଣର ବହିର୍ଭୂତ ହୋଇ

ଉଠିବ । ଶ୍ରୀମା'ଙ୍କର ନବବର୍ଷର ପ୍ରାର୍ଥନାଟି ଏହିପରି ଥିଲା :

''ପୃଥିବୀ ଏକ ସ୍ଥାୟୀ ଓ ପ୍ରାଣବନ୍ତ ଶାନ୍ତି ଲାଭ କରିବ କେବଳ ସେତିକିବେଳେ ଯେତେବେଳେ ମାନବଜାତି ହୃଦୟଙ୍ଗମ କରିବ ଯେ ସେମାନେ, ଏପରିକି ସେମାନଙ୍କର ଆନ୍ତର୍ଜାତିକ ଚୁକ୍ତିପତ୍ରରେ ବି ନିଶ୍ଚିତ ରୂପେ ବିଶ୍ୱସ୍ତ ରହିଥିବେ ।

''ହେ ପରମପ୍ରଭୁ, ଆମେ ଏହି ନିର୍ଦ୍ଦିଷ୍ଟ ପୂର୍ଣ୍ଣାଙ୍ଗ ବିଶ୍ୱସ୍ତତା ନିମିତ୍ତ ଆସ୍ପୃହା ରଖିଛୁ ।''

(K.R.S. Iyengar : 'On the Mother'; p. 441)

*

''ପୃଥିବୀର ପ୍ରାଚ୍ୟ ଭୂଖଣ୍ଡରେ ବିଜୟ ହାସଲ ହେଲା, ଯେମିତି ଇତିପୂର୍ବରୁ ପାଶ୍ଚାତ୍ୟ ଭୂଖଣ୍ଡରେ ଆସି ଯାଇଥିଲା; କିନ୍ତୁ କେତେ କ୍ଷତିଗ୍ରସ୍ତ ହେବା ପରେ ! ପରମାଣୁ ବୋମାହିଁ ଶତ୍ରୁତାର ପରିସମାପ୍ତି ଘଟିବାକୁ ତ୍ୱରାନ୍ୱିତ କରି ଦେଇଥିଲା । କାରଣ ଦୁଇଟିଯାକ ବୋମା ମାଡ଼ରେ ଆଖିପିଛୁଳାକେ ହିରୋସୀମା ଓ ନାଗାସାକିର ଲକ୍ଷ ଲକ୍ଷ ଅମାୟିକ ଜୀବ – ପୁରୁଷ, ନାରୀ, ଶିଶୁ, ବୟସ୍କ, ରୋଗୀ, ଅସହାୟ – ପ୍ରତ୍ୟେକଙ୍କୁ ଅକର୍ମଣ୍ୟ ଓ ବିକଳାଙ୍ଗ କରି ପକାଇଥିଲା । ଦୁଇଟିଯାକ ସହର ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇ ଯାଇଥିଲା । ଏହି ପରମାଣୁ ବୋମା ପ୍ରକୃତରେ ସଇତାନର ଅବ୍ୟର୍ଥ ଅସ୍ତ୍ର ନା ଏହିଟି ଅନ୍ୟ କ'ଣ ? ଅଥବା ଭବିଷ୍ୟତ୍ ନିମନ୍ତେ କୌଣସି ଏକ ପ୍ରତ୍ୟାଶା ? ଯେତେବେଳେ ଶ୍ରୀମା'ଙ୍କୁ ଏହି ମର୍ମରେ ପ୍ରଶ୍ନଟିଏ ପଚରା ଯାଇଥିଲା, ସେ ୩୦ ଅଗଷ୍ଟ ୧୯୪୫ରେ ଏହି ମର୍ମରେ ଉଲ୍ଲେଖ କରିଥିଲେ :

''ଏହି ପରମାଣୁ ବୋମା ହେଉଛି ସ୍ୱୟଂ ଏକ ଅତ୍ୟୁତ୍କୃଷ୍ଟ କୀର୍ତ୍ତି ଏବଂ ଭୌତିକ ପ୍ରକୃତି ଉପରେ କର୍ତ୍ତୃତ୍ୱ ହାସଲ କରିବାର ଏକ ବର୍ଦ୍ଧିଷ୍ଣୁ ଶକ୍ତି । କିନ୍ତୁ ଯେଉଁ କଥାଟି ଅନୁଶୋଚନୀୟ ସେଇଟି ହେଉଛି ଏହି ଭୌତିକ ଅଗ୍ରଗତି ଓ ଦକ୍ଷତା ଆଧ୍ୟାତ୍ମିକ ଅଗ୍ରଗତି ଓ ସିଦ୍ଧିଲାଭର ସନ୍ତୋଷଜନକ ପରିଣାମ ନୁହେଁ ଏବଂ ଏହା ସହିତ ସୁସମ୍ପର୍କ ସ୍ଥାପନ ଯୋଗୁଁ ବି ନୁହେଁ । ଏବଂ ଉପରୋକ୍ତ ଧରଣର ଆବିଷ୍କାରସବୁର ପ୍ରୟୋଗରେ ଘଟୁଥିବା ଭୟାନକ ବିପଦସବୁକୁ ଖଣ୍ଡନ କରିବାର ଏବଂ ବିପରୀତ ପ୍ରକ୍ରିୟା ଦ୍ୱାରା ସେଥିରେ ବାଧା ସୃଷ୍ଟି କରିବାର ବା ସେସବୁକୁ ବ୍ୟର୍ଥ କରି ଦେବାର ଶକ୍ତି କେବଳ ଏହି ଆଧ୍ୟାତ୍ମିକ ଅଗ୍ରଗତି ଓ ସିଦ୍ଧିଲାଭରହିଁ ରହିଛି । ଆମେ ଅଗ୍ରଗତି କରିବାକୁ ନିଶ୍ଚିତ ରୂପେ କେବେ ହେଲେ ନିବୃତ୍ତ ହୋଇ ପାରିବୁ ନାହିଁ କି ନିଶ୍ଚିତ ରୂପେ ନିବୃତ୍ତ ହେବୁ ନାହିଁ । କିନ୍ତୁ ଅଗ୍ରଗତିରେ ଏପରି ଏକ ସିଦ୍ଧିଲାଭ କରିବୁ ଯେଉଁଥିରେ ଆଭ୍ୟନ୍ତରୀଣ ଓ ବହିର୍ଜଗତ ମଧ୍ୟରେ ଏକ ସାମ୍ୟାବସ୍ଥା ରହିଥିବ ।''

– ଶ୍ରୀମା

(ତତ୍ରୈବ : ପୃ. ୪୪୨)

*

ଯୁଦ୍ଧର ପରିସମାପ୍ତି ପରେ ଜଣେ୍କ ଭକ୍ତ ଓ ଦେଶପ୍ରେମୀଙ୍କର ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ ଏହି ମର୍ମରେ ଲେଖିଥିଲେ : ''ବର୍ତ୍ତମାନ ଜର୍ମାନୀମାନଙ୍କ ପିଠିରେ ହାତ ଥାପୁଡ଼େଇବା କିଂବା ସେମାନଙ୍କୁ ଆଲିଙ୍ଗନ କରି ସାନ୍ତ୍ୱନା ଦେବାର ସମୟ ନୁହେଁ । ପୁଣି ଯଦି ସେମାନଙ୍କ ପ୍ରତି କୌଣସି ଅଶାନ୍ତି ଓ ଅସୁବିଧା ସୃଷ୍ଟି ନକରି ଅଥବା ଧରାପୃଷ୍ଠରେ ସେମାନେ ଘଟାଇଥିବା ଅନ୍ଧାରି ମର୍ମଘାତୀ ଆତଙ୍କସବୁର କୌଣସି ପ୍ରାୟଶ୍ଚିତ ନ ଘଟାଇ ସେମାନଙ୍କୁ ପୁଣି ଥରେ ଦଣ୍ଡାୟମାନ ହୋଇ କର୍ମରେ ଅଗ୍ରସର ହେବାକୁ ଅନୁମତି ଦିଆଯାଏ, ତେବେ ସେମାନେ ଜାଗିଉଠି କେବଳ ସେମାନଙ୍କର ସେହି ଅମାନୁଷିକ କ୍ରିୟାକଳାପର ପୁନରାବୃତ୍ତି ଘଟାଇବେ ମାତ୍ର, ଯେପର୍ଯ୍ୟନ୍ତ କେହି ଜଣେ ଅଗ୍ରପଦକ୍ଷେପ ନେଇ ସେମାନଙ୍କୁ ବ୍ୟର୍ଥ ନକରେ । ବର୍ତ୍ତମାନ ଆମେ ଏହି ମୁହୂର୍ତ୍ତରେ ଜର୍ମାନୀକୁ ଏକମାତ୍ର ନୀରବତା ମାଧ୍ୟମରେ ହିଁ ସାହାଯ୍ୟ କରିପାରୁ ।''

(୧୯.୩.୧୯୪୬)

(SABCL, Vol. 26 : 'On Himself; p. 399)

*

ଯୁଦ୍ଧ ପରେ, ୧୯୪୬ ମସିହାରେ ବ୍ରିଟିଶ ଶ୍ରମିକ ଶାସକଦଳ (Labour Government) ଭାରତ ସହିତ ନୂତନ କରି କଥାବାର୍ତ୍ତା କରିବା ସକାଶେ ଏକ 'କ୍ୟାବିନେଟ୍ ମିସନ' ପଠାଇଲେ । ତଦାନୀନ୍ତନ ଭାରତରେ ଏକ ପ୍ରସିଦ୍ଧ ଦୈନିକ ଖବର କାଗଜ 'Amrita Bazar Patrika' ପ୍ରକାଶ ପାଉଥିଲା । ଏହାର ସମ୍ପାଦକ ମହୋଦୟ ଶ୍ରୀଅରବିନ୍ଦଙ୍କୁ ଉପରୋକ୍ତ 'ମିସନ' ଉପରେ ତାଙ୍କର ଦୃଷ୍ଟିଭଙ୍ଗୀ ଜଣାଇବାକୁ

ଖବର ପଠାଇଥିଲେ । ଶ୍ରୀଅରବିନ୍ଦ ସ୍ୱୟଂ (ତୃତୀୟ ପୁରୁଷରେ) ଏହି ମର୍ମରେ ନିମ୍ନୋକ୍ତ କଥାବସ୍ତୁ ଲିଖିତ ଭାବେ ଦେଇଥିଲେ :

''ଶ୍ରୀଅରବିନ୍ଦ ଏ ସମ୍ବନ୍ଧେ ଆନୁଷ୍ଠାନିକ ଭାବେ ନିଜର ବିବୃତି ଦେବାର ଆବଶ୍ୟକତା ରହିଛି ବୋଲି ହୃଦୟଙ୍ଗମ କରି ସ୍ୱେଚ୍ଛାକୃତ ଭାବରେ ଆଗଭର ହୋଇଛନ୍ତି; ଯଦିଓ ତାଙ୍କୁ ଔପଚାରିକ ଭାବରେ ବି ଏକଥା ପଚରା ଯାଇଛି, ତଥାପି ସେ ତାଙ୍କର ଦୃଷ୍ଟିଭଙ୍ଗି ପ୍ରକାଶ କରୁଛନ୍ତି । ତାଙ୍କର ଅଧୁନାତନ (ସାମାଜିକ) ସ୍ଥିତି ସର୍ବଜନବିଦିତ । ସେ ସର୍ବଦା ଭାରତର ପୂର୍ଣ୍ଣ ସ୍ୱରାଜ ନିମିତ୍ତ ପ୍ରତିନିଧିତ୍ୱ କରି ଆସିଛନ୍ତି; ଏଥିନିମିତ୍ତ ସେ ଥିଲେ ସର୍ବପ୍ରଥମ ଭାରତୀୟ ଯିଏକି ସର୍ବସାଧାରଣରେ ଏବଂ କୌଣସି ଆପୋସ ସମାଧାନ ବ୍ୟତୀତ ଏକ ଆତ୍ମ-ନିର୍ଭରଶୀଳ ସ୍ୱଜାତିର ଏକମାତ୍ର ସମ୍ମାନାସ୍ପଦ ଆଦର୍ଶର ପ୍ରବକ୍ତା ଥିଲେ । ୧୯୧୦ରେ ସେ ତାଙ୍କର ଭବିଷ୍ୟଦ୍‌ବାଣୀ* ଏକ ପତ୍ରିକାରେ ପ୍ରକାଶ କରିବାକୁ ଅଧିକାର ଦେଇଥିଲେ । ସେ ସେଥିରେ ଏହି ମର୍ମରେ ଉଲ୍ଲେଖ କରିଥିଲେ ଯେ ଚାରି ବର୍ଷ ପରେ ଘଟିବାକୁ ଯାଉଛି ଦୀର୍ଘ ଦିନ ଧରି ଯୁଦ୍ଧ ଓ ସଂଘର୍ଷ, ପୃଥିବୀବ୍ୟାପୀ ରାଜନୈତିକ ଓ ସାମାଜିକ ଆନ୍ଦୋଳନ ଏବଂ ଏହି ବୈପ୍ଲବିକ ପରିବର୍ତ୍ତନସବୁ ଫଳରେ ଭାରତ ତା'ର ସ୍ୱାଧୀନତା ଲାଭ କରିବ । ଏଇ ଅଳ୍ପ ଦିନ ପୂର୍ବରୁହିଁ ସେ ଉଲ୍ଲେଖ କରିଛନ୍ତି ଯେ ସ୍ୱାଧୀନତା ଆସନ୍ନପ୍ରାୟ ଏବଂ ଅପ୍ରତିହତ । ସେ ସର୍ବଦା ପୂର୍ବୋପଲବ୍ଧି କରି ଆସିଛନ୍ତି ଯେ ପରିଶେଷରେ ଏହି ସ୍ୱାଧୀନତା ମଞ୍ଜୁର କରିବା ସକାଶେ ବ୍ରିଟେନ୍ ଏକ ସୌହାର୍ଦ୍ୟପୂର୍ଣ୍ଣ ସହମତି ସହ ଭାରତ ନିକଟକୁ ଆସିବ । ସେ ଇତିପୂର୍ବରୁ ଯାହା ପୂର୍ବୋପଲବ୍ଧି କରିଥିଲେ, ବର୍ତ୍ତମାନ ସେଇଟି ସଂଘଟିତ ହେବାକୁ ଯାଉଛି ଏବଂ 'ବ୍ରିଟିଶ କ୍ୟାବିନେଟ୍ ମିସନ'ଟି ଏହାର ନିଦର୍ଶନ । ଏହି ସୁଯୋଗର ଯଥାର୍ଥ ଓ ପୂର୍ଣ୍ଣ ସଦୁପଯୋଗ କରିବାର ଦାୟିତ୍ୱ ଏବେ ନିର୍ଭର କରୁଛି ଭାରତର ନେତୃବୃନ୍ଦଙ୍କ ଉପରେ । ଯାହାବି ହେଉ, ଏହି 'ମିସନ' ସହିତ ନେତୃବୃନ୍ଦଙ୍କର ସାକ୍ଷାତ୍କାରରେ ପ୍ରତ୍ୟକ୍ଷ ଭାବରେ ଯାହା ବି ନିଷ୍ପତ୍ତି ନିଆଯାଉନା କାହିଁକି, ଯେଉଁ ପରମ ଦିବ୍ୟ ଶକ୍ତି ଭାରତର ଯାବତୀୟ ସମସ୍ୟାର ସମାଧାନ କରି ଆସୁଛି, ସେଇଟି ଅପ୍ରତ୍ୟାଶିତ ଏବଂ ଏହାର ଅନ୍ତିମ ପରିଣାମ ସ୍ୱରୂପ ଭାରତର ମୁକ୍ତି ଅବଶ୍ୟମ୍ଭାବୀ ।''

(୧୪.୩.୧୯୪୬) (ତତ୍ରୈବ : ପୃ. ୩୯୯-୪୦୦)

*

ପ୍ରକୃତରେ କହିବାକୁ ଗଲେ ୧୯୧୫ରେ ଶ୍ରୀମା ତାଙ୍କର ଏକ ସୂକ୍ଷ୍ମ ଦର୍ଶନରେ ଭାରତ ସ୍ୱାଧୀନ ହୋଇଯିବ ବୋଲି ଜାଣି ପାରିଥିଲେ । ପରବର୍ତ୍ତୀ କାଳରେ ସେ ତାଙ୍କର 'କଥୋପକଥନ' କ୍ଲାସରେ ଏ ସମ୍ବନ୍ଧରେ ନିଜେ ବର୍ଣ୍ଣନା କରିଥିଲେ :

''(ମୁଁ ଏବଂ ଶ୍ରୀଅରବିନ୍ଦ ଧ୍ୟାନସ୍ଥ ଅବସ୍ଥାରେ ଥିଲୁ ।) ମୁଁ ଧ୍ୟାନସ୍ଥ ଅବସ୍ଥାରେ ଊର୍ଦ୍ଧ୍ୱଲୋକର ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ପ୍ରବିଷ୍ଟ ହୋଇ ଶ୍ରୀଅରବିନ୍ଦଙ୍କୁ କହିଲି, 'ଭାରତ ସ୍ୱାଧୀନ ହେଲା ।' ଭାରତ ସ୍ୱାଧୀନ **ହେବ** ବୋଲି କହି ନଥିଲି, ମୁଁ କହିଥିଲି, 'ଭାରତ ସ୍ୱାଧୀନ **ହେଲା** । ...

''ଶ୍ରୀଅରବିନ୍ଦ : (ସେହି ଧ୍ୟାନସ୍ଥ ଅବସ୍ଥାରେ) କିପରି ?

''ମୁଁ କହିଲି : (ସେହି ସ୍ଥିତିରୁ) ଏଥିନିମିତ୍ତ କୌଣସି ଯୁଦ୍ଧ ବା ହିଂସାକାଣ୍ଡ ଘଟିବ ନାହିଁ, କୌଣସି ବିପ୍ଲବ ବ୍ୟତୀତ ସ୍ୱାଧୀନତା ଆସିବ । ବ୍ରିଟିଶ ନିଜ ତରଫରୁ ଭାରତ ଛାଡ଼ି ଚାଲିଯିବା ସକାଶେ ନିଷ୍ପତ୍ତି ନେବ, କାରଣ ବିଶ୍ୱରେ ଉପୁଜିଥିବା କେତେକ ପରିସ୍ଥିତି ଯୋଗୁଁ ସେମାନଙ୍କ ସକାଶେ ଭାରତରେ ରହିବା ପ୍ରକୃତରେ ଭାରି ଅସମ୍ଭବ ହୋଇଉଠିବ । ...

'' ଏହା ଥିଲା ୧୯୧୫ ମସିହାର ଏକ ସୂକ୍ଷ୍ମ ଦର୍ଶନ । ଏବଂ ଭାରତର ସ୍ୱାଧୀନତା ପ୍ରାପ୍ତି ହେଲା ୧୯୪୭ରେ, ଅର୍ଥାତ୍ ୩୨ ବର୍ଷ ପରେ । ଏହା ଏକ ଦୃଷ୍ଟାନ୍ତ ଯଦ୍ଦ୍ୱାରା ତୁମେମାନେ (ସାଧାରଣ ସ୍ଥିତିରେ ପାର୍ଥିବ ଜଗତର କ୍ରିୟାକଳାପର) ପ୍ରତିରୋଧର ଏକ ସ୍ୱଷ୍ଟ ଚିତ୍ର ପାଇବ । ...''

ପ୍ରଶ୍ନ : ମା, ଆପଣ ୧୯୧୫ରେ ଭାରତ ସ୍ୱାଧୀନ ହୋଇଛି ବୋଲି କହିଥିଲେ । ମାତ୍ର ସେତେବେଳେ ଆପଣ

* ୧୯୦୯ରେ କାରାମୁକ୍ତି ପରେ କଲିକତାରେ ଶ୍ରୀଅରବିନ୍ଦ ତାଙ୍କ ମଉସା କୃଷ୍ଣ କୁମାର ମିତ୍ରଙ୍କ ବାସଭବନରେ ବସବାସ କରୁଥିଲେ । ସେତେବେଳେ ପଣ୍ଡିଚେରୀରେ ଆଶ୍ରୟ ନେଇଥିବା ଜାତୀୟତାବାଦୀ ଗୋଷ୍ଠୀ 'ଇଣ୍ଡିଆ' ନାମରେ ଏକ ପତ୍ରିକା ପ୍ରକାଶ କରୁଥିଲେ; ସୁବ୍ରମନିୟମ୍ ଭାରତୀ ଥିଲେ ଏହାର ସମ୍ପାଦକ । ଏହି ପତ୍ରିକାର ଜନୈକ ସାମ୍ବାଦିକ କଲିକତାକୁ ଯାଇ ୧୯୧୦ ଜାନୁଆରୀରେ ଶ୍ରୀଅରବିନ୍ଦଙ୍କୁ ତାଙ୍କ ବାସଭବନରେ ଭେଟି ତାଙ୍କ ସହିତ ଏକ ଦୀର୍ଘ ସାକ୍ଷାତ୍କାର କରିଥିଲେ । ସର୍ବଶେଷରେ ସାମ୍ବାଦିକଙ୍କର ଏକ ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ ଉପରୋକ୍ତ ଭବିଷ୍ୟତ୍ ବାଣୀ କରିଥିଲେ ।

କ'ଣ ବର୍ତ୍ତମାନର ବିଭାଜିତ ସ୍ୱାଧୀନ ଭାରତ ଦେଖିଥିଲେ ?

ଶ୍ରୀମା : ମୋର ସେହି ନିର୍ଦ୍ଦିଷ୍ଟ ସୂକ୍ଷ୍ମ ଦର୍ଶନରେ ମୁଁ ଘଟଣାଟିର ଟିକିନିଖି ବିଷୟଗୁଡ଼ିକ ସମ୍ବନ୍ଧେ କିଛି ଜାଣି ନଥିଲି । କିନ୍ତୁ ଏହି ବିଭାଜନ ନଘଟିବାର ଏକ ସମ୍ଭାବନା ବେଶ୍ ରହିଥିଲା, ଯଦି ସେମାନେ ସେହି ସମୟରେ ଶ୍ରୀଅରବିନ୍ଦଙ୍କର କଥା ଶୁଣିଥା'ନ୍ତେ । ... ଏହି ବିଭାଜନ ସମ୍ଭବ ହୋଇ ଉଠିଥିଲା ମଣିଷ-ସୃଷ୍ଟ ଏକ ବିକୃତିରୁ । ...''

(୧୮ ଜାନୁଆରୀ, ୧୯୫୬)

*

ନାରାୟଣ ପ୍ରସାଦଙ୍କ ଉକ୍ତିରୁ : ''ସେହି ସମୟରେ (୧୯୨୭ ଦଶକରେ) ଶ୍ରୀମା ଆଶ୍ରମର ପ୍ରତ୍ୟେକ ଅନ୍ତେବାସୀଙ୍କର କକ୍ଷକୁ ସ୍ୱତନ୍ତ୍ର ପରିଦର୍ଶନରେ ଯାଉଥିଲେ । ସେଦିନ ଥିଲା 'କ'ଙ୍କର କକ୍ଷ ପରିଦର୍ଶନ । କଥାଛଳରେ 'କ' ସେଦିନ ଶ୍ରୀମାଙ୍କୁ ପଚାରିଥିଲେ : 'ମା, ଭାରତ କିପରି ଭାବରେ ସ୍ୱାଧୀନତା ଲାଭ କରିବ ?' ଶ୍ରୀମା କହିଥିଲେ : 'ଶୁଣ, ଭାରତକୁ ବ୍ରିଟିଶ ଜୟ କରି ନଥିଲା, ତୁମେ, ଭାରତୀୟମାନେହିଁ ବ୍ରିଟିଶ ହାତରେ ସ୍ୱଦେଶକୁ ହସ୍ତାନ୍ତରିତ କରି ଦେଇଥିଲ । ସେହି ସମାନ ପ୍ରକ୍ରିୟାରେ ବ୍ରିଟିଶ ନିଜେ ହିଁ ଭାରତକୁ ତୁମକୁ ହସ୍ତାନ୍ତର କରିଦେବେ । ଏବଂ ସେମାନେ ଏମିତି ତରବରରେ ଏହି ହସ୍ତାନ୍ତର କରିବେ, ଯେପରି କି ଏକ ଜାହାଜ ସେମାନଙ୍କୁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିନେବାକୁ ଅପେକ୍ଷା କରି ରହିଛି ।' ''

'' 'କ' ପ୍ରଶ୍ନ କଲେ, 'ଏହା କେବେ ଘଟିବ ?'

''ଶ୍ରୀମା ଭବିଷ୍ୟଦ୍‌ବାଣୀ କରିଥିଲେ : 'ଯେତେବେଳେ ଏକ ଜାପାନୀ ଯୁଦ୍ଧ-ଜାହାଜ ଭାରତ ମହାସାଗରକୁ ପ୍ରବେଶ କରିବ ସେତେବେଳେ ଭାରତ ସ୍ୱାଧୀନତା ଲାଭ କରିବ ।' ''

('Life in Sri Aurobindo Ashram' p. 302)

*

୧୬ ସେପ୍‌ଟେମ୍ବର, ୧୯୩୫ରେ ଜନୈକ ଭକ୍ତ ଶ୍ରୀଅରବିନ୍ଦଙ୍କୁ ଲେଖିଥିଲେ : ''ଏହା ଅନେକାଂଶରେ ଅତ୍ୟନ୍ତ ଦୁଃଖଦ ଘଟଣା ଯେତେବେଳେ ଶୁଣିବାକୁ ପାଇଲୁ ଯେ କେତେକ ମୁସଲମାନ ବେଙ୍ଗଲର କେତେକ ହିନ୍ଦୁ ପରିବାର ବର୍ଗଙ୍କ ଉପରେ ନୃଶଂସ ଆଚରଣ କରିଛନ୍ତି ।

''ମୋର ଆଶା ସ୍ୱାଧୀନତା ପ୍ରାପ୍ତି ପରେ ଏପରି ଘଟଣାର ଅବସାନ ଘଟିବ । ଏବେ ମୁଁ ଆପଣଙ୍କୁ କିଛି ପଚାରିବାକୁ ଇଚ୍ଛୁକ । ଆପଣଙ୍କର କାର୍ଯ୍ୟକ୍ରମର ସୂଚୀରେ ଆପଣ ନିଶ୍ଚିତ ରୂପେ ଏକ ସ୍ୱାଧୀନ ଭାରତ ଦେଖିଥିଲେ କି ? ଆପଣ ଉଲ୍ଲେଖ କରିଥିଲେ ଯେ ପୃଥିବୀରେ ଆଧ୍ୟାତ୍ମିକତାର ପ୍ରସାରଣ ନିମିତ୍ତ ଭାରତକୁ ନିଶ୍ଚିତ ରୂପେ ସ୍ୱାଧୀନ ହେବାକୁ ହେବ । ମୋର ଅନୁମାନ ଆପଣ ଏଥିନିମିତ୍ତ କର୍ମ କରୁଛନ୍ତି ! ଆପଣହିଁ ଏକମାତ୍ର ବ୍ୟକ୍ତି ଆପଣଙ୍କର ଆଧ୍ୟାତ୍ମିକ 'ଶକ୍ତି' ପ୍ରୟୋଗ ଦ୍ୱାରା ପ୍ରକୃତରେ କିଛି ଫଳପ୍ରଦ ଘଟଣା ଘଟାଇ ପାରିବେ ।''

ଶ୍ରୀଅରବିନ୍ଦଙ୍କ ଉତ୍ତର : ''ଏସବୁ ବ୍ୟାପାରରେ ସବୁକିଛି ପୂର୍ବ-ନିର୍ଦ୍ଧାରିତ । ଏହାକୁ କେବଳ କାର୍ଯ୍ୟରେ ପରିଣତ କରିବାର ଅଛି । ପ୍ରଶ୍ନଟି ହେଉଛି ଭାରତ ସ୍ୱାଧୀନତା ଲାଭ ପରେ କିପରି ଏହାର ଉପଯୋଗ କରିବ ? — ଉପର ବର୍ଣ୍ଣିତ କ୍ରିୟାକଳାପ ? ବଲ୍‌ଶେଭିଜିମ୍ ? ଗୁଣ୍ଡାରାଜ ? — ଘଟଣାପ୍ରବାହ ଅମଙ୍ଗଳସୂଚକ ବୋଧ ହେଉଛି ।''

(CWSA, Vol. 26, pp. 473-474)

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୧୮ ମସିହା ଡିସେମ୍ବର ମାସରେ ଶ୍ରୀଅରବିନ୍ଦ କଥାପ୍ରସଙ୍ଗରେ ପୁରାଣୀଙ୍କୁ ଏହି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଆସନ୍ତା କାଲିର ସୂର୍ଯ୍ୟୋଦୟ ପରି ଭାରତର ସ୍ୱାଧୀନତା ନିଶ୍ଚିତ । ଏହି ନିଷ୍ପତ୍ତି ନିଆସରିଛି ଏବଂ ଏଥିନିମିତ୍ତ ବେଶୀ ବିଳମ୍ବ ହେବ ନାହିଁ ।

(A. B. Purani, 'Life of Sri Aurobindo', Apendix-1 ଦ୍ରଷ୍ଟବ୍ୟ)

*

ଶ୍ରୀଅରବିନ୍ଦ ୭ ଜୁଲାଇ, ୧୯୪୭ରେ ଜନୈକ ଶିଷ୍ୟଙ୍କୁ ଲେଖିଥିଲେ : ''... ମୁଁ ସର୍ବଦାହିଁ କହି ଆସିଛି ଯେ ବିଶ୍ୱଯୁଦ୍ଧ ପରି ସବୁପ୍ରକାର ମାନବିକ ଘଟଣା ଉପରେ ଯେତେଥର ମୁଁ ଆଧ୍ୟାତ୍ମିକ ଶକ୍ତି ପ୍ରୟୋଗ କରିଛି, ତାହା ଅତିମାନସ ଶକ୍ତି ନୁହେଁ, ସେହି ଶକ୍ତି ହେଉଛି ଅଧିମାନସର ଅନ୍ତର୍ଗତ । ଯେତେବେଳେ ଏହା ଜଡ଼ ଜଗତରେ କାର୍ଯ୍ୟକାରୀ ହୁଏ ସେତେବେଳେ ତାହା ନିମ୍ନରେ ପାର୍ଥିବ ଶକ୍ତିସମୂହର ଜାଲ ସହିତ ଏପରି ନିବିଡ଼ ଭାବରେ ଜଡ଼ିତ ହୋଇଥାଏ ଯେ ଏହାର ଫଳାଫଳ ଯଦିଓ ଆଶୁ ଲକ୍ଷ୍ୟସିଦ୍ଧି ଦିଗରେ ଯେତେ ଶକ୍ତିଶାଳୀ ବା ଯଥେଷ୍ଟ ହେଲେ ମଧ୍ୟ ତାହା ଶେଷରେ ଆଂଶିକ ହେବା ନିଶ୍ଚିତ । ସେଥିପାଇଁ ମୁଁ ଅଗଷ୍ଟ ୧୫ରେ ସ୍ୱାଧୀନ ଭାରତକୁ ଏକ ଜନ୍ମଦିନ ଉପହାର ଭାବରେ ପାଉଛି, କିନ୍ତୁ ଦୁଇଟି ଭିନ୍ନ ଲଫାପା ମଧ୍ୟରେ

ଦୁଇଟି ସ୍ୱାଧୀନ ଭାରତକୁ ଦିଆଯିବା ଦ୍ୱାରା ତାହା ଜଟିଳ ହୋଇଉଠୁଛି । ଏପରି ବଦାନ୍ୟତାରେ ମୋର ପ୍ରୟୋଜନ ନଥିଲା । ଯଦି ଅଖଣ୍ଡ ଓ ସମ୍ପୂର୍ଣ୍ଣ ଗୋଟିଏ ସ୍ୱାଧୀନ ଭାରତ ମୋତେ ଉପହାର ଦିଆଯାଇଥା'ନ୍ତା ତେବେ ତାହା ମୋ ପାଇଁ ଯଥେଷ୍ଟ ହୋଇଥା'ନ୍ତା ।''

(''ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ'', ପୃ. ୧୭୫)

ପୁନଶ୍ଚ ୨୨ ଡିସେମ୍ବର, ୧୯୩୬ରେ ଶ୍ରୀଅରବିନ୍ଦ ଜନୈକ ଶିଷ୍ୟଙ୍କୁ ଲେଖିଥିଲେ : ''... ବର୍ତ୍ତମାନ ମାନବଜାତି ଯେଉଁ ଅବସ୍ଥାରେ ଅଛି, ସେହି ଗଡ଼ଣ ଭିତରେ ସାମାଜିକ ବିଷୟ ଉପରେ ହସ୍ତକ୍ଷେପ କରିବା ମୋର କାର୍ଯ୍ୟ ନୁହେଁ । ମୋର କାର୍ଯ୍ୟ ହେଲା ଏକ ଉଚ୍ଚତର ଆଧ୍ୟାତ୍ମିକ ଆଲୋକକୁ ଓ ଶ୍ରେଷ୍ଠତର ଶକ୍ତିକୁ ନିମ୍ନକୁ ଉତାରି ଆଣିବା ଯାହା ପୃଥିବୀ ଚେତନାରେ ଆଣିଦେବ ଏକ ଆମୂଳ ପରିବର୍ତ୍ତନ ।''

(ତତ୍ରୈବ, ପୃ. ୧୫୬)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

# ଦିବ୍ୟ ଚେତନା

## ଶରତଚନ୍ଦ୍ର ରଥ

ଜୀବନ ବୃନ୍ଦାବନେ ମୋହନ ବଂଶୀ,
ବଜାଇ ଦେବ ଦିବ୍ୟଚେତନା ଆସି ।
ଫୁଟିବ ତହିଁ କେତେ ବସନ୍ତ ଫୁଲ,
କିଏ ବା ଦେବ ଆହା ସେ ଫୁଲ ମୂଲ ।୧।

ସେ ଫୁଲ ଶୋଭା ତିନି ଭୁବନ ଭୁଲା,
ସରି ନୋହିବେ ତା'ରେ ନନ୍ଦନଝରା,
ବାସରେ ବଶ ହେବେ ସୁରକାମିନୀ,
ଭୁଲି ବସିବେ ତାଙ୍କ ସ୍ୱର୍ଗ ସରଣୀ ।୨।

ଦିବ୍ୟ ଭାବନା ଆସି କରିବ ଲୀଳା,
ଆସିବ ଧରାବୁକେ ମାହେନ୍ଦ୍ର ବେଳା,
ଦେବତା ଆଉ ସ୍ୱର୍ଗେ ରହିବେ ନାହିଁ,
ଆସିବେ ସରାଗରେ ମରତ ଭୂଇଁ ।୩।

ହୋଇବ ଧରା ମଧୁ ସୋହାଗ ତୀର୍ଥ,
ଭରିଯିବ ଜୀବନେ ଅନେକ ଅର୍ଥ ।
ଜ୍ଞାନ ଭକ୍ତି କରମ ତ୍ରିବେଣୀ ଧାରା,
କରିବ ଜୀବନକୁ ଉଜ୍ଜ୍ୱଳ ହୀରା ।୪।



ଅହମିକାର ରାତି ଯିବଟି ପାହି
ଆତ୍ମଚେତନା ସୂର୍ଯ୍ୟ ଆସିବେ ଉଇଁ,
ଝଲମଲ କିରଣ ପଡ଼ିବ ଝରି,
ଦେହ ମନ ପରାଣ ଯିବ ବଦଳି ।୫।

ଅତିମାନବ ପାଦ ପଡ଼ିବ ଏଥି,
ଆନନ୍ଦେ ଭରିଯିବ ଧରଣୀ ବୀଥି,
ରୂପାନ୍ତର ହୋଇବ ଶରୀର ମନ
ଜୀବନ ହେବ ପରା ଦିବ୍ୟଜୀବନ ।୬।

ଦେବ ମୁହୂର୍ତ୍ତ ଆଜି ଆସିଛି ଭାଇ,
ଆଳସ୍ୟେ ଦେବା ନାହିଁ ଦିନ ବିତାଇ ।
ଆଗାମୀ ଦିନ ପାଇଁ ପ୍ରଦୀପ ମାଳା
ସଜାଇବା ସଭିଏଁ ନକରି ହେଳା ।୭। ❑

# ସିଦ୍ଧାନ୍ତ-ସମନ୍ୱୟ

## ରାମକୃଷ୍ଣ ଦାସ

[**ପୂର୍ବାଭାଷ :** ସାଧାରଣ ଜାଗତିକ ବ୍ୟାପାରରେ କୌଣସି ସିଦ୍ଧାନ୍ତ ସର୍ବସମ୍ମତଭାବେ ଗ୍ରହଣୀୟ ହେବା ଯେଉଁଠି ଦୁରୂହ ହୋଇଉଠେ, ସେଠାରେ ଅଧ୍ୟାତ୍ମଦର୍ଶନ ଭଳି ଦୁର୍ବୋଧ ବ୍ୟାପାରରେ ସର୍ବସମ୍ମତ ସିଦ୍ଧାନ୍ତରେ ଉପନୀତ ହେବା ସାଧାରଣ ମନ ପାଖରେ ପ୍ରାୟ ଅସମ୍ଭବ ବୋଲି ମନେହୁଏ । ଯୁଗେ ଯୁଗେ ଭଗବାନଙ୍କ ବିଧାନରେ ମହାପୁରୁଷଗଣ ଯୁଗୋପଯୋଗୀ ଏପରି ଅଧ୍ୟାତ୍ମ-ସିଦ୍ଧାନ୍ତମାନ ଉପସ୍ଥାପିତ କରିଯାଇଛନ୍ତି ଯାହା ସାଧାରଣ ବିଚାରରେ ପରସ୍ପର ବିରୋଧୀ ବୋଲି ମନେହୁଏ ଏବଂ ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତର ଅନୁଗାମୀ ସାଧକମାନେ ଅପର ସିଦ୍ଧାନ୍ତ ଓ ତଦବଲମ୍ବୀ ସାଧକମାନଙ୍କୁ ନିଜର ବିରୋଧୀ ବୋଲି ଭାବିଥା'ନ୍ତି । ତେଣୁ ଆଜି ଜଗତରେ ଅନେକ ପ୍ରକାର ଧର୍ମ, ଯୋଗପ୍ରଣାଳୀ ତଥା ସାଧକ ପରିଦୃଷ୍ଟ ହୁଅନ୍ତି ଏବଂ ବିଭିନ୍ନ ଧର୍ମାବଲମ୍ବୀ ବା ଯୋଗ-ସାଧକମାନଙ୍କ ମଧ୍ୟରେ ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ଏପରି ଗୋଟାଏ ଅମେଳ ବା ବିରୋଧ ରହି ଆସିଛି ଯାହା ସମଗ୍ର ବିଶ୍ୱ ବା ମାନବଜାତିର ସମ୍ମୁଖରେ ତାହାର ସତ୍ୟ, ଶାନ୍ତି, ଆନନ୍ଦ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟ ପଥରେ ଅବାଧ ଓ ସ୍ୱଚ୍ଛନ୍ଦ ଅଗ୍ରଗତିରେ ବାଧକ ଭାବେ ଦଣ୍ଡାୟମାନ ହୋଇଛି ।

କିନ୍ତୁ ବର୍ତ୍ତମାନ ସମୟ ଆସିଛି, ଅର୍ଥାତ୍ ଏହି ଦେବ-ମୁହୂର୍ତ୍ତରେ ଭଗବାନଙ୍କ ବିଧାନରେ ମାନବ ଶରୀର ଧାରଣ କରି ଶ୍ରୀମା ଶ୍ରୀଅରବିନ୍ଦ ମାନବଜାତିର ପରମ କଲ୍ୟାଣ ସକାଶେ ଅତୀତର ସମସ୍ତ ଅଧ୍ୟାତ୍ମ-ସିଦ୍ଧାନ୍ତର ଏପରି ଏକ ପୂର୍ଣ୍ଣାଙ୍ଗ ତଥା ସମନ୍ୱୟମୂଳକ ନୂତନ ରୂପ ଦେଇଛନ୍ତି ଯାହା ମାନବଜାତିର ଅଭୂତପୂର୍ବ ଚରମ ବିକାଶର ସୁବର୍ଣ୍ଣ ଦ୍ୱାରକୁ ଚିରୋନ୍ମୁକ୍ତ କରିଦେଇଛି । ଏହି ନୂତନ ସିଦ୍ଧାନ୍ତରେ ଯଥାର୍ଥରେ ବିଭିନ୍ନ ସିଦ୍ଧାନ୍ତର ସମନ୍ୱୟ ଘଟିଛି ଏବଂ ଏଥିରେ ପ୍ରତ୍ୟେକ ସାଧନା-ପ୍ରଣାଳୀ ମଧ୍ୟ ତା'ର ଯଥାଯଥ ଓ ସମୁନ୍ନତ ଅବସ୍ଥା ପ୍ରାପ୍ତ ହୋଇଛି । ଏହି ବିଷୟକୁ 'ସିଦ୍ଧାନ୍ତ ସମନ୍ୱୟ' ଆଖ୍ୟା ଦେଇ ଅଭିଜ୍ଞ ଲେଖକ ଅତି ସରଳ ତଥା ପ୍ରାଞ୍ଜଳ ଭାଷାରେ ଏହି ପୁସ୍ତିକାରେ ବ୍ୟାଖ୍ୟା କରିଛନ୍ତି । ଆମ୍ଭେମାନେ ଆଶାକରୁ ଅଧ୍ୟାତ୍ମବାଦୀ ସାଧକ ଓ ତତ୍ତ୍ୱବିତ୍‌ମାନେ ଏହି ପୁସ୍ତିକାକୁ ତୁଲ୍ୟ ଦୃଷ୍ଟିସହ ପାଠ କରିବେ । — ପ୍ରକାଶକ]

### ଆଚାର୍ଯ୍ୟ ରାମାନୁଜଙ୍କ ସିଦ୍ଧାନ୍ତ

ଆଚାର୍ଯ୍ୟ ଶଙ୍କରଙ୍କ ଶିକ୍ଷା ପ୍ରଚଳିତ ଥିବା ସତ୍ତ୍ୱେ ବହୁତ କାଳ ବ୍ୟତୀତ ହୋଇଯିବାରୁ ମନୁଷ୍ୟ ଚେତନା ଅଗ୍ରସର ହୋଇଗଲା । ନୂତନ ଶିକ୍ଷା ଦେବା ସକାଶେ ଭଗବାନଙ୍କ ବିଧାନ ଅନୁସାରେ ଶେଷ ଆଚାର୍ଯ୍ୟ ରାମାନୁଜ ରୂପେ ଅବତାର ନେଲେ । ସେ ସାଧନା କରି ଉପଲବ୍ଧି କଲେ ଷଡ଼ୈଶ୍ୱର୍ଯ୍ୟଯୁକ୍ତ ସୃଷ୍ଟିକର୍ତ୍ତା ଓ ଧର୍ତ୍ତା ଭଗବାନଙ୍କୁ । ଆଚାର୍ଯ୍ୟ ଶଙ୍କର ପରାତ୍ପର ବ୍ରହ୍ମଙ୍କୁ ଉପଲବ୍ଧି କରିଥିଲେ ସଂସାରରୁ ପୃଥକ୍ ନିଷ୍କ୍ରିୟ, ନିରାକାର, ନିର୍ବିଶେଷ ସତ୍ତା ରୂପେ । ଏହି ଦୁଇ ଆଚାର୍ଯ୍ୟ ଏକହିଁ ବ୍ରହ୍ମର ଦୁଇ ଭିନ୍ନ ଭିନ୍ନ ଅବସ୍ଥା ଉପଲବ୍ଧି କରିବାରୁ ଦୁହିଁଙ୍କ ସିଦ୍ଧାନ୍ତ ପରସ୍ପର ବିରୋଧୀ ପ୍ରତୀତ ହେଲା । ଗୋଟିଏ ସିଦ୍ଧାନ୍ତ ପ୍ରତିପାଦନ କଲେ ଅନ୍ୟଟି ସ୍ୱଭାବତଃ ଖଣ୍ଡନ ହେଲା ।

ଆଚାର୍ଯ୍ୟ ଶଙ୍କରଙ୍କ ବ୍ରହ୍ମ ନିରାକାର । ଆଚାର୍ଯ୍ୟ ରାମାନୁଜଙ୍କ ବ୍ରହ୍ମ ସାକାର । ତାଙ୍କର ଜଗତ୍, ନାମ, ରୂପ ସବୁ ମିଥ୍ୟା, ମାୟା । ରାମାନୁଜଙ୍କର ଜଗତ୍ ଭଗବାନଙ୍କ ସ୍ୱରୂପ, ସତ୍ୟ । ବିଭିନ୍ନ ନାମ, ରୂପ, ଜୀବ ଭଗବାନଙ୍କ ଅଂଶ । ଭଗବାନ୍ ଯେପରି ଶାଶ୍ୱତ ସତ୍ୟ, ଜୀବ ମଧ୍ୟ ଶାଶ୍ୱତ ସତ୍ୟ । ସଂସାରରେ ଯେତେ ଅଧ୍ୟାତ୍ମ-ସାଧନା ଏବଂ ସିଦ୍ଧାନ୍ତ, ସମସ୍ତ ଏହି ଦୁଇ ସିଦ୍ଧାନ୍ତର ଅଙ୍ଗ ବିସ୍ତାର ରୂପେ ଅନ୍ତର୍ଭୁକ୍ତ । ଏହି ସିଦ୍ଧାନ୍ତ ଦାର୍ଶନିକ ଦୃଷ୍ଟିରେ ପରସ୍ପର ବିରୋଧୀ ହେଲେ ମଧ୍ୟ ଅନୁଭୂତିରେ ସତ୍ୟ । ଏହି ବିରୋଧର ସାମଞ୍ଜସ୍ୟ ହୁଏ ପୁରୁଷୋତ୍ତମଙ୍କ ସାକାର, ନିରାକାର ଉଭୟ ସ୍ୱରୂପକୁ ଏକସଙ୍ଗେ ଉପଲବ୍ଧି କଲେ ।

ଆଚାର୍ଯ୍ୟ ରାମାନୁଜ ନିଜ ଦ୍ୱୈତ ସିଦ୍ଧାନ୍ତ ପ୍ରତିଷ୍ଠା କରିବାରେ ଅଦ୍ୱୈତ ସିଦ୍ଧାନ୍ତ ଖଣ୍ଡନ ହେଲା । କିନ୍ତୁ ଅଦ୍ୱୈତ ସିଦ୍ଧାନ୍ତର ଉପଲବ୍ଧି ସତ୍ୟ ଥିବାରୁ ତାହା ଲୋପ ହେଲା ନାହିଁ । ବର୍ତ୍ତମାନ ଅଛି, ଭବିଷ୍ୟତରେ ବି ରହିବ ।

କ୍ରମବିକାଶ ମାର୍ଗରେ ଜୀବ ପଶୁଠାରୁ ମନୁଷ୍ୟରେ ଉପନୀତ ହୋଇଥିଲା । କିନ୍ତୁ ତା'ର ପଶୁ ସ୍ୱଭାବ ବିଦ୍ୟମାନ ଥିବାରୁ ମାୟା, ମିଥ୍ୟା ସିଦ୍ଧାନ୍ତରେ କର୍ମ-ଜୀବନ ତଥା ସଂସାର ତ୍ୟାଗର ଆବଶ୍ୟକତା ଥିଲା । ଏହାର ଆବଶ୍ୟକତା ଥିଲା ଆଚାର୍ଯ୍ୟ ରାମାନୁଜଙ୍କ ଆସିବା ପୂର୍ବ ପର୍ଯ୍ୟନ୍ତ । ରାମାନୁଜ ଆସିବା ସମୟରେ ବିକାଶ-ଧାରା ପରିବର୍ତ୍ତିତ ହେବାକୁ ଆରମ୍ଭ କଲା । ଭଗବାନ୍ ମନୁଷ୍ୟର ମନରେ, ପ୍ରାଣରେ, ଶରୀରରେ, କର୍ମରେ, ସଂସାରରେ ପ୍ରକଟ ହେବା ସକାଶେ ଏକରୁ ବହୁ ହୋଇ ଥିଲେ । ମନୁଷ୍ୟର ଏହାହିଁ ଲକ୍ଷ୍ୟ । ସେହି ସକାଶେ ସେ ଅଜ୍ଞାତରେ ଚାହେଁ ପରମାନନ୍ଦ, ଶରୀରର ଅମରତ୍ୱ, ରୋଗ-ଜରା-ମୁକ୍ତ ସୁନ୍ଦର ଦିବ୍ୟ ଶରୀର । ସେ ସଂସାର ଛାଡ଼ିବାକୁ ଚାହେଁ ନାହିଁ । ସଂସାରର ସମସ୍ତ ପ୍ରାଣୀଙ୍କ ସହିତ ମୈତ୍ରୀ ଭାବରେ ଶାନ୍ତି ଚାହେଁ । ମନୁଷ୍ୟ ମୋହ, ମାୟା, ଅଜ୍ଞାନ, ଆସକ୍ତି ଆବଦ୍ଧରୁ ମୁକ୍ତ ହେଲେ ସେ ତା'ର ଚିର ଅଭିଳଷିତ ଲକ୍ଷ୍ୟ ଦିବ୍ୟ ଜୀବନ, ଦିବ୍ୟ କର୍ମ ପ୍ରାପ୍ତ କରିପାରେ ।

ଆଚାର୍ଯ୍ୟ ଶଙ୍କରଙ୍କ ଶିକ୍ଷା ଦ୍ୱାରା ମନୁଷ୍ୟର ବିଶ୍ୱ ଚେତନା ସ୍ତରରେ ମୁକ୍ତ ଚେତନା ପ୍ରତିଷ୍ଠିତ ହୋଇଯିବାରୁ ସାଂସାରିକ, ପ୍ରାଣିକ ଆସକ୍ତି – ପିତା, ମାତା, ଭାଇ, ବନ୍ଧୁ, ସ୍ତ୍ରୀ, ପୁତ୍ର ଏବଂ ଶରୀର ଆସକ୍ତିକୁ ଭାଗବତ ଭାବରେ ଦିବ୍ୟ ପ୍ରେମରେ ପରିବର୍ତ୍ତନ କରିବା, ସଂସାର ସ୍ୱର୍ଗରେ ପରିଣତ କରିବା ସମ୍ଭବପର ହେଲା । ସେହି ସକାଶେ ଆଚାର୍ଯ୍ୟ ରାମାନୁଜ ଏହି ଭାବରେ ପ୍ରାରମ୍ଭିକ ଶିକ୍ଷା ଦେଲେ ଯାହାର ବିକାଶରେ ମନୁଷ୍ୟର ଶାଶ୍ୱତ ଲକ୍ଷ୍ୟ ଦିବ୍ୟ ଜୀବନରେ ସେ ଉପନୀତ ହୋଇପାରେ ।

ରାମାନୁଜଙ୍କ ସିଦ୍ଧାନ୍ତରେ ଏହି ଜାଗତିକ ଜୀବ ଭଗବାନ୍ ପୁରୁଷୋତ୍ତମଙ୍କ ଅଂଶ । ଏହି ସଂସାର ଭଗବାନଙ୍କ ଦିବ୍ୟଧାମ ଗୋଲୋକ, ବୈକୁଣ୍ଠ, ସାକେତ, କୈଳାସର ସ୍ୱରୂପ ବା ପ୍ରତିନିଧି । ଅର୍ଥାତ୍ ଜୀବ ଏବଂ ସଂସାର ଶାଶ୍ୱତ ସତ୍ୟ – ମିଥ୍ୟା, ମାୟା ନୁହେଁ । ଏହି ସଂସାରରେ ରହି ଭଗବାନଙ୍କ ସହିତ ପିତା, ପୁତ୍ର, ସଖା, ସ୍ୱାମୀ ସମ୍ବନ୍ଧ ସ୍ଥାପନ କଲେ ମନୁଷ୍ୟ ଏହି ପଞ୍ଚଭୌତିକ ଶରୀର ତ୍ୟାଗ କରି ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ – ଭଗବାନଙ୍କ ଦିବ୍ୟ ଧାମରେ ରୋଗ-ଜରା-ମୃତ୍ୟୁ ଅଧୀନରୁ ମୁକ୍ତ ଅପରିବର୍ତ୍ତନୀୟ ଏକରସ ଦିବ୍ୟ ଚିନ୍ମୟ ଶରୀରରେ ସୌନ୍ଦର୍ଯ୍ୟ, ଲାବଣ୍ୟ, ଜ୍ଞାନ, ଆନନ୍ଦାଦି ସମସ୍ତ ଦିବ୍ୟଗୁଣ ଭୂଷିତ ଷଡ଼ ଐଶ୍ୱର୍ଯ୍ୟଯୁକ୍ତ ସର୍ବଶକ୍ତିମାନ୍ ଭଗବାନଙ୍କ ସେବାରେ ଦାସ୍ୟ, ସଖ୍ୟ, ପୁତ୍ର, ପିତା, ସଖା, ସେବିକା ରୂପେ ପ୍ରାପ୍ତ ହେବେ । ସେଠାରେ ଏହି ଜାଗତିକ ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ସ୍ୱାର୍ଥ, ଅଜ୍ଞାନ ଅନ୍ଧକାର ନଥାଏ । ସେଠାରେ ପ୍ରତ୍ୟେକ ପ୍ରାଣୀ ଜ୍ଞାନ, ଆନନ୍ଦ, ସୌନ୍ଦର୍ଯ୍ୟ, ଲାବଣ୍ୟାଦି ଦିବ୍ୟଗୁଣଯୁକ୍ତ ଏବଂ ଭଗବାନଙ୍କ ସଦୃଶ ।

ଆଚାର୍ଯ୍ୟ ରାମାନୁଜଙ୍କ ସିଦ୍ଧାନ୍ତ ଓ ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ ମଧ୍ୟରେ ଏତିକି ମାତ୍ର ପାର୍ଥକ୍ୟ ହେଉଛି, ତାଙ୍କ ସିଦ୍ଧାନ୍ତରେ ଶରୀର ତ୍ୟାଗ ପରେ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସରେ ମୁକ୍ତ ଜୀବଙ୍କୁ ଭଗବତ ସେବାରେ ଯେଉଁ ଅବସ୍ଥା ପ୍ରାପ୍ତ ହୁଏ, ଶ୍ରୀଅରବିନ୍ଦଙ୍କ ଯୋଗରେ ଏହି ରୂପାନ୍ତରିତ ଶରୀରରେ ସେହି ଅବସ୍ଥା ମିଳେ । ପ୍ରତ୍ୟେକ ପୁରାତନ ଯୋଗର ସିଦ୍ଧାନ୍ତ ମନୁଷ୍ୟର ବିକାଶର ସେହି ଏକହିଁ ଲକ୍ଷ୍ୟକୁ ଅସ୍ପଷ୍ଟ ଭାବେ ସାହାଯ୍ୟ କରି ଆସୁଅଛି, କିନ୍ତୁ ଗଭୀର ଚିନ୍ତା ନକରି କେବଳ ବାହ୍ୟ ରୂପକୁ ଦେଖିଲେ ବିରୋଧର ଭ୍ରମ ହୋଇପାରେ । କିନ୍ତୁ ରାମାନୁଜଙ୍କ ସିଦ୍ଧାନ୍ତରେ ଏପରି ନାହିଁ । ସେ ମନୁଷ୍ୟର ପରମ ଲକ୍ଷ୍ୟର ବିଶେଷ ନିକଟରେ ପହଞ୍ଚି ଥିବାରୁ ବିରୋଧିତା ପରିବର୍ତ୍ତେ ସାମଞ୍ଜସ୍ୟ ସ୍ପଷ୍ଟଭାବେ ପରିଲକ୍ଷିତ ହେଉଅଛି ।

ପୂର୍ବ ସିଦ୍ଧାନ୍ତ ସଦୃଶ ଆଚାର୍ଯ୍ୟ ରାମାନୁଜଙ୍କ ସିଦ୍ଧାନ୍ତରେ ଜୀବ ନିର୍ବାଣ ବା ନିର୍ବିଶେଷ ସତ୍ତାରେ ଏକ ହୋଇଯିବା, କୈବଲ୍ୟ ମୁକ୍ତି ପ୍ରାପ୍ତ ହେବା ଲକ୍ଷ୍ୟ ନୁହେଁ । ସଂସାରରେ ମନୁଷ୍ୟର ପିତା, ପୁତ୍ର, ସେବକ, ସଖା, ସ୍ୱାମୀ ଇତ୍ୟାଦି ଯେଉଁସବୁ ସାଂସାରିକ ସମ୍ବନ୍ଧ ଅଛି, ସେସବୁକୁ ମନୁଷ୍ୟ ପରିବର୍ତ୍ତେ ଭଗବାନଙ୍କ ସହିତ ସ୍ଥାପନ କରିବା, ଅର୍ଥାତ୍ ଭଗବାନଙ୍କୁ ପିତା, ପୁତ୍ର, ସ୍ୱାମୀ, ସଖାରୂପେ ଉପାସନା କରି ସେହି ଉପାସନା ଭାବ ଅନୁସାରେ ବ୍ୟକ୍ତି ଏହି ପଞ୍ଚଭୌତିକ ନଶ୍ୱର ଶରୀର ତ୍ୟାଗ କରି ଦିବ୍ୟ ଧାମରେ ଭଗବତ୍ ପ୍ରାପ୍ତି ହେବା ।

## ଦ୍ୱୈତ ସିଦ୍ଧାନ୍ତର ସାଧନା ପଦ୍ଧତି

ବୈଷ୍ଣବମାନଙ୍କ ଚାରି ସଂପ୍ରଦାୟ ମଧ୍ୟରେ ସୈଦ୍ଧାନ୍ତିକ ମତଭେଦ ସାମାନ୍ୟ ଥିଲେ ମଧ୍ୟ ଭଗବାନ୍ ଉପାସ୍ୟ, ଜୀବ ଉପାସକ, ଏହି ଦ୍ୱୈତବାଦ ସିଦ୍ଧାନ୍ତରେ ସବୁ ଏକମତ । ସେମାନଙ୍କ ସାଧନା ପ୍ରଣାଳୀ ବହୁ ପ୍ରକାର ଥିବା ସତ୍ତ୍ୱେ ଉପାସନା

ପଦ୍ଧତିରେ ସମସ୍ତେ ଏକ । ଦ୍ୱୈତ ସାଧକମାନେ ଭଗବାନ୍ ସ୍ୱାମୀ, ନିଜକୁ ସେବକ; ଭଗବାନ୍ ସଖା, ନିଜକୁ ତାଙ୍କ ସଖା; ଭଗବାନ୍ ପିତା, ନିଜକୁ ପୁତ୍ର; ଭଗବାନ୍ ସ୍ୱାମୀ, ନିଜକୁ ସେବିକା ରୂପେ ଉପାସନା କରନ୍ତି । ଉପାସନା ପୂର୍ବରୁ ନିଜର ସ୍ୱରୂପ, ଅର୍ଥାତ୍ ନିଜର ଶରୀର କଳ୍ପନା କରନ୍ତି । ଘରେ ଭଗବାନଙ୍କ ସ୍ୱରୂପ ଚିନ୍ତନ କରି ଧ୍ୟାନ ଅବସ୍ଥାରେ ଭିନ୍ନ ଭିନ୍ନ ରୂପେ ମାନସିକ ସେବା କରନ୍ତି ଅଥବା କୌଣସି କେନ୍ଦ୍ରରେ ଧ୍ୟାନ କରନ୍ତି । ସେମାନେ ନିଜ ଶରୀରକୁ କଳ୍ପନା କରନ୍ତି ଭଗବାନଙ୍କ ଶରୀର ସଦୃଶ ରୋଗ, ଜରା, ମୃତ୍ୟୁ, ହିଂସା, ଦ୍ୱେଷ, ସ୍ୱାର୍ଥାଦି ଅଜ୍ଞାନରୁ ମୁକ୍ତ ଦିବ୍ୟ ଚିନ୍ମୟ ଶରୀର ରୂପେ । ଭଗବାନଙ୍କ ଶରୀର ଆଉ ସେମାନଙ୍କ ଶରୀରରେ ଏତିକି ମାତ୍ର ପ୍ରଭେଦ ଥାଏ ଯେ ଭଗବାନଙ୍କ ଚରଣରେ ଓ ହସ୍ତରେ ଥିବା ଅଙ୍କୁଶ, କୁଳିଶାଦି ଚବିଶ କିଂବା ଅଠଚାଳିଶ ଚିହ୍ନ ସେମାନଙ୍କର ନଥାଏ । ଭଗବାନଙ୍କର ଯାହା ସଂକଳ୍ପ ହୁଏ ତାହାହିଁ ସେମାନଙ୍କ ଦ୍ୱାରା କ୍ରିୟାରେ ପରିଣତ ହୁଏ । ସେମାନଙ୍କ ସଙ୍କଳ୍ପ ଭଗବାନଙ୍କ ସଙ୍କଳ୍ପର ବିରୁଦ୍ଧ ହୁଏ ନାହିଁ । ଏହା ଛଡ଼ା ସେମାନଙ୍କ ଶରୀର ଓ ଭଗବାନଙ୍କ ଶରୀରରେ କୌଣସି ପ୍ରଭେଦ ନଥାଏ । ସେମାନଙ୍କ ମନ, ପ୍ରାଣ, ଶରୀର ଦିବ୍ୟ ଥିବାରୁ ସେମାନେ ଭଗବାନଙ୍କର ସମସ୍ତ ତତ୍ତ୍ୱ ସଙ୍ଗେ ଏକ ହୋଇଥାଆନ୍ତି । ଭଗବାନଙ୍କ ସଙ୍ଗେ ପୂର୍ଣ୍ଣତଃ ଅଖଣ୍ଡ ଏକ ହେବା ସତ୍ତ୍ୱେ ସେମାନେ ଭଗବାନଙ୍କଠାରୁ ପୃଥକ୍ ଏବଂ ଭଗବାନଙ୍କ ଯନ୍ତ୍ର । ଏକହିଁ ସମୟରେ ଅଦ୍ୱୈତ ତଥା ଦ୍ୱୈତ ଭାବ ସାଧକମାନେ ମାନସ ଚେତନାର ଊର୍ଦ୍ଧ୍ୱ ଚେତନାରେ ଅନୁଭବ କରନ୍ତି । ଶରୀର ତ୍ୟାଗ କରିବା ପରେ ସେମାନେ ନିଜ ନିଜ ଉପାସନା ଅନୁସାରେ ଭଗବାନଙ୍କ ସେବା ପ୍ରାପ୍ତ ହୁଅନ୍ତି । ଦ୍ୱୈତବାଦର ଦିବ୍ୟଧାମର ମୁକ୍ତ ଅବସ୍ଥା ଏବଂ ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତରିତ ଶରୀର ଏକ । ମନୁଷ୍ୟ ନିଜ ଲକ୍ଷ୍ୟରେ ପହଞ୍ଚିବାର ସମୟ ଆସି ନ ଥିବାରୁ ସେହି ସମୟୋଚିତ ଶିକ୍ଷା ଦେବାକୁ ଆଚାର୍ଯ୍ୟ ରାମାନୁଜ ଆସିଥିଲେ । କିନ୍ତୁ ତାଙ୍କ ସିଦ୍ଧାନ୍ତ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ସିଦ୍ଧାନ୍ତର ବହୁତ ନିକଟତମ ଥିଲା ।

## ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ସିଦ୍ଧାନ୍ତ

ମନୁଷ୍ୟର ବିକାଶ-ମାର୍ଗରେ ଆଚାର୍ଯ୍ୟମାନେ ଆସି ତାକୁ ନିର୍ବାଣ, ମୁକ୍ତି, ଭକ୍ତିର ଶିକ୍ଷା ପୃଥକ୍ ପୃଥକ୍ ସମୟରେ ଦେଇଥିଲେ । ବର୍ତ୍ତମାନ ଏହିସବୁ ସିଦ୍ଧି ଏକସଙ୍ଗେ ପ୍ରାପ୍ତ ହେବାର ସମୟ ଆସିଛି । ତା'ର ମନ, ପ୍ରାଣ, ଶରୀର ରୂପାନ୍ତରିତ ହେବ; ସେ ରୋଗ, ଜରା, ମୃତ୍ୟୁ ଅଧୀନରୁ ମୁକ୍ତ ହୋଇ ଦିବ୍ୟ ଚିନ୍ମୟ ଶରୀର ପ୍ରାପ୍ତ କରିବ; ସେ ଏକହିଁ ସଙ୍ଗେ ନିର୍ଗୁଣ, ସଗୁଣ ଉଭୟର ଧର୍ତ୍ତା ସଚ୍ଚିଦାନନ୍ଦ ତତ୍ତ୍ୱକୁ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ପ୍ରକାଶ କରିବ ଏବଂ ଭକ୍ତି ଓ ଜ୍ଞାନକୁ ଏକହିଁ ସଙ୍ଗେ ଉପଲବ୍ଧି କରିବ । ଏହାର ପରିଣାମରେ ସଂସାରରୁ ଦୁଃଖ-ଦ୍ୱନ୍ଦ୍ୱ, ବୈର, ବିରୋଧ, ହିଂସା, ଦ୍ୱେଷ ଦୂର ହେବ । ଏହି ସଂସାର ସ୍ୱର୍ଗରେ ପରିଣତ ହେବ । ପୌରାଣିକ ଭାଷାରେ କଳି ପରେ ସତ୍ୟଯୁଗ ଆସିବ । ଏହା ହେବ ଅତିମାନସ ଶକ୍ତି ଦ୍ୱାରା । ପୂର୍ବେ ଭିନ୍ନ ଭିନ୍ନ ସମୟରେ ମନୁଷ୍ୟଜାତିର ବିକାଶ-ମାର୍ଗରେ ସାହାଯ୍ୟ କରିବା ସକାଶେ ଆଚାର୍ଯ୍ୟମାନେ ଯେପରି ଏହି ପୃଥିବୀକୁ ଆସିଥିଲେ, ଠିକ୍ ସେହିପରି ଏହି କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ସଂକଳ୍ପ ଅନୁସାରେ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀ ଉପରେ ଅବତରଣ କରାଇ ରୂପାନ୍ତର କାର୍ଯ୍ୟ କରାଉ ଅଛନ୍ତି । କେତେକ ବ୍ୟକ୍ତିଙ୍କର ମନ, ପ୍ରାଣ ସହିତ ସ୍ଥୂଳ ଶରୀର ରୂପାନ୍ତରିତ ହେବାକୁ ଆରମ୍ଭ କଲେ ପ୍ରଥମରେ ବ୍ୟକ୍ତି ରୋଗରୁ ମୁକ୍ତ ହେବ ଏବଂ ନିୟମିତ ସମୟରେ ଜରା ଦେଖାଦେବ ନାହିଁ । ଶରୀରର ପୂର୍ଣ୍ଣ ରୂପାନ୍ତର ହେଲେ ସେ ପୂର୍ଣ୍ଣତଃ ଜରା ତଥା ମୃତ୍ୟୁ ଅଧୀନରୁ ମୁକ୍ତ ହେବ । ଭକ୍ତିଯୋଗ ଦ୍ୱାରା ପରାଭକ୍ତି ପ୍ରାପ୍ତିରେ ବ୍ୟକ୍ତି ଯେଉଁ ପରମାନନ୍ଦ ଉଚ୍ଚତର ସ୍ତରରେ ଉପଲବ୍ଧି କରୁଥିଲା, ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ଆତ୍ମା ପରମାତ୍ମା ସହିତ ଲୀନ ହେବାରେ ଯେଉଁ ଅନିର୍ବଚନୀୟ ଆନନ୍ଦ ସତ୍ୟସତ୍ତା ଉପଲବ୍ଧି କରୁଥିଲା, ଏହି ଉଭୟ ଅଭିବ୍ୟକ୍ତି ରୂପାନ୍ତରିତ ଶରୀର, ରୂପାନ୍ତରିତ ପ୍ରାଣ, ରୂପାନ୍ତରିତ ମନରେ ଉପଲବ୍ଧ ହେବ । ଅର୍ଥାତ୍ ଶରୀର ସ୍ୱୟଂ ସଚେତ ହୋଇ ଭଗବାନଙ୍କ ସାକାର ରୂପ, ନିରାକାର ରୂପ, ଜ୍ଞାନ ଓ ଭକ୍ତି ଏକହିଁ ସଙ୍ଗେ ଉପଲବ୍ଧି କରି ପାରିବ । ଯେଉଁ ସଚ୍ଚିଦାନନ୍ଦ ବ୍ରହ୍ମଜ୍ଞାନ ସ୍ୱରୂପ, ପରମାନନ୍ଦ ସ୍ୱରୂପ, ଶକ୍ତି ସ୍ୱରୂପ; ସେ ଏହି ସ୍ଥୂଳ ଶରୀରରେ ପ୍ରକାଶିତ ହେବେ । ଏହାହିଁ ମନୁଷ୍ୟର ଲକ୍ଷ୍ୟ, ଏଥି ସକାଶେ ଭଗବାନ୍ ବହୁରୂପେ ପ୍ରକଟ ହୋଇ ଅଛନ୍ତି ନିଜକୁ ପ୍ରକାଶ କରିବା ସକାଶେ । ମନୁଷ୍ୟର ସ୍ଥୂଳ ଶରୀରରେ ଭଗବାନଙ୍କର ପୂର୍ଣ୍ଣ ପ୍ରକାଶ ହେଲେ ସଂସାରରୁ ପୂର୍ଣ୍ଣତଃ ଅନ୍ୟାୟ, ଅତ୍ୟାଚାର ଦୂର ହୋଇଯିବ ।

ପୂର୍ବେ ଯୋଗସିଦ୍ଧି ଦ୍ୱାରା ବ୍ୟକ୍ତିଗତ ରୂପେ ବହୁତ କମ୍ ଯୋଗୀ ଶରୀର ଉପରେ କେତେକ ପରିମାଣରେ ଅଧିକାର ପ୍ରାପ୍ତ କରିଥିଲେ, ରୋଗରୁ କେତେକ ପରିମାଣରେ ମୁକ୍ତ ଥିଲେ, ମୃତ୍ୟୁର ନିୟମିତ ସମୟ ଅତିକ୍ରମ କରି ଆୟୁ ବୃଦ୍ଧି କରିଥିଲେ । ସଂକଳ୍ପ ମାତ୍ରେ ଅନ୍ୟ ସ୍ଥାନରେ ପହଞ୍ଚି ପାରୁଥିଲେ । କିନ୍ତୁ ସେମାନଙ୍କ ସ୍ଥୂଳ ଶରୀର ରୂପାନ୍ତର ହୋଇ ନ ଥିଲା । କେବଳ ଅରୂପାନ୍ତରିତ ପଞ୍ଚତତ୍ତ୍ୱ ଉପରେ ସେମାନଙ୍କର ଅଧିକାର ପ୍ରାପ୍ତ ଥିଲା । ସେମାନଙ୍କ ସଂକଳ୍ପ ଦ୍ୱାରା ତତ୍ତ୍ୱସବୁ ପୃଥକ୍ ଏବଂ ଏକତ୍ର ହୋଇପାରୁ ଥିଲା । ସେମାନଙ୍କ ସ୍ଥୂଳ ଶରୀରରେ ଭଗବାନଙ୍କର ପ୍ରକାଶ ହୋଇ ନ ଥିଲା । କାରଣ ମନ-ପ୍ରାଣ-ଶରୀରତତ୍ତ୍ୱ, ବିଶ୍ୱ-ମନ, ବିଶ୍ୱ-ପ୍ରାଣ, ବିଶ୍ୱ ଜଡ଼ତତ୍ତ୍ୱ ସଙ୍ଗେ ଏକ । ଏକ ବ୍ୟକ୍ତିର ଜଡ଼-ଶରୀର-ତତ୍ତ୍ୱ ରୂପାନ୍ତରିତ ହେଲେ ବିଶ୍ୱ-ଜଡ଼-ତତ୍ତ୍ୱରେ ରୂପାନ୍ତରିତ ହେବ । ଅନ୍ୟ ଯେ କେହି ବ୍ୟକ୍ତି ଚାହିଁବ ଅନାୟାସରେ ନିଜକୁ ରୂପାନ୍ତରିତ କରିପାରିବ । ଜଣଙ୍କର ରୂପାନ୍ତର ହୋଇ ସେହି କାର୍ଯ୍ୟ ବନ୍ଦ ହୋଇଯିବ ନାହିଁ । ପୁରାତନ ଯୋଗୀମାନଙ୍କର ଶରୀର ରୂପାନ୍ତରିତ ହୋଇଥିଲେ ବିଶ୍ୱରୁ ଅନ୍ୟାୟ, ଅତ୍ୟାଚାର, ହିଂସା, ଦ୍ୱେଷ ଦୂର ହୋଇ ଥାଆନ୍ତା । କାରଣ ବିଶ୍ୱର ଜଡ଼-ତତ୍ତ୍ୱ ହେଉଛି ନିଶ୍ଚେତନ । ସେହି ନିଶ୍ଚେତନା ସମସ୍ତ ଅଜ୍ଞାନ, ଅନ୍ଧକାରର ଉଦ୍‌ଗମ ସ୍ଥାନ । ଜଡ଼ ଚେତନାର ରୂପାନ୍ତରର ଅର୍ଥ ଅଜ୍ଞାନ-ଅନ୍ଧକାରର ରୂପାନ୍ତର । ତାହା ରୂପାନ୍ତରିତ ହୋଇଥିଲେ ଆଜି ସଂସାରରେ ଗୋଟିଏ ନୂତନ ରୂପାନ୍ତରିତ ମନୁଷ୍ୟଜାତି ଆମ୍ଭେମାନେ ଦେଖୁଥାଆନ୍ତୁ; କିନ୍ତୁ ତାହା ହୋଇ ନାହିଁ । ସଂସାରରେ ଯେତେ ଜନସଂଖ୍ୟା ତା' ମଧ୍ୟରୁ ଦୁଇ, ଚାରି ଜଣ ବ୍ୟକ୍ତି ଯୋଗ ଦ୍ୱାରା ରୋଗ, ଜରାରୁ ମୁକ୍ତ ହୋଇ ପରମାୟୁ ବଢ଼ାଇ ନେଲେ ତାହା ଦ୍ୱାରା ସଂସାରର ଚେତନା-ସ୍ତରରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ତାହା ବ୍ୟକ୍ତିଗତ ସିଦ୍ଧି । ଏପରି ଯୋଗୀଙ୍କ ନାମ ପୁସ୍ତକରେ ପଢ଼ିବା, ଲୋକମୁଖରୁ ଶୁଣିବା ଛଡ଼ା ବହୁତ କମ୍ ଲୋକ ଦେଖିଥିବେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ଯେଉଁ ରୂପାନ୍ତର ହେବ, ତାହା ଏହାଠାରୁ ସଂପୂର୍ଣ୍ଣ ପୃଥକ୍ । ଥରେ ବହୁତ କମ୍ ବ୍ୟକ୍ତିଙ୍କର ରୂପାନ୍ତର ହୋଇଗଲେ ତାହା ଏହି ସଂସାରରେ ପ୍ରତିଷ୍ଠା ହୋଇଯିବ । ଆଉ ଲୁପ୍ତ ହେବ ନାହିଁ, ବୃଦ୍ଧି ହେଉଥିବ । ପୁରାତନ ଯୋଗ ସିଦ୍ଧି ପ୍ରାପ୍ତ ଶରୀର ସମ୍ବନ୍ଧେ ପଢ଼ିବା, ଶୁଣିବା ଛଡ଼ା ଯେପରି ଦେଖିବାକୁ ମିଳୁ ନାହିଁ, ସେପରି ହେବ ନାହିଁ । ଗୋଟିଏ ଅତିମାନବ ଜାତି ଏହି ପୃଥିବୀରେ ସ୍ଥାପିତ ହେବ । ଯେପରି ପଶୁ ଜଗତରେ ମନୁଷ୍ୟ ଜାତି ହୋଇଛି, ସେହିପରି ମନୁଷ୍ୟ ଜଗତରେ ଅତିମାନବ ଜାତି ସ୍ଥାପିତ ହେବ । ଯେଉଁ ବିକାଶ ଅନୁସାରେ ବ୍ରହ୍ମ ଜଡ଼ରୁ ବହୁ ଅବସ୍ଥା ଅତିକ୍ରମ କରି ବର୍ତ୍ତମାନ ମନୁଷ୍ୟରେ ପହଞ୍ଚିଅଛି, ସେହି ବିକାଶ ନିୟମରେ ବ୍ରହ୍ମ ମନୁଷ୍ୟକୁ ଅତିକ୍ରମ କରି ଅତିମାନବରେ ଅବଶ୍ୟ ପହଞ୍ଚିବ । ଏହାର ସମୟ ହୋଇଛି । ମନୁଷ୍ୟର ମନ ବିକାଶର ଶେଷ ସୀମାରେ ପହଞ୍ଚି ସାରିଲାଣି ।

ଏହି କାର୍ଯ୍ୟ କରିବା ସକାଶେ ମା'ଶ୍ରୀଅରବିନ୍ଦ ଏହି ସଂସାରକୁ ଆସି ଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗ ଏହି ବିକାଶ ମାର୍ଗରେ ସହାୟକ ମାତ୍ର । ପ୍ରତ୍ୟେକ ମନୁଷ୍ୟର ଏହା ଅନିବାର୍ଯ୍ୟ ଲକ୍ଷ୍ୟ । ବର୍ତ୍ତମାନ ବିକାଶ ଏକାବେଳେକେ ମନରୁ ଭିନ୍ନ ଅତିମାନସ ଚେତନାର ଗୋଟିଏ ନୂତନ ସ୍ତରରେ ହେଉଅଛି । ସେଠାରେ ସର୍ବସମନ୍ୱୟ । ସମସ୍ତ ସାଂପ୍ରଦାୟିକ, ଧାର୍ମିକ, ଗୁରୁବାଦର ବ୍ୟକ୍ତି ଏହି ଲକ୍ଷ୍ୟ ଗ୍ରହଣ କରିବାରେ ସେମାନଙ୍କ ପୁରାତନ ସାଧନା, ସିଦ୍ଧାନ୍ତ, ଗୁରୁନିଷ୍ଠା କିଛି ବି ତ୍ୟାଗ କରିବାକୁ ହୁଏ ନାହିଁ । ବରଂ ଶରୀର ତ୍ୟାଗ କରିବା ପରେ ଯେଉଁ ଲକ୍ଷ୍ୟ ପ୍ରାପ୍ତି କରିବା ଉଦ୍ଦେଶ୍ୟ ଥାଏ, ତାହା ଏହି ରୂପାନ୍ତରିତ ଶରୀରରେ ପ୍ରାପ୍ତି ହୁଏ ।

ଯେପରି ଅଦ୍ୱୈତ ସିଦ୍ଧାନ୍ତର ଲକ୍ଷ୍ୟ – ନିର୍ବିଶେଷ ସତ୍ତାରେ ଆତ୍ମଚେତନା ଏକ ହୋଇଯିବା । ତାହା ଅନିର୍ବଚନୀୟ ଆନନ୍ଦ । ଅନିର୍ବଚନୀୟ ଆନନ୍ଦର ଅର୍ଥ ଏହା ସେଠାରେ ଅନୁଭୂତ ହୁଏ । ସେ ସ୍ତରରେ ଏହା ଅନୁଭୂତ ହେବା ସତ୍ତ୍ୱେ ସେଠାରେ ଦ୍ୱୈତତା ନ ଥାଏ । କିନ୍ତୁ ମନ ସ୍ତରରେ ଭୌତିକ ଶବ୍ଦ ଦ୍ୱାରା ତାହା ପ୍ରକାଶିତ ହୋଇ ପାରେ ନାହିଁ । କାରଣ ମାନସ ସ୍ତର ଏବଂ ସଚ୍ଚିଦାନନ୍ଦ ମଧ୍ୟରେ କୌଣସି ସେତୁ ନଥାଏ, ଏହାଠାରୁ ତାହା ସଂପୂର୍ଣ୍ଣ ବିଜାତୀୟ; ସେନେଇ ସେହି ଅନୁଭୂତିରୁ ଭୌତିକ ଚେତନା ବଞ୍ଚିତ ରହେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଆତ୍ମା ପରମାତ୍ମା ସଙ୍ଗେ ମିଳନ ଯେଉଁ ସ୍ତରରେ ହୁଏ, ସେହି ସ୍ତରର ଚେତନା ଏହି ମନ-ପ୍ରାଣ-ଶରୀର ସ୍ତରକୁ ଆଣି ଏସବୁକୁ ସେହି ଚେତନାରେ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କରି ଦିଆହୁଏ । ସେଥିପାଇଁ ରୂପାନ୍ତରିତ ଶରୀରର ମନ-ପ୍ରାଣରେ ସେହି ଅନିର୍ବଚନୀୟ ଆନନ୍ଦ ଅନୁଭବ ହେବା ସତ୍ତ୍ୱେ ଅଦ୍ୱୈତତା ଥାଏ । ସେହି ଏକହିଁ ସଙ୍ଗେ ଏକତ୍ୱ ତଥା ପୃଥକତ୍ୱ ଥାଏ । ଏହା ହୁଏ ମନ ସ୍ତରର ଚେତନା ଅତିମାନସ ଚେତନାରେ ରୂପାନ୍ତର ହେଲେ । ସେହି ଏକହିଁ ସଙ୍ଗେ ସଂସାରରୁ ଅନ୍ଧକାର ଶକ୍ତି

ଅପସାରିତ ହୁଏ ଏବଂ ସଂସାର ସ୍ୱର୍ଗରେ ପରିଣତ ହୁଏ – ଏହା ଏକାବେଳେକେ ନୂତନ ହେବା ସତ୍ତ୍ୱେ କୌଣସି ପୁରାତନ ଯୋଗର ଲକ୍ଷ୍ୟର ବିରୋଧୀ ନୁହେଁ, ବରଂ ପରିପୂରକ ତଥା ଯୁକ୍ତିଯୁକ୍ତ । ଏହାର ପ୍ରମାଣ ସ୍ୱରୂପ ଶ୍ରୀଅରବିନ୍ଦ ଆଶ୍ରମରେ ବୌଦ୍ଧ, ଜୈନ, ଶଙ୍କରପନ୍ଥୀ, ଅଦ୍ୱୈତବାଦୀ ସନ୍ନ୍ୟାସୀ, ଚାରି ସମ୍ପ୍ରଦାୟର ବୈଷ୍ଣବ, ଆର୍ଯ୍ୟସମାଜୀ, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଆମେରିକାନ୍, ଇଂରେଜ, ଜର୍ମାନ୍, ଚୀନା ଓଗେର ସମସ୍ତ ଜାତି, ସମସ୍ତ ଧର୍ମ-ସମ୍ପ୍ରଦାୟର ବ୍ୟକ୍ତି ଏକତ୍ର ହୋଇ ସାଧନା କରୁଅଛନ୍ତି । ଏଠାରେ ରୁଚିଗତ ଗୁରୁବାଦର ପ୍ରଶ୍ନ ନାହିଁ । କାହାରିକୁ ଦୀକ୍ଷା ଦିଆହୁଏ ନାହିଁ । ମା' ସାଧକମାନଙ୍କୁ ସେମାନଙ୍କ ସାଧନାରେ ସାହାଯ୍ୟ କରନ୍ତି । ସାଧକମାନେ ନିଜ ଆନ୍ତରିକତାରେ ସ୍ୱତଃସ୍ଫୂର୍ତ୍ତ ଭାବେ ମା'ଙ୍କ ପ୍ରତି ଭିନ୍ନ ଭିନ୍ନ ଭାବ ରଖନ୍ତି ଏବଂ ନିଜ ନିଜର ଗ୍ରହଣଶୀଳତା ଅନୁସାରେ ତାଙ୍କ ସାହାଯ୍ୟ ପାଆନ୍ତି । ଶ୍ରୀଅରବିନ୍ଦ ସ୍ୱୟଂ କହିଛନ୍ତି :

"And it shall also be a sign of the teacher of the integral Yoga that he does not arrogate to himself Guruhood in a humanly vain and self-exalting spirit. His work, if he has one, is a trust from above, he himself a channel, a vessel or a representative. He is a man helping his brothers, a child leading children, a Light kindling other lights, an awakened Soul awakening souls, at highest a Power or Presence of the Divine calling to him other powers of the Divine."

('The Synthesis of Yoga', pp. 67 - 68)

ଅର୍ଥାତ୍, ''ପୂର୍ଣ୍ଣଯୋଗର ଶିକ୍ଷକଙ୍କର ଆହୁରି ଗୋଟିଏ ଲକ୍ଷଣ ଏହାହିଁ ହେବ ଯେ ସେ ମାନବସୁଲଭ ଅହଂକାର ଓ ଆତ୍ମପ୍ରଶସ୍ତିର ଭାବ ନେଇ ଗୁରୁଙ୍କ ଆସନ ଗ୍ରହଣ କରିବେ ନାହିଁ । ତାଙ୍କର ଯାହାକିଛି କରଣୀୟ କାର୍ଯ୍ୟ, ତାହା ହେଲା ଊର୍ଦ୍ଧ୍ୱରୁ ନ୍ୟସ୍ତ କାର୍ଯ୍ୟଭାର; ସେହି କାର୍ଯ୍ୟଭାରର ସେ ହେଲେ ପ୍ରଣାଳୀ ବା ଆଧାର ବା ପ୍ରତୀକ । ସେ ମାନବ, ସେ ନିଜର ମାନବ ଭ୍ରାତାମାନଙ୍କୁ ସାହାଯ୍ୟ କରୁଅଛନ୍ତି – ସେ ଶିଶୁ, ସେ ଅପର ଶିଶୁମାନଙ୍କୁ ପଥ ଦେଖାଇ ନେଇ ଯାଉଅଛନ୍ତି – ସେ ଦୀପ, ଯେ ଅନ୍ୟ ଦୀପମାନଙ୍କୁ ପ୍ରଦୀପ୍ତ କରୁଅଛନ୍ତି – ସେ ଜାଗ୍ରତ୍ ଆତ୍ମା, ଯେ ଅପର ଆତ୍ମାଚୟଙ୍କୁ ଜାଗ୍ରତ୍ କରାଉଅଛନ୍ତି – ଅଥବା ସବୁଠାରୁ ବେଶୀ କହିବାକୁ ହେଲେ, ସେ ଭାଗବତ ଶକ୍ତିର ବା ଭାଗବତ ସାନ୍ନିଧ୍ୟର ପ୍ରତୀକ, ଯେ ଅନ୍ୟାନ୍ୟ ଦିବ୍ୟଶକ୍ତିରାଜିଙ୍କୁ ନିଜ ଆଡ଼କୁ ଡାକୁଅଛନ୍ତି ।''

ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗସାଧକମାନଙ୍କର ସମନ୍ୱୟ ହେବାର ଅନ୍ୟ ଦିଗ ହେଲା– ସେମାନଙ୍କୁ ପ୍ରଥମ ସାଧନା ଏବଂ ଲକ୍ଷ୍ୟ ବର୍ଜନ କରି ଅନ୍ୟ ନୂତନ ସାଧନ ପ୍ରଣାଳୀ ଏବଂ ଲକ୍ଷ୍ୟ ଗ୍ରହଣ କରିବାକୁ ହୁଏ ନାହିଁ । ଏହି ଯୋଗର ଲକ୍ଷ୍ୟ ସିଦ୍ଧି ପୂର୍ବରୁ ଯେପରି ଅଦ୍ୱୈତ ସିଦ୍ଧି, ଭଗବତ୍ ସିଦ୍ଧି ପ୍ରାପ୍ତ ହୁଏ, ସେହିପରି ପୁରାତନ ସାଧନ ପ୍ରଣାଳୀ, ସମର୍ପଣ, ତ୍ୟାଗ, ଅଭୀପ୍ସା, କୁଣ୍ଡଳିନୀ ଶକ୍ତିର ଜାଗୃତି, ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର ଅବତରଣ ପଦ୍ଧତିର ମଧ୍ୟ ସମାବେଶ ଥାଏ । ଏହି କ୍ରିୟା ମଧ୍ୟରେ ନୂତନତ୍ୱ କେବଳ ରୂପାନ୍ତରକାରିଣୀ ଅତିମାନସ ଶକ୍ତି । ଯଥାର୍ଥରେ ଭାଗବତୀ ଶକ୍ତିଠାରୁ ଅତିମାନସ ଶକ୍ତି ପୃଥକ୍ ନୁହେଁ, ତା'ର ଅନ୍ୟ ରୂପ । ତାହାର ପ୍ରକାଶ ହୋଇ ନ ଥିଲା । ପୁରାତନ ଯୋଗ ସାଧନା ତଥା ସିଦ୍ଧି ସମସ୍ତ ଶ୍ରୀଅରବିନ୍ଦଙ୍କ ଯୋଗରେ ସମାବିଷ୍ଟ ଥିବାରୁ ଏହା ସମସ୍ତ ଯୋଗକୁ ଆଲିଙ୍ଗନ କରି ପୂର୍ଣ୍ଣ ରୂପ ଦିଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ସଂକୀର୍ଣ୍ଣତା, ସୀମିତତାର ସ୍ଥାନ ଏକାବେଳେକେ ନାହିଁ । ଏହା ସମଗ୍ର ମାନବଜାତି ସକାଶେ ।

(କ୍ରମଶଃ)

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୨୩୫ - ୨୩୯)

❑❑❑

ତୁମର ଚିନ୍ତାସକଳ ଦିବ୍ୟସତ୍ୟ ଦ୍ୱାରା ପୂର୍ଣ୍ଣ ହୋଇଉଠୁ ଏବଂ ତୁମର ହୃଦୟ ଦିବ୍ୟପ୍ରେମ ଦ୍ୱାରା ପୂର୍ଣ୍ଣ ହୋଇଉଠୁ ।

– ଶ୍ରୀମା

# ମା’ ଆପଣ ଏମିତି କହିଛନ୍ତି ...

## (୧୦)

## ହୁତା ହିନ୍ଦୋଚା

[ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ “Mother You said so ...” ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ‘‘ମା’ ଆପଣ ଏମିତି କହିଛନ୍ତି ...’’ । ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା’ ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି । ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ “Mother You said so ...”

ପରମା ଦିବ୍ୟଜନନୀ ଶ୍ରୀମା’ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ ‘ନବପ୍ରକାଶ’ ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଉଛି । – ସମ୍ପାଦନା]

### ୧୯୫୮

*ସନ୍ଧ୍ୟାରେ ପ୍ଲେ-ଗ୍ରାଉଣ୍ଡରେ ଥିବା ମା’ଙ୍କ କୋଠରିରେ ତାଙ୍କ ସହ ମୋର ସାକ୍ଷାତ୍ ହେଲା ।*

*ସ୍ୱଳ୍ପ ଏକାଗ୍ରତା ପରେ ସେ ମୋତେ କହିଲେ :*

ଯେତେବେଳେ ଯୋଗୀ ଓ ସନ୍ନ୍ୟାସୀମାନେ ବିଚଳିତ ହୋଇ ଉଠନ୍ତି, ତତ୍‌କ୍ଷଣାତ୍ ସେମାନେ ଧ୍ୟାନ କରନ୍ତି ଏବଂ ଶାନ୍ତି ପୁନର୍ଲାଭ କରନ୍ତି । ମାତ୍ର ସେଠାରେ ମଧ୍ୟ ଏକ ସ୍ୱତନ୍ତ୍ର ଦିବ୍ୟ କରୁଣା ରହିଛି : ତତ୍ପରେ ତୁମେ ବାସ୍ତବ ଶାନ୍ତି ପାଇବ, ଏବଂ କିଛି ବି ତୁମକୁ ପ୍ରଭାବିତ କରିପାରିବ ନାହିଁ ।

ତୁମେ ଯେତେବେଳେ ମିଥ୍ୟାର ତାଡ଼ନ ଭିତରେ ଥାଅ ସେତେବେଳେ ମନ ଏବଂ ପ୍ରାଣ ସର୍ବଦା ସମସ୍ୟା ସୃଷ୍ଟି କରନ୍ତି ଏବଂ ଯନ୍ତ୍ରଣା ଦିଅନ୍ତି । ତୁମର ଯେତେବେଳେ ଅନ୍ତର୍ନିହିତ ଶକ୍ତି ଥାଏ, ଅହଂକାର ନଥାଏ, ସେତେବେଳେ ଶକ୍ତି ଓ ଆଲୋକ ଆସେ ଏବଂ ତୁମର ସମଗ୍ର ସତ୍ତାକୁ ପୂର୍ଣ୍ଣ କରିଦିଏ । ତା’ପରେ ତୁମେ ପୂର୍ଣ୍ଣ ଶାନ୍ତି ଏବଂ ନିରବତା ମଧ୍ୟରେ ରହି ପାରିବ ।

ସମୟ ସମୟରେ ତୁମର ଚକ୍ଷୁ ଲୋତକପୂର୍ଣ୍ଣ ହୋଇଯାଏ, ଯେତେବେଳେ ତୁମ ଭିତରେ ପରମ ସତ୍ୟର ପ୍ରାବଲ୍ୟ ରହିଥାଏ ।

୧୦.୨.୫୮

*ମା’ କହିଲେ :*

*ଚୈତ୍ୟସତ୍ତା ନିର୍ଲିପ୍ତ ଅଟନ୍ତି । ପ୍ରାଣ ଯିଏକି ସମସ୍ୟା ସୃଷ୍ଟି କରେ । ଏହା ଲୁହ ଗଡ଼ାଇବାକୁ ପସନ୍ଦ କରେ ଏବଂ ଅସ୍ୱସ୍ତି ଅନୁଭବ କରେ ।*

ତୁମେ ଜାଣ, ମୁଁ ଯେତେବେଳେ ଜାପାନରେ ଥିଲି, ଗୋଟିଏ ସଇତାନ ଠାରୁ ଜଣେ ସ୍ତ୍ରୀ ଲୋକକୁ ରକ୍ଷା କରିଥିଲି । ସଇତାନଟି ପରେ ନିଆଁରେ ଜଳିଗଲା । ମୁଁ ଅନୁଭବ କଲି ସତେକି ମୁଁ ଜଣେ ଖୁନି । ସେ ସ୍ତ୍ରୀ ଲୋକଟି ଗୋଟିଏ ସପ୍ତାହ ନିମନ୍ତେ ଠିକ୍ ଥିଲା । ତା’ପରେ ଅନ୍ୟ ଗୋଟିଏ ସଇତାନ ତା’ର ଚେତନାକୁ ଅଧିକାର କଲା । ଏହିପରି ଅଗଣିତ ସଇତାନ ଅଛନ୍ତି । ଯେଉଁମାନେ ତାଙ୍କର ଉଦ୍ଦେଶ୍ୟ ପୂରଣ ନିମନ୍ତେ ଗୋଟିଏ ପରେ ଗୋଟିଏ ଆସି ପ୍ରକଟ ହୁଅନ୍ତି ।

ଅନେକ ଲୋକଙ୍କ ଠାରୁ ସଇତାନମାନଙ୍କୁ ମୁଁ ବିତାଡ଼ିତ କରି ଦେଇଛି – ମାତ୍ର ଦୁଃଖର କଥା, ପରିସ୍ଥିତି ସେମିତିହିଁ ରହିଥିଲା । କାରଣ ସଇତାନମାନଙ୍କ ପ୍ରଭାବକୁ ଲୋକେ ଗ୍ରହଣ କରି ନିଅନ୍ତି ।

ମୁଁ ଜଣେ ବ୍ୟକ୍ତି ଭିତରୁ ସଇତାନକୁ ସମ୍ପୂର୍ଣ୍ଣ ଦୂର କରିଦେଲି, ମାତ୍ର ସେ ଅଭିଯୋଗ କଲା ଯେ ସେ ଶକ୍ତିହୀନ ହୋଇଗଲା ! ମାତ୍ର ପ୍ରକୃତ କଥା ହେଲା ସେହି ଦୁଷ୍ଟ ଶକ୍ତି ତାକୁ ଶକ୍ତିହୀନ କରି ଦେଇଥିଲା; ଏହା ମୁଁ କରି ନଥିଲି । ଅପରପକ୍ଷରେ ତା’ର ଚେତନାକୁ ମୁଁ ପରିଷ୍କାର କରି ଦେଇଥିଲି ।

୧୮.୨.୫୮

### ୧୯୬୦

ତୁମେ ନିଶ୍ଚିତ ଭାବେ ତୁମେ ତୁମ ଜିଦ୍‌ରେ ଅଟଳ ରହିବା ଉଚିତ । ତୁମେ ଦେଖ, **ପରମେଶ୍ୱର** ମଧ୍ୟ ନିଜ ସଂକଳ୍ପରେ **ଅଟଳ** । ସେ ମଣିଷ ଭିତରୁ ସମସ୍ତ ଅନ୍ଧକାର,

ଅସ୍ପଷ୍ଟତା ଏବଂ ଜଡ଼ତାକୁ ନେଇ ଯାଆନ୍ତି ଏବଂ ସମସ୍ତଙ୍କୁ ପୂର୍ଣ୍ଣତା ପ୍ରଦାନ କରନ୍ତି । ଏହି ପ୍ରକ୍ରିୟା ଏକ ଶେଷହୀନ ଘୂର୍ଣ୍ଣାୟମାନ ପ୍ରକ୍ରିୟା ରୂପେ ଚାଲିଛି । ମଣିଷକୁ ସେ ହଠାତ୍ ପରିବର୍ତ୍ତନ କରନ୍ତି ନାହିଁ । ପ୍ରତ୍ୟେକ ବସ୍ତୁର ତା' ନିଜସ୍ୱ ସମୟ ଅଛି ।

ମଣିଷ ଜୀବନରେ ବିଫଳତା ସର୍ବଦା ଆସେ ଏବଂ ଏହାର ଅର୍ଥ ଏହା ଯେ ଯିଏ ବିଫଳ ହୁଏ ସେ ତା'ର ଲକ୍ଷ୍ୟ ପଥରେ ଗୋଟିଏ ପାଦ ଆଗକୁ ଯାଏ । ଜଣେ ବି ବ୍ୟକ୍ତି ଦୁଃଖ, ଦୁର୍ଦ୍ଦଶା ଓ ବିଫଳତାରୁ ନିସ୍ତାର ପାଇପାରେ ନାହିଁ ।

ଖୁବ୍ ଅଳ୍ପ ଲୋକ ଉଚ୍ଚ ଶିକ୍ଷିତ ଓ ବୁଦ୍ଧିମାନ୍ ପ୍ରତୀୟମାନ ହୁଅନ୍ତି । ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ଓ ସଫଳତା ପାଇଁ ବହୁ ଲୋକଙ୍କ ଦ୍ୱାରା ସେମାନେ ପ୍ରଶଂସିତ ହୁଅନ୍ତି । ମାତ୍ର ଏମାନେ ବୁଦ୍ଧିମାନ୍ ହେବା ସତ୍ତ୍ୱେ (?) ଏହି ଲୋକମାନେ କିଛି ବି ନୁହନ୍ତି, କେବଳ ଅଜ୍ଞାନତାରେ ପରିପୂର୍ଣ୍ଣ ଥାଆନ୍ତି ଏବଂ ପରିଶେଷରେ ସେମାନେ ଉଚ୍ଚତର ଲକ୍ଷ୍ୟ ସାଧନରେ ବିଫଳ ହୁଅନ୍ତି ।

ଜଣେ ବ୍ୟକ୍ତି ବିବାହ କରେ, ତା'ର ସନ୍ତାନସନ୍ତତିମାନେ ଥାଆନ୍ତି ଏବଂ ଅନ୍ୟ ସବୁକିଛି ଥାଏ, ମାତ୍ର ସେ କେବେ ବି ସୁଖୀ ନଥାଏ । ପରିଶେଷରେ ସେ ମୃତ୍ୟୁର ଗହ୍ୱରରେ ପଡ଼େ ଏବଂ ପୁନର୍ବାର ଏହି ପୃଥିବୀକୁ ଫେରିଆସେ – ଏହିପରି ବାରଂବାର ଘଟେ ... ସେ ସତ୍ୟର ସାନ୍ନିଧ୍ୟ ନପାଇବା ପର୍ଯ୍ୟନ୍ତ ।

ଏହି ପୃଥିବୀହିଁ ଏକମାତ୍ର ସ୍ଥାନ ଯେଉଁଠି ମଣିଷ ଅଗ୍ରଗତି କରିପାରିବ ଏବଂ ତା'ର ଅତୀତ ଓ ବର୍ତ୍ତମାନ ଜୀବନର ଦୁର୍ବିଷହତାକୁ ଲାଘବ କରିପାରିବ, ଏବଂ ତା'ପରେ ପ୍ରସ୍ତୁତ ହୋଇ ପାରିବ ପରବର୍ତ୍ତୀ ସମୃଦ୍ଧିଶାଳୀ ଜନ୍ମଲାଭ କରି କିଛି ଉଚ୍ଚତର ଓ ଅଧିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଜୀବନ ଲାଭ ନିମିତ୍ତ । କେବଳ ମାତ୍ର ଏହି ପୃଥିବୀରେ ତୁମକୁ ସୁଯୋଗ ଦିଆ ଯାଇଛି ଶାଶ୍ୱତଙ୍କ ଦିଗରେ ଅଗ୍ରଗତି କରିବା ପାଇଁ । ମୁଁ ବହୁ ଅନ୍ୟାନ୍ୟ ଜଗତ୍ ଦେଖିଛି, ଯେଉଁଗୁଡ଼ିକ ଅସ୍ପଷ୍ଟ, ଆକର୍ଷକ ରହିତ, ବିଷାଦପୂର୍ଣ୍ଣ ଏବଂ ଅନ୍ଧକାରରେ ପରିପୂର୍ଣ୍ଣ, ଯେଉଁଠି ଲୋକମାନେ ବିରକ୍ତିକର ଜୀବନ ବଞ୍ଚନ୍ତି ଏବଂ ସୁଖ ପାଇବା ଆଶାରେ ଦରାଣ୍ଡି ହୁଅନ୍ତି ।

ମୁଁ ଜାଣେ ଏହି ପୃଥିବୀର ପ୍ରାରମ୍ଭ ଏବଂ ତା'ର ପରିସମାପ୍ତି ଶାଶ୍ୱତ ପର୍ଯ୍ୟନ୍ତ । ତୁମର ବିଫଳତା ହେଉଛି ପୂର୍ବଜନ୍ମର, ବର୍ତ୍ତମାନ ଜୀବନର ନୁହେଁ । ବିଫଳତା କିଛି ନୁହେଁ, ସଫଳତା ଦିଗରେ ଆଗକୁ ଯିବାର ଏକ ପାବଚ୍ଛ । ଯତ୍ନର ସହିତ ପ୍ରତ୍ୟେକ ପାବଚ୍ଛକୁ ତୁମକୁ ଖୋଦନ କରିବାକୁ ହେବ ଏବଂ ଦୃଢ଼ଭାବେ ତୁମର ପାଦକୁ ସେଠାରେ ରଖିବାକୁ ପଡ଼ିବ ଓ ଚିରନ୍ତନ ସତ୍ୟ ଆଡ଼କୁ ଅଗ୍ରସର ହେବାକୁ ହେବ । ତେଣୁ ତୁମକୁ ନିଶ୍ଚିତ ରୂପେ ଦୃଢ଼ପ୍ରତିଜ୍ଞ ହେବାକୁ ପଡ଼ିବ ।

ଜଣେ ପୂର୍ଣ୍ଣତାଲାଭ ନକରିବା ପର୍ଯ୍ୟନ୍ତ ସର୍ବୋତ୍ତମ ପରମ ପ୍ରଭୁଙ୍କୁ ଉପଲବ୍ଧି କରିପାରିବ ନାହିଁ – ଏହା ବର୍ଷ ପରେ ବର୍ଷ, ଏପରିକି ଶତାବ୍ଦୀ ପରେ ଶତାବ୍ଦୀ ସମୟ ନେଇଥାଏ । ଯାହାବି ହେଉ, ତୁମେ ପରମ ପ୍ରଭୁଙ୍କ ପରି ଦୃଢ଼ପ୍ରତିଜ୍ଞ ହେବ । ନିଜର ଦୁର୍ବଳତା ସମ୍ମୁଖରେ ଅଧିକରୁ ଅଧିକ ଦୃଢ଼ ହେବ ।

ଏହି ଜୀବନ ଏତେ ସରଳ ଓ ସହଜ ନୁହେଁ – ଏହା ସାଗରର ତରଙ୍ଗ ପରି ।

ଲୋକେ କ'ଣ କହୁଛନ୍ତି ସେ ବିଷୟକୁ ଖାତିର କର ନାହିଁ; କାରଣ ସେମାନେ ଅଜ୍ଞାନୀ – ସେମାନଙ୍କର ନିଷ୍ପତ୍ତି ତୁମକୁ କେଉଁଠାକୁ ବି ନେଇ ପାରିବ ନାହିଁ ।

ପରମ ପ୍ରଭୁଙ୍କର ପ୍ରେମ, ଆଲୋକ ଏବଂ ପ୍ରଶାନ୍ତିର ବିଶାଳ ବ୍ୟାପ୍ତି ମଧ୍ୟରେ ବାସ କର ।

ଏହାହିଁ **ପରମ ପ୍ରଭୁଙ୍କର** ବିଧାନ ।

୨୨.୧୨.୬୦

**୧୯୬୧**

ତୁମ ହୃଦୟର ଅନୁଭବସବୁ ଫୁଲଠାରୁ ଅଧିକତର ଉତ୍ତମ ।

୪.୧.୬୧

ସବୁ ଅସୁବିଧା, ସବୁ ସମସ୍ୟା ପଶ୍ଚାତରେ ଦିବ୍ୟ ପରମଙ୍କ କରୁଣା ରହିଛି । ତୁମେ ଯେତେବେଳେ ପତନମୁଖୀ ଅବସ୍ଥାରେ ଥାଅ ଏବଂ ବାସ୍ତବରେ ପତିତ ହୁଅ, ଦିବ୍ୟ କରୁଣାର ଆବିର୍ଭାବ ଘଟେ ।

୧୬.୩.୬୧

ଏହା **ପ୍ରେମ** ସହିତ ଆରମ୍ଭ ହୁଏ ଏବଂ **ପ୍ରେମ**ରେ ସମାପ୍ତ ହୁଏ, ମାତ୍ର ଏଇ ଦୁଇଟି ମଧ୍ୟରେ ରହିଥାଏ ଭୟଙ୍କର ବିଶୃଙ୍ଖଳା ।

ଏହି ସମସ୍ତ ପରେ, ଗୋଟିଏ ଜିନିଷ ସ୍ଥାୟୀଭାବେ ରହେ ଏବଂ ତାହା ହେଉଛି **ପ୍ରେମ** ...

୧୬.୧୨.୬୧

କିଛି ବର୍ଷ ପୂର୍ବରୁ ଗୋଟିଏ ବଗିଚାରେ ପବିତ୍ର

(P. B. Saint-Hilaire)ଙ୍କ ସହିତ ଯୋଗ ସମ୍ପର୍କରେ ଆଲୋଚନା କରିଥିଲି ।

ପାର୍ଥିବ ଜୀବନରେ ସ୍ୱଚ୍ଛତା ଏବଂ ଏହାର ଇନ୍ଦ୍ରିୟାନୁଭୂତି ଓ ଗତିବୃତ୍ତି ସମ୍ପର୍କରେ ମୁଁ କହୁଥିଲି ।

ଆମେ ଯେତେବେଳେ ଗୋଟିଏ ନିର୍ଦ୍ଦିଷ୍ଟ ରାସ୍ତାରେ ଭ୍ରମଣ କରୁଥିଲୁ, ସେଠାରେ କୌଣସି ଫୁଲର ଚିହ୍ନ ନଥିଲା । ଦୀର୍ଘ ପଥ ଭ୍ରମଣ ପରେ, ଠିକ୍ ସେହି ସ୍ଥାନକୁ ଯେତେବେଳେ ଫେରି ଆସିଲୁ, ସେଠାରେ ଆମେ ଶୁଭ୍ରଫୁଲରେ ପରିପୂର୍ଣ୍ଣ ଏକ ବୁଦାଳିଆ ଗଛ ଦେଖିବାକୁ ପାଇଲୁ – ଯେଉଁଗୁଡ଼ିକ ରାଧାଙ୍କ ଚେତନା ସଦୃଶ । ଏହି ଫୁଲଗୁଡ଼ିକ ବୁଝାଉଥିଲା ସୂକ୍ଷ୍ମରୁଚି – କଳାତ୍ମକତା ଏବଂ ଅନ୍ୟ ଅନେକ କିଛି ।

?. ?. ୧୯୬୧

**୧୯୬୨**

*ମେଡ଼ିଟେସନ୍ ହଲ୍‌ର ଉପର ମହଲାରେ ମା' ମୋତେ ଦେଖିଲେ । ସେ ମୋତେ ଚାହିଁଲେ ଏବଂ ତତ୍‌କ୍ଷଣାତ୍ କିଛି ସମୟ ପାଇଁ ଗଭୀର ଧ୍ୟାନସ୍ଥ ହୋଇଗଲେ । ଧ୍ୟାନରୁ ଜାଗ୍ରତ୍ ହୋଇ ମୋ ହସ୍ତକୁ ନିଜ ନିକଟକୁ ନେଲେ ଏବଂ ଶାନ୍ତଭାବେ କହିଲେ :*

ମୋର ସନ୍ତାନ, ତୁମେ ଦେଖ, ମୁଁ ରହସ୍ୟମୟ ଜଗତଗୁଡ଼ିକ ସମ୍ପର୍କରେ ଉପଲବ୍ଧି କରିଛି, ଏପରିକି ସେହି ଜଗତଗୁଡ଼ିକ ନିକଟକୁ ଯାଇଛି । ମୁଁ ଅତିଭୌତିକ ରହସ୍ୟମୟ ବିଦ୍ୟାସକଳକୁ ଅଳ୍ପ କେତୋଟି ସପ୍ତାହ ମଧ୍ୟରେ ଆୟତ୍ତ କରିଛି ।

ଯେତେବେଳେ ମୁଁ ପଣ୍ଡିଚେରୀ ଆସିଲି, ମୋ ସୂକ୍ଷ୍ମ ଦର୍ଶନରେ ଯାହା ଦେଖିଥିଲି ସେସବୁକୁ ଶ୍ରୀଅରବିନ୍ଦଙ୍କୁ ଜଣାଇ ନଥିଲି । ମୁଁ ଯାହା ଦେଖିଥିଲି ତା'ର ଅବିକଳ ବର୍ଣ୍ଣନା ଶ୍ରୀଅରବିନ୍ଦ ତାଙ୍କ 'ସାବିତ୍ରୀ' ମହାକାବ୍ୟରେ ଉଲ୍ଲେଖ କରିଛନ୍ତି ।

ଜ୍ଞାନ ଲାଭ ପାଇଁ ଦୁଇଟି ରାସ୍ତା ରହିଛି; ଗୁହ୍ୟବିଦ୍ୟାର ଜ୍ଞାନ (occult knowledge) ବରଂ ଆଧ୍ୟାତ୍ମିକ-ଜ୍ଞାନ (spiritual knowledge) ଠାରୁ ସହଜ ।

ମୁଁ ଯେତେବେଳେ ଏଠାକୁ ଆସିଲି, ପ୍ରକୃତ ଆଧ୍ୟାତ୍ମିକ ଜ୍ଞାନ ସମ୍ପର୍କରେ ଅବଗତ ହେଲି । କିନ୍ତୁ, ବାସ୍ତବରେ ଏଗୁଡ଼ିକ ପ୍ରତ୍ୟେକଟି ମୋ ଭିତରେ ଥିଲା, ଯଦିଓ ବାହ୍ୟ ଭାବରେ ନଥିଲା ।

ରୂପାନ୍ତର ଯୋଗ ବହୁତ କଷ୍ଟ – ଏହା ବହୁ ବର୍ଷ ଲାଗିପାରେ । ଜଣେ ଗୁହ୍ୟବିଦ୍ୟା ଆହରଣ କରିବା ପାଇଁ ଗୁରୁ ଏବଂ ପଥ-ପ୍ରଦର୍ଶକ ଆବଶ୍ୟକ କରେ କିନ୍ତୁ ଆଧ୍ୟାତ୍ମିକ ଜ୍ଞାନକୁ ବାସ୍ତବରେ ଯିଏ ଏଥିପାଇଁ ଯୋଗ୍ୟ ବ୍ୟକ୍ତି ତାକୁହିଁ ହସ୍ତାନ୍ତର କରାଯାଇପାରେ ।

ଆମ୍ଭମାନଙ୍କର ବାରଟି ଶରୀର ଅଛି । ଗୋଟିଏ ପରେ ଗୋଟିଏ ଶରୀର ମଧ୍ୟରୁ ବାହାରି ସମସ୍ତ ସୂକ୍ଷ୍ମ ଜଗତକୁ ଯିବା ଏବଂ କ୍ରମେ ସେଗୁଡ଼ିକ ଭିତରକୁ ଫେରି ଆସିବାରେ ମୁଁ ଅଭ୍ୟସ୍ତ ଥିଲି । ପରିଶେଷରେ ମୁଁ ଯେତେବେଳେ ମୋର ଏହି ପାର୍ଥିବ ଶରୀରକୁ ଫେରୁଥିଲି, ପୁଙ୍ଖାନୁପୁଙ୍ଖ ଭାବେ ମୋ ଶରୀର ସମ୍ପର୍କରେ ସଚେତନ ରହୁଥିଲି ।

ଯେତେବେଳେ ମୁଁ ଉଚ୍ଚତର ଜଗତଗୁଡ଼ିକର ସୌନ୍ଦର୍ଯ୍ୟ ଏବଂ ବିସ୍ମୟକର ବିଷୟସବୁ ଦେଖିଲି, ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ସ୍ପନ୍ଦନ ସହିତ ନୀଳ, ସୁନେଲି, ଗୋଲାପି ଏବଂ ଧଳା ଆଦି ରଙ୍ଗର ସଙ୍ଗତି ମାଧ୍ୟମରେ ଚିତ୍ରରେ ପ୍ରକାଶ କରିବାକୁ ଚିନ୍ତା କରିଥିଲି – ଯାହା ଏକ **ନୂଆ ପୃଥିବୀ** ସୃଷ୍ଟି କରି ପାରିବ ।

*୪.୨.୬୨*

ଆକ୍ରମଣସବୁ ବନ୍ଦ କରାଯାଇପାରେ, ମାତ୍ର ପ୍ରତିବନ୍ଧକଗୁଡ଼ିକ ସେଠାରେ ରହିବ । ଭଲ ଜିନିଷସବୁ ଆସନ୍ତି ଏବଂ ତତ୍‌କ୍ଷଣାତ୍ ବନ୍ଦ ହୋଇଯା'ନ୍ତି । ମନ୍ଦ ଜିନିଷଗୁଡ଼ିକ ମଧ୍ୟ ଅବଶ୍ୟ ଦିନେ ବନ୍ଦ ହୋଇଯିବେ ।

*''କେତେବେଳେ ?''*

**ନୀରବତା** *୨୦.୧୨.୬୨*

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

ଯଥାର୍ଥ ସାହସରେ ଧୈର୍ଯ୍ୟହୀନତା ଏବଂ ଅବିବେକିତା ଲାଗି କୌଣସି ସ୍ଥାନ ନଥାଏ ।

– ଶ୍ରୀମା

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୫)

## ପ୍ରପତ୍ତି

ପୃଥିବୀପୃଷ୍ଠରେ ''ଅତିମାନସ''ର ଅବତରଣ, ଅଭିବ୍ୟକ୍ତି ଏବଂ ତାହାର କ୍ରିୟା ବ୍ୟକ୍ତିଗତ ଓ ସାମାଜିକ ଜୀବନ ତଥା ସମଗ୍ର ମନୁଷ୍ୟଜାତି ଉପରେ ତାହାର ପ୍ରଭାବ – ଏସବୁ ବିଷୟ ବର୍ଣ୍ଣନା କରିବା ପୂର୍ବରୁ ଶ୍ରୀଅରବିନ୍ଦଙ୍କ ଦର୍ଶନର ବିବର୍ତ୍ତନବାଦ ସମ୍ବନ୍ଧୀୟ କେତେକ ବିଶେଷ ତଥ୍ୟର ଏଠାରେ ଆଲୋଚନା ଆବଶ୍ୟକ । ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ବିବର୍ତ୍ତନବାଦର ବ୍ୟାଖ୍ୟାନ ଏବଂ ଯୁକ୍ତିଧାରା ପାଶ୍ଚାତ୍ୟ ବିବର୍ତ୍ତନଧାରାର ଯୁକ୍ତି-ବିଚାରଠାରୁ ଅନେକ ସ୍ଥଳରେ ଭିନ୍ନ । ଏପରି କୁହାଯାଇପାରେ ଯେ ଶ୍ରୀଅରବିନ୍ଦଙ୍କ ଦାର୍ଶନିକ ବିଚାରର ଏକ ପ୍ରଧାନ ମୂଳଭିତ୍ତି ହେଲା ବିବର୍ତ୍ତନବାଦ ଏବଂ ମାନବ ଜୀବନର ଚରମ ଓ ଅବଶ୍ୟମ୍ଭାବୀ ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା । ଅଧ୍ୟାତ୍ମ ଜୀବନ ଏକ ଧର୍ମ ଜୀବନ ବା ନୈତିକ ଜୀବନ ନୁହେଁ, ଏହାହିଁ ଶ୍ରୀଅରବିନ୍ଦଙ୍କ ଦର୍ଶନର ଏକ ପ୍ରତିପାଦ୍ୟ ବସ୍ତୁ; ସୁତରାଂ ଅଧ୍ୟାତ୍ମ ଜୀବନ ଏବଂ ଧର୍ମ ଜୀବନ ତଥା ନୈତିକ ଜୀବନ ମଧ୍ୟରେ ତାରତମ୍ୟକୁ ବିଶେଷ ଭାବରେ ଲକ୍ଷ୍ୟ କରିବାକୁ ହେବ । ତୃତୀୟତଃ, ଶ୍ରୀଅରବିନ୍ଦଙ୍କ 'ପ୍ରକୃତି ରୂପାନ୍ତର ଯୋଗ ସାଧନା'ର ପ୍ରଣାଳୀ କିପରି ଏକ ବୈପ୍ଳବିକ ପନ୍ଥା ଅନୁକରଣ କରିଚାଲେ ଏବଂ ତାହାର ଲକ୍ଷ୍ୟ କିପରି ପ୍ରାଚୀନ ଯୋଗର ଲକ୍ଷ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ, ସେ ବିଷୟରେ ମଧ୍ୟ ସମ୍ୟକ୍ ଆଲୋଚନା କରିବାକୁ ହେବ,* ଅର୍ଥାତ୍, ଶ୍ରୀଅରବିନ୍ଦଙ୍କ ବିବର୍ତ୍ତନବାଦ ସମ୍ବନ୍ଧୀୟ କେତେକ ବିଷୟର ଉଲ୍ଲେଖ କରିବା ।

ଏହି କଥା ବାରଂବାର ପ୍ରଶ୍ନ କରାହୁଏ ଯେ ଯଦି ବିବର୍ତ୍ତନର ଧାରାରେ ମନୁଷ୍ୟ ଏହି 'ଅତିମାନସ' ସ୍ତରରେ ପହଞ୍ଚିବା ସୁନିଶ୍ଚିତ ବା ପ୍ରକୃତିର ବିବର୍ତ୍ତନ ଧାରାର ପରବର୍ତ୍ତୀ ପାବଚ୍ଛରେ ଯଦି ଅତିମାନସର ପ୍ରକାଶ ଅବଶ୍ୟମ୍ଭାବୀ, ତେବେ ଏଥିରେ ମନୁଷ୍ୟର ଚେଷ୍ଟା ବା ଉଦ୍ୟମର ଆବଶ୍ୟକତା କ'ଣ ? ପ୍ରକୃତିର ବିବର୍ତ୍ତନ ଓ ଅଭ୍ୟୁତ୍‌ଥାନ ସକାଶେ ମନୁଷ୍ୟର ସାଧନା କରିବାର କ'ଣ ଅଛି ? ପ୍ରକୃତିର ବିବର୍ତ୍ତନ ଧାରାରେ ମନୁଷ୍ୟ କେଉଁଠି ହେଲେ ସହାୟତା କରିଛି କି ? ବରଂ ପ୍ରକୃତି କ୍ଷୁଦ୍ର ମନୁଷ୍ୟର ସମସ୍ତ ଚେଷ୍ଟାକୁ ପଣ୍ଡ କରି ସର୍ବଦା ଆଗେଇ ଚାଲିଛି ଏବଂ ନିଜର ଲକ୍ଷ୍ୟ-ସାଧନ କରିଛି । ସୁତରାଂ ଅତିମାନବରେ ପରିଣତ ହେବା ଯଦି ମନୁଷ୍ୟର ଚରମ ପରିଣାମ ତେବେ ତାହା ତ ଏକ ସ୍ୱତଃ ପ୍ରାକୃତିକ କ୍ରିୟାରେ ସମ୍ପାଦିତ ହେବ, ଏଥିରେ ମନୁଷ୍ୟ-ଚେଷ୍ଟାର ଆବଶ୍ୟକତା କ'ଣ ? ଏକ ମଙ୍ଗଳମୟ ଶୁଭ ପ୍ରଭାତରେ ମନୁଷ୍ୟ ଦେଖିବ ଯେ ସେ ଏହି ସ୍ତରରେ ପହଞ୍ଚି ସାରିଛି ।

କିନ୍ତୁ ଏହି ପ୍ରଶ୍ନର ସମାଧାନ ଏପରି ସହଜ ବ୍ୟାପାର ନୁହେଁ, ପରନ୍ତୁ ଏହାର ତାତ୍ପର୍ଯ୍ୟ ଉପଲବ୍ଧି କରିବାକୁ ମଧ୍ୟ ସମୟ ଲାଗେ । ଏକଥା ସୁନିଶ୍ଚିତ ଯେ ପ୍ରକୃତିର ବିବର୍ତ୍ତନ ଧାରାରେ ଯାହାସବୁ ଏପର୍ଯ୍ୟନ୍ତ ପ୍ରକାଶ ପାଉଛି ତାହା ପ୍ରକୃତିର ସ୍ୱୀୟ ଚେଷ୍ଟା ବଳରେ ପ୍ରକାଶ ପାଇଛି । ବିବର୍ତ୍ତନର ଧାରା ସୃଷ୍ଟିର ସର୍ବନିମ୍ନ ଭୂମି ନିଶ୍ଚେତନାର ଗର୍ଭରୁ ଉତ୍ଥିତ ହୋଇଅଛି ଏବଂ ବିବର୍ତ୍ତନର ପ୍ରଥମ ସ୍ତରରେ ଜଡ଼ ଭୂମିହିଁ ବିଦ୍ୟମାନ । ବିବର୍ତ୍ତନର ଦ୍ୱିତୀୟ ପାବଚ୍ଛରେ ଏହି ଜଡ଼ ମଧ୍ୟରୁ ଏକ ଅସ୍ପଷ୍ଟ ଏବଂ ଅଜ୍ଞାତ ପ୍ରାଣ ସ୍ପନ୍ଦନର ଉତ୍ଥାନ ହୋଇଅଛି । ଏହି କ୍ଷେତ୍ରରେ ଜଡ଼ ବକ୍ଷରେ ଜନ୍ମଲାଭ କଲେ ସବୁଜ ବୃକ୍ଷ ଓ ଗୁଳ୍ମ-ଲତା । ଏହାହିଁ ପ୍ରକୃତିର ଉଦ୍ୟମ ଫଳରେ ସମ୍ପାଦିତ ହୋଇଅଛି । କିଛିକାଳ ପରେ ବିବର୍ତ୍ତନ ଧାରାର ଅନ୍ୟ ଏକ ଉଚ୍ଚତର ପ୍ରାଣ-ଭୂମିରେ ଦେଖାଦେଲେ ପ୍ରବୃତ୍ତି ଓ ଅସ୍ପଷ୍ଟ ମନଯୁକ୍ତ ପ୍ରାଣୀବୃନ୍ଦ । ସହଜାତ ପ୍ରବୃତ୍ତି ଓ ଅସ୍ପଷ୍ଟ ମନ ଧାରଣ କରି ପ୍ରାଣୀବୃନ୍ଦ ବହୁକାଳ ପ୍ରକୃତି କୋଳରେ ରାଜତ୍ୱ କଲେ । କିଛିକାଳ ପରେ ବିବର୍ତ୍ତନର ତୃତୀୟ ପାବଚ୍ଛରେ, ପ୍ରକୃତିର ଅଭିନବ ଉଦ୍ୟମ ଫଳରେ ପ୍ରକାଶ ପାଇଲେ ପ୍ରଜ୍ଞା-ସମ୍ପନ୍ନ, ବୁଦ୍ଧିଯୁକ୍ତ ମନୋମୟ ମନୁଷ୍ୟ । ନିର୍ଜୀବ, ମୂକ, ଜଡ଼ ମଧ୍ୟକୁ ଓହ୍ଲାଇ ଆସିଲା ପ୍ରାଣର ଝଙ୍କାର, ସ୍ପନ୍ଦନ;

* ବର୍ତ୍ତମାନ ଆମ୍ଭେମାନେ ପ୍ରଥମ ସମସ୍ୟାର ଯଥାଯଥ ବିଚାର ପ୍ରତି ଦୃଷ୍ଟି ଦେବା ।

ଜନ୍ମ ହେଲେ ଉଦ୍ଭିଦ ବର୍ଗ ଓ ପ୍ରାଣୀ ବର୍ଗ । ପୁଣି ଏହି ପ୍ରାଣର ପ୍ରବାହ ମଧ୍ୟରେ ଓହ୍ଲାଇ ଆସିଲା ମନୋଭୂମିର ମନୋମୟ ସତ୍ତା ଏବଂ ଜନ୍ମ ହେଲେ ମନୁଷ୍ୟ ବର୍ଗ । ଜଡ଼ରୁ ପ୍ରାଣ ସ୍ତରକୁ ଉତ୍ଥାନ ଏବଂ ଜଡ଼ ମଧ୍ୟରେ ପ୍ରାଣର ଅବତରଣ, ପ୍ରାଣରୁ ମନୋଭୂମିକୁ ଉତ୍ଥାନ ଏବଂ ମନୋଭୂମିରେ ମନର ଅବତରଣ ଏହି ସମସ୍ତ କ୍ରିୟାହିଁ ପ୍ରକୃତିର ଉଦ୍ୟମ ଫଳରେ ସମ୍ପାଦିତ ହୋଇଅଛି । ଆଜି ମନୁଷ୍ୟ ହିଁ ପ୍ରକୃତିର ଚରମ ସୋପାନରେ ଉପନୀତ । ତା' ମନହିଁ ବିବର୍ତ୍ତନ ଧାରାରେ ପ୍ରକାଶ ପାଇଥିବା ଚରମ ବସ୍ତୁ । ସୁତରାଂ ପ୍ରକୃତିର ପରବର୍ତ୍ତୀ ପାବଚ୍ଛରେ ଯାହା ପ୍ରକାଶ ପାଇବ, ତାହା ପ୍ରକୃତିର ସ୍ୱୀୟ ଚେଷ୍ଟା ବଳରେ ସମ୍ପାଦିତ ହେବା ସୁନିଶ୍ଚିତ । କିନ୍ତୁ ପ୍ରକୃତରେ ଏହା ସତ୍ୟ ନୁହେଁ । ଏହାର କାରଣ କ'ଣ ?

ପ୍ରକୃତିର ବିବର୍ତ୍ତନରେ ମନୁଷ୍ୟର ପ୍ରକାଶ ସଙ୍ଗେ ସଙ୍ଗେ ଏକ ଅଦ୍ଭୁତ ପରିବର୍ତ୍ତନ ସାଧିତ ହେଲା । ଏହାହିଁ ହେଲା ଯେ ବିବର୍ତ୍ତନର ଅଚେତନ ଗତିଧାରା ଚରମାବସ୍ଥାରେ 'ସଚେତନ' ଓ 'ପ୍ରଜ୍ଞାଯୁକ୍ତ' ହେଲା । ପ୍ରକୃତିର ବିବର୍ତ୍ତନଧାରା ଅନନ୍ତ କାଳରୁ ଅନ୍ଧ ଓ ଅଚେତନ ଭାବେ ପ୍ରବାହିତ ହୋଇ ଆସିଥିଲା – ସେଥିରେ ନା ଥିଲା ସଚେତନ ବିଚାର, ନା ଜାଗ୍ରତ୍ ସଙ୍କଳ୍ପ, ଅର୍ଥାତ୍ ପ୍ରକୃତିର ବିବର୍ତ୍ତନଧାରା ମନୁଷ୍ୟ ସୃଷ୍ଟି ପର୍ଯ୍ୟନ୍ତ ଚିରଦିନହିଁ ଅଚେତନ ଥିଲା । ବର୍ତ୍ତମାନ ସେହି ପ୍ରକୃତିର ଏକ ସ୍ତରରେ ସଚେତନ ଗତିଧାରା ଶେଷରେ ସଚେତନ ହୋଇଅଛି; ତାହା ଆଉ ସୁପ୍ତ ନୁହେଁ, ବରଂ ଜାଗ୍ରତ୍ ଏବଂ ସଙ୍କଳ୍ପବାନ୍ । ସୁତରାଂ ପ୍ରକୃତି ଆଜି ଆଉ ଅଚେତନ ନୁହେଁ, ମନୁଷ୍ୟ ଭିତର ଦେଇ ସେ ସଚେତନ, ବୁଦ୍ଧିଯୁକ୍ତ, ପ୍ରଜ୍ଞାବାନ୍ ଓ ବିଚାରବନ୍ତ । ପରବର୍ତ୍ତୀ କାଳରେ ଯଦି ବିବର୍ତ୍ତନଧାରା ଆଗେଇ ଯିବ ତାହା ଏହି ସଚେତନ, ପ୍ରଜ୍ଞାଯୁକ୍ତ ମନୁଷ୍ୟ ପ୍ରକୃତି ମଧ୍ୟଦେଇ ବିଚାର ବଳରେ ଉପରକୁ ଉଠିଯିବ । ଅର୍ଥାତ୍, ପ୍ରକୃତିର ବିବର୍ତ୍ତନ-ଧାରାରେ ଆଗୁସାର ହେବାର ଅର୍ଥହିଁ ମନୁଷ୍ୟ ପ୍ରକୃତିର ଆଗୁସାର ହେବା ଏବଂ ଏହା ମନୁଷ୍ୟର ଚେଷ୍ଟା, ଉଦ୍ୟମ, ସଜ୍ଞାନ ସଙ୍କଳ୍ପ ଓ ତୀବ୍ର ଆକାଙ୍କ୍ଷା ଦ୍ୱାରା ସମ୍ପାଦିତ ହେବ । ବିବର୍ତ୍ତନ ହେବ ପ୍ରକୃତିର ଚରମ ସୋପାନ ପରଠାରୁ । ଆଜି ବିବର୍ତ୍ତନର ଚରମ ସୋପାନରେ ମନୁଷ୍ୟହିଁ ଅଛି, ସୁତରାଂ ପରବର୍ତ୍ତୀ ବିବର୍ତ୍ତନରେ ମନୁଷ୍ୟକୁହିଁ ସହଯୋଗ କରିବାକୁ ହେବ ।

ଅନ୍ୟ କଥାରେ କହିବାକୁ ଗଲେ ମନୁଷ୍ୟର ପ୍ରକାଶ ସଙ୍ଗେ ସଙ୍ଗେ ବିବର୍ତ୍ତନର ଗତିଧାରା ସୁନିୟନ୍ତ୍ରିତ ଏବଂ ସ୍ୱ-ନିୟନ୍ତ୍ରିତ ହୋଇ ଉଠିଛି । ଏଥିପୂର୍ବରୁ ପ୍ରକୃତିର ବିବର୍ତ୍ତନ ଯେପରି ଅନ୍ଧ ଓ ଅଚେତନ ଧାରାରେ ଚାଲୁଥିଲା, ତାହା ବର୍ତ୍ତମାନ ଆଉ ମନୁଷ୍ୟ ସ୍ତରରେ ସମ୍ଭବପର ନୁହେଁ । ଶ୍ରୀଅରବିନ୍ଦ ତାଙ୍କର 'ଦିବ୍ୟ ଜୀବନ' ଗ୍ରନ୍ଥର ଦ୍ୱିତୀୟ ଖଣ୍ଡର ଦ୍ୱିତୀୟ ଭାଗରେ, ''ମନୁଷ୍ୟ ଓ ବିବର୍ତ୍ତନ'' ନାମକ ଅଧ୍ୟାୟରେ ଏ ବିଷୟରେ ସବିଶେଷ ଆଲୋଚନା କରି ଅଛନ୍ତି । ସେ ଗୋଟିଏ ସ୍ଥାନରେ କହିଛନ୍ତି,

''ଏହା କହିବା ଆବଶ୍ୟକ ଯେ ପୃଥିବୀ ଉପରେ ମାନବିକ ମନ ଓ ଶରୀର ଦେଖା ଦେବା ଫଳରେ ଗୋଟାଏ ସନ୍ଧିକ୍ଷଣ ଆସିଗଲା, ବିବର୍ତ୍ତନର ଗତିଧାରାରେ ଏକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ଦେଖାଦେଲା; ଏହି ଗତିଧାରା ଆଉ ପୁରାତନ ଗତିଧାରାର ଗୋଟିଏ ପ୍ରବାହ ହୋଇ ରହିଲା ନାହିଁ । ବର୍ତ୍ତମାନ ପର୍ଯ୍ୟନ୍ତ ଜଡ଼ ମଧ୍ୟରେ ଉନ୍ନତଶୀଳ ପ୍ରଜ୍ଞାବାନ୍ ମନର ଅବତରଣ ପର୍ଯ୍ୟନ୍ତ ବିବର୍ତ୍ତନର ଧାରା ଚାଲିଥିଲା ମନୁଷ୍ୟର ସଚେତନ ଅଭୀପ୍ସା, ଅକାଙ୍କ୍ଷା ବା ସଙ୍କଳ୍ପ ଅଥବା ଅନୁସନ୍ଧାନ ଦ୍ୱାରା ନୁହେଁ, ବରଂ ଅଚେତନ ବା ଅଧିଚେତନ ଭାବେ – ପ୍ରକୃତିର ସ୍ୱେଚ୍ଛାପ୍ରଣୋଦିତ କ୍ରିୟା ଦ୍ୱାରା । ଏହାର କାରଣ ଏହି ଯେ ବିବର୍ତ୍ତନ ଚାଲି ଆସିଥିଲା ନିଶ୍ଚେତନା (Inconscience) ଠାରୁ ଏବଂ ତନ୍ମଧ୍ୟସ୍ଥ ଗୁହ୍ୟ ଭାଗବତ ଚେତନା ନିଜକୁ ପର୍ଯ୍ୟାପ୍ତ ରୂପେ ପ୍ରକାଶ କରିପାରି ନଥିଲା, ଯେଉଁଥିରେ ତାହା ପ୍ରାଣୀ ବା ଜୀବର ସଜ୍ଞାନ ସହଯୋଗକାରୀ ବ୍ୟକ୍ତିଗତ ସଙ୍କଳ୍ପ ମଧ୍ୟଦେଇ ନିଜକୁ ପ୍ରକାଶ କରିପାରେ । କିନ୍ତୁ ମନୁଷ୍ୟ ମଧ୍ୟରେ ଆବଶ୍ୟକୀୟ ପରିବର୍ତ୍ତନ ହୋଇଅଛି । ସେ ଜାଗ୍ରତ୍ ଓ ସଚେତନ ହୋଇଅଛି; ସେ ମନ ଭୂମିରେ ଆଜି ସେହି ସଙ୍କଳ୍ପ ଶକ୍ତିକୁ ପ୍ରାପ୍ତ କରିଅଛି ଯାହା ଦ୍ୱାରା ଜ୍ଞାନର ଅଭିବୃଦ୍ଧି, ଆନ୍ତର ସତ୍ତାର ଗଭୀରରେ ପ୍ରବେଶ, ବାହ୍ୟ ସତ୍ତାର ସମ୍ପ୍ରସାରଣ ଏବଂ ନିଜ ପ୍ରାକୃତିକ ବୃତ୍ତିଚୟର ସମୃଦ୍ଧି ସାଧନ କରିପାରେ ।

''ମନୁଷ୍ୟ ଜାଣେ ଯେ ତାହାଠାରୁ ଆଉ ଗୋଟିଏ ଉଚ୍ଚତର ଚେତନା ରହିଅଛି, ତାହାର ମନ ଓ ପ୍ରାଣର ବିଭିନ୍ନ ଭାଗରେ ଏକ ଦୁର୍ବାର ବିବର୍ତ୍ତନଗତ ପ୍ରେରଣା ରହିଅଛି, ନିଜକୁ ଅତିକ୍ରମ କରିବାକୁ ତାହାର ଏକ ସୁସ୍ପଷ୍ଟ ଏବଂ ବ୍ୟକ୍ତ ଅଭୀପ୍ସା ଅଛି, ନିଜର ଆତ୍ମା ସମ୍ବନ୍ଧେ ସେ ସଚେତନ ହୋଇଅଛି, ନିଜ ମଧ୍ୟସ୍ଥ ଆତ୍ମପୁରୁଷ ବା ଚୈତ୍ୟପୁରୁଷଙ୍କୁ ସେ ଆବିଷ୍କାର କରିଅଛି । ସୁତରାଂ ତାହା ମଧ୍ୟରେ ଅଚେତନ ବିବର୍ତ୍ତନ ସ୍ଥାନରେ ଗୋଟାଏ ସଚେତନ ଏବଂ କାର୍ଯ୍ୟକାରୀ ବିବର୍ତ୍ତନର କଥା ଧାରଣା କରାଯାଇପାରେ ଏବଂ ଏପରି ସିଦ୍ଧାନ୍ତ

କରାଯାଇପାରେ ଯେ ତାହା ମଧ୍ୟରେ ଥିବା ଅଭୀପ୍ସା, ଉଦ୍ଦୀପନା ଏବଂ ଅବିରାମ ଚେଷ୍ଟା ପ୍ରକୃତିର ଗୋଟାଏ ଉଚ୍ଚତର ପରିଣାମ ଏବଂ ଗୋଟାଏ ବୃହତ୍ତର ସ୍ଥିତିର ଉଦ୍ଭବ ହେବାର ସୂଚନା ମାତ୍ର । ଅତଏବ ମନୁଷ୍ୟର ଉଦ୍ୟମ ଓ ସହଯୋଗ ବ୍ୟତିରେକେ ପ୍ରକୃତିର ବିବର୍ତ୍ତନଧାରା ବର୍ତ୍ତମାନ ଆଗେଇ ଯାଇ ପାରିବ ନାହିଁ । ମନୁଷ୍ୟ ଇତର ଜୀବଜନ୍ତୁ ତୁଲ୍ୟ ଅଚେତନ – ପ୍ରବୃତ୍ତିଯୁକ୍ତ ପ୍ରାଣୀ ହୋଇଥିଲେ ପ୍ରକୃତି ଏହା ମନୁଷ୍ୟ ନିମିତ୍ତ କରିପାରନ୍ତା; ଯେହେତୁ ମନୁଷ୍ୟ ସଚେତନ ଏବଂ ତାହାର ବାଛିବାର ଶକ୍ତି ଅଛି, ସେହି ହେତୁ ପ୍ରକୃତି ମନୁଷ୍ୟକୁ କୌଣସି ଅଚେତନ ପନ୍ଥାରେ ଅନ୍ଧ ଭାବରେ ମଡ଼ାଇ ନେବ ନାହିଁ, ଯହିଁରେ ମନୁଷ୍ୟର ସମ୍ମତି ନାହିଁ, ଉତ୍ସାହ ନାହିଁ ବା ଅଭୀପ୍ସା ନାହିଁ । ମନୁଷ୍ୟ ସମ୍ମତିରେ ଓ ତାହାର ସହଯୋଗରେ ଆଗାମୀ ବିବର୍ତ୍ତନଧାରା ମୁକ୍ତ ହେବ ଏବଂ ପ୍ରକୃତିର ଅବଶ୍ୟମ୍ଭାବୀ ପରିଣାମରେ ମନୁଷ୍ୟ ଉପନୀତ ହେବ । ଏପରିକି ପ୍ରକୃତିର ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ, ଯେଉଁଠି ବିବର୍ତ୍ତନ ହେଉଅଛି, ବିଶେଷତଃ ପ୍ରାଣୀ ଓ ଉଦ୍ଭିଦ ଜଗତରେ, ସେଠାରେ ବି ମନୁଷ୍ୟର ଉଦ୍ୟମ ଲୋଡ଼ା ହେଉଛି । ବିଜ୍ଞାନର ଉନ୍ନତି ଫଳରେ କୃତ୍ରିମ ଉପାୟରେ ମନୁଷ୍ୟ ବହୁବିଧ ନୂତନ ପ୍ରକାରର ଉଦ୍ଭିଦ ସୃଷ୍ଟି କରିବାକୁ ଉଦ୍ୟମ କରୁଛି । ପ୍ରକୃତିର ପରିବର୍ତ୍ତନର ବହୁ କ୍ଷେତ୍ରରେ ଆଜି ମନୁଷ୍ୟ ହସ୍ତକ୍ଷେପ କରି ବହୁ ଆଶାଜନକ ଫଳ ପ୍ରାପ୍ତ କରିଅଛି । ଏଠାରେ ମନୁଷ୍ୟର ଚେଷ୍ଟାକୁ ଯଦି ପ୍ରକୃତିର ଉଦ୍ୟମ ବୋଲି ଧରାଯାଏ – ଧରା ଯିବାର କଥା ମଧ୍ୟ – ତେବେ ପ୍ରକୃତିର ସଚେତନ ଉଦ୍ୟମ ବଳରେ ଏହିସବୁ ପରିବର୍ତ୍ତନ ସମ୍ଭବ ହେଉଛି । ପ୍ରାଣୀ ଜଗତରେ, ଉଦ୍ଭିଦ ଜଗତରେ ଯଦି ବିବର୍ତ୍ତନର ପଥ ଉନ୍ମୁକ୍ତ କରିବା ସକାଶେ ମନୁଷ୍ୟର ଉଦ୍ୟମ, ଚେଷ୍ଟା ଓ ସହଯୋଗ ଆବଶ୍ୟକ, ତେବେ ତାହାର ନିଜର ବିବର୍ତ୍ତନ ତାହା ନିଜ ସହଯୋଗ ବ୍ୟତୀତ ସମ୍ଭବ ହେବ କିପରି ? ମନୁଷ୍ୟକୁ ବିବର୍ତ୍ତନର ପରବର୍ତ୍ତୀ ପାବଚ୍ଛରେ ଉପନୀତ ହେବାକୁ ହେଲେ ଆବଶ୍ୟକ ଗଭୀର ଚେଷ୍ଟା ଓ ସାଧନା ।

''ଏଠାରେ ଅନ୍ୟ ଏକ କଥାର ଆଲୋଚନା କରିବା । କୁହାଯାଏ, ଜଡ଼ରୁ ପ୍ରାଣର ଉଦ୍ଭବ ବା ବିକାଶ ହେଲା, ଏହାର ଅର୍ଥ କ'ଣ ? ଏହାର ଅର୍ଥ ଏହି ଯେ ଜଡ଼ ମଧ୍ୟରେ ପ୍ରାଣ ଶକ୍ତି ସୁପ୍ତ ବା ଲୁକ୍କାୟିତ ଭାବରେ ଥିଲା । ପ୍ରାଣ ଭୂମିରୁ ପ୍ରାଣ ଶକ୍ତି ଅବତରଣ କରି ଜଡ଼ ମଧ୍ୟସ୍ଥ ସୁପ୍ତ ପ୍ରାଣ ଶକ୍ତିକୁ ମୁକ୍ତ କରିଦେବା ଫଳରେ ବିବର୍ତ୍ତନଧାରାରେ ଉଦ୍ଭିଦ ଓ ପ୍ରାଣୀଜଗତ ସୃଷ୍ଟି ହେଲା । ବସ୍ତୁ ମଧ୍ୟରେ ଯାହା ବିବର୍ତ୍ତିତ ଗୁଣ ରୂପେ ପ୍ରକାଶ ପାଏ ତାହା ଅବ୍ୟକ୍ତ ସତ୍ତା ରୂପେ ବସ୍ତୁ କେନ୍ଦ୍ରରେ ନିହିତ ଥାଏ । ସେଥିପାଇଁ ବିବର୍ତ୍ତନର ଅନ୍ୟ ପାଖଟି ହେଲା ନିବର୍ତ୍ତନ । ଏହି ପୃଥିବୀରେ ବିବର୍ତ୍ତନଧାରାରେ ଯାହାସବୁ ପ୍ରକାଶ ପାଇଛି ତାହା ନିବର୍ତ୍ତିତ ଭାବେ, ସୁପ୍ତଭାବେ ପୃଥିବୀରେ ବିଭିନ୍ନ ସ୍ତରରେ ନିହିତ ଥିଲା । ଜଡ଼ ମଧ୍ୟରୁ ଯଦି ପ୍ରାଣ ପ୍ରକାଶ ପାଇଲା, ତା'ହେଲେ ପ୍ରାଣ ନିବର୍ତ୍ତିତ ହୋଇ ତାହା ମଧ୍ୟରେ ଥିଲା । ପ୍ରାଣ ମଧ୍ୟରୁ ଯଦି ମନ ପ୍ରକାଶ ହେଲା, ତାହାହେଲେ ପ୍ରାଣ ମଧ୍ୟରେ ମନ ନିବର୍ତ୍ତିତ ହୋଇଥିଲା ଏବଂ ପୁନଶ୍ଚ ଯଦି ମନୋଭୂମିରୁ ମନୁଷ୍ୟକୁ ଅତିମାନସ ଭୂମିରେ, ସେହି ଶାଶ୍ୱତ ଏବଂ ବିଜ୍ଞାନମୟ ଦିବ୍ୟ ଭୂମିରେ ଉଠିଯିବାକୁ ହେବ, ତେବେ ମନୁଷ୍ୟ ମଧ୍ୟରେ ସେହି ଶାଶ୍ୱତ ଏବଂ ଦିବ୍ୟ-ବିଜ୍ଞାନ ଭୂମିର ଅଗ୍ନିକଣା ନିଶ୍ଚୟହିଁ ନିହିତ ଥିବ ଏବଂ ମନୁଷ୍ୟ ମଧ୍ୟସ୍ଥ ଏହି ଶାଶ୍ୱତ ସତ୍ତାର ବିକାଶ ଏବଂ ଊର୍ଦ୍ଧ୍ୱ ଭୂମିରୁ ଅତିମାନସ ଶକ୍ତିର ଅବତରଣ ଫଳରେ ପ୍ରକୃତିର ପରବର୍ତ୍ତୀ ପାବଚ୍ଛରେ ଅତିମାନବର ବା ଦିବ୍ୟ-ମାନବର ସୃଷ୍ଟି ହେବ । ମନୁଷ୍ୟର ମନ-ପ୍ରାଣ-ଦେହର ବହୁ ଅନ୍ତରାଳରେ, ହୃଦୟର ନିଭୃତ କନ୍ଦରରେ ଯେଉଁ ରହସ୍ୟମୟ ଶାଶ୍ୱତ, ଅବିନାଶୀ ସତ୍ତାଟି ରହିଅଛି ତାହାହିଁ ବିବର୍ତ୍ତନର ପରବର୍ତ୍ତୀ ପାବଚ୍ଛରେ ଆତ୍ମ-ପ୍ରକାଶ କରି ମନୁଷ୍ୟକୁ ଅତିମାନସ ରୂପାନ୍ତର ଆଡ଼କୁ ନେଇଯିବ । ମନୁଷ୍ୟ ମଧ୍ୟସ୍ଥ ଏହି ଶାଶ୍ୱତ ସତ୍ତା, ଚୈତ୍ୟପୁରୁଷ (Psychic Being) ଯୁଗେ ଯୁଗେ ମନୁଷ୍ୟର ବିବର୍ତ୍ତନର ସାଥୀ ଏବଂ ଏହାକୁ ମନୁଷ୍ୟ ମଧ୍ୟସ୍ଥ ଭଗବାନଙ୍କର ସନାତନ ଅଂଶ (Eternal Portion of The Divine) କୁହାଯାଏ । ଉପନିଷଦ୍‌ରେ କୁହାଯାଇଛି, ''ଅଙ୍ଗୁଷ୍ଠ ମାତ୍ର ପୁରୁଷୋଽନ୍ତରାତ୍ମା'' – ଅର୍ଥାତ୍, ସେହି ପୁରୁଷ-ଅନ୍ତରାତ୍ମା ମନୁଷ୍ୟର ବୁଢ଼ା ଆଙ୍ଗୁଠି ଠାରୁ ବଡ଼ ନୁହେଁ । ପୁଣି ଏହି ସତ୍ତାଟି ଚିରନ୍ତନ ଭଗବଦ୍‌ମୁଖୀ ଏବଂ ଆତ୍ମମାନଙ୍କ ମଧ୍ୟରେ ଅତିମାନସର ଯଥାର୍ଥ ପ୍ରତିଭୂ । ଏହା ମନୁଷ୍ୟ ମଧ୍ୟରେ ବର୍ତ୍ତମାନ ନିବର୍ତ୍ତିତ ରୂପେ ରହି ଅଛନ୍ତି, ମନୁଷ୍ୟ ଏହାର ସାନ୍ନିଧ୍ୟ ଲାଭ କଲେ ଯଥାର୍ଥରେ ସେ ଭଗବତ୍ ଅଭିମୁଖୀ ହୁଏ ଏବଂ ତାହାର ସତ୍ତାନ୍ତର ଆରମ୍ଭ ହୁଏ । ଅତିମାନସ ରୂପାନ୍ତର ପଥରେ ଅଥବା ଦିବ୍ୟମାନବର ଉତ୍ଥାନ ପଥରେ ଚୈତ୍ୟ ରୂପାନ୍ତରହିଁ ପ୍ରଥମ ପାବଚ୍ଛ । ଏଥିରୁ ସ୍ପଷ୍ଟ ହେବ ଯେ ମନୁଷ୍ୟକୁ ବିବର୍ତ୍ତନ ପଥରେ ଆଗେଇ ଯିବାକୁ ହେଲେ ପ୍ରଥମେ ତାକୁ ନିଜ ମଧ୍ୟରେ ପ୍ରବେଶ କରିବାକୁ ଏବଂ ସେହି ଶାଶ୍ୱତ ଭାଗବତ ସତ୍ୟକୁ, ନିଜର

ଚୈତ୍ୟସତ୍ତାକୁ ଆବିଷ୍କାର କରିବାକୁ ହେବ । ପ୍ରକୃତିର ଚିର ମନ୍ଥର ଗତିରେ ଏହି ପ୍ରଚ୍ଛନ୍ନ ସତ୍ୟକୁ ଆବିଷ୍କାର କରିବା ସକାଶେ ମନୁଷ୍ୟର ଚେଷ୍ଟା ଏଠାରେ କେତେ ପରିମାଣରେ ଲୋଡ଼ା ତାହା କହିବା ଅନାବଶ୍ୟକ । ଏଥିପାଇଁ ବାସ୍ତବରେ ଲୋଡ଼ା ଅଧ୍ୟାତ୍ମ ସାଧନା ଯାହାଫଳରେ ମନୁଷ୍ୟର ସକଳ ସ୍ତରରେ ଏକ ଅଭିନବ ବିପ୍ଳବ ସୃଷ୍ଟି ହେବ; ଯାହା ଫଳରେ ଜନ୍ମଲାଭ କରିବ ଏକ ନୂତନ ଚେତନା, ସତ୍ୟ, ଜ୍ଞାନ, ଆନନ୍ଦ ଓ ପ୍ରେମର ଦିବ୍ୟ ଚେତନା ।''

ଶ୍ରୀଅରବିନ୍ଦ ବିବର୍ତ୍ତନର ଏହି ଚରମ ସତ୍ୟକୁ ଲକ୍ଷ୍ୟ କରି କହୁଛନ୍ତି ଯେ ମନୁଷ୍ୟ ବର୍ତ୍ତମାନ ଯୁଗରେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଅଛି ତାହାହିଁ ଏକ ବିବର୍ତ୍ତନଗତ ସମସ୍ୟା । 'ଦିବ୍ୟ ଜୀବନ' ଗ୍ରନ୍ଥର ଶେଷ ଅଧ୍ୟାୟରେ ସେ କହୁ ଅଛନ୍ତି, ''ବର୍ତ୍ତମାନ ମାନବଜାତି ଏକ ବିବର୍ତ୍ତନଗତ ସଙ୍କଟ (Crisis) ମଧ୍ୟଦେଇ ଗତି କରୁଅଛି ଏବଂ ଏହି ଅବସ୍ଥା ମଧ୍ୟରେହିଁ ତାହାର ଭାଗ୍ୟ ନିର୍ଦ୍ଧାରଣ କଥା ଲୁକ୍କାୟିତ ହୋଇ ରହିଅଛି । ଏପରି ଏକ ଅବସ୍ଥା ଆସି ପହଞ୍ଚିଅଛି ଯେଉଁଠି ମନୁଷ୍ୟର ମନ କେତେକ ଦିଗରେ ବହୁ ଉନ୍ନତ ସ୍ତରରେ ପହଞ୍ଚିଅଛି ଏବଂ ଅନ୍ୟ ଦିଗରେ ଏହାର ଗତି ଖର୍ବ ହୋଇଅଛି ଅଥବା ସେ ବୋକା ହୋଇ ରହିଯାଇଛି ଏବଂ ତା'ପରେ ତାହାର ପଥ ଆବିଷ୍କାର କରି ପାରୁ ନାହିଁ ।''

ମନୁଷ୍ୟ ସମାଜ ଆଜି ଏଇ ବିବର୍ତ୍ତନଗତ ସଙ୍କଟ ମଧ୍ୟଦେଇ ଯାଉଅଛି ଏବଂ ତାହାର ଭବିଷ୍ୟତ୍ ଭାଗ୍ୟ ନିର୍ଭର କରୁଛି ଏହି ବିବର୍ତ୍ତନର ପରିପୂର୍ଣ୍ଣ ସଫଳତା ଉପରେ । ମନୁଷ୍ୟ ଯଦି ତାହାର ସ୍ୱୀୟ ଉଚ୍ଚତର ଅଭୀପ୍ସା, ଆକାଙ୍କ୍ଷା ଏବଂ ସର୍ବୋପରି ଏକ ଆଧ୍ୟାତ୍ମିକ ସାଧନା ବଳରେ ବିବର୍ତ୍ତନର ଏହି ଊର୍ଦ୍ଧ୍ୱଗାମୀ ପଥକୁ ଧରି ନପାରେ, ତେବେ ତାକୁ ବହୁ ବିପଦ, ଝଡ଼ ଓ ଝଞ୍ଜା ମଧ୍ୟ ଦେଇ ଗତି କରିବାକୁ ହେବ । ଆଜି ପୃଥିବୀ ଉପରେ ଯେଉଁ ଦୁର୍ଦ୍ଦିନର କଳାମେଘ ଛାୟା ଝୁଲୁଅଛି, ତାହାକୁ ଦୂର କରିବାର ଏକମାତ୍ର ଉପାୟ ହେଲା ଅଧ୍ୟାତ୍ମ-ସାଧନା ପଥରେ ସମଗ୍ର ମାନବ ସମାଜକୁ ଆଗେଇ ନେବା । ଶ୍ରୀଅରବିନ୍ଦ କହୁ ଅଛନ୍ତି, "A total spiritual direction given to the whole life can alone lift humanity beyond itself." ଅର୍ଥାତ୍, ''ସମଗ୍ର ମାନବ ସମାଜକୁ ଊର୍ଦ୍ଧ୍ୱକୁ ଉଠାଇ ନେବାକୁ ହେଲେ ସମଗ୍ର ଜୀବନକୁ ଏକ ପୂର୍ଣ୍ଣ ଅଧ୍ୟାତ୍ମ ଗତି ଧାରାରେ ଫେରାଇବାକୁ ହେବ ।'' ଏହି ସମସ୍ୟା ଏପରି ଗଭୀର, ଏପରି ଗୁରୁତର ଯେ ମନୁଷ୍ୟ ସମାଜ ତଥା ବ୍ୟକ୍ତିର ସବୁ ସମସ୍ୟାର ସମାଧାନର ଚାବିକାଠି ହେଲା ଅଧ୍ୟାତ୍ମ ସାଧନା ଏବଂ ମନୁଷ୍ୟ ପ୍ରକୃତିର ରୂପାନ୍ତର । ଆଧୁନିକ ଯୁଗ ଓ ତାହାର ବିଭିନ୍ନ ବହୁମୁଖୀ ସମସ୍ୟାର ସମାଧାନ ବାଟ ଆର୍ଥନୀତିକ, ରାଷ୍ଟ୍ରନୈତିକ, ନୈତିକତା ପଥରେ ନାହିଁ, ବରଂ ତାହା ହେବ ତାହାର ନିଜର ପ୍ରକୃତି ଚେତନାର ରୂପାନ୍ତର । ଶ୍ରୀଅରବିନ୍ଦ କହୁ ଅଛନ୍ତି, "... to hope for a true change of human life without a change of human nature is an irrational and unspiritual proposition; it is to ask for something unnatural and unreal, an impossible miracle."

(CWSA, Vol. 21 & 22, p. 1096)

ଅର୍ଥାତ୍, ''ମନୁଷ୍ୟ ପ୍ରକୃତିର ପରିବର୍ତ୍ତନ ନକରି ମନୁଷ୍ୟ ଜୀବନର ପରିବର୍ତ୍ତନ କରିବାକୁ ଚାହିଁବା ଏକେବାରେ ଅଯୌକ୍ତିକ ଏବଂ ଅଣ-ଆଧ୍ୟାତ୍ମିକ କଥା; ଏହା କେବଳ ଗୋଟାଏ ଅବାସ୍ତବ, ଅସତ୍ୟ ଏବଂ ଅସମ୍ଭବ କଥାକୁ ଦାବୀ କରିବା ମାତ୍ର ।'' ପୁନଶ୍ଚ ଏହି ଯେଉଁ ପରିବର୍ତ୍ତନ ଓ ସତ୍ତାନ୍ତର ନିମିତ୍ତ ଆମ୍ଭମାନଙ୍କୁ ଚେଷ୍ଟା କରିବାକୁ ହେବ, ତାହାହିଁ ପ୍ରକୃତିର ଅଭ୍ୟୁତ୍ଥାନ ପଥରେ ଆମର ଅବ୍ୟର୍ଥ ଗତି, ଅବଶ୍ୟମ୍ଭାବୀ ପରିଣାମ । ଏହି ପରିବର୍ତ୍ତନ ଗୋଟାଏ ବିଜାତୀୟ ପରିବର୍ତ୍ତନ ନୁହେଁ, ମନୁଷ୍ୟର ଯଥାର୍ଥ ସ୍ୱଧର୍ମ – ଭାଗବତ ଧର୍ମର ପ୍ରକାଶ ମାତ୍ର । ଏହା ଯଦି ମନୁଷ୍ୟ ଦେଖି, ଦେଖିପାରେ ନାହିଁ, ଜାଣି, ଜାଣିପାରେ ନାହିଁ, ତେବେ ତାହାର ପ୍ରକୃତି ଧ୍ୱଂସର ପଥରେ ଯାଇ ପରାଜୟ ନିଶ୍ଚେଷ୍ଟତା ପଥରେ ବୁଡି ଯାଇପାରେ ।

ତଥାପି ଏହି ସତ୍ୟ ଏକାବେଳକେ ସମସ୍ତେ ଅନୁଭବ କରିବେ ନାହିଁ । ପ୍ରଥମତଃ, ଏହି ସତ୍ୟ କେତେକ ବ୍ୟକ୍ତି ଉପଲବ୍ଧି କରିବେ ଏବଂ ସ୍ୱୀୟ ଜୀବନର ଗତିଧାରାକୁ ଅଧ୍ୟାତ୍ମ ପଥରେ ଘୂରେଇ ନେଇ ସମସ୍ତ ମାନବିକ ପ୍ରକୃତିର ରୂପାନ୍ତର ସକାଶେ ନିଜକୁ ଭଗବାନଙ୍କ ହସ୍ତରେ ଅର୍ପଣ କରିବେ । ଏହା ଏକ ଚରମ ଏବଂ ଚୂଡ଼ାନ୍ତ ଅଧ୍ୟାତ୍ମ-ସାଧନାର ପଥ । ଏଥିପାଇଁ ସମଗ୍ର ଜୀବନକୁ ପୂର୍ଣ୍ଣ ରୂପେ ଉତ୍ସର୍ଗ କରିବାକୁ ହୁଏ, କାରଣ ଏଥିରେ ହେବ ମନୁଷ୍ୟର ନବଜନ୍ମ ।

(କ୍ରମଶଃ)

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ, ପୃ. ୩୬୮ - ୩୭୩)

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୦୮)

## ମହେନ୍ଦ୍ରନାଥ ସ୍ୱାଇଁ

**ସର୍ବଦର୍ଶୀ :**

ଆମେ ସମସ୍ତେ ହେଉଛେ ମାନବ ସତ୍ତା, ଆମ ଭିତରେ ଏକ ପ୍ରକାର କୁରୁକ୍ଷେତ୍ରର ସଂଘର୍ଷ ଅନବରତ ଲାଗି ରହିଛି । ଆମ ସତ୍ତାର ବିଭିନ୍ନ ଅଂଶ ବିଭିନ୍ନ କଥା ଦାବି କରନ୍ତି । ମନ, ପ୍ରାଣ ଓ ଶରୀର ନିଜ ନିଜର ଅଭିରୁଚି ଅନୁସାରେ ସେମାନଙ୍କ ଦାବି ଉପସ୍ଥାପନ କରୁଛନ୍ତି । ମନେ ହେଉଛି ସମସ୍ତ ଦାବି ହେଉଛି ଗୁରୁତ୍ୱପୂର୍ଣ୍ଣ ଏବଂ ସର୍ବୋତ୍ତମ । ଶରୀର ବିଶ୍ରାମ ନେବାକୁ ଇଚ୍ଛା କରୁଥିବା ବେଳେ ତାକୁ ଆମେ ବାଧ୍ୟ କରୁଛେ ଜାଗ୍ରତ୍ ରହି ଆମର ପ୍ରାଣିକ ବିବଶକୁ ଚରିତାର୍ଥ କରିବା ପାଇଁ; ପ୍ରାଣକୁ ଉଦ୍ଦୀପନା ଯୋଗାଉଥିବା ଉପନ୍ୟାସ ପଠନ, ସଙ୍ଗୀତ ଶ୍ରବଣ, ଚଳଚ୍ଚିତ୍ର ଦର୍ଶନ ଇତ୍ୟାଦିକୁ ପ୍ରଶ୍ରୟ ଦେବା ସମୟରେ ଆମେ ଶରୀରର କ୍ଲାନ୍ତି ବିଷୟରେ ଚିନ୍ତା କରୁ ନାହିଁ । ଫଳରେ ଶରୀର ଅତ୍ୟାଚାରିତ ହୋଇ ରୋଗାକ୍ରାନ୍ତ ହୁଏ ଏବଂ ଆମେ ଅସୁବିଧାର ସମ୍ମୁଖୀନ ହୋଇଥାଉ । ଫଳରେ ଆମେ ଆମର ସକଳ ପ୍ରକାର ପ୍ରଚେଷ୍ଟାରେ ଅସଫଳତାର ସ୍ୱାଦ ଆସ୍ୱାଦନ କରି ଥାଉ । ଆମର ଆତ୍ମା ସଦାସର୍ବଦା ଚିତ୍କାର କରି କହୁଛି, ‘‘ହେ ପ୍ରଭୁ,ମୋତେ ତୁମର କରିଦିଅ ।’’ ଥରେ ପରମ ପ୍ରଭୁଙ୍କ ବାହୁବନ୍ଧନ ଭିତରକୁ ପ୍ରବେଶ କରିଗଲେ ଆମ ଭିତରେ ଥିବା ସକଳ ପ୍ରକାର ଅସମ୍ପୂର୍ଣ୍ଣତା ଯେଉଁମାନଙ୍କୁ ଆମେ ସହ୍ୟ କରି ଆସୁଛେ ସେମାନେ ଶାନ୍ତ ହୋଇଯିବେ ।

ମାର୍ଚ୍ଚ ମାସ ୧୮ ତାରିଖ, ୧୯୧୪ ମସିହାରେ ମା ଲେଖନ୍ତି :

“THOU art perfect knowledge, absolute consciousness. He who unites with Thee is omniscient – while the union lasts. But even before attaining this stage, he who has given himself to Thee in all the sincerity of his being, with all his conscious will, he who has resolved to make every effort to help in the manifestation and triumph of Thy divine law of Love in himself and the whole field of his influence, sees all things in his life change, and all circumstances begin to express Thy law and assist his consecration; for him it is the best, the very best that always happens; and if in his intelligence there is still some obscurity, some ignorant desire which at times prevents him from becoming aware of it immediately, he recognises sooner or later that a beneficent power seemed to protect him even from himself and secure for him conditions most favourable to his blossoming and transfiguration, his integral conversion and utilisation.

“As soon as one becomes conscious and convinced of this, one can no longer worry about future circumstances or the turn events take; it is with perfect serenity that one does at every moment what one thinks best, convinced that the best too is sure to come from it, even if it is not the result which we, with our limited reasoning, expected from it.

“That is why, Lord, our heart is light, our thought in repose. That is why we turn to Thee in all confidence and say peacefully:

“May Thy will be done, in it true harmony is realised.”

‘‘ହେ ପ୍ରଭୁ, ତୁମେ ହେଉଛ ସମ୍ପୂର୍ଣ୍ଣ ଜ୍ଞାନ ଏବଂ ସର୍ବୋତ୍ତମ ଚେତନା । ଯିଏ ତୁମ ସହିତ ଏକାକାର ହୋଇଯାଏ ସିଏ ହେଉଛି ସର୍ବଦର୍ଶୀ – ଯେପର୍ଯ୍ୟନ୍ତ ଏହି ମିଳନ ତିଷ୍ଠି

ରହିଥାଏ ସେହି ସମୟ ପର୍ଯ୍ୟନ୍ତ । କିନ୍ତୁ ଏହି ଅବସ୍ଥା ପ୍ରାପ୍ତ ହେବା ପୂର୍ବରୁ ଯିଏ ନିଜକୁ ତୁମକୁ ଦେଇଦିଏ ତା'ର ସତ୍ତାର ଏକାଗ୍ରଭାବ ଏବଂ ସମଗ୍ର ସଚେତନ ଇଚ୍ଛାଶକ୍ତି ସହିତ, ଯିଏ ସଂକଳ୍ପ ନେଇଥାଏ ଏହି ସୃଷ୍ଟିର ପରିପ୍ରକାଶ ନିମନ୍ତେ ସକଳ ପ୍ରକାର ପ୍ରଚେଷ୍ଟାରେ ଲାଗି ରହିବା ପାଇଁ, ଏବଂ ତୁମ ଦିବ୍ୟପ୍ରେମର ଦିବ୍ୟ-ବିଧାନର ବିଜୟ ନିମନ୍ତେ, ଏହି ବିଜୟ ନିଜ ଭିତରେ ଏବଂ ଯେଉଁ କ୍ଷେତ୍ରମାନଙ୍କ ଉପରେ ତା'ର ପ୍ରଭାବ ରହିଛି ସେଠାରେ ମଧ୍ୟ, ସେ ଦେଖିପାରେ ତା' ଜୀବନର ସବୁକିଛି ପରିବର୍ତ୍ତିତ ହୋଇ ଯାଇଛି, ଏବଂ ସକଳ ପରିସ୍ଥିତି, ବାତାବରଣ ତୁମର ଦିବ୍ୟ ବିଧାନକୁ ପ୍ରକାଶ କରିବାକୁ ଆରମ୍ଭ କରି ଦେଇଛି, ତା'ର ଆତ୍ମ-ନିବେଦନରେ ତାକୁ ସାହାଯ୍ୟ କରୁଛି; ତା' ପାଇଁ ଏହା ହୋଇଛି ସର୍ବୋତ୍କୃଷ୍ଟ ବ୍ୟବସ୍ଥା, ଏହି ପ୍ରକାରର ସର୍ବୋତ୍କୃଷ୍ଟ ବ୍ୟବସ୍ଥା ସଦାସର୍ବଦା ଘଟି ଚାଲିଛି; ଏବଂ ଯଦ୍ୟପି ତା'ର ବୁଦ୍ଧିମତ୍ତାରେ କିଛି ଅନ୍ଧକାର, କିଛି ଅଜ୍ଞାନତାପୂର୍ଣ୍ଣ କାମନା-ବାସନା ରହି ଯାଇଥାଏ ଯାହା ବେଳେବେଳେ ତାକୁ ଏ ସମ୍ପର୍କରେ ସର୍ବଦା ସଚେତନ ରହିବା ନିମନ୍ତେ ବାରଣ କରେ, ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ ସେ ଜାଣିଯାଏ ଯେ ଏକ ଫଳପ୍ରଦ ଶକ୍ତି ତାକୁ ସର୍ବଦା ସୁରକ୍ଷା ପ୍ରଦାନ କରୁଛି, ଏପରିକି ତା' ନିଜ ହାତରୁ ମଧ୍ୟ । ପୁନଶ୍ଚ ବିକଶିତ ହେବା, ରୂପାନ୍ତରିତ ହେବା, ଚେତନାର ସମ୍ପୂର୍ଣ୍ଣ ପରିବର୍ତ୍ତନ ଏବଂ ଉପଯୋଗୀ ହେବା ନିମନ୍ତେ ତା' ପାଇଁ ତାକୁ ସବୁଠାରୁ ଅଧିକ ସୁହାଇଲା ଭଳି ଅବସ୍ଥାଟିକୁ ଏହା ସୁରକ୍ଷିତ ରଖିଥାଏ ।

''ଜଣେ ଏହିସବୁ ବିଷୟରେ ସଚେତନ ହୋଇ ଏହାକୁ ବୁଝିଯିବା ମାତ୍ରକେ ତାକୁ ଆଉ ଭବିଷ୍ୟତ୍ ପରିସ୍ଥିତି ସମ୍ପର୍କରେ ବିଚଳିତ ହେବାକୁ ପଡ଼େ ନାହିଁ, ଚିନ୍ତା କରିବାକୁ ପଡ଼େ ନାହିଁ; ଅଥବା ଘଟଣାଗୁଡ଼ିକ ଯେଉଁ ଦିଗରେ ମୁହାଁଇଥା'ନ୍ତି ଏହା ସମ୍ପୂର୍ଣ୍ଣ ପ୍ରସନ୍ନତାର ସହିତ ଘଟୁଥାଏ, ଏବଂ ଯିଏ ଏହିପରି ଅବସ୍ଥାରେ ଥାଆନ୍ତି, ପ୍ରତିମୁହୂର୍ତ୍ତରେ ଯାହା କରୁଥା'ନ୍ତି, ଯାହାକୁ ସେ ସର୍ବୋତ୍ତମ ବୋଲି ଭାବୁଥା'ନ୍ତି, ସେ ବୁଝି ଯାଇଥା'ନ୍ତି ଯେ ଏଥିରୁ ନିଶ୍ଚିତ ରୂପେ ସୁଫଳ ପ୍ରାପ୍ତ ହେବ, ଏପରିକି ଆମେ ଆମର ସୀମିତ ବୁଦ୍ଧି ବିବେକ ଦ୍ୱାରା ଏହାଠାରୁ ଯାହା ଆଶା କରୁଥାଉ ତଦନୁରୂପ ଫଳ ପ୍ରାପ୍ତ ନ ହେଉଥିଲେ ମଧ୍ୟ ।

''ସେହି କାରଣରୁ, ହେ ପ୍ରଭୁ, ଆମର ହୃଦୟ ହାଲୁକା ହୋଇ ଯାଇଛି, ଆମ ଚିନ୍ତା ଓ ଭାବନା ସକଳ ଶାନ୍ତ ହୋଇ ଉଠିଛି । ସେଥିପାଇଁ ଆମେ ତୁମ ଆଡ଼କୁ ମୁଖ ଫେରାଉଛୁ ସକଳ ନିର୍ଭରଶୀଳତାର ସହିତ ଏବଂ ଶାନ୍ତ ଭାବରେ ପ୍ରକାଶ କରୁଛୁ :

''ହେ ପ୍ରଭୁ, ତୁମରି ଇଚ୍ଛାହିଁ ପୂର୍ଣ୍ଣ ହେଉ, ଏହାରି ମଧ୍ୟରେହିଁ ପ୍ରକୃତ ସଙ୍ଗତି ଅନୁଭୂତ ହେଉଛି ।''

ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା 'ସର୍ବଦର୍ଶୀ'ର ସଂଜ୍ଞା ନିରୂପଣ କରି ଦେଇଛନ୍ତି । ଯେଉଁ ସାଧକ-ଭକ୍ତ ତାଙ୍କ ପ୍ରଭୁଙ୍କ ସହିତ ମିଳିତ ହୋଇ ଯାଇଥା'ନ୍ତି, ଏକାକାର ହୋଇ ଯାଇଥା'ନ୍ତି, ତାଙ୍କୁ ଏହି 'ସର୍ବଦର୍ଶୀ' ଶକ୍ତି ପ୍ରାପ୍ତ ହୋଇଥାଏ । ସର୍ବଦର୍ଶୀ ବା 'Omniscient'ର ଅର୍ଥ ହେଉଛି ... "innate knowledge of all past, present, and future realities, including possibilities, rather than learning through observation like humans." ଅର୍ଥାତ୍, ''ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର କଥାକୁ ସହଜାତ ଭାବରେ ବା ସ୍ୱାଭାବିକ ଭାବରେ, ଅବଲୀଳା କ୍ରମେ ଜାଣିବାର ଶକ୍ତିକୁ 'ସର୍ବଦର୍ଶୀ' ଜ୍ଞାନ କୁହାଯାଏ । ଏତାଦୃଶ ଜ୍ଞାନ ହେଉଛି ଆମେ ମଣିଷମାନେ ଆହରଣ କରୁଥିବା ଜ୍ଞାନ – ଯାହା ଦେଖିବା, ଶୁଣିବା-ଶକ୍ତି ପ୍ରୟୋଗରୁ ପ୍ରାପ୍ତ ହୋଇଥାଏ, ସେପରି ନୁହେଁ ।'' ଏଥିରେ ଆଗକୁ କ'ଣ ଘଟିବାକୁ ଯାଉଛି ତା'ର ସମ୍ପୂର୍ଣ୍ଣ ସମ୍ଭାବନାର ସ୍ୱରୂପକୁ ମଧ୍ୟ ସ୍ପଷ୍ଟ ଦେଖିହୁଏ । ଭକ୍ତ ଯେତେବେଳ ପର୍ଯ୍ୟନ୍ତ ପ୍ରଭୁଙ୍କ ସହିତ ମିଳିତ ହୋଇ ରହିଥାଏ ତାକୁ ଏହି ଶକ୍ତି ପ୍ରାପ୍ତ ହୋଇଥାଏ । ଏହି ଶକ୍ତିକୁ ପ୍ରୟୋଗ କରି ଭକ୍ତ ସୃଷ୍ଟିର ପରିପ୍ରକାଶରେ ନିଜର ସମଗ୍ର ଶକ୍ତିକୁ ବିନିଯୋଗ କରିପାରିଲେ ଏବଂ ନିଜ ଭିତରେ ପରମ ପ୍ରଭୁଙ୍କର ଦିବ୍ୟ ପ୍ରେମର ବିଧାନକୁ ଧରି ରଖି ପାରିଲେ 'ସର୍ବଦର୍ଶୀ' ଶକ୍ତିକୁ ପ୍ରାପ୍ତ ହୁଏ ।

ମା' କହୁଛନ୍ତି ଜୀବନରେ ପରିପୂର୍ଣ୍ଣତା ଏବଂ ସିଦ୍ଧିଲାଭ କରିବା ନିମନ୍ତେ ଚାବିକାଠି ଦୁଇଟି ହେଉଛି : ଦିବ୍ୟଜ୍ଞାନ ଓ ଦିବ୍ୟକୃପା ଏବଂ ତତ୍‌ସହିତ ଆନ୍ତରିକ ସମର୍ପଣ । ଆମ ଭିତରେ ଏପରି କେତେକ ଅଂଶ ଅଛି ଯେଉଁମାନେ ଆମ ଚୈତ୍ୟସତ୍ତାର ପ୍ରଭାବରେ ରହିବାକୁ ଇଚ୍ଛା କରନ୍ତି ନାହିଁ, କାରଣ ଆମେ ହେଉଛେ ମଣିଷ, ଯିଏ "temporal success" ବା ପାର୍ଥିବ ସଫଳତା ପଛରେ ଦୌଡୁଥାଏ; ଆଧ୍ୟାତ୍ମିକତାଠାରୁ ବହୁ ଦୂରରେ । ତେଣୁ ପରମପ୍ରଭୁ ସର୍ବଦା ଆମକୁ ଆମ ନିଜଠାରୁ ସୁରକ୍ଷିତ କରି ରଖିଥା'ନ୍ତି । ଫଳରେ ଆମର ପାର୍ଥିବ ସଫଳତାକୁ ସେ ପୂର୍ଣ୍ଣ ହେବାକୁ ଦିଅନ୍ତି ନାହିଁ; ଆମେ ତାକୁ ଆମର ଦୁର୍ଭାଗ୍ୟ "misfortune" ବା କଠୋର ଭାଗ୍ୟ "cruel destiny" ବୋଲି ଆମ ଭାଷାରେ କହିଥାଉ । କିନ୍ତୁ ମା'

କହୁଛନ୍ତି ଯେ ଆମର ଦୁର୍ଭାଗ୍ୟ ଓ ନିଷ୍ଠୁର ଭାଗ୍ୟ ନିମନ୍ତେ ଆମେ ଭଗବାନଙ୍କ ପାଖରେ କୃତଜ୍ଞ ରହିବା, କାରଣ ସେ ଆମ ଅଗ୍ରଗତି ସମ୍ମୁଖରେ ବାଧାବିଘ୍ନ ସୃଷ୍ଟି କରୁଥିବା ବିରୋଧୀ ଶକ୍ତିଙ୍କୁ ଏହି ଉପାୟରେ ଦୂରୀଭୂତ କରି ଦେଇଥା'ନ୍ତି । ସର୍ବଶେଷରେ ମା' କହୁଛନ୍ତି ଆମ ଜୀବନରେ ଯାହା ଘଟୁଛି ତାହା ଆମକୁ ଭଲ ଲାଗୁ ବା ନଲାଗୁ ସେଥିରେ କିଛି ଯାଏ ଆସେ ନାହିଁ, କାରଣ ସବୁ ଦୁଃଖ, କଷ୍ଟ ଏବଂ ବ୍ୟଥା – ତାହା ମାନସିକ, ପ୍ରାଣିକ ଏବଂ ଶାରୀରିକ ଯାହା ହେଉନା କାହିଁକି ସେଗୁଡ଼ିକ ସବୁ ପ୍ରଭୁଙ୍କର କୃପା ଓ କରୁଣା, ଯାହା ଆମ ଉଚ୍ଚ ଆଦର୍ଶ ନିମନ୍ତେ ସର୍ବୋତ୍ତମ ଆବଶ୍ୟକତା । ଆମର ସର୍ବୋଚ୍ଚ ଆଦର୍ଶ ହେଉଛି "blossoming and transfiguration" – ପ୍ରସ୍ଫୁଟିତ ହେବା ଏବଂ ରୂପାନ୍ତରିତ ହୋଇଯିବା । ସେଥିପାଇଁ ଆମେ ସଦାସର୍ବଦା ପ୍ରଭୁଙ୍କ ପାଖରେ କୃତଜ୍ଞ ରହିବା ଏବଂ ତାଙ୍କୁ ସ୍ମରଣ କରୁଥିବା । ଏହି ପରିପ୍ରେକ୍ଷୀରେ ଜନୈକ ଭକ୍ତ କିପରି ମା'ଙ୍କ ପାଦପଦ୍ମରେ ନିଜକୁ ସମ୍ପୂର୍ଣ୍ଣ ରୂପେ ନିବେଦିତ କରି ଦେଇଥିଲେ ସେହି ବିଷୟରେ ଆଲୋଚନା କଲେ ''ନିଜକୁ ଦେଇ ଦେବାର'' କଥାଟି ସ୍ପଷ୍ଟ ହୋଇ ଉଠିବ । ତାହା ହେଲା –

'ଜେ' ନାମକ ଜନୈକ ବ୍ୟକ୍ତି କଲିକତାର ଏକ ଭକ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ଛଅ ବର୍ଷ ବୟସ ହେବା ଦିନରୁ ସେ ନିୟମିତ ଭାବରେ ଗାୟତ୍ରୀମନ୍ତ୍ର ଜପ କରୁଥିଲେ । ତାଙ୍କ ପରିବାରରେ ଭକ୍ତି ଏବଂ ଆଧ୍ୟାତ୍ମିକତାର ସ୍ରୋତ ସର୍ବଦା ପ୍ରବାହିତ ହେଉଥିଲା । ତାଙ୍କୁ ଯେତେବେଳେ ନଅ ବର୍ଷ ସେ ତାଙ୍କ ମାମୁଁ ଘରକୁ ଯାଇଥିଲେ । ସେଠାରେ ତାଙ୍କ ଅଜା ପ୍ରତ୍ୟହ ସ୍ନାନ ପରେ ଶୁଦ୍ଧପୂତ ଭାବରେ ଭଗବାନଙ୍କ ପୂଜା ଆରାଧନା କରନ୍ତି ଏବଂ ଯଜ୍ଞ ମଧ୍ୟ କରନ୍ତି । ଘରର ସବୁ ବାଳକବାଳିକା ଏଥିରେ ଭାଗ ନିଅନ୍ତି । ଦିନେ ଯଜ୍ଞ ପାଖରେ ବସିଥିବା ସମୟରେ 'ଜେ' ଅନୁଭବ କଲେ ତାଙ୍କ ଅଜା ଘୃତାହୁତି ଦେବା ସମୟରେ ଯଜ୍ଞ କୁଣ୍ଡରୁ ଉପରକୁ ଉଠୁଥିବା ଅଗ୍ନିଶିଖା ସହିତ ତାଳଦେଇ ତାଙ୍କ ହୃଦୟ ଭିତରୁ ଅଭୀପ୍ସାର ଅଗ୍ନିଶିଖା ଊର୍ଦ୍ଧ୍ୱଗାମୀ ହେଉଅଛି । ସମ୍ବାଦପତ୍ରରେ ସେହିଦିନ ସକାଳେ ଶ୍ରୀଅରବିନ୍ଦଙ୍କ ଦେହରକ୍ଷା କଥା ସେ ପାଠ କରିଥିଲେ । ବର୍ତ୍ତମାନ ସେ ସ୍ୱୟଂ ଏହା ଅନୁଭବ କଲେ ଏବଂ ତାଙ୍କ ମୁଖରୁ ବାହାରି ଆସିଲା, ''ମୁଁ ନିଶ୍ଚୟ ଶ୍ରୀଅରବିନ୍ଦ ଆଶ୍ରମକୁ ଯିବି ।'' ପନ୍ଦର ବର୍ଷ ବୟସରେ ସେ ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ ସମ୍ପର୍କରେ ଏକ ଚଳଚ୍ଚିତ୍ର ଦେଖିବାର ସୁଯୋଗ ପ୍ରାପ୍ତ ହୋଇଥିଲେ । ତତ୍ପରେ ତାଙ୍କର ଅଭୀପ୍ସା ଆହୁରି ଦୃଢ଼ତର ହେବାକୁ ଲାଗିଲା । ଶେଷରେ ପଣ୍ଡିଚେରୀ ଯିବା ନିମନ୍ତେ ତାଙ୍କର ପ୍ରଗାଢ଼ ଇଚ୍ଛା ଏବଂ ଆଶ୍ରମରେ ରହିବାର ଅଭୀପ୍ସା ବିଷୟରେ ଖଣ୍ଡିଏ ଚିଠି ଲେଖି ନଳିନୀଦା'ଙ୍କ ପାଖକୁ ପଠାଇଲେ । ନଳିନୀଦା' ଉତ୍ତରରେ ଲେଖିଲେ ଯେ ତାଙ୍କର ଅଭୀପ୍ସା ନିଶ୍ଚିତ ଭାବରେ ଦୃଢ଼ ଭିତ୍ତିଭୂମି ଉପରେ ପର୍ଯ୍ୟବସିତ ଏବଂ ପ୍ରଶଂସନୀୟ, କିନ୍ତୁ ସେ କଲିକତାସ୍ଥିତ 'ଶ୍ରୀଅରବିନ୍ଦ ପାଠମନ୍ଦିର'କୁ ଯାଇ ତାଙ୍କର ସାଧନା ଆରମ୍ଭ କଲେ ଭଲହେବ । 'ଜେ' ପାଠମନ୍ଦିର ଗଲେ ଏବଂ ସେଠାରେ ଆଶ୍ରମ ଓ ପୃଥିବୀପୃଷ୍ଠରେ ଦିବ୍ୟଜନନୀ ଶ୍ରୀମାଙ୍କର କାର୍ଯ୍ୟ ବିଷୟରେ ପ୍ରଦର୍ଶିତ ହେଉଥିବା ଏକ ଚଳଚ୍ଚିତ୍ର ଦେଖିଲେ । ହଠାତ୍ ସେ ଅନ୍ତର ଭିତରେ ଅନୁଭବ କଲେ ଯେ ସେ ହେଉଛନ୍ତି ମା'ଙ୍କର ଯନ୍ତ୍ର ।

'ଜେ'ଙ୍କୁ ଯେତେବେଳେ କୋଡ଼ିଏ ବର୍ଷ ସେ ଏକ ଇଂଜିନିୟରିଂ କଲେଜରେ 'ଟେକ୍‌ନିକାଲ କୋର୍ସ' ପଢୁଥା'ନ୍ତି । ଦିନେ ସେ କୌଣସି ସୂଚନା ନଦେଇ, ଅନୁମତି ନନେଇ ହଠାତ୍ ଆସି ଆଶ୍ରମରେ ପହଞ୍ଚିଗଲେ ଆଶ୍ରମରେ ରହୁଥିବା ତାଙ୍କର ମାମୁଁଙ୍କୁ ସାକ୍ଷାତ୍ କରିବା ପାଇଁ । ତାଙ୍କ ମାମୁଁ ହଠାତ୍ ତାଙ୍କୁ ଦେଖି ତା'ର ଆଶ୍ରମରେ ରହିବା ନିମନ୍ତେ ଦୃଢ଼ ନିଷ୍ପତ୍ତି କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ମାମୁଁ ପ୍ରଥମେ ତାଙ୍କୁ ନଳିନୀଦା'ଙ୍କ ପାଖକୁ ନେଇଗଲେ । ନଳିନୀଦା' 'ଜେ'ଙ୍କୁ ବହୁତ ଗାଳି ଦେଇ କହିଲେ, ''ପ୍ରଥମେ ଆମକୁ ନଜଣାଇ ତୁମେ କାହିଁକି ଆସିଲ ?'' 'ଜେ' ଶାନ୍ତ ଭାବରେ ଉତ୍ତର ଦେଲେ, ''ଦୟାକରି ମା'ଙ୍କୁ ମୋର ଆସିବା କଥା ଜଣାଇ ଦିଅନ୍ତୁ । ମା' ଯଦି ଅନୁମୋଦନ ନକରନ୍ତି, ତାହା ହେଲେ ମୁଁ ଫେରିଯିବି ।'' ନଳିନୀଦା' ତାଙ୍କ କଥାରେ ରାଜି ହେଲେ ଏବଂ ମା'ଙ୍କୁ ସବୁକଥା ଜଣାଇ ଦେଲେ । ମା' ଉତ୍ତର ଦେଲେ, ''ତାଙ୍କୁ ଆଶ୍ରମ ଜୀବନ ବଞ୍ଚିବା ନିମନ୍ତେ ଚେଷ୍ଟା କରିବାକୁ ଦିଆଯାଉ ।'' ଆଶ୍ରମର ଏକ ଡିପାର୍ଟମେଣ୍ଟ୍‌ରେ 'ଜେ'ଙ୍କୁ କାମ ଦିଆଗଲା । ଅଳ୍ପ କିଛି ମାସ ପାଇଁ ସେ ଏକ 'ଗେଷ୍ଟହାଉସ'ରେ ରହିଲେ, ଏବଂ ତତ୍ପରେ ତାଙ୍କ ମାମୁଁଙ୍କ ପ୍ରକୋଷ୍ଠରେ ରହିଥିଲେ ।

'ଜେ' ଆଶ୍ରମରେ ପହଞ୍ଚିବା ଦିନହିଁ ସନ୍ଧ୍ୟାବେଳେ 'ପ୍ଲେ-ଗ୍ରାଉଣ୍ଡ'ରେ ମା'ଙ୍କର ଦିବ୍ୟଦର୍ଶନ ପ୍ରାପ୍ତ ହୋଇଥିଲେ । ମା'ଙ୍କୁ ଦେଖିଲା ମାତ୍ରେ ତାଙ୍କର ମନ, ପ୍ରାଣ ଓ ଶରୀର ମନ୍ତ୍ରମୁଗ୍ଧ ହୋଇ ଉଠିଲା ଏବଂ ସେ ଧ୍ୟାନମଗ୍ନ ହୋଇଗଲେ । ସେହି ଦିନଠାରୁ ତାଙ୍କ ଅନ୍ତର ଭିତରେ ଅନେକ ପ୍ରକାରର

ଅନୁଭୂତି ଦ୍ରୁତ ଗତିରେ ପ୍ରବେଶ କରୁଥିବାର ସେ ଲକ୍ଷ୍ୟ କରିବାକୁ ଲାଗିଲେ । ଆଶ୍ରମରେ ଥିବା ସମୟରେ ପ୍ରଥମ ଥର ପାଇଁ 'ଜେ' ତାଙ୍କ ଜନ୍ମଦିନ ପାଳନ କରୁଥା'ନ୍ତି । ସେ ମା'ଙ୍କ ପ୍ରକୋଷ୍ଠ ବାହାରେ ବସି ଅପେକ୍ଷା କରିଥା'ନ୍ତି, କେତେବେଳେ ତାଙ୍କୁ ଡକାଯିବ । ହଠାତ୍ ପ୍ରଭୁ ଶ୍ରୀଅରବିନ୍ଦ ତାଙ୍କ ସମ୍ମୁଖରେ ଉଭା ହୋଇଗଲେ । ଏହିପରି ଅପ୍ରତ୍ୟାଶିତ ଦର୍ଶନରେ ସେ ଆଶ୍ଚର୍ଯ୍ୟ ହୋଇ ନିଜ ଆଖିମଳି ଆଉ ଥରେ ଚାହିଁଲେ । ଠିକ୍ ସେତିକି ବେଳେ ଚମ୍ପକଲାଲ ତାଙ୍କ ନାମ ଡାକିଲେ । ପ୍ରକୋଷ୍ଠ ଭିତରକୁ ଯାଇ ଦିବ୍ୟ ଜନନୀଙ୍କ ସମ୍ମୁଖରେ 'ଜେ' ନତଜାନୁ ହୋଇ ପ୍ରଣାମ ନିବେଦନ କଲେ । ମା' ତାଙ୍କ ମସ୍ତକ ଉପରେ ଦିବ୍ୟହସ୍ତ ସ୍ଥାପନପୂର୍ବକ ଆଶୀର୍ବାଦ ପ୍ରଦାନ କଲେ; ସେ ଅନୁଭବ କଲେ ତାଙ୍କର ସମଗ୍ର ଶରୀରକୁ ଏକ ଦିବ୍ୟଜ୍ୟୋତିର ଝଲକ ଯେପରି ଘେରି ରହିଛି । ତାଙ୍କ ଭିତରେ ଏକ ସୂକ୍ଷ୍ମସତ୍ତା ସେହି ଜ୍ୟୋତିର୍ମୟ ଆଲୋକ ଭିତରେ ଭାସି ବୁଲୁଥିବାର ଦେଖିବାକୁ ପାଇଲେ । ଏକଦା 'ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର'ରେ ଏକ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା ବେଳେ ଜନୈକ ବାଳିକାଙ୍କ ଶରୀରକୁ ସେହି ପ୍ରକାରର ଏକ ଜାଜ୍ଜ୍ୱଲ୍ୟମାନ ଦେବୀ ଅବତରଣ କରୁଥିବାର ସେ ଦେଖିଥିଲେ ।

'ଜେ'ଙ୍କର ବୟସ ଖୁବ୍ କମ୍ ଥିଲା, ତେଣୁ ସେ ବହୁତ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଥିଲେ । ନଳିନୀଦା'ଙ୍କ ସହିତ ଏକ ସାକ୍ଷାତ୍କାର ସମୟରେ ଦାଦା ତାଙ୍କୁ କହିଥିଲେ, "Depend only on the Mother and Sri Aurobindo. Do not take anybody's advice, even they are your well-wishers. Keep complete faith in the Mother and Sri Aurobindo. They will do everything for you."

ଅର୍ଥାତ୍, ''କେବଳ ମା' ଓ ଶ୍ରୀଅରବିନ୍ଦଙ୍କ ଉପରେ ନିର୍ଭର କର । ଅନ୍ୟ କାହାଠାରୁ ଉପଦେଶ ଗ୍ରହଣ କର ନାହିଁ, ସେମାନେ ତୁମର ଶୁଭାକାଂକ୍ଷୀ ହୋଇଥିଲେ ମଧ୍ୟ । ମା' ଏବଂ ଶ୍ରୀଅରବିନ୍ଦଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖ, ସେମାନେ ତୁମ ପାଇଁ ସବୁକିଛି କରିଦେବେ ।''

ଏହି ଶବ୍ଦଗୁଡ଼ିକ 'ଜେ'ଙ୍କ ପାଇଁ ମନ୍ତ୍ର ପରି କାମ କଲା । ତାଙ୍କର ଯେତେବେଳେ କିଛି ଅସୁବିଧା ହେଉଥିଲା ସେ ତାହା ମା'ଙ୍କ ପାଖକୁ ଲେଖି ଜଣାଇ ଦେଉଥିଲେ । ଥରେ ମା' ତାଙ୍କ ଚିଠି ପଢ଼ି ତାଙ୍କୁ ଡକାଇ ପଠାଇଲେ ଏବଂ କହିଲେ, "Bring peace into the cells. That is everything." ଅର୍ଥାତ୍, ''ତୁମ ଜୀବକୋଷ ଭିତରକୁ ପ୍ରଶାନ୍ତିକୁ ଆହ୍ୱାନ କର । ସେଥିରେ ସବୁକିଛିର ସମାଧାନ ହୋଇଯିବ ।'' ତା'ପରେ ମାଆ ତାଙ୍କ କପାଳକୁ ସ୍ପର୍ଶ କଲେ ଏବଂ କହିଲେ, "Be quiet, be calm, all will be alright." ଅର୍ଥାତ୍, ''ଧୀରସ୍ଥିର, ନୀରବ ହୋଇଯାଅ, ସବୁକିଛି ଠିକ୍ ହୋଇଯିବ ।'' ସେ ଯିବା ପୂର୍ବରୁ ମା' ପୁନଶ୍ଚ ତାଙ୍କ ହୃଦୟକୁ ସ୍ପର୍ଶ କଲେ ଏବଂ କହିଲେ, "Concentrate on me. I will do everything for you. Aurevoir." ଅର୍ଥାତ୍, ''ମୋ ଉପରେ ଏକାଗ୍ର ହୁଅ । ମୁଁ ତୁମ ପାଇଁ ସବୁକିଛି କରିଦେବି । ପୁନର୍ବାର ସାକ୍ଷାତ୍ ହେବ ।'' ଏହିପରି ଭାବରେ 'ଜେ'ଙ୍କର ଦୈନନ୍ଦିନ ଜୀବନରେ ମା' ତାଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ ।

ଦିନେ 'ଜେ' ମା'ଙ୍କ ପ୍ରକୋଷ୍ଠକୁ ଯାଇ ବିନମ୍ର ପ୍ରଣତି ଜଣାଇ କହିଲେ, ''ମା, ମୁଁ କଲିକତା ଯିବାକୁ ଚାହେଁ ।'' ମା' ପଚାରିଲେ ''ତୁମେ କାହିଁକି ଯିବା ପାଇଁ ଚାହୁଁଛ ?'' 'ଜେ' କହିଲେ, ''ମୋ' ମା'ଙ୍କୁ ଦେଖିବା ପାଇଁ ।'' ମା କହିଲେ, ''ଓ ! ତୁମ ମା'ଙ୍କୁ ଦେଖିବା ପାଇଁ, ତେବେ ଏହି ଆଶୀର୍ବାଦ ପୁଷ୍ପ ପ୍ୟାକେଟ୍ ତାଙ୍କ ପାଇଁ ନେଇଯାଅ ।'' ''ମା' ମୋତେ ମଧ୍ୟ ଗୋଟିଏ ପ୍ୟାକେଟ୍ ଦିଅନ୍ତୁ ।'' ମା' ଅତ୍ୟନ୍ତ ଆନନ୍ଦିତ ହୋଇ ତାଙ୍କ ହାତରେ ପୁଷ୍ପ ପ୍ୟାକେଟ୍ଟିଏ ଧରାଇଦେଲେ । ମାସକ ପରେ 'ଜେ' କଲିକତାରୁ ଫେରି ଆସିଲେ, ଯଦିଓ ତାଙ୍କ ମା' ଚାହୁଁ ନଥିଲେ ।

ଅଳ୍ପ କିଛି ଦିନ ପରେ 'ଜେ'ଙ୍କ ମା' ଆଶ୍ରମକୁ ଆସିଥିଲେ । ଶ୍ରୀମା'ଙ୍କୁ ଦର୍ଶନ କଲା ପରେ ସେ ଜାଣି ପାରିଥିଲେ ଯେ ମା'ହିଁ ହେଉଛନ୍ତି ପରାତ୍ପରା ଦିବ୍ୟଜନନୀ । ସେ ଫେରିଯିବା ସମୟରେ ତାଙ୍କ ମାଆ କହିଲେ, ''ବାବୁରେ, ସର୍ବଦା ମା'ଙ୍କ ପାଦପଦ୍ମ ତଳେ ରହିଥିବୁ ।''

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother
(୨) How they came to Sri Aurobindo and the Mother – Vol. II by Shyam Kumari

# କାରା-ଜୀବନୀ

## (୧୩)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ସାଧାରଣତଃ ଆମର ସାଂସାରିକ କର୍ମ-ବନ୍ଧନ ଭିତରେ ଆମର ସତତ ବିକ୍ଷିପ୍ତ ଓ ଚଞ୍ଚଳ ମତି ସ୍ଥିର ଭାବରେ କୌଣସି ନିରପେକ୍ଷ ସତ୍ୟର ଅନୁସନ୍ଧାନ କରି ପାରେନା । ସଂସାରର କୋଳାହଳରେ ନିଜ ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟ ବିଧାନର ପ୍ରଚେଷ୍ଟାରେ ଆମେ ସର୍ବଦାହିଁ ଇତସ୍ତତଃ ଧାବମାନ କରୁଛୁ । ଗୋଟିଏ ସ୍ଥାନରେ ନିଶ୍ଚଳଭାବେ ଅବସ୍ଥାନ କରି କାଳଚକ୍ରର ସୂକ୍ଷ୍ମାତିସୂକ୍ଷ୍ମ ଗତିବେଗ ନିରୂପଣ କରିବାର ସମୟ ଓ ସୁବିଧା ଆମର କେଉଁଠି ଅଛି ?

ସେଠାକାର ସ୍ଥାନୀୟ ଗୋଟିଏ ମାନ୍ଦ୍ରାଜୀ ପାଗଳ ଦେଖିଥିଲି – ବେଶ୍ ଲେଖାପଢ଼ା ଜାଣିଥିବା ଲୋକ; ସାଧାରଣ କଥାବାର୍ତ୍ତା ଭିତରେ ତାକୁ ଆଦୌ ପାଗଳ ବୋଲି ମନେ ହେଉ ନଥାଏ, କିନ୍ତୁ ସାରାଦିନ ପରେ ସନ୍ଧ୍ୟା ସମୟରେ ଯେତେବେଳେ ତାକୁ ତା'ର କୋଠରିରେ ଆବଦ୍ଧ କରାଯାଉଥିଲା ସେତେବେଳେ ପ୍ରାୟଶଃ ସିଂହ ଗର୍ଜନରେ ସେ ଗୋଟିଏ ମନ୍ତ୍ର ଜପ କରିବାକୁ ଆରମ୍ଭ କରୁଥିଲା । ତା'ର ମନ୍ତ୍ରଟି ହେଉଛି – I wish at the time of death, I, be born, and take revenge in that simple way. ହୁଏତ ତା'ର କୌଣସି ପାରିବାରିକ ଅଶାନ୍ତି ଅବସ୍ଥାରେ କେହି ତା' ପ୍ରତି ଶତ୍ରୁତା କରିଥିବେ, ତେଣୁ ତାହାର ଏପରି ଏକ ଅଦ୍ଭୁତ ଭାବର ଉଦୟ । ମନ୍ତ୍ରର ପ୍ରଥମ ଅଂଶ ପ୍ରତିହିଂସା – revenge – କଥାଟିକୁ ସେ ଯେଉଁଭାବେ ସିଂହ ବିକ୍ରମରେ ଉଚ୍ଚାରଣ କରୁଥିଲା, ତାହା ଶୁଣି ମନେ ହେଉଥିଲା ଯେପରି ସେ ତାହାର ଅନିଷ୍ଟକାରୀ ଶତ୍ରୁକୁ ପାଇଲେ ଏକେବାରେ ବିଦୀର୍ଣ୍ଣ କରି ଖାଇ ପକାଇବ ଅଥବା ଦୁଃଶାସନକୁ ଭୂଇଁରେ ଗଡ଼ାଇ ଭୀମ ତା'ର ବୁକୁ ଚିରି ରକ୍ତପାନ କରିବା ଭଳି କରିବ; କିନ୍ତୁ ପରକ୍ଷଣରେ "in that simple way" – ମନ୍ତ୍ରର ଏଇ ଶେଷ ଅଂଶଟିକୁ ଏପରି ମୃଦୁଭାବେ ଉଚ୍ଚାରଣ କରୁଥିଲା ଯେ ଯୁଧିଷ୍ଠିରଙ୍କ 'ଇତି ଗଜ' ପରି ସେଇଥିରେହିଁ ତା'ର ମନ୍ତ୍ରର ଅର୍ଥ ଏକେବାରେ ପରିବର୍ତ୍ତିତ ହୋଇ ଯାଉଥିଲା !

ଅନ୍ୟାନ୍ୟ ପାଗଳମାନଙ୍କ ମଧ୍ୟରେ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ ଆହୁରି ଗୋଟିଏ ଦୁଇଟି ପାଗଳର କଥା ଉଲ୍ଲେଖ କରି ପାଗଳମାନଙ୍କ କଥା ଶେଷ କରିବି । ସାଧାରଣ ପାଗଳମାନଙ୍କ ମଧ୍ୟରେ ଅନେକଙ୍କୁ ଦେଖିଛି, କୌଣସି ଏକ ଅଦୃଶ୍ୟ ଶତ୍ରୁ ପ୍ରତି ସେମାନେ ବରାବର କ୍ରୋଧ ପ୍ରକାଶ କରିଥା'ନ୍ତି ଏବଂ ଅତି କୁତ୍ସିତ ଓ କଦର୍ଯ୍ୟ ଭାଷାରେ ତାକୁ ଗାଳି ଦେଇ ନିଜ ମନର କ୍ଷୋଭ ଉପଶମ କରୁଥା'ନ୍ତି, – କେବଳ ଏତିକିହିଁ ଏମାନଙ୍କର ପାଗଳାମି । ଅନ୍ୟାନ୍ୟ ବିଷୟରେ ଏମାନେ ଖୁବ୍ ଭଲ ମଣିଷ, ପାଗଳାମିର କୌଣସି ଚିହ୍ନ ବି ନଥାଏ ।

ଗୋଟିଏ ଲୋକ ଥିଲା, ସେ ସର୍ବଦା ଆମମାନଙ୍କ ସହ କାମଦାମ କରୁଥିଲା ଏବଂ କଥାବାର୍ତ୍ତା, ଆଚାର ବ୍ୟବହାରରେ ମଧ୍ୟ ବେଶ୍ ଶାନ୍ତ ଓ ଧୀର ପ୍ରକୃତିର ବୋଲି ତାକୁ ଜାଣିଥିଲି । କିନ୍ତୁ କେଉଁ କାରଣରୁ ଜାଣେନି ଦିନେ ତା'ର ଏପରି ଏକ ବିଚିତ୍ର ଅବସ୍ଥା ହୋଇଗଲା ଯେ ସେ ଏକେବାରେ ଆତ୍ମବିସ୍ମୃତ ହୋଇ ସମସ୍ତ ପାଗଳ ଗାରଦ କମ୍ପାଇ ଏକ ଅଦ୍ଭୁତ କାଣ୍ଡ କରି ବସିଲା । ମୁଁ ସେତେବେଳେ କିଛି ଶାରୀରିକ ଅସୁସ୍ଥତା ପାଇଁ ହାସପାତାଳରେ ରହିଥିଲି । ସେ ବି ସେଇ ସମୟରେ କ'ଣ ପାଇଁ ଜାଣେନି ହାସପାତାଳରେ ଥିଲା । ସେଦିନ ରାତି ପ୍ରାୟ ଦ୍ୱିତୀୟ ପ୍ରହର । ଆମେ ସମସ୍ତେ ନିଜ ନିଜ କୋଠରିରେ ଶୋଇଛୁ । ସେ ଲୋକଟି ମଧ୍ୟ ମୋ ପାଖର ଏକ କୋଠରିରେ ଥିଲା – ଏମିତି ସମୟରେ ହଠାତ୍ ମୁଣ୍ଡ ଉପରେ, ଅର୍ଥାତ୍ ଟାଇଲ ଛାତ ଉପରେ ଏକ ପ୍ରକାର ଘଡ଼ ଘଡ଼ ଶବ୍ଦ ଶୁଣି ଆମେ ସମସ୍ତେ ନିଦରୁ ଉଠି ପଡ଼ିଲୁ । ଘଟଣାଟି କ'ଣ ଜାଣିବା ପାଇଁ କବାଟ ପାଖକୁ ଆସି ଛିଡ଼ା ହେବାରୁ ଜାଣିଲି ସମସ୍ତ ହାସପାତାଳରେ ଏକ ମହାହୁଲୁସ୍ଥୁଲ କାଣ୍ଡ । ଯେଉଁ ଲୋକଟିର କଥା କହିଲି ସେ ରାତ୍ରି ସମୟରେ କୌଣସି ଏକ ସୁଯୋଗରେ ତା'ର କୋଠରିର ପଛପଟ ଝରକା ଧରି କାନ୍ଥ ଉପରକୁ ଉଠି ହାତରେ ଘୁଷି ମାରି ଟାଇଲ ଭାଙ୍ଗି ଛାତ ଉପରକୁ ଉଠି ଯାଇଛି । ଗୋଳମାଳ ଶୁଣି ହାସପାତାଳର ୱାର୍ଡର, ନର୍ସ ଇତ୍ୟାଦି ସମସ୍ତେ ଚାରି ଦିଗକୁ ଦୌଡ଼ାଦୌଡ଼ି କରୁଛନ୍ତି ଏବଂ ସେଇ ଲୋକଟି ପ୍ରଚଣ୍ଡ ବେଗରେ ଛାତ ଉପରେ ଥିବା ଟାଇଲ ଖଣ୍ଡମାନ ଚାରି ଦିଗକୁ ଫୋପାଡୁଛି । ସେ ଯେତେବେଳେ ମୋ ଘର ଉପରେ ଏପରି ଉତ୍ପାତ ଆରମ୍ଭ

କରିଛି ଏବଂ ମୋ ଘର ଭିତରକୁ ଟାଇଲ ଟୁକୁରା ସବୁ ପଡ଼ିବାକୁ ଆରମ୍ଭ କଲା, ସେତେବେଳେ ମୁଁ କୌଣସି ଉପାୟ ନପାଇ ଆତ୍ମରକ୍ଷା ପାଇଁ ଗୋଟିଏ କୋଣରେ ଜାକିଜୁକି ଠିଆ ହୋଇଛି, ଏମିତି ସମୟରେ ଜଣେ ସାହେବ ୱାର୍ଡର ମୋ କୋଠରିର କବାଟ ଖୋଲି ମୋତେ ବାହାରକୁ ନେଇ ଆସିଲେ ।

ଏଇ ସାହେବ ୱାର୍ଡରଟି ସେତେବେଳର ଅବସ୍ଥା ଯାହା ଦେଖିଛି, ତାହା ବି ଏକ ପ୍ରକାର ଆଶ୍ଚର୍ଯ୍ୟର ଘଟଣା; ସୁତରାଂ ସେ ସମ୍ବନ୍ଧରେ ଟିକିଏ ଉଲ୍ଲେଖ ନକରି ରହି ପାରୁନି । ତାଙ୍କର ନାମ ଜି. ଏ. ବ୍ର୍ୟାଡି; ସେହିଁ ମୋତେ କଳାପାଣିରୁ ମାନ୍ଦ୍ରାଜକୁ ନେଇ ଆସିଥିଲେ । ମୋ ଘରର କବାଟ ଖୋଲି ଦେବା ସମୟରେ ଦେଖିଲି ଏକ ପ୍ରକାରର ଆଶ୍ଚର୍ଯ୍ୟଜନକ ଆଲୋକ ତାଙ୍କ ଶରୀରରୁ ବିକୀର୍ଣ୍ଣ ହେଉଛି, ଦେଖିଲେ ମନେ ହୁଏ ଯେପରି ତାଙ୍କ ଶରୀରର ସମସ୍ତ ଅଣୁ-ପରମାଣୁ ଯେମିତି ବି ହେଉ ଏକ ପ୍ରକାର ସ୍ୱଚ୍ଛତା ପ୍ରାପ୍ତ ହୋଇଛି ଏବଂ ସେଇ ସ୍ୱଚ୍ଛ ଆବରଣ ମଧ୍ୟରେ ଯେପରି ଗୋଟିଏ ଆଲୋକ ଜଳୁଛି, ଯାହାର ରଶ୍ମି ଉତ୍ତାପହୀନ ଚନ୍ଦ୍ରକିରଣ ପରି ସ୍ନିଗ୍ଧ ଓ ଶୀତଳ ଏବଂ ତାହା ଶରୀରର ଆବରଣ ଭେଦ କରି ଚତୁର୍ଦ୍ଦିଗକୁ ବିକୀର୍ଣ୍ଣ ହେଉଛି । ଶୁଣିଛି ମଣିଷର ଶରୀରରୁ କୁଆଡ଼େ ଏକ ପ୍ରକାର ଆଲୋକ ନିର୍ଗତ ହୁଏ, ଯାହାକୁ ବୈଜ୍ଞାନିକଗଣ ଆଲୋକ ବୋଲି କହି ଥାଆନ୍ତି ଏବଂ ଏହା ମଧ୍ୟ ସାଧାରଣତଃ କେବଳ ମସ୍ତିଷ୍କରୁ ନିର୍ଗତ ହୁଏ ବୋଲି ଜାଣିଥିଲି । ସାଧୁମହାଜନଗଣଙ୍କର ଶରୀରର ଚାରିଦିଗରେ ଏକ ପ୍ରକାର ଆଲୋକ ମଣ୍ଡଳ ଦେଖିବାକୁ ମିଳେ । ଏହା ବୋଧହୁଏ ଅନେକେହିଁ ଜାଣନ୍ତି, କିନ୍ତୁ ଏପରି ଉଜ୍ଜ୍ୱଳ ଓ ସର୍ବାଙ୍ଗ-ପରିବ୍ୟାପ୍ତ ଆଲୋକ ଆଉ କେବେ ବି ଦେଖି ନାହିଁ; ଏପରି କି କେବଳ ଏଇ ନିର୍ଦ୍ଦିଷ୍ଟ ସମୟ ବ୍ୟତୀତ ଏଇ ସାହେବ ୱାର୍ଡରଙ୍କ ଶରୀରରେ ଆଉ କେବେ ବି ଏସବୁ ଦେଖି ନାହିଁ । ତେବେ ମଝିରେ ମଝିରେ ରାତ୍ରି ସମୟରେ ଅଳ୍ପ-ବହୁତ ଏଇ ପ୍ରକାର ଆଲୋକ ତାଙ୍କର ଶରୀରରେ ଲକ୍ଷ୍ୟ କରିଛି । ମୋତେ ମୋ କୋଠରିରୁ ବାହାର କରି ଆଣିବା ପରେ ଦେଖିଲି ସୁପରିନ୍‌ଟେଣ୍ଡେଣ୍ଟ୍, ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ୍ ଇତ୍ୟାଦି ସମସ୍ତେହିଁ ଆସି ଉପସ୍ଥିତ । ତମ୍ବିପାୟନ, ସେଇ ପାଗଳ ଲୋକଟିର ନାମ; ସମସ୍ତେ ତାକୁ ଚିନ୍ନା ତାମ୍ବି ବୋଲି ଡାକନ୍ତି । ତାମିଲ ଭାଷାରେ ତାମ୍ବି ମାନେ ସାନ ଭାଇ । ଛାତର ଗୋଟିଏ ଦିଗରୁ ଅନ୍ୟ ଦିଗ ପର୍ଯ୍ୟନ୍ତ ଅସୁର ବିକ୍ରମରେ ସେ ଘୂରାଘୂରି କରୁଛି ଏବଂ ହାତ ଗୋଡ଼ ଦେଇ ଖଣ୍ଡ ଖଣ୍ଡ ଟାଇଲ ଚାରିଦିଗକୁ ଫୋପାଡୁଛି । କାହାରି ସାଧ ଅଛି ତା' ପାଖକୁ ଯିବ ଅଥବା ତାକୁ ଏଥିରୁ ନିବୃତ୍ତ କରିବ । ସୁପରିନ୍‌ଟେଣ୍ଡେଣ୍ଟ୍ କେତେ ଆଦର କରି ତାକୁ ଡାକିଲେ, କିନ୍ତୁ କୌଣସି ପ୍ରକାରେ ସେ ଶୁଣିଲାନି । ଏହିପରି ଭାବରେ ଗୋଟିଏ ପଟର ଟାଇଲ ପ୍ରାୟ ଶେଷ କରି ତା'ର କ'ଣ ଏକ ବୁଦ୍ଧି ଜୁଟିଲା ଯେ ନିକଟରେ ଥିବା ଏକ ବରଗଛର ଡାଳକୁ ଲମ୍ଫ ଦେଇ ଚଢ଼ି ବସି ପଡ଼ିଲା, ଏବଂ ନିଜର ପରିଧାନ ବସ୍ତ୍ର ଖୋଲି ସେଠାରେ ଥିବା ଗୋଟିଏ ଡାଳରେ ତା'କୁ ବାନ୍ଧି ଯେପରି ଏକ ଜୟ ପତାକା ପରି ଉଡ଼ାଇ ଦେଲା; ଅତଃପର ପୁନରାୟ ଗୋଟିଏ ଲମ୍ଫ ଦେଇ ଛାତରେ ଆସି ପହଞ୍ଚିଲା । ଏହା ପ୍ରାୟ ତ୍ରେତୟା ଯୁଗରେ ହନୁମାନ ଯାହା କରିଥିଲେ ତାହାରହିଁ ପୁନରାଭିନୟ କହିବାକୁ ହେବ । ସ୍ୱାଭାବିକ ଅବସ୍ଥାରେ ଏତେ ଉପରୁ ଏକ ଦୀର୍ଘ ଲମ୍ଫ ପ୍ରଦାନ କରି ଯେମିତି ଦୁଃସାହସିକତାର ପରିଚୟ କେହି ଦେଇପାରେ ବୋଲି ଆମମାନଙ୍କର ଧାରଣା ବି ହୁଏନା । ଇତି ମଧ୍ୟରେ ନିଶୁଣି ନେଇ ଛାତରେ ଲଗା ହେଲା ଏବଂ ୱାର୍ଡରମାନଙ୍କ ମଧ୍ୟରେ ଜଣେ, ଦୁଇଜଣ ସାହସ କରି ତାକୁ ଧରି ଛାତରୁ ଓହ୍ଲାଇବା ପାଇଁ ଅଗ୍ରସର ହେଲେ, କିନ୍ତୁ କିଛି ପାଦ ଆଗକୁ ଯାଉ ନଯାଉଣୁ ତମ୍ବିପାୟନ ଏମାନଙ୍କୁ ଏମିତି ଗୋଡ଼େଇ ଆସିଲା ଯେ ''ତ୍ରାହି ତ୍ରାହି'' କରି ସେମାନେ ତଳକୁ ପଳାଇ ଆସିଲେ । ଶେଷରେ ଏଇ ଅଦ୍ଭୁତ ପରିଶ୍ରମ ପରେ ତମ୍ବିପାୟନ ଏକେବାରେ ଅବସନ୍ନ ଓ ସଂଜ୍ଞାହୀନ ଅବସ୍ଥାରେ ଛାତରୁ ତଳକୁ ଗଡ଼ି ପଡ଼ିଲା ଏବଂ ସେହି ଆଘାତରୁ ତା'ର ଦୁଇଟି ଯାକ ହାତ ଭାଙ୍ଗି ଗଲା । ନାକ, ମୁହଁ ଛେଚି ହୋଇ ରକ୍ତର ସ୍ରୋତ ବହିଲା । ସମସ୍ତେ ମିଶି ଧରାଧରି କରି ତାକୁ ଏକ କୋଠରିରେ ଆଣି ରଖିବା ପରେ ତା'ର ଭଙ୍ଗା ହାତ ଦୁଇଟିରେ କାଠର ପଟା ଦେଇ ବାନ୍ଧି ଦିଆଗଲା ଏବଂ କ୍ଷତସ୍ଥାନଗୁଡ଼ିକ ଔଷଧ ଦେଇ ବ୍ୟାଣ୍ଡେଜ୍ କରି ଦିଆଗଲା । କ୍ରମେ ସେ ସଂଜ୍ଞା ଲାଭ କଲା; ଏବଂ ଉପଯୁକ୍ତ ସେବାଯତ୍ନ ଫଳରେ କିଛିଦିନ ଭିତରେ ସେ ଆରୋଗ୍ୟ ଲାଭ କଲା; ମାତ୍ର ଦୁଃଖର ବିଷୟ ତା'ର ହସ୍ତଦ୍ୱୟ ଚିରଦିନ ପାଇଁ ଅକର୍ମଣ୍ୟ ହୋଇ ରହିଲା । କ୍ରମେ ଯେପରି ଏହି ଅକର୍ମଣ୍ୟ ଜୀବନ ତା' ସକାଶେ ଏକେବାରେ ଅସହ୍ୟ ହୋଇ ଉଠିଲା ଏବଂ କ'ଣ କରିବ କିଛି ଉପାୟ ନପାଇ ଅଗତ୍ୟା ଦିନେ ରାତିରେ ନିଜ କୋଠରିରେ ଫାଶୀ ଲଗାଇ ଆତ୍ମହତ୍ୟା କଲା ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ସମସ୍ୟା ଓ ତା'ର ସମାଧାନ

## ପ୍ରସାଦ ତ୍ରିପାଠୀ

ଆମେ ପଢ଼ିଛୁ ମହାତ୍ମାଗାନ୍ଧିଙ୍କ ଜୀବନର ଗୋଟିଏ ଘଟଣା । ଥରେ କେହି ଜଣେ ବିଶିଷ୍ଟ ବ୍ୟକ୍ତି ମୋହନଦାସ କରମଚାନ୍ଦ ଗାନ୍ଧି ପଢୁଥିବା ଶ୍ରେଣୀକୁ ପରିଦର୍ଶକ ହିସାବରେ ଆସି କିଛି ପାଠ ଡାକିଲେ ଲେଖିବା ପାଇଁ । ମାତ୍ର ମୋହନଦାସଙ୍କୁ ତାହା ଆସୁ ନଥିଲା । ପଛପଟେ ଶ୍ରେଣୀ ଶିକ୍ଷକ ଛିଡ଼ା ହୋଇ ପାଖ ପିଲାର ଖାତାରୁ ଦେଖି ଲେଖି ଦେବା ପାଇଁ ମୋହନଦାସଙ୍କୁ ଇସାରା ଦେଲେ; ମାତ୍ର ତାହା ମିଥ୍ୟା ଆଚରଣ ବୋଲି ମୋହନଦାସ ତାହା କଲେ ନାହିଁ । ପରେ ଶିକ୍ଷକ କାହିଁକି ମୋର ନିର୍ଦ୍ଦେଶ ମାନିଲୁ ନାହିଁ ବୋଲି ପଚାରନ୍ତେ ମୋହନଦାସ ତାହା ମିଥ୍ୟା ବୋଲି କହିଲେ ଏବଂ ସେ ମିଥ୍ୟା ଆଚରଣ କରିପାରିବେ ନାହିଁ ବୋଲି ମଧ୍ୟ ମତାମତ ଦେଲେ । ଏହି ଘଟଣାକୁ ଗାନ୍ଧିଜିଙ୍କର ସତ୍ୟ ପ୍ରତି ଆଗ୍ରହ ଏବଂ ସତ୍ୟବାଦୀତାର ଲକ୍ଷଣ ପ୍ରଭୃତି ବର୍ଣ୍ଣନା କଲାବେଳେ ଉଦାହରଣ ଦିଆଯାଏ । ମାତ୍ର ମୁଁ ଏହି ଘଟଣାକୁ ଅନ୍ୟ ଏକ ଉଦ୍ଦେଶ୍ୟରେ ଉଦାହରଣ ଭାବରେ ଗ୍ରହଣ କରୁଛି ।

ଉପରୋକ୍ତ ଘଟଣାଟି ଆନୁମାନିକ ଭାବରେ ୧୮୮୦-୮୨ ମସିହା ମଧ୍ୟରେ ହୋଇଥିବ । କାରଣ ମହାତ୍ମା ଗାନ୍ଧିଙ୍କୁ ୧୧/୧୨ ବର୍ଷ ବୟସ ହୋଇଥିବା ସମୟରେ ଏହି ଘଟଣା ଘଟିଥିବ । ତେଣୁ ଏଥିରୁ ପ୍ରମାଣ ମିଳୁଛି ଯେ ୧୮୮୦ ମସିହାରେ ମଧ୍ୟ ଆମ ସଂସାରରେ କପି ଥିଲା ଏବଂ ଏବେ ମଧ୍ୟ ଅଛି । ତଫାତ୍ ହେଉଛି ସେତେବେଳେ କପି ଉପରେ ଯେତିକି ଗୁରୁତ୍ୱ ଦିଆଯାଉଥିଲା ଏବେ ତା'ଠାରୁ ସହସ୍ର ଗୁଣ ଅଧିକ ଗୁରୁତ୍ୱ ଦିଆଯାଉଅଛି । କପିର ବିପରୀତ ଶବ୍ଦ ହେଲା ବିଶ୍ୱାସ । କପିକୁ ଯଦି ଅବିଶ୍ୱାସ କୁହାଯାଏ ତେବେ କପି ନ କରିବାକୁ ବିଶ୍ୱାସ କହିବାକୁ ହେବ । ଗତ ୧୫୦ ବର୍ଷ ଧରି ଯେଉଁ ଅଭ୍ୟାସ ପିଲାମାନେ ଆପଣେଇ ସାରିଛନ୍ତି ତାକୁ ଆମେ କାହିଁକି ଏବେ ସମ୍ପୂର୍ଣ୍ଣ ନୂଆ ବିଷୟ ବୋଲି ଭାବି ଆତଙ୍କିତ ହେବା ଏବଂ କପି ଧରିବା ନାମରେ ଗୋଟିଏ ପ୍ରହସନ କରିବା ।

ପରୀକ୍ଷା ଆରମ୍ଭ ପୂର୍ବଦିନ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସମାଜର ସାଧାରଣ ଶିକ୍ଷାବିତ୍‌ମାନେ ସମସ୍ତେ ସାମୂହିକ ଭାବରେ ମତ ଦେଲେ ଯେ ପିଲାମାନେ ଚାପମୁକ୍ତ ହୋଇ ପରୀକ୍ଷାରେ ଲେଖନ୍ତୁ ଏବଂ ତା' ସହିତ ଖବର ବାହାରିବ ଯେ ପିଲାମାନଙ୍କଠାରୁ କପି ଧରିବା ପାଇଁ କିଂବା କପି ନ ହେବାକୁ ନିଶ୍ଚିତ କରିବା ପାଇଁ ପାଞ୍ଚ/ଛଅ/ସାତ ସ୍ତରୀୟ ବ୍ୟବସ୍ଥା କରାଯାଇଛି ।

ଏହାର ଅର୍ଥ ହେଲା ଏପଟେ କହୁଛୁ ଚାପମୁକ୍ତ ହୋଇ ପରୀକ୍ଷାରେ ଲେଖ, ସେପଟେ କହୁଛୁ ଯଦି କପି କରିବ ତେବେ ଆମେ ତୁମକୁ ଯେମିତି ହେଉ ପଛେ ଧରିବୁ । ସମାଜରେ ଯେତିକି ପିଲା ପରୀକ୍ଷା ଦେଉଛନ୍ତି ସେମାନଙ୍କ ମଧ୍ୟରୁ ଶତକଡ଼ା ୧ ବା ୨ ଭାଗ କପି କରୁଥିବେ – ମାତ୍ର ଧରିବା ପାଇଁ ବ୍ୟବସ୍ଥା ହେଉଛି ସମସ୍ତଙ୍କ ପାଇଁ । ଉଦାହରଣ ସ୍ୱରୂପ ୧୦୦ ଜଣ ପିଲା ପରୀକ୍ଷା ଦେଉଛନ୍ତି । ସେ ୧୦୦ ଜଣଙ୍କ ପାଇଁ ସି.ସି. କ୍ୟାମେରା ଲାଗିଛି । ଯଦି ସେଥିରେ ଗୋଟିଏ ବା ଦୁଇଟି ପିଲା କପି କରୁଥିବେ, ମାତ୍ର ୧୦୦ ଜଣଙ୍କୁ ଆତଙ୍କିତ କରାଯାଉଛି । ୧୦୦ ଜଣଙ୍କ ପାଇଁ ଖର୍ଚ୍ଚ କରାଯାଉଛି, ୧୦୦ ଜଣଙ୍କୁ ଦେଖିବା ପାଇଁ ବ୍ୟବସ୍ଥା କରାଯାଉଛି । ଅର୍ଥାତ୍ ଯେଉଁଠାରେ ଶତକଡ଼ା ୨ ଭାଗ ହୁଏତ ଅସତ୍ ଉପାୟ ଅବଲମ୍ବନ କରୁଥିବେ, ମାତ୍ର ଶତକଡ଼ା ଶହେଜଣଙ୍କ ପାଇଁ ସାବଧାନତା ଅବଲମ୍ବନ କରାଯାଉଛି । ଏଥିରେ ସରକାରଙ୍କର କ'ଣ ଲାଭ ହେଉଛି ସରକାରହିଁ କହିବେ ।

ଆମେ ଦେଖିଲୁ କୌଣସି ଗୋଟିଏ ପରୀକ୍ଷାରେ ପ୍ରଶ୍ନକର୍ତ୍ତାଙ୍କ ନିକଟରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଗଲା । ପରୀକ୍ଷା ବନ୍ଦ ହୋଇଗଲା । ପୁଣି ଥରେ ହେଲା । ଯେଉଁଠାରେ ପ୍ରଶ୍ନକର୍ତ୍ତା ନିଜେ ବିଶ୍ୱାସଯୋଗ୍ୟ ହୋଇ ପାରୁ ନାହାନ୍ତି, ସେଠାରେ ଯେଉଁ ପ୍ରେସରେ ପ୍ରଶ୍ନପତ୍ର ଛପା ହେବ, ଯିଏ ପ୍ୟାକିଂ କରିବେ, ଯିଏ ଟ୍ରାନ୍ସପୋର୍ଟ କରିବେ, ଯେଉଁଠାରେ ପ୍ରଶ୍ନ ରଖାଯିବ ଇତ୍ୟାଦି ଇତ୍ୟାଦି ବିଭିନ୍ନ ପ୍ରକାରର ବିଶ୍ୱାସଯୋଗ୍ୟ ବ୍ୟକ୍ତିମାନେ ମିଳିବେ ତ !

ସରକାରଙ୍କୁ କେଉଁଠାରେ କାହାକୁ ବିଶ୍ୱାସ କରିବାକୁହିଁ ପଡ଼ିବ । ନଚେତ୍ ଏତେ ପ୍ରଚେଷ୍ଟା – ଯେଉଁଥିରେ ହଜାର ହଜାର ବ୍ୟକ୍ତି ନିଯୁକ୍ତ ଏବଂ କୋଟି କୋଟି ଟଙ୍କା ଖର୍ଚ୍ଚ, ସବୁ ପୂରାପୂରି ବେକାର ହୋଇଯିବ ।

ଏବେ ଦେଖାଯାଉ ହଜାର ହଜାର ବ୍ୟକ୍ତିଙ୍କ ଉପରେ

ନିର୍ଭର କରିବା ସହଜ ନା ପିଲାମାନଙ୍କ ଉପରେ ବିଶ୍ୱାସ କରିବା ସହଜ ।

ସତରେ ଆମେ ଟିକେ ଭାବିବା ସରକାରଙ୍କର ଉଦ୍ୟମ – ଯିଏ କପି କରୁଛି ତାକୁ ଧରିବା ପାଇଁ ନା କେହି କପି ନ କରିବା ପାଇଁ । ସରକାରଙ୍କର କୌଣସି ଉଦ୍ୟମ ଆଦୌ କପି ନହେବା ପାଇଁ ଉଦ୍ଦିଷ୍ଟ ନୁହେଁ, ତାହା କେବଳ କପି ଧରିବା ପାଇଁ । ଯେତେବେଳେ କପି ଧରିବା ପାଇଁ ଏତେ ଖର୍ଚ୍ଚ, ଏତେ ଉଦ୍ୟମ, ଏତେ ସମୟ ବ୍ୟୟ କରାଯାଉଛି, କିପରି ବିଶ୍ୱାସ ଆସିବ ଯେ କେହି କପି କରିବେ ନାହିଁ ? ଅନ୍ତତଃ ସରକାରଙ୍କର ଉଦ୍ୟମକୁ ସମ୍ମାନ ଦେବାକୁ ହେବ ତ !

ବାସ୍ତବରେ ସଂସାରରେ ଯାହା ଘଟୁଛି ତା'ର ସମାଧାନ ଖୋଜିବାକୁ ଗଲେ ପ୍ରଥମେ ତା'ର ସମାଧାନ ସମ୍ଭବ ବୋଲି ବିଶ୍ୱାସ କରିବାକୁ ହେବ । ଯଦି ସମାଧାନ ସମ୍ଭବ ନୁହେଁ ତେବେ ଖୋଜିବା କାହିଁକି ? ତେଣୁ ସମାଧାନ ଖୋଜିବାକୁ ଗଲାବେଳେ ସମସ୍ୟାକୁ ଖୁବ୍ ଗୁରୁତ୍ୱ ଦେଲେ ସମାଧାନ ଆସିବା ଏତେ ସହଜ ହେବ ନାହିଁ, କାରଣ ସମାଧାନ ଆସିବାକୁ ବାଟ ମିଳିବ ନାହିଁ । ଏପରି ଏକ ବିପରୀତ ଧାରାରେ ଆମେ ବିଶ୍ୱାସ କରିସାରିଛୁ ଯେ ସେଥିରୁ ମୁକୁଳି ଆସିବା ଆମ ପାଇଁ ଆଦୌ ସମ୍ଭବ ନୁହେଁ ବୋଲି ବିଶ୍ୱାସ କରି ତା'ର ସମାଧାନ ଖୋଜୁଛୁ । ପ୍ରକୃତରେ ଏହା ଏକ ଅତ୍ୟନ୍ତ ଅବାନ୍ତର କଥା । ଯାହା ଆମେ ନିଜେ କରୁଛୁ ସେଥିରେ ଆମର ବିଶ୍ୱାସ ନାହିଁ । ପ୍ରମାଣ ସ୍ୱରୂପ ବର୍ତ୍ତମାନ ସମାଜରେ ପିଲାଙ୍କର ପରୀକ୍ଷା ପଦ୍ଧତି ପାଇଁ ଯେଉଁମାନେ ସମାଧାନ ଖୋଜୁଛନ୍ତି ସେମାନଙ୍କୁ ଏକାନ୍ତରେ ପଚାରିଲେ ସମସ୍ତେ କହିବେ ଆମେ ଜାଣୁ ଯେ ଏହାର ସମାଧାନ ନାହିଁ, ମାତ୍ର କିଛି ତ କରିବାକୁ ହେବ । ଅର୍ଥାତ୍ ପ୍ରଥମରୁ ଆମେ ସମ୍ପୂର୍ଣ୍ଣ ନିଶ୍ଚିତ ଯେ ଏହାର କୌଣସି ସମାଧାନ ନାହିଁ । ତେବେ ଏତେ ପ୍ରଚେଷ୍ଟା ସବୁ କେବଳ କିଛି ଚେଷ୍ଟା କରୁଛୁ ବୋଲି ସନ୍ତୁଷ୍ଟ ହେବା ପାଇଁ ।

ଏଭଳି ଆମ ଭିତରେ କେହି ନାହାନ୍ତି ଯେ ପ୍ରକୃତରେ ଏହି ସମସ୍ୟାର ସମାଧାନ ଜାଣି ନାହାନ୍ତି । କିନ୍ତୁ ତାକୁ କାର୍ଯ୍ୟରେ ପରିଣତ କରିବାକୁ ସାହସ ନାହିଁ । ତେଣୁ ପ୍ରଥମରୁ ଆମେ ଯଦି ସ୍ଥିର କରିବା ଯେ ପ୍ରକୃତରେ ଏହାର ସମାଧାନ ଅଛି ତେବେ ନିଶ୍ଚୟ ବାଟ ଦିଶିବ ।

ପ୍ରଥମ କଥା ହେଲା – ପିଲାମାନେ କପି କରନ୍ତି କାହିଁକି ? କାରଣ ପରୀକ୍ଷାର ଫଳାଫଳରୁହିଁ ପିଲାଟିର ଶିକ୍ଷାଗତ ମାନ ନିର୍ଦ୍ଧାରଣ କରାଯାଏ । ଯେଉଁ ପରୀକ୍ଷା ବି ହେଉନା କାହିଁକି, ସେଇ ପରୀକ୍ଷାରେ ପିଲାମାନେ ପାଇଥିବା ନମ୍ବରହିଁ ସେମାନଙ୍କର ସାମର୍ଥ୍ୟ ଦର୍ଶାଏ । ତେଣୁ ଆମେ ପରୀକ୍ଷା କଲେ ମଧ୍ୟ ପରୀକ୍ଷାର ନମ୍ବରକୁ ପୂର୍ଣ୍ଣ ଗୁରୁତ୍ୱ ନଦେଇ ଆଂଶିକ ଗୁରୁତ୍ୱ ଦେବା । ଦ୍ୱିତୀୟରେ ଯେଉଁ ପିଲାଟିକୁ ଶିକ୍ଷକ ଏତେ ବର୍ଷ ଧରି ପଢ଼ାଇ ଆସୁଛନ୍ତି ତା'ର କେଉଁ ବିଷୟରେ ବା କାର୍ଯ୍ୟରେ ଆଗ୍ରହ ଅଛି ତାକୁ ଖୋଜିବା, ସେଥିରେ ଉତ୍ସାହିତ କରିବା । ତୃତୀୟରେ ଆଦୌ ତାକୁ କୌଣସି ପିଲା ସହିତ ତୁଳନା କରି ତା'ର ସାମର୍ଥ୍ୟକୁ ଊଣା କରିବା ନାହିଁ । ସେ ତା' ପାଇଁ ଦାୟୀ ଏବଂ ସେଥିପାଇଁ ସେ ନିଜେ ନିଜ ପାଇଁ ଚେଷ୍ଟା କରିବ । ସେଥିରେ ଆଉ ଅନ୍ୟ କେହି ଦାୟୀ ରହିବେ ନାହିଁ । ସମସ୍ତଙ୍କଠାରୁ ସାହାଯ୍ୟ କିଂବା ପରାମର୍ଶ ନେଲେ ମଧ୍ୟ ତା'ର ସଫଳତା, ବିଫଳତା ପାଇଁ ସେ ହିଁ ଦାୟିତ୍ୱ ନେବ । ଚତୁର୍ଥରେ ସେ ନିଜେ ଅନ୍ୟମାନଙ୍କୁ ସେମାନଙ୍କର ସାମର୍ଥ୍ୟ ପାଇଁ ପ୍ରଶଂସା ତଥା ଉତ୍ସାହିତ କରୁଥିବ । ପଞ୍ଚମରେ ସେ ଯେକୌଣସି କାର୍ଯ୍ୟରେ ଅଂଶ ଗ୍ରହଣ କରିବା ପାଇଁ ଉତ୍ସାହିତ ହେଉଥିବ । ଷଷ୍ଠରେ କାହାର ବିଫଳତାରେ ସେ କେବେ ବି ଖୁସୀ ହେଉ ନଥିବ । ସପ୍ତମରେ ଅନ୍ୟ ସହିତ ପ୍ରତିଯୋଗିତା ନକରି ନିଜ ସହିତ ପ୍ରତିଯୋଗିତା କରିବ, ଯେପରି ପୂର୍ବାପେକ୍ଷା ଅଧିକ ଅଗ୍ରଗତି କରିପାରେ । ଅଷ୍ଟମରେ କେବେହେଲେ କୌଣସି ଘଟଣାରେ ବିଷାଦଗ୍ରସ୍ତ ହେବ ନାହିଁ । ନବମରେ ପରୀକ୍ଷା କେବଳ ଜୀବନର ଏକ ଘଟଣା । ଏହା ଜୀବନର ସବୁକିଛି ନୁହେଁ ବୋଲି ମନେ ରଖିବ ଏବଂ ଜୀବନରେ ସବୁବେଳେ ମା'ଙ୍କ ଚରଣରେ ସମର୍ପିତ ହୋଇ ବଞ୍ଚିବା ପାଇଁ ଚେଷ୍ଟା କରିବ ।

ଏବେ ଦେଖାଯାଉ, ଉପରୋକ୍ତ ଦଶଟି ସର୍ତ୍ତରୁ କେଉଁ ଗୋଟିକ ଅସମ୍ଭବ ବା ଅବାନ୍ତର । ତେଣୁ ଯଦି ତାହା ପ୍ରକୃତରେ ସମ୍ଭବ, ସେଥିପାଇଁ ଚେଷ୍ଟା କରିବା । ଆଉ ଗୋଟିଏ କଥା ହେଲା ଆମର ସମ୍ବାଦ ସରବରାହ ସଂସ୍ଥା । ସେମାନେ ଆଦୌ ପିଲାମାନଙ୍କର ବା ସ୍କୁଲଗୁଡ଼ିକର ଫଳାଫଳକୁ ଯଥେଷ୍ଟ ଗୁରୁତ୍ୱ ଦେଇ ଖବର ପ୍ରକାଶ କରିବେ ନାହିଁ । ସେମାନେ ଯଦି ତାହା ବନ୍ଦ କରିପାରିବେ ତେବେ ଅନେକ ସମସ୍ୟାର ସମାଧାନ ହୋଇଯିବ । ଯିଏ ଭଲ କଲା, ତାକୁ ପ୍ରଶ୍ନ କରାହେବ – କିପରି ପ୍ରସ୍ତୁତ ହେଉଥିଲ, କେତେ ଘଣ୍ଟା ପରିଶ୍ରମ କରୁଥିଲ, ତୁମର ଫଳାଫଳ ନିମନ୍ତେ କାହାକୁ ଶ୍ରେୟ ଦେବ, ବଡ଼ ହେଲେ କ'ଣ ହେବାକୁ ଚାହଁ, ଇତ୍ୟାଦି । ବେଶ୍ କିଛି ଅନାବଶ୍ୟକ ପ୍ରଶ୍ନ ପଚାରି

ତାକୁ ଦୃଷ୍ଟି ଆକର୍ଷଣ କରି ଦୁର୍ବଳ ପିଲାକୁ ହତୋତ୍ସାହିତ କରିବା ଅତ୍ୟନ୍ତ ଅନ୍ୟାୟ ।

ଆମେ କହିପାରିବା କି, ଘରେ ସମସ୍ତ ସୁବିଧା ସୁଯୋଗ ଥାଇ, ଅତ୍ୟନ୍ତ ଉଚ୍ଚମାନର ଶିକ୍ଷାକେନ୍ଦ୍ରରେ ଅଧ୍ୟୟନ କରି, ଏକାଧିକ ଟ୍ୟୁସନ୍ ହୋଇ ପରୀକ୍ଷାରେ A+ ପାଇବା ଏବଂ ଘରେ ଆଦୌ କୌଣସି ସୁବିଧା ନଥାଇ, ମାଆବାପା ମୂଲ ଲାଗି ପଢ଼ାଉଥିବା ପିଲା ନିଜର ମାଆବାପାଙ୍କୁ ସାହାଯ୍ୟ କରି ଆଦୌ କୌଣସି ଟ୍ୟୁସନ୍‌ର ସହାୟତା ନନେଇ କେବଳ ନିଜର ଉଦ୍ୟମ ଫଳରେ ୫୦% ମାର୍କ ରଖିବା ମଧ୍ୟରୁ ଅଧିକ ସାମର୍ଥ୍ୟ କାହାର ?

ଯେଉଁମାନଙ୍କୁ ଆମେ ପ୍ରଶଂସା କରି ଆମ ସମ୍ବାଦପତ୍ରରେ ସେମାନଙ୍କ ଫଟୋ ଦେଇ ଛାପୁଛୁ, ପରେ ଭିଜିଲାନ୍ସ ଦ୍ୱାରା ଧରା ପଡ଼ିଲା ବେଳେ ଆମର ପୁରୁଣା ସମ୍ବାଦକୁ ତା' ସହିତ ମିଶାଇ ପଢ଼ିବାକୁ କେବେ ଚେଷ୍ଟା କରିଛୁ କି ?

ସମାଜରେ ବିଭିନ୍ନ ପ୍ରକାରର ବ୍ୟକ୍ତିମାନେ ଅଛନ୍ତି । ସମସ୍ତଙ୍କର କିଛି ନା କିଛି ମର୍ଯ୍ୟାଦା ଅଛି । ଦୈନିକ ପରିବା ବିକ୍ରୟ ଠାରୁ ଆରମ୍ଭ କରି, ଖବରକାଗଜ ବାଣ୍ଟିବାବାଲା, ଠେଲାଗାଡ଼ିରେ ମାଆବାପାଙ୍କୁ ସାହାଯ୍ୟ କରି ଯେଉଁମାନେ କାହାରି ପ୍ରତି ଈର୍ଷା ଆଚରଣ ନକରି ପାଠ ପଢୁଛନ୍ତି, ସମ୍ବାଦ ସଂସ୍ଥାମାନଙ୍କର କ'ଣ ସେମାନଙ୍କ ପ୍ରତି କର୍ତ୍ତବ୍ୟ ନାହିଁ ? ଏପରି ପିଲାମାନଙ୍କୁ ଖୋଜୁ ନାହାନ୍ତି, ଯେଉଁ ସମ୍ବାଦ କି ପ୍ରକୃତରେ ସମାଜରେ ଆଦୃତ ହେବ । ପିଲାମାନେ ମଧ୍ୟ କିଛିଟା ନିଶ୍ଚୟ ଉତ୍ସାହିତ ହେବେ ।

ବିରାଡ଼ି ଆଖିବୁଜି କ୍ଷୀର ଖାଉଥିଲେ ଭାବୁଥିବ ମୋତେ କେହି ଦେଖିପାରୁ ନାହାନ୍ତି । ଆମେ ସେମିତି ସମାଧାନ ଜାଣି ମଧ୍ୟ ଚେଷ୍ଟା ନ କରିବାଟାହିଁ ଆମର ଅସହାୟତାକୁ ପ୍ରମାଣ କରିବ ।

ଗୋଟିଏ ଉନ୍ନତ ସମାଜ ଗଠନ ପାଇଁ ଆସନ୍ତୁ ସମସ୍ତେ ମିଶି ପ୍ରୟାସ କରିବା ।

❑❑❑

**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

**କାହାଣୀ :**

# ଉପଯୁକ୍ତ ବେଶ ପକାଇ ଆସ !

## ମନୋଜ ଦାସ

ଗୋଟିଏ ରାଜ୍ୟ ଜୟ କଲେ ରାଜା ତାଙ୍କ ପୋଷାକରେ ଖଣ୍ଡିଏ ନୂଆ ହୀରା ଲଗାନ୍ତି । ରାଜ୍ୟ ପରେ ରାଜ୍ୟ, ଚାରି ଛଅ ରାଜ୍ୟ ଜୟ କରି, ପଗଡ଼ି ଓ ପରିଧେୟରେ ଚାରି, ଛଅ ଟେକା ହୀରା ଝଲସାଇ ରାଜା ନିଜ ନଅରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ।

ଡେରା ପଡ଼ିଥିଲା ଗୋଟିଏ ପର୍ବତର ପାଦଦେଶରେ । ଦୁଇ ରାଜ୍ୟ ମଝିରେ ଏଇଟା ଗୋଟାଏ ଜନହୀନପ୍ରାୟ ବଣ ମୂଲକ ।

ସୈନ୍ୟବାହିନୀ ଶୋଇ ପଡ଼ିଥିଲେ । ରାଜା ତାଙ୍କ ଶିବିର ବାହାରେ ନିଶାର୍ଦ୍ଧରେ ପଦଚାରଣା କରୁଥିଲେ । ହଠାତ୍ ସମ୍ମୁଖବର୍ତ୍ତୀ ପର୍ବତ ଉପରେ ଏକ ଅଦ୍ଭୁତ ନୀଳାଭ ଆଲୋକ ତାଙ୍କର ଦୃଷ୍ଟିଗୋଚର ହେଲା । ତାଙ୍କ ହୃଦୟ ବିସ୍ମୟ, ଚମକ ଏବଂ ଆନନ୍ଦରେ ଭରିଗଲା । ସେ ଆଲୋକ ଯେ ଅସାଧାରଣ, ସେଥିରେ ସନ୍ଦେହର ଅବକାଶ ନଥିଲା ।

ବିସ୍ମିତ ରାଜା ମନ୍ତ୍ରୀଙ୍କୁ ନିଦରୁ ଉଠାଇଲେ ଓ ସେ ଆଲୋକ ଦେଖାଇଲେ । ମନ୍ତ୍ରୀ ଅତି ସ୍ୱାଭାବିକ ଭାବରେ କହିଲେ, ''ମହାରାଜ, ମୁଁ ସନ୍ଧ୍ୟାବେଳେ ଆଖପାଖର ଲୋକଙ୍କଠୁଁ ଶୁଣିଥିଲି କି ସେ ପର୍ବତ ଉପରେ ଜଣେ ସନ୍ନ୍ୟାସୀ ରହନ୍ତି । ଶୀତ ରାତି । ସେ ନିଆଁ ଜାଳିଛନ୍ତି !''

''ମନ୍ତ୍ରୀ ! ତମକୁ ସେ ଆଲୋକ କିପରି ଲାଗୁଛି ?''

ରାଜାଙ୍କ ପ୍ରଶ୍ନରେ ବିସ୍ମିତ ହୋଇ ମନ୍ତ୍ରୀ କହିଲେ, ''ମଣିମା ! ଶୁଖିଲା କାଠପତ୍ର ଜାଳିଲେ ନିଆଁ ଯେପରି ହେବା କଥା, ଏହା ସେହିପରି ।''

''ଆଚ୍ଛା, ଶୋଇବ ଯାଅ ।'' କହିଲେ ରାଜା । ସେ ବୁଝିଲେ ଯେ ଆଲୋକର ଯେଉଁ ବିଶେଷତ୍ୱ ସେ ଦେଖୁଛନ୍ତି ମନ୍ତ୍ରୀ ତାହା ଦେଖିପାରୁ ନାହାନ୍ତି ।

ପ୍ରଭାତ ହେଲା । ରାଜା ସନ୍ନ୍ୟାସୀଙ୍କୁ ଭେଟିବାର ଅନୁମତି ପ୍ରାର୍ଥନା କରି ଦୂତ ପଠାଇଲେ । ଦୂତ ଫେରି ଆସି କହିଲା, ''ସନ୍ନ୍ୟାସୀ କହୁଛନ୍ତି କି ତାଙ୍କୁ ଭେଟିବାକୁ ହେଲେ ରାଜା ଉପଯୁକ୍ତ ବେଶ ପକାଇ ଯିବା ଦରକାର ।''

''ଅବଶ୍ୟ !'' କହି ରାଜା ତାଙ୍କର ରତ୍ନଖଚିତ ପୋଷାକ ଓ ପଗଡ଼ି ଲଗାଇ ବାହାରି ପଡ଼ିଲେ । ସେ ପର୍ବତ ଅଧା ଚଢ଼ିବା ବେଳକୁ ସନ୍ନ୍ୟାସୀଙ୍କର ଜଣେ ଚେଲା ଆସି କହିଲା, ''ଗୁରୁଦେବ ମଣିମାଙ୍କୁ ଦୂରରୁ ଦେଖିଛନ୍ତି । ସେ କହିଲେ କି ଆପଣ ଉପଯୁକ୍ତ ବେଶ ପକାଇ ଆସିବା ଦରକାର ।''

ରାଜା ନୀରବରେ ଶିବିରକୁ ଆସି ରତ୍ନ-ପୋଷାକ ଉତାରି ଜଣେ ସାଧାରଣ ନାଗରିକର ପୋଷାକ ପିନ୍ଧିଲେ ଓ ନିଜକୁ ନିଜେ କହିଲେ, ''ବାସ୍ତବିକ, ରାଜ-ପୋଷାକରେ ସନ୍ନ୍ୟାସୀଙ୍କ ପାଖକୁ ଯିବାକୁ ବାହାରିବାଟା ବୋକାମି ଛଡ଼ା ଆଉ କ'ଣ !''

ସେ ପର୍ବତ ଚଢ଼ିବାକୁ ଆରମ୍ଭ କରନ୍ତେ ପୁଣି ଜଣେ ଚେଲା ଆସି କହିଲା, ''ମହାରାଜ ! ଗୁରୁଦେବ କହୁଛନ୍ତି କି ଆପଣ ଉପଯୁକ୍ତ ବେଶରେ ଆସନ୍ତୁ ।''

ରାଜା ଅଗତ୍ୟା ତମ୍ବୁକୁ ଫେରିଲେ ଓ ଏଥର ଗେରୁଆ ଲୁଗାପଟା ଯୋଗାଡ଼ କରି, ପିନ୍ଧି ପୁଣି ପର୍ବତ ଚଢ଼ିବାକୁ ଆରମ୍ଭ କଲେ ।

''ମହାରାଜ ! ଗୁରୁଦେବ କହିଲେ କି ଆପଣ ଉପଯୁକ୍ତ ବେଶ ପକାଇ ଆସନ୍ତୁ ।'' ତୃତୀୟ ଚେଲାଟାଏ ତାଙ୍କୁ ଆସି କହିଲା ।

ରାଜା କାନ୍ଦ କାନ୍ଦ ଦେଖାଗଲେ । ମନ୍ତ୍ରୀ ତାଙ୍କ କାନରେ କହିଲେ, ''ମହାରାଜ ! ସେ ଉଦ୍ଧତ ସାଧୁକୁ ଏହିକ୍ଷଣି ଧରି ଆଣି ଆପଣଙ୍କ ଆଗରେ ହାଜର କରିଦେବି !''

ରାଜା ଧୀର କଣ୍ଠରେ କହିଲେ, ''ମନ୍ତ୍ରୀ ! କେତେ ରାଜା, ମହାରାଜାଙ୍କୁ ବନ୍ଦୀ କରି ତ ମୋ ଆଗରେ ତୁମେ ଓ ସେନାପତି ହାଜର କରିଛ । ଜଣେ ନିରସ୍ତ୍ର, ନିର୍ବାକ୍ ସାଧୁଙ୍କୁ ଧରି ଆଣିବାରେ ବାହାଦୁରି କ'ଣ ?''

ଶିବିର ଭିତରେ ଏକାକୀ ରାଜା ଅଶ୍ରୁରୋଧ କରିପାରିଲେ ନାହିଁ । ବାସ୍ତବିକ ଆଜି ଯାଏ ସେ ନିଜକୁ କେଡ଼େ ପ୍ରଭାବଶାଳୀ, କ୍ଷମତାଶାଳୀ ମନେ କରି ଆସିଥିଲେ । ଇଏ ହେଲା କ'ଣ ? ବେଶ ବୋଇଲେ ସାଧୁ କ'ଣ ବୁଝାଉଛନ୍ତି ? ଯୋଗ୍ୟତା ? ବାସ୍ତବିକ ସେ କ'ଣ ଜଣେ ସାଧୁଙ୍କୁ ଭେଟିବାକୁ ଯୋଗ୍ୟ ? ସେ ଏ ପ୍ରଶ୍ନ ଉପରେ ଯେତିକି ଚିନ୍ତା କଲେ,

ସେତିକି ବିମର୍ଷ ବୋଧ କଲେ । ଅର୍ଥାତ୍ ଜୀବନରେ ସେ ଯେତେ ବିଜୟ ପ୍ରାପ୍ତି କରିଛନ୍ତି, ଯେତେ ମୁଣ୍ଡ କାଟ କରି ତଳେ ଲୋଟାଇ ଦେଇଛନ୍ତି, ସେସବୁ ତାଙ୍କୁ ଅନ୍ୟମାନଙ୍କ ଆଖିରେ ବିରାଟ କରି ଥାଇପାରେ, କିନ୍ତୁ ସାଧୁଙ୍କ ଆଖିରେ ସେ ଅଯୋଗ୍ୟ !

''ପୁଅ ! ଏ ବେଶରେ ତମେ କେଡ଼େ ସୁନ୍ଦର ଦିଶୁଛ ।''

ଏ ଅପୂର୍ବ କଣ୍ଠସ୍ୱର ରାଜାଙ୍କୁ ଚମକାଇ ଦେଲା, ସେ ଅନାଇବା ବେଳକୁ ତାଙ୍କ ଆଗରେ ଉଭା ସ୍ୱୟଂ ସନ୍ନ୍ୟାସୀ ।

ରାଜା ତାଙ୍କ ପାଦରେ ଲୋଟିଗଲେ । ସନ୍ନ୍ୟାସୀ ତାଙ୍କୁ ଉଠାଇ କୁଣ୍ଢାଇ ପକାଇ କହିଲେ, ''ହୃଦୟରେ ଏହିଭଳି ନମ୍ରତା-ବୋଧଠୁଁ ବଳି ସୁନ୍ଦର ସାଜ ଆଉ କିଛି ନାହିଁ ।''

''ମହାଭାଗ ! ମୁଁ କେଡ଼େ ମୂର୍ଖ ଥିଲି ! ରାଜ୍ୟ ପରେ ରାଜ୍ୟ ଜୟ କରି ନିଜକୁ ଗୌରବାନ୍ୱିତ ବୋଧ କରୁଥିଲି ।'' ରାଜା ମୃଦୁକଣ୍ଠରେ କହିଲେ ।

''ହଁ, ବତ୍ସ ! ସେ ଗୌରବବୋଧ ଅଜ୍ଞାନପ୍ରସୂତ । ଆଜି ତମେ ଜ୍ଞାନର ଉଷାଲୋକରେ ଉପନୀତ ।'' ସନ୍ନ୍ୟାସୀ ରାଜାଙ୍କୁ ଆଶୀର୍ବାଦ କରି ବୁଲିପଡ଼ି ଚାଲିଗଲେ ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ
ସଂଗୃହୀତ, ପୃ. ୧୦୧-୧୦୩)

❑❑❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **''ଉପଯୁକ୍ତ ବେଶ ପକାଇ ଆସ !''** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ପ୍ରକୃତ ବେଶ ହେଲା – ଯାହା ଭିତରେ, ବାହାରେ ସମାନ ।''

(ତତ୍ରୈବ : ପୃଷ୍ଠା : ୩୨୯)

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩-୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ନବଜୀବନର ଅନ୍ତରାଳେ

## ବନମାଳୀ ଆଚାର୍ଯ୍ୟ

ରାଜପଥରୁ ଆନୁମାନିକ ପାଞ୍ଚ ଶହ ମିଟର ଦୂରରେ ପୋଖରୀପୁର ଗାଁ । ଗାଁକୁ ଲାଗି ରହିଛି ବିରାଟ ଏକ ପୁଷ୍କରିଣୀ । ଏହାର ଜଳପତନ କେବେହେଲେ ତଳକୁ ଖସେ ନାହିଁ । ମନେହୁଏ ଯେପରି ଦେବତାଙ୍କ ବରଦାନର ଏକ ପୂର୍ଣ୍ଣଗର୍ଭା ପୁଷ୍କରିଣୀ ! ଅତୀତରେ ସେ ସ୍ଥାନରେ ଗାଁ ବା ପୋଖରୀର କୌଣସି ଅସ୍ତିତ୍ୱ ନଥିଲା । କେବଳ ରହିଥିଲା ପଥର ଚଟାଣର ଏକ ସୁବିସ୍ତୃତ ମୁକ୍ତ ଇଲାକା । ରାଜପଥ ବି ନଥିଲା । ତା' ସ୍ଥାନରେ ଥିଲା ଲମ୍ବା ଓ ଲାଲ ରଙ୍ଗର ଗୋଟିଏ ମୋରମ ରାସ୍ତା । ବେଳେବେଳେ ଶଗଡ଼ ଗାଡ଼ି ବା ଦୁଇଚକିଆ ଯାନ ରାସ୍ତା ଉପରେ ଯାଉଥିବାର ଦେଖିବାକୁ ମିଳୁଥିଲା । ମୋଟ ଉପରେ ସ୍ଥାନଟି ଜନମାନବ ଶୂନ୍ୟ ଏକ ପରିତ୍ୟକ୍ତ ଅଞ୍ଚଳ ଭଳି ପଡ଼ି ରହିଥିଲା । ଦିନେ ପଥର ବ୍ୟବସାୟୀମାନଙ୍କର ଲୋଲୁପ ଦୃଷ୍ଟି ଏହି ଚଟାଣ ଉପରେ ପଡ଼ିଲା । ପଥର ଖଣ୍ଡ ବିକ୍ରୟ କରି ଲାଭବାନ୍ ହେବା ସକାଶେ ସେମାନେ ଯୋଜନା ତିଆରି କଲେ । ଚଟାଣର ଗୋଟିଏ ପାର୍ଶ୍ୱକୁ ଖୋଳି ଚାଲିଲେ । ଖୋଳା ଯାଉଥିବା ସ୍ଥାନଟି ଗୋଟିଏ ସାଧାରଣ ପୋଖରୀ ଠାରୁ ଅଧିକ ଗଭୀର ଦେଖାଗଲା । ପରେ ପଥର ଖଣ୍ଡଗୁଡ଼ିକୁ ଶଗଡ଼ ସାହାଯ୍ୟରେ ଦୂରକୁ ପ୍ରେରଣ କରିବାରେ ଲାଗିଲେ । ମାତ୍ର ଯାହା ସେମାନେ ଭାବି ନଥିଲେ ତାହାହିଁ ଘଟିଲା । ପଥର ତଳେ ଚାପି ହୋଇ ରହିଥିବା ଝରଣାଧାର ଖୋଲିବାରେ ଲାଗିଲା । ପଥରକଟା ବନ୍ଦ ହୋଇଗଲା । କ୍ଷତିଗ୍ରସ୍ତ ହୋଇ ସେମାନେ ସେ ସ୍ଥାନ ଛାଡ଼ି ଚାଲିଗଲେ । ପଥର ଖଦାନଟି ସ୍ୱଚ୍ଛ ଜଳଥିବା ଏକ ଆୟତାକାର ପୁଷ୍କରିଣୀରେ ପରିଣତ ହେଲା । ଆଖପାଖ ଗାଁରୁ ଧୀରେ ଧୀରେ ଲୋକମାନେ ଚଟାଣ ଉପରେ ଗୃହ ନିର୍ମାଣ କରି ବସବାସ ଆରମ୍ଭ କଲେ । ପୋଖରୀପୁର ଗାଁଟି ଗଢ଼ି ଉଠିଲା । ଅନାମଧେୟ ହେଲେ ବି ରାଜପଥ ନିକଟରେ ଥିବାରୁ ଏହା ଅଧିକ ଆକର୍ଷଣୀୟ ଓ ଚଳଚଞ୍ଚଳ ହୋଇ ଉଠିଲା ।

ପ୍ରତିରକ୍ଷା ବିଭାଗରୁ ଉମେଶ ଚୌଧୁରୀ ଅବସର ନେଇ ପୁଷ୍କରିଣୀ କୂଳ ଚଟାଣ ଉପରେ ନିଜ ପାଇଁ ଗୃହଟିଏ ନିର୍ମାଣ କଲେ ଏବଂ ସେଥିରେ ଶ୍ରୀଅରବିନ୍ଦ ପାଠଚକ୍ର ଆରମ୍ଭ କଲେ । ଗାଁ ଲୋକଙ୍କ ସହଯୋଗରେ ଶ୍ରୀଅରବିନ୍ଦ ପାଠଚକ୍ର କୋଠରିକୁ ଲାଗିଥିବା ଚଟାଣ ଉପରେ ମାଟି ବିଛାଇ ଫୁଲ ବଗିଚାଟିଏ ଆରମ୍ଭ କଲେ । ପୁଷ୍କରିଣୀ, ବଗିଚା ଓ ଶ୍ରୀଅରବିନ୍ଦ ପାଠଚକ୍ର କୋଠରି ଏକ ଚମତ୍କାର ପରିବେଶ ସୃଷ୍ଟି କଲା । ଗାଁର ଲୋକମାନେ କଥାବାର୍ତ୍ତା ହେଉଥିଲେ – ''ଆମ ଭଳି ଅପାଠୁଆ ଓ ନିର୍ଦ୍ଧନ ଲୋକଙ୍କୁ ଭଗବାନ୍ ପୋଖରୀ ଓ ବଗିଚା ଦେଇଛନ୍ତି । ଉମେଶବାବୁ ଶ୍ରୀଅରବିନ୍ଦ ପାଠଚକ୍ର ସମୟରେ ଆମକୁ ବହୁତ କଥା ଶିଖାଉଛନ୍ତି । ମନେ ହେଉଛି ଆମେ ନୂଆପାଠ ଶିଖିବା ପାଇଁ ପୁଣି ବିଦ୍ୟାଳୟକୁ ଯାଉଛୁ । ସେ ଆମର ଶିକ୍ଷାଦାତା ଓ ଭଲ ମନ୍ଦର ସାଥୀ । ତାଙ୍କୁ ଦେଖି ଆମର ପୁରୁଣା ଢଙ୍ଗସବୁ ଚାଲି ଗଲାଣି । ସେଥିପାଇଁ ଆମେ ଭଗବାନଙ୍କ ନିକଟରେ ଋଣୀ ଓ କୃତଜ୍ଞ'' ।

ଆଶ୍ୱିନ ମାସର ଅପରାହ୍ଣ । ମେଘମୁକ୍ତ ଆକାଶ । ବଗିଚାର ଏକ ଖୋଲାସ୍ଥାନରେ ଶ୍ରୀଅରବିନ୍ଦ ପାଠଚକ୍ର ଆରମ୍ଭ ହେବା ପୂର୍ବରୁ କେତେଜଣ ଗ୍ରାମବାସୀ ଓ ପୁଅଝିଅ ସେ ସ୍ଥାନଟିରେ ପହଞ୍ଚି ସାରିଥିଲେ । ହଠାତ୍ ଉମେଶବାବୁ ଜଣକୁ ଲକ୍ଷ୍ୟ କରି ପ୍ରଶ୍ନ କଲେ,

''ତୁମ ସାହିରେ ପାଟିତୁଣ୍ଡ ଶୁଭୁଥିଲା ?''

''ଆଜ୍ଞା, ଗାଁ ଶେଷ ଦୁଇ ଘର ଝଗଡ଼ା ଲାଗିଥିଲେ ।''

''କିଛି ଅସୁବିଧା ଥିଲା ?''

''ନଳକୂପରୁ କିଏ ଆଗ ପାଣି ନେବ ସେଥିପାଇଁ ପାଟି କରୁଥିଲେ । ମୁଁ ସେମାନଙ୍କୁ ବୁଝାଇ ସମାଧାନ କରିଦେଲି ।''

''ଭଲ କରିଛ । ତୁମେ ଧୈର୍ଯ୍ୟ ସହକାରେ ଯାହା କଲ, ତାହା ଦେଖି ସେମାନଙ୍କ ମନ ବଦଳିଗଲା ।''

ଶ୍ରୀଅରବିନ୍ଦ ପାଠଚକ୍ରରେ ଉମେଶବାବୁ କିଛି ଆଲୋଚନା କରିବା ବେଳେ କହିଲେ, ''ସେହି ପୋଖରୀ ଆଡ଼କୁ ଚାହଁ । ତା' ଭିତରେ ଥିବା ସ୍ୱଚ୍ଛ ଜଳରାଶିକୁ ଦେଖ । ସେଥିରେ ଥିବା ଅସଂଖ୍ୟ ଛୋଟ ଛୋଟ ତରଙ୍ଗଗୁଡ଼ିକୁ ଲକ୍ଷ୍ୟ କର । ଦେଖ, ବଗିଚା ପାଖ ପାଣି ଭିତରକୁ ମୁଁ ଟେକାଟିଏ ଫିଙ୍ଗିଲି । ପାଣି ଭିତରକୁ ଟେକାଟିଏ ଫିଙ୍ଗିଲେ କିଛି ପାଣି ଉପରକୁ ଡେଇଁବା ଭଳି ଦେଖାଯାଏ । ସେଠାରେ ଆଖିକୁ

ଦେଖାଯିବା ଭଳି ଢେଉସବୁ ସୃଷ୍ଟି ହୁଏ । ସେଗୁଡ଼ିକ ଗୋଲାକାର ହୋଇ ଦୂରକୁ ଖେଳାଇ ହୋଇଯାଏ । ଯେତେ ଦୂରକୁ ଯାଏ, ସେତେ ଛୋଟ ହୋଇଯାଏ । ଶେଷରେ ଆଉ ଆଖିକୁ ଦେଖାଯାଏ ନାହିଁ । ସେଗୁଡ଼ିକ କୂଳରେ ପିଟି ହୁଏ । ଏହା ଜଳ ତରଙ୍ଗ । ସେହିପରି ଶବ୍ଦ ତରଙ୍ଗ ଓ ଭାବନା ତରଙ୍ଗ ବା ଢେଉସବୁ ଅଛି । ଆମେ ବଡ଼ ପାଟି କରୁ ବା ଧୀର ସ୍ୱରରେ କଥା ହେଉ, ସେଥିରେ ଶବ୍ଦ ତରଙ୍ଗ ସୃଷ୍ଟି ହୁଏ । ଏଗୁଡ଼ିକୁ ଆମେ ଦେଖିପାରୁ ନାହିଁ । ଏହା ବହୁ ଦୂରକୁ ଗତି କରେ । ଆମ ଭାବନାର ବି ତରଙ୍ଗ ରହିଛି ଯାହା ପୃଥିବୀପୃଷ୍ଠରେ ଖେଳିଯାଏ । ଉତ୍ତମ ଚିନ୍ତାରେ ଅନ୍ୟମାନଙ୍କର ମଙ୍ଗଳ ହୁଏ । ମନ୍ଦ ଚିନ୍ତାରେ ନିଜର ଓ ଅନ୍ୟର କ୍ଷତି ହୁଏ । ପରସ୍ପର ମଧ୍ୟରେ କଳହ ବା ଝଗଡ଼ାରେ କାହାରି ମଙ୍ଗଳ ବା ଅଗ୍ରଗତି ହୁଏ ନାହିଁ । ମନରୁ ମନ୍ଦ ଚିନ୍ତାକୁ ଦୂରେଇ ଦେବା ଦରକାର ।'' ସମସ୍ତେ ବୁଝିବା, ନବୁଝିବା ଢଙ୍ଗରେ ମୌନ ରହି ତାଙ୍କ କଥା ଶୁଣୁଥିଲେ ଏବଂ ହଜମ କରିବାକୁ ଚେଷ୍ଟା କରୁଥିଲେ ।

ଉମେଶବାବୁ ଅପରାହ୍ଣରେ ପୁଷ୍କରିଣୀ କୂଳରେ ଏକୁଟିଆ ବସି ରହି ସମୟ କାଟନ୍ତି । ବେଳେବେଳେ ଅସ୍ତଗାମୀ ରବିଙ୍କର ଲୋହିତ କିରଣରେ ପଶ୍ଚିମାକାଶର ଭାସମାନ ମେଘଖଣ୍ଡ ସୁନେଲି ଦେଖାଯାଏ । ପୁଷ୍କରିଣୀର ସ୍ୱଚ୍ଛ ଜଳରେ ସେହି ବିରଳ ଛବି ପ୍ରତିବିମ୍ବିତ ହୁଏ । ଆକାଶର ନୀଳିମା, ମେଘଖଣ୍ଡର ହୀରକ-ସୁନେଲି ଆଭା ଏବଂ ଦିଗ୍‌ବଳୟ ଉପରେ ରକ୍ତ ସୂର୍ଯ୍ୟର ଆଲୋକ ଦେଖି ଅତୀତ ଜୀବନର ଗୋପନ ସ୍ମୃତିଟିଏ ତାଙ୍କ ମନକୁ ଆସେ । ସେ ଭାବାବିଷ୍ଟ ହୋଇ ପଡ଼ନ୍ତି । ସେହି ମୁହୂର୍ତ୍ତର ସମ୍ମୋହନରେ ସେ ଅନ୍ତର୍ମୁଖୀ ହୋଇ ଯାଆନ୍ତି । ଦିନେ କେତେଜଣ ଗ୍ରାମବାସୀ ନିକଟରେ ଠିଆ ହୋଇ ବିସ୍ମୟଭରା ଚକ୍ଷୁରେ ତାଙ୍କର ଏହି ଅବସ୍ଥାକୁ ଲକ୍ଷ୍ୟ କରୁଥିଲେ । – ''ସାର୍, ଆପଣଙ୍କ ମନ ଭଲ ନାହିଁ କି ? ଅନେକ ସମୟ ଧରି ଆପଣ ସେ ପାଣି ଭିତରକୁ ଚାହିଁ ରହିଛନ୍ତି ?''

''ନାଁ, ସେପରି କିଛି ନୁହେଁ, ମୁଁ ଭଲ ଅଛି । ଆକାଶର ସେ ସୁନ୍ଦର ରୂପକୁ ପାଣି ଭିତରେ ଦେଖୁଛି ।''

''କିନ୍ତୁ ଆପଣ ଖୁସି ଜଣା ପଡୁ ନାହାନ୍ତି, ବହୁତ ଉଦାସ ଲାଗୁଛନ୍ତି । ଆମେ କ'ଣ ଅଜାଣତରେ ଆପଣଙ୍କୁ କଷ୍ଟ ଦେଇଛୁ ?''

''ଯୁଦ୍ଧ ସମୟର କଥା । ସୀମାନ୍ତରେ ଆମେ ଶତ୍ରୁସୈନ୍ୟଙ୍କ ଉପରକୁ ଗୁଳିବର୍ଷଣ କରୁଥିଲୁ, ଆଉ ସେମାନେ ମଧ୍ୟ ଆମ ଉପରକୁ । ମୁଁ ଗୋଟିଏ ସୈନ୍ୟଦଳଙ୍କ ନେତୃତ୍ୱ ନେଇଥିଲି । କେଉଁଠୁ ଗୋଟିଏ ଗୁଳି ଆସି ମୋ ବାମ କାନ୍ଧରେ ଲାଗିଲା । ରକ୍ତରେ ମୋ ପୋଷାକ ଓଦା ହୋଇଗଲା । ମୁଁ ଶତ୍ରୁର ମୁକାବିଲାରେ ଏତେ ମଜ୍ଜି ଯାଇଥିଲି ଯେ ମୋ କ୍ଷତ ପ୍ରତି ମୋର ନଜର ନଥିଲା । ଧୀରେ ଧୀରେ ମୁଁ ଅବଶ ହୋଇ ପଡ଼ିଲି । ଜଣା ନାହିଁ କେତେବେଳେ ଚେତାଶୂନ୍ୟ ହୋଇ ଗୋଟିଏ ପଥର କଡ଼ରେ ପଡ଼ି ରହିଲି । ଯେତେବେଳେ ମୋର ଚେତା ଆସିଲା, ମୁଁ ବଞ୍ଚିଥିବାର ଜାଣି ପାରିଲି । ପାହାଡ଼ିଆ ଇଲାକାରେ ପଥର ଓ ବୁଦା ଆଢୁଆଳରେ ନିଜକୁ ଲୁଚାଇ ରଖି ଶତ୍ରୁକୁ ନିପାତ କରିବା ଆମର କାମ । ମାତ୍ର ଗୁଳିବିଦ୍ଧ ଅବସ୍ଥାରେ ଅର୍ଦ୍ଧମୃତ ହୋଇ ପଡ଼ି ରହିବା ନିରାପଦ ନୁହେଁ । ଶତ୍ରୁ ସୈନ୍ୟ ଅର୍ଦ୍ଧମୃତଙ୍କୁ ବାୟୋନେଟ୍‌ରେ ମାରି ଦିଅନ୍ତି ଓ ପାହାଡ଼ ତଳକୁ ଗଡ଼ାଇ ଦିଅନ୍ତି । ସଚେତନ ହୋଇ ଦେଖିଲି, ମୋର କନିଷ୍ଠ ଅମରେଶର ଦେହ ମୋ ଦେହ ଉପରେ ପଡ଼ି ରହିଥିଲା । ତା'ର ନିଃଶ୍ୱାସ ପ୍ରଶ୍ୱାସକୁ ମୁଁ ଅନୁଭବ କରି ପାରୁଥିଲି । ତାକୁ ଧୀରେ ଉଠାଇଲି ଓ ନିଜେ ଉଠିଲି । କିଛି ଦୂରରେ ଚାରିଜଣ ଶତ୍ରୁ ସୈନ୍ୟଙ୍କ ମୃତ ଦେହ ମାଟି ଉପରେ ପଡ଼ି ରହିଥିଲା । ଯାହା ଘଟିଥିଲା ମୁଁ ଅନୁମାନ କରିନେଲି । ଶତ୍ରୁମାନଙ୍କ ବାୟୋନେଟ୍‌ରୁ ମୋତେ ରକ୍ଷା କରିବାକୁ ଯାଇ ସେ ନିଜେ ଆହତ ହୋଇଥିଲା । ମାତ୍ର ସେମାନଙ୍କୁ କୌଶଳ କରି ହତ୍ୟା କରିଥିଲା । ସେତେବେଳେ ଏହି ରକ୍ତ ବର୍ଣ୍ଣର ରବି କିରଣ ଆମ ଦୁଇଜଣଙ୍କ ଶରୀର ଉପରେ ପଡୁଥିଲା ଯାହା ମୁଁ ଆଜି ମନେ ପକାଉଥିଲି ଏବଂ ଅମରେଶଙ୍କୁ କୃତଜ୍ଞତା ଜଣାଉଥିଲି । ରାତ୍ରିର ଅନ୍ଧକାର ଭିତରେ ମୁଁ କାନ୍ଧରେ ତା'ର ଆହତ ଶରୀରକୁ ବୋହି ଆମ ଶିବିରରେ ପହଞ୍ଚିଲି । ପୂର୍ବାକାଶରେ ସୂର୍ଯ୍ୟ ଦେବ ଦିଗ୍‌ବଳୟ ଉପରକୁ ଉଠୁଥିଲେ । ଦିନେ ଅମରେଶ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଫଟୋ ମୋତେ ଦେଇଥିଲା । ଶ୍ରୀଅରବିନ୍ଦ ପାଠଚକ୍ର କୋଠରିରେ ପ୍ରତିଦିନ ତୁମେ ତାଙ୍କୁ ଧ୍ୟାନ କରୁଛ । ପ୍ରକୃତରେ ଅମରେଶ ମୋତେ ଜୀବନ ଦେଇଥିଲା ଏବଂ ଜୀବନ ବଞ୍ଚିବାର ବାଟ ଶିଖାଇଥିଲା । ଦିବ୍ୟଜନନୀଙ୍କ କାର୍ଯ୍ୟରେ ଆଜି ସେ ନିଜକୁ ନିୟୋଜିତ କରି ଏବେ ସାଧନା ଜୀବନ ବିତାଉଛି ।''

ଉମେଶବାବୁ ଅବିବାହିତ ଥିଲେ । ସୈନ୍ୟ ବିଭାଗର ଜଣେ ଉଚ୍ଚପଦସ୍ଥ ଅଫିସର ଭାବରେ ଚାକିରିରୁ ଅବସର ନେଇଥିଲେ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ନିଜ ଜୀବନକୁ ଗଢ଼ି ଆସିଥିଲେ । ଅବଶିଷ୍ଟ ଜୀବନକୁ ସରଳ ଗ୍ରାମବାସୀଙ୍କ

ଗହଣରେ କଟାଇବାକୁ ମନସ୍ଥ କରିଥିଲେ । ସେଦିନ ଗ୍ରାମରେ ଅଗ୍ନ୍ୟୁତ୍ସବ ଥାଏ । ଗ୍ରାମବାସୀମାନେ ଏହି ଦିନ ଅଗ୍ନିଦେବଙ୍କୁ ଭକ୍ତିଭରେ ଉପାସନା କରନ୍ତି । ଚଟାଣ ଉପରେ ନଡ଼ା କୁଟା ଦୁଇଟି କାଣ୍ଡି କରି ରଖନ୍ତି । ପୁରୋହିତ ମନ୍ତ୍ର ଉଚ୍ଚାରଣ କରି ସେଥିରେ ଅଗ୍ନି ସଂଯୋଗ କରନ୍ତି । ସେମାନଙ୍କର ବିଶ୍ୱାସ ଗାଁର ସମସ୍ତ ଅମଙ୍ଗଳ ଉପାଦାନ ସେଥିରେ ପୋଡ଼ିଯାଏ । ଆଲୋକ ସେମାନଙ୍କୁ ବାଟ ଦେଖାଏ । ଉମେଶବାବୁ ସେଦିନର ଉତ୍ସବରେ ସେମାନଙ୍କର ଅତିଥି ଥିଲେ । ସମସ୍ତେ ତାଙ୍କୁ ଘେରି ବସିଥା'ନ୍ତି । ଶେଷରେ ପ୍ରସାଦ ସେବନ କରି ଘରକୁ ଫେରିବାର ଯୋଜନା ଥାଏ । ଉମେଶବାବୁ ସେମାନଙ୍କୁ କହିଲେ, ''ତୁମ୍ଭେମାନେ ଗୋଟିଏ ଦିନ ଅଗ୍ନି ଉତ୍ସବ କରି ଖୁସି ହେଉଛ । ତୁମେ କ'ଣ ଏହାକୁ ସବୁଦିନ କରିପାରିବ ନାହିଁ ?'' ସମସ୍ତେ ନବୁଝିବା ଢଙ୍ଗରେ ତାଙ୍କ ଆଡ଼କୁ ଚାହିଁ ରହିଲେ । ଉମେଶବାବୁ ସେମାନଙ୍କୁ ସରଳ ଭାବରେ ବୁଝାଇବାକୁ ଆରମ୍ଭ କଲେ, ''ତୁମ୍ଭେମାନେ ଭଗବାନଙ୍କୁ ବିଶ୍ୱାସ କର । ଦେବଦେବୀମାନଙ୍କୁ ପୂଜା କର । ଏହା ବହୁତ ଭଲ କଥା । ଆମ ହୃଦୟର ଗଭୀରରେ ଏକ ଅଗ୍ନି ଅନବରତ ଜଳୁଛି । ତାହା ଆମ ଭିତରେ ଥିବା ଭଗବାନଙ୍କର ଅଂଶ । ସେଥିରେ ଶାନ୍ତି ଓ ଆଲୋକ ଭରି ରହିଛି । ସେ ଆମର ଆତ୍ମା ବା ଚୈତ୍ୟପୁରୁଷ । ସେ ଚାହାଁନ୍ତି ଆମେ ପରିପୂର୍ଣ୍ଣ ହୋଇଉଠୁ । ସକଳ ଅପୂର୍ଣ୍ଣତାକୁ ଅତିକ୍ରମ କରିଯାଉ । ତୁମେ ଧ୍ୟାନ କରିବା ସମୟରେ ତାଙ୍କୁ ଦେଖିପାରିବ । ସେ ଆମର ଅସଜଡ଼ା ବାହାର ଜୀବନଟିକୁ ସଜାଡ଼ି ଦେଇ ପାରିବେ । ଆମକୁ ଆଲୋକର ପଥରେ ପରିଚାଳିତ କରିପାରିବେ । ସେହିଠାରେ ତୁମେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଦେଖି ପାରିବ । ତାଙ୍କରି ଚରଣରେ ତୁମର ସମସ୍ତକିଛିକୁ ପ୍ରାର୍ଥନାର ସହ ନିବେଦନ କରିପାରିବ । ଦିନେ ତୁମର ସମସ୍ତ କିଛି ତାଙ୍କର ହୋଇଯିବ । ତୁମେ ଶାନ୍ତି, ଆଲୋକ ଓ ଆନନ୍ଦ ମଧ୍ୟରେ ଅଗ୍ରଗତି କରିବ । ଏହା ତୁମ ପାଇଁ ସବୁଦିନର ଅଗ୍ନି ଉତ୍ସବ ହୋଇଯିବ ।'' ଏ ପ୍ରକାର କଥା ଗ୍ରାମବାସୀଙ୍କ ଅନ୍ତରରେ ଅପୂର୍ବ ଶିହରଣ ସୃଷ୍ଟି କରୁଥିଲା । କିଛି ନଜାଣି ମଧ୍ୟ ନୀରବରେ ସେମାନେ ଏକ ଅକୁହା ପୁଲକ ଅନୁଭବ କରୁଥିଲେ ।

ଦିନେ ପଡୋଶୀ ଗାଁର ଚାରିଜଣ ଯୁବକ ମାଛ ଧରିବା ଉଦ୍ଦେଶ୍ୟରେ ସେହି ପୁଷ୍କରିଣୀରେ ଜାଲ ପକାଇଲେ । ପୋଖରୀପୁର ଗାଁର ଅଧିବାସୀମାନେ ଏହାର ପ୍ରତିବାଦ କଲେ । କାରଣ ସେମାନେ ସେଥିରେ ମାଛ ଚାଷ କରିଥିଲେ । ମାତ୍ର ଯୁବକମାନେ ଗ୍ରାମବାସୀଙ୍କ କଥାକୁ କର୍ଣ୍ଣପାତ କଲେ ନାହିଁ । ଏହି କଥାକୁ ନେଇ ଗ୍ରାମବାସୀ ଓ ଯୁବକମାନଙ୍କ ଭିତରେ କଳହ ସୃଷ୍ଟି ହେଲା । ଇତ୍ୟବସରରେ ଉମେଶବାବୁ ପୁଷ୍କରିଣୀ ତଟରେ ପହଞ୍ଚି ଗ୍ରାମବାସୀମାନଙ୍କୁ ଶାନ୍ତ କରାଇଲେ । ଏହାପରେ ଯୁବକମାନଙ୍କୁ ବିରୋଧ କରିବାକୁ କୌଣସି ଗ୍ରାମବାସୀ ଆଗଭର ହେଲେ ନାହିଁ । ଉମେଶବାବୁଙ୍କ କଥା ଉଭୟ ଗ୍ରାମବାସୀ ଓ ଯୁବକମାନେ ଶୁଣି ପାରୁଥିଲେ । ସେ ଗ୍ରାମବାସୀମାନଙ୍କୁ କହୁଥିଲେ, ଶାନ୍ତ ରହ । କୌଣସି ପ୍ରତିକ୍ରିୟା ଦେଖାଅ ନାହିଁ । ନିଜକୁ ଆୟତ୍ତରେ ରଖ । ମା' ତୁମ ସହିତ ଅଛନ୍ତି । ସେମାନଙ୍କୁ ନିଜ ଭୁଲ୍ ବୁଝିବାକୁ ଛାଡ଼ିଦିଅ । ମା'ଙ୍କ ଉପସ୍ଥିତିକୁ ମନେ ପକାଇବା ତୁମର କାମ । ମାଛ ଧରିବା ସେମାନଙ୍କର କାମ ।'' କଥାଗୁଡ଼ିକ ଯୁବକମାନଙ୍କୁ ପ୍ରହାର ଭଳି ଲାଗୁଥିଲା । ସେମାନେ ଗ୍ରାମବାସୀଙ୍କ ଆଗରେ ଅପଦସ୍ଥ ହେଉଛନ୍ତି ବୋଲି ଅନୁଭବ କଲେ । ଏହାପରେ ସେମାନେ ମାଛଧରା ବନ୍ଦ କରି ସେ ସ୍ଥାନ ଛାଡ଼ି ପଳାୟନ କଲେ ।

ଦିନ ପରେ ଦିନ ବିତି ଚାଲିଲା । କିଏ ଜାଣିଥିଲା, ନିଷ୍ପ୍ରାଣ ପଥର-ଚଟାଣ ଉପରେ ଦିନେ ନୂଆ ଜୀବନର ଛବିଟିଏ ଅଙ୍କିତ ହେବ ! ଛୁଟିଦିନଗୁଡ଼ିକର ପ୍ରାତଃକାଳ ସମୟରେ ଗାଁର ବିଦ୍ୟାଳୟ ଓ କଲେଜରେ ପଢୁଥିବା ବିଦ୍ୟାର୍ଥୀମାନେ ବଗିଚା ପରିସରରେ ଏକାଠି ହେଉଥିଲେ । ସମବେତ ଭାବରେ ଧ୍ୟାନ କରାଯାଉଥିଲା । ସମ୍ମିଳିତ ସ୍ୱରରେ 'ବନ୍ଦେ ମାତରଂ', 'ଅସତୋ ମା ସଦ୍‌ଗମୟ ...,' 'ଅଖଣ୍ଡମଣ୍ଡଳାକାରଂ...' ଆଦିର ଉଚ୍ଚାରଣ ଏବଂ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ପୁସ୍ତକ ପାଠ ବାତାବରଣ ମଧ୍ୟରେ ଶାନ୍ତି ଓ ଶୁଦ୍ଧତାକୁ ଆବାହନ କରୁଥିଲା । ଉମେଶ ବାବୁ ସାଧନାର ମନୋଭାବରେ ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କର ପାଠପଢ଼ାରେ ସାହାଯ୍ୟ କରୁଥିଲେ । ସ୍ୱଳ୍ପ କେତେ ଘଣ୍ଟା ଧରି ମା'ଙ୍କର ବିଦ୍ୟାଳୟଟିଏ ରୂପ ନେଉଥିଲା । ଧୀରେ ଧୀରେ ପଡ଼ୋଶୀ ଗାଁର ବିଦ୍ୟାର୍ଥୀମାନେ ଏଥିରେ ଯୋଗ ଦେଲେ । ସବୁଠାରୁ ଅଧିକ ଆଶ୍ଚର୍ଯ୍ୟର କଥା ହେଲା, ମାଛ ଧରିବାକୁ ଆସିଥିବା ଚାରି ଜଣ ସେହି ବେପରୱା ଯୁବକ ଏହି କାର୍ଯ୍ୟରେ ସହଯୋଗର ହାତ ବଢ଼ାଇଲେ । ସବୁକିଛି ଭିତରେ ବି ଉମେଶବାବୁ ଏକାଭଳି ଲାଗୁଥିଲେ – ଶାନ୍ତ, ସରଳ, ନୀରବ ଓ ନିର୍ଲିପ୍ତ ।

ଦିବ୍ୟଜନନୀ ଶ୍ରୀମା କହିଛନ୍ତି –

"A new world is born – all those who

want to have a place in it must sincerely prepare themselves for it."

(MCW. 15, p. 97)

ଅର୍ଥାତ୍, ''ନୂତନ ପୃଥିବୀ ଜନ୍ମଲାଭ କରୁଛି – ଯେଉଁମାନେ ସେଥିରେ ସ୍ଥାନଟିଏ ପାଇବା ପାଇଁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ସେଥିଲାଗି ଆନ୍ତରିକତାର ସହ ପ୍ରସ୍ତୁତ ହେବାକୁ ପଡ଼ିବ।''

– ଶ୍ରୀମା

❑❑❑

# ଧୈର୍ଯ୍ୟ

## ସୁନାମଣି ରାଉତ

"With patience any difficulty can be overcome."

(CWM, Vol. 14, p. 166) – The Mother

''ଧୈର୍ଯ୍ୟ ଥିଲେ ଯେକୌଣସି ବାଧାକୁ ଅତିକ୍ରମ କରାଯାଇ ପାରିବ।'' – ଶ୍ରୀମା

[ଶ୍ରୀମାଙ୍କ ଉପରୋକ୍ତ ଉକ୍ତିକୁ ଆଧାର କରି 'ଧୈର୍ଯ୍ୟ' କବିତାଟିର ପରିକଳ୍ପନା ଓ ରୂପାୟନ।]

ଜୀବନରେ ଆସେ କେତେ ଝଡ଼ଝଞ୍ଜା
ଅନାହୂତ ଅଘଟଣ,
ସୁଖର ମିନାର ଭାଙ୍ଗିରୁଜି ଯାଏ
ଉପୁଜାଏ ଶିହରଣ ॥୧॥

ପ୍ରେମ-ପ୍ରତାରଣା ପଥ ଯେ ଅରଣା
ଅଜଣା ଅଶୁଣା ନଇ,
ଜୀବନର ବୀଥି ସୁଗମ ନୁହଁଇ
କିଏ କାନେ ଦିଏ କହି ॥୨॥

ମରୁଝଡ଼ ବେଳେ ଅଧୈର୍ଯ୍ୟ ନହୁଏ
ମରୁଯାତ୍ରୀର ମନ,
ଅନ୍ତରେ ତା'ର ଶୁଭି ଯାଉଥାଏ
ମରୁ-ଝରଣାର ସ୍ୱନ ॥୩॥

ଦୋଷୀ ଲାଗି ଦଣ୍ଡ ନୁହଇ ଉଚିତ
କ୍ଷମା ଯେ ଅମୋଘ ଅସ୍ତ୍ର,
ସେହି ଅସ୍ତ୍ରେ ଦୋଷୀ କ୍ଷତାକ୍ତ ହୁଅଇ
କ୍ଷମାହିଁ ଧୈର୍ଯ୍ୟର ଶସ୍ତ୍ର ॥୪॥

ପ୍ରତାରଣା ପାଇଁ ପ୍ରତିଶୋଧ ନୁହେଁ
ସମସ୍ୟାର ସମାଧାନ,
ଧୈର୍ଯ୍ୟହିଁ କେବଳ ଏକଇ ପନ୍ଥା
ବଢ଼ାଏ ମାନ-ସମ୍ମାନ ॥୫॥

ଜୀବନର ଯେତେ ସୁଖଦୁଃଖ ସାଥେ
ରହିଥାଏ ଯା'ର ହାତ,
ସେହି ସେ ପରମ ନିତ୍ୟ ସନାତନ
ଅଦୃଶ୍ୟରେ ଆତଯାତ ॥୬॥

ଅନ୍ତରରେ ରହି ବିବେକ ବୋଲାଇ
କୁହନ୍ତି ସେ ହାତଠାରି,
ସହିଯାଅ ଦୁଃଖ ନହୋଇ ବିମୁଖ
ଧୈର୍ଯ୍ୟର ଆହୁଲା ଧରି ॥୭॥

ଭବ ପାରାବାରୁ ପାରି ହେବା ପାଇଁ
ଟାଣେ ରଖିଥାଅ ଧୈର୍ଯ୍ୟ,
ଧୈର୍ଯ୍ୟ ନୁହେଁ ସେ ତ' ବିଭୁଙ୍କ ପରୀକ୍ଷା
ସୁଖ ସ୍ୱାଚ୍ଛନ୍ଦ୍ୟର ଶୌର୍ଯ୍ୟ ॥୮॥

❑❑❑

# ଟିଲ୍‌ଟିଲ୍‌ର ସାହସ

## ସ୍ୱପ୍ନା ଦତ୍ତ

ଦିନଟି ଥିଲା ଖୁବ୍ ସୁନ୍ଦର । ଖରା ନାଚି ଯାଉଥିଲା । ସୂର୍ଯ୍ୟଙ୍କ କିରଣ ସମୁଦ୍ର ବେଳାଭୂମି ଉପରେ ପଡୁଥିଲା । ନାଚୁଥିବା ସମୁଦ୍ର ଲହଡ଼ିକୁ ଖରା ଛୁଇଁଛୁଇଁ ଯାଉଥିଲା । ନାଆ ନେଉଥିବା ନୋଳିଆଙ୍କ ଉପରେ ସୂର୍ଯ୍ୟକିରଣ ପଡୁଥିଲା । ଚଟାଣ ପାଖରେ ଥିବା ରାଶି ରାଶି ବାଲି ଉପରେ ମଧ ଖରା ପଡୁଥିଲା ।

ସୂର୍ଯ୍ୟଙ୍କ କିରଣରେ ବାଲି ଖୁବ୍ ଗରମ ହୋଇ ଯାଇଥିଲା । ହଠାତ୍ ବାଲି ତଳେ କିଏ ଯେମିତି ହଲଚଲ ହେଲା । ଟିକେ ପରେ ପୁଣି ହଲଚଲ ହେଲା । ଯେମିତି କିଛି ଜିନିଷ ଭାଙ୍ଗି ଯାଉଛି । ତା'ପରେ ବହୁତ ହଲଚଲ ହେଲା । ଏହାପରେ କୁନି ଜୀବଟିଏ ଗୁରୁଣ୍ଡି ଗୁରୁଣ୍ଡି ବାଲି ଭିତରୁ ବାହାରି ଆସିଲା । ତା'ର ପିଠି ଉପରେ ଥିଲା ଛୋଟିଆ ନରମ ଖୋଳ । ସେ ଥିଲା ଟିଲ୍‌ଟିଲ୍, ସମୁଦ୍ର କଇଁଛର ଛୁଆ । ଟିଲ୍‌ଟିଲ୍ ଥିଲା ଟାଁସ୍ୱୀର ଛୁଆ । ଟାଁସ୍ୱୀ ସମୁଦ୍ରରେ ରହୁଥିଲା । ସମୁଦ୍ର ଥିଲା ତା'ର ଘର । ସେ ଦିନ ସାରା ଲହଡ଼ି ସହିତ ଖେଳୁଥିଲା; ମାତ୍ର ସମୁଦ୍ର ଥିଲା ତା'ର ରହିବା ପାଇଁ ଅଶାନ୍ତ ଜାଗା । ସେଥିପାଇଁ ଯେତେବେଳେ ଅଣ୍ଡା ଦେବାର ସମୟ ଆସିଲା ସେତେବେଳେ ସେ ସମୁଦ୍ରକୁ ଛାଡ଼ି ବେଳାଭୂମିକୁ ଚାଲି ଆସିଲା । ନିରୋଳା ଜାଗାଟିଏ ଖୋଜିବା ପାଇଁ ବେଳାଭୂମିର ବାଲି ଉପରେ ଗୁରୁଣ୍ଡି ଗୁରୁଣ୍ଡି ଚାଲିଲା । ବାଃ ! ଚଟାଣ ପାଖରେ ଥିବା ଏଇ କୋଣ ଜାଗାଟି ବହୁତ ବଢ଼ିଆ !

ଟାଁସ୍ୱୀ ଅଣ୍ଡା ଦେଲା । ସେଗୁଡ଼ିକୁ ବାଲି ଭିତରେ ଲୁଚାଇ ଦେଇ ପହଁରି ପହଁରି ପୁଣି ସେ ସମୁଦ୍ର ଭିତରକୁ ଚାଲିଗଲା । ପକ୍ଷୀମାନଙ୍କ ପରି ଅଣ୍ଡା ଉଷୁମେଇବା ପାଇଁ ତା'ର ସେଠାରେ ରହିବା ଦରକାର ନଥିଲା । ସମୁଦ୍ର କଇଁଛର ଅଣ୍ଡା ଉଷୁମେଇବା ଦରକାର ହୁଏ ନାହିଁ । ଖରାରେ ବାଲି ଗରମ ହୋଇଯାଏ । ଅଣ୍ଡାରୁ ଯେପର୍ଯ୍ୟନ୍ତ ଛୁଆ ନଫୁଟିଛନ୍ତି ସେପର୍ଯ୍ୟନ୍ତ ଅଣ୍ଡାକୁ ଏହି ବାଲି ଉଷୁମଉ ଥାଏ । ଅଣ୍ଡା ଆପେ ଆପେ ଫୁଟି ଯାଏ ଏବଂ କଇଁଛ ଛୁଆଗୁଡ଼ିକ ଗୁରୁଣ୍ଡି ଗୁରୁଣ୍ଡି ବାଲି ଭିତରୁ ବାହାରି ଆସନ୍ତି । କାହାର ସାହାଯ୍ୟ ନେବା ଏମାନଙ୍କର ଦରକାର ପଡ଼େ ନାହିଁ ।

ଟିଲ୍‌ଟିଲ୍ ତା'ର କୁନି ବେକ ବୁଲାଇ ଚାରି ଆଡ଼କୁ ଦେଖିଲା । ସୂର୍ଯ୍ୟଙ୍କ ଟାଣୁଆ ଖରା ତା' ଆଖିକୁ କଷ୍ଟ ଦେଲା । କିଛି ସମୟ ପାଇଁ ତା'ର ମୁଣ୍ଡ ବୁଲାଇ ଦେଲା । ସେ ସମୁଦ୍ରର ଗର୍ଜନ ଶୁଣିଲା । ବାଲିରେ ଲହଡ଼ି ବାଡ଼େଇ ହେବାର ଶବ୍ଦ ସେ ଶୁଣିପାରିଲା । ତା' ମନ ଭିତରେ କିଏ ଯେମିତି କହିଦେଲା ଏବେ କ'ଣ କରିବା ଉଚିତ ? କେଉଁଠିକି ଯିବା ଦରକାର ? ସମୁଦ୍ର ତାକୁ ହାତଠାରି ଡାକୁଥିଲା । ତା' ପାଦ ତଳୁ ବାଲି ଖସିଗଲା । ବାଲି ତଳେ ଥିବା ଆଉ ପାଞ୍ଚଟି କଇଁଛ ଛୁଆ ଗୁରୁଣ୍ଡି ଗୁରୁଣ୍ଡି ବାହାରି ଆସିଲେ । ସେମାନେ ସବୁ ଟିଲ୍‌ଟିଲ୍‌ର ଭାଇଭଉଣୀ । ଟିଲ୍‌ଟିଲ୍‌କୁ ଦେଖି ସେମାନେ କହିଲେ, ''ହାଲୋ !'' ଟିଲ୍‌ଟିଲ୍ ବି କହିଲା – ''ହାଲୋ ! ମୋ ପଛେ ପଛେ ଆସ । ଆମ ପାଖରେ ବେଶୀ ସମୟ ନାହିଁ ।''

ଜଣେ ପଚାରିଲା – ''ଆମେ ତା'ହେଲେ କୁଆଡ଼େ ଯାଉଛେ ?'' ଟିଲ୍‌ଟିଲ୍ କହିଲା – ''ସମୁଦ୍ରକୁ । ଆଉ କୁଆଡ଼େ ?''

ଟିଲ୍‌ଟିଲ୍ ବାଲି ଉପରୁ ସମସ୍ତଙ୍କୁ ପାରି କରି ନେଇଗଲା । କିଛି ସମୟ ପରେ ଅନେକ କଇଁଛ ଛୁଆସବୁ ସାଥୀ ହୋଇଗଲେ । ଟାଁସ୍ୱୀ ପାଖାପାଖି ପଚାଶଟି ଅଣ୍ଡା ଦେଇଥିଲା ।  କିନ୍ତୁ ସେମାନଙ୍କ ଭିତରୁ ଅନେକଙ୍କୁ ଏପର୍ଯ୍ୟନ୍ତ ବାଲିରୁ ଅଧିକ ଉତ୍ତାପ ମିଳି ନଥିଲା । ସେଥିପାଇଁ ଅଣ୍ଡାରୁ ଛୁଆସବୁ ବାହାରି ପାରି ନଥିଲେ । ଜଣେ ଦୁଷ୍ଟ ପିଲା ମଧ କିଛି ଅଣ୍ଡାକୁ ବାଲିରୁ ବାହାର କରି ନିଜ ଘରକୁ ନେଇ ଯାଇଥିଲା ।

''ଚଟାଣର କୂଳେ କୂଳେ ଚାଲ'', ଟିଲ୍‌ଟିଲ୍ ସମସ୍ତଙ୍କୁ ସାବଧାନ କରି ଦେଲା ।

''ଉପରେ ଉଡୁଥିବା ସେଇ ବଡ଼ ବଡ଼ ସମୁଦ୍ର ପକ୍ଷୀମାନଙ୍କୁ ସମସ୍ତେ ଦେଖୁଛ ତ ? ବହୁତ ଦୁଷ୍ଟ ଜଣା ପଡୁଛନ୍ତି । କେହି ଆମକୁ ମାରି ନ ଦିଅନ୍ତୁ ।''

ଟିଲ୍‌ଟିଲ୍‌ର ପାଟିରୁ କଥା ସରିଛି କି ନାହିଁ ଗୋଟିଏ ବଡ଼ ଶିକାରୀ ପକ୍ଷୀ ଖୁବ୍ ଜୋର୍‌ରେ ତାଙ୍କ ଉପରକୁ ଝାମ୍ପ ମାରିଲା । ''ନିଜ ନିଜର ଖୋଳ ଭିତରେ ପଶିଯାଅ, ଶୀଘ୍ର !'' ଟିଲ୍‌ଟିଲ୍ ଖୁବ୍ ଜୋର୍‌ରେ କହିଲା । କିନ୍ତୁ ସେମାନେ ଟିକିଏ ଡେରି କରିଦେଲେ । ଗୋଟିଏ ସମୁଦ୍ର ପକ୍ଷୀ ଏକ କୁନି କଇଁଛ ଛୁଆକୁ ଝାମ୍ପି ନେଇ ଉଡ଼ିଗଲା । ''ଏବେ ତୁମେ ସବୁ ହୁସିଆର

ହୋଇ ରହିଥାଅ !'' ଟିଲ୍‌ଟିଲ୍ କହିଲା । ''ସମୁଦ୍ର ଆଉ କେତେ ଦୂରରେ ଅଛି କି ?'' ଜଣେ ଭାଇ ତାକୁ ପଚାରିଲା । ''ମୋତେ ତ ଭାରି ଭୋକ ଲାଗିଲାଣି, ଶୋଷ ବି'', ଆଉ ଜଣେ କହିଲା । ''ଦେଖ ଏଠାରେ କ'ଣ କିଛି ମିଳିପାରେ'', ଟିଲ୍‌ଟିଲ୍ କହିଲା । ସମସ୍ତଙ୍କଠାରୁ ବଡ଼ ହୋଇଥିବାରୁ ଟିଲ୍‌ଟିଲ୍ ଥିଲା ସେମାନଙ୍କର ଲିଡ଼ର । ଗୋଟାଏ ବାଲିଗଦା ଶୁଙ୍ଘି ସେ କହିଲା – ''ଏଠାରେ ଛୋଟ ଛୋଟ ପୋକ ଅଛନ୍ତି ଏବଂ ଏଇ ଗାତରେ ପାଣି ମଧ ଅଛି ।'' ବାସ୍, ଆଉ କ'ଣ ଦରକାର ! ଛୋଟ ଛୋଟ କଇଁଛ ଛୁଆ ସବୁ ସମଦ୍ର ବେଳାଭୂମିରେ ଖୁବ୍ ମଜାରେ ପିକ୍‌ନିକ୍ କଲେ ।

''ସମୁଦ୍ର ଆଉ କେତେ ଦୂରରେ ଅଛି ?'' ଜଣେ ଭଉଣୀ ପଚାରିଲା । ଟିଲ୍‌ଟିଲ୍ କହିଲା – ''ମୋ ଜାଣିବାରେ ଆଉ ବେଶୀ ଦୂର ନାହିଁ । ସମୁଦ୍ର ବେଳାଭୂମିରେ ଲହଡ଼ି ଭାଙ୍ଗିବାର ଶବ୍ଦ କ'ଣ ଶୁଣି ପାରୁନୁ ? ଏବଂ ଏହାର ନୀଳ ରଙ୍ଗକୁ ଦେଖ । ସେଇହିଁ ସମୁଦ୍ର ।'' ଗୋଟାଏ ଛୁଆ ପଚାରିଲା – ''ଆମର ମାଆ କ'ଣ ସେଇଠି ଆମକୁ ଅପେକ୍ଷା କରିଥିବ ?'' ଟିଲ୍‌ଟିଲ୍ ଏକ ଲୟରେ ଏପଟକୁ ସେପଟକୁ ଅନାଇ କହିଲା – ''ବୋଧେ । କିନ୍ତୁ ସେ ତ ଜାଣି ନାହିଁ ଯେ ଆମେ ସବୁ ବାଲିରୁ ବାହାରକୁ ବାହାରି ଆସିଲୁଣି ବୋଲି ।''

''ଆଉ ସେମିତି ଭୟଙ୍କର ପକ୍ଷୀ ନ ଆସନ୍ତୁ !'' ସେମାନଙ୍କ ଭିତରୁ ସବୁଠୁଁ ଛୋଟ ଛୁଆଟି କହିଲା । ଏହାପରେ ଯେଉଁଠି ଚଟାଣ ଦେଖିଲେ ସମସ୍ତେ ତା' ପଛରେ ଲୁଚି ଲୁଚି ଖୁବ୍ ସାବଧାନ ହୋଇ ଆଗକୁ ଚାଲିଲେ । ସମୁଦ୍ର ପକ୍ଷୀମାନେ ପୁଣି ସେମାନଙ୍କୁ ଝାମ୍ପି ନେବା ପାଇଁ ଚେଷ୍ଟା କଲେ । କିନ୍ତୁ ଏଥରକ ସେମାନେ ସତର୍କ ହୋଇ ଯାଇଥିଲେ । ସେମାନେ ନିଜ ନିଜର ଖୋଳ ଭିତରେ ଲୁଚି ଯାଇଥିଲେ । ସମୁଦ୍ରର ଗର୍ଜନ ଆହୁରି ଜୋର୍‌ରେ ଶୁଭିଲା । ପାଦତଳର ବାଲି ଖୁବ୍ ଓଦାଓଦା ଲାଗିଲା । ଝପାକ୍ ! ସମୁଦ୍ର ବେଳାଭୂମିକୁ ଆସୁଥିବା ଲହଡ଼ିର ଫେଣ ସବୁ ସେମାନଙ୍କୁ ଛୁଇଁଲା । କେତେ ଥଣ୍ଡା, ବଢ଼ିଆ ଲାଗୁଛି ! ''ଆମକୁ ସମୁଦ୍ର ଖୁବ୍ ଭଲ ଲାଗୁଛି ।'' ଟିଲ୍‌ଟିଲ୍‌ର ଭାଇଭଉଣୀ ସବୁ କହି ଉଠିଲେ । ''ସତକଥା, ଆମକୁ ସମୁଦ୍ର ଭାରି ଭଲ ଲାଗୁଛି ।'' ଟିଲ୍‌ଟିଲ୍ କହିଲା । ''ଆଉ ଆଜିଠୁଁ ସମୁଦ୍ରହିଁ ଆମର ଘର ।''

ଏବେ ସେମାନେ ପାଣିରେ ଥିଲେ, କିନ୍ତୁ ବିପଦ ଟଳି ନଥିଲା । ଏତିକିବେଳେ ବଡ଼ ମାଛମାନଙ୍କର ଗୋଟାଏ ଦଳ ମାଡ଼ି ଆସି ସେମାନଙ୍କୁ ଲୋଲୁପ ଦୃଷ୍ଟିରେ ଚାହିଁଲେ ।

''ଖୁବ୍ ଶୀଘ୍ର ଶାମୁକା ଖୋଳ ତଳେ ଲୁଚିଯାଅ, ଜଲଦି ।'' ଟିଲ୍‌ଟିଲ୍ ବଡ଼ ପାଟିରେ କହିଲା ।

ସେମାନେ ଝଟ୍‌କିନା ଖାଲି ପଡ଼ିଥିବା ଶାମୁକା ଖୋଳ ତଳେ ଲୁଚିଗଲେ । ଟିଲ୍‌ଟିଲ୍ ଚାରି ଆଖିଆ ହୋଇ ଚାରି ଆଡ଼କୁ ଅନାଇଲା । ସେ ଚାହୁଁ ନଥିଲା ଆଉ କୌଣସି ଅଘଟଣ ଘଟୁ ବୋଲି । ତା'ର ଗୋଟିଏ ଭାଇ କହିଲା, ''ଜୀବନଟା ବଡ଼ ଦୁର୍ବିଷହ ଲାଗୁଛି, ଆମକୁ ଶିକାରୀ କବଳରୁ ସବୁବେଳେ ବଞ୍ଚି ରହିବାକୁ ହେବ ।''


ଟିଲ୍‌ଟିଲ୍ କହିଲା – ''ବିପଦ ସହ ଲଢ଼ିବା ହେଉଛି ଜୀବନ, ଆରେ ପାଗଳା ! ଏସବୁ ଧୀରେ ଧୀରେ ଆମର ଅଭ୍ୟାସରେ ପଡ଼ିଯିବ । ଆଉ ମଜା ବି ଲାଗିବ । ତୁ ଦେଖ୍ ।''

କିଛି ସମୟ ପରେ ବଡ଼ ମାଛଟି ଚାଲିଗଲା । ନୀଳ ପାଣି ଖୁବ୍ ସୁନ୍ଦର ଲାଗୁଥିଲା । ସତେ ଯେମିତି ରେଶମ ପରି ନରମ । ଲହଡ଼ିର ଉଠାପଡ଼ା ସଙ୍ଗୀତ ବି ଖୁବ୍ ଭଲ ଲାଗୁଥିଲା । ''ଏବେ ସବୁ ଠିକ୍ ଅଛି ।'' ଟିଲ୍‌ଟିଲ୍ ଖୁସି ହୋଇ କହିଲା । ''ଆମେ ସବୁ ଆମ ଘରେ ପହଞ୍ଚି ଯାଇଛେ ।''

ଅନୁବାଦ : ସୁନାମଣି ରାଉତ

(ସୌଜନ୍ୟ : ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ)

❑❑❑



ପ୍ରଣାମ ନାରୀଶକ୍ତି (୨୫) :

# ଆମେଲିଆ ଇଅର୍‌ହାଟ୍

## ସୂର୍ଯ୍ୟକାନ୍ତି ମହାନ୍ତି

ଯେଉଁ ଦୁଃସାହସିକ ଆମେରିକୀୟ ବିମାନ ଚାଳିକାଙ୍କର ଜୀବନ କାହାଣୀ ଥିଲା ଅତ୍ୟନ୍ତ ରୋମାଞ୍ଚକର ଏବଂ ବିମାନ ଉଡ଼ାଣ ପୂର୍ବର ସମସ୍ତ କୃତିକୁ ଭଗ୍ନ କରି ୧୯୩୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ଓ ଆଟ୍‌ଲାଣ୍ଟିକ୍ ମହାସାଗର ମଧ୍ୟଦେଇ ଏକାକିନୀ ଅବିଶ୍ରାନ୍ତ ଭାବରେ ଉଡ଼ିବାରେ ଥିଲେ ପ୍ରଥମ ମହିଳା – ସେ ହେଉଛନ୍ତି ଆମେଲିଆ ଇଅର୍‌ହାଟ୍ (Amelia Earhart) ।

ଆମେଲିଆଙ୍କର ଜନ୍ମ ୧୮୯୭ ମସିହାରେ କାନ୍‌ସାସ୍ ସିଟି (Kansas City)ର ମିସୋରୀ ନଦୀ (Missouri River) ନିକଟସ୍ଥ ଆର୍ଚିସନ୍ (Atchison) ନାମକ ସ୍ଥାନରେ । ତାଙ୍କର ପିତା ପେସାରେ ଥିଲେ ଜଣେ ଓକିଲ । ଆମେଲିଆ ଶୈଶବାବସ୍ଥାରେ ଅଜାଆଈଙ୍କ ସହ ବହୁ ସମୟ ଅତିବାହିତ କରୁଥିଲେ । ସେ ବାର ବର୍ଷ ବୟସରେ ମାତାପିତାଙ୍କ ସହ ରହି ମୁଆନ୍ (Moines)ଠାରେ ପବ୍ଲିକ୍ ସ୍କୁଲରେ ପଢ଼ିଲେ । ତାଙ୍କର ସ୍ୱଭାବ ଅନୁଯାୟୀ ସ୍କୁଲରେ ତାଙ୍କର ବେଶୀ ବନ୍ଧୁ ନଥିଲେ ।

ସେ ସାତ ବର୍ଷ ବୟସର ହୋଇଥିବା ବେଳେ ତାଙ୍କର ଜଣେ କକାଙ୍କ ସାହାଯ୍ୟରେ କାଠରେ ଏକ ଗଡ଼ାଣିଆ ପଟା ତିଆରି କରି ସେ ଉପରୁ ତଳକୁ ଖସୁଥିଲେ । ମାତ୍ର ଦିନେ ଖେଳିବା ସମୟରେ ଏହା ଭାଙ୍ଗି ଯିବାରୁ ଆମେଲିଆ ଆହତ ହୋଇଥିଲେ । ତଥାପି ମୁହଁରେ ହସ ରଖି ସେ ତାଙ୍କ ସାନ ଭଉଣୀକୁ କହିଥିଲେ, ଏହି ଖସଡ଼ିବା ବିମାନ ଉଡ଼ାଣ ପରି ଲାଗୁଛି । ଏହା ଥିଲା ତାଙ୍କର ପ୍ରଥମ ଦୁଃସାହସିକ ଅଭିଜ୍ଞତା ।

ଏହାର ଅଳ୍ପ କିଛି ବର୍ଷ ପରେ ବଡ଼ଦିନ ପର୍ବରେ ସେ ତାଙ୍କ ପିତାଙ୍କ ସହ କାଲିଫର୍ଣ୍ଣିଆରେ ହେଉଥିବା ଏକ ବିମାନ ଚାଳନା ପ୍ରଦର୍ଶନୀ ଦେଖିବାକୁ ଗଲେ । ସେଠାରେ ଜଣେ ପାଇଲଟ୍, ଫ୍ରାଙ୍କ୍ ହକ୍ (Frank Hawk)ଙ୍କ ସହିତ ପ୍ରଥମ ଥର ଅଳ୍ପ ସମୟ ପାଇଁ ବିମାନରେ ବସି ଉଡ଼ିବାକୁ ସୁଯୋଗ ପାଇଥିଲେ । ପରେ ସେ କହିଥିଲେ ଯେ ତଳୁ ଦୁଇ ତିନି ଶହ ଫୁଟ ଉପରକୁ ଉଡ଼ିଗଲା ପରେ ସେ ଅନୁଭବ କଲେ ଯେ ''ମୁଁ ଆକାଶରେ ନିଶ୍ଚୟ ଉଡ଼ିବି ।''

ଏହାର କିଛି ବର୍ଷ ପରେ ବିମାନରେ ଉଡ଼ିବାରେ ତାଙ୍କର ପ୍ରବଳ ଆଗ୍ରହ ସୃଷ୍ଟି ହେବାରୁ ବିମାନ ଚାଳନା ଶିକ୍ଷା ପାଇଁ ସେ ଅର୍ଥ ଉପାର୍ଜନ ଉଦ୍ଦେଶ୍ୟରେ ବହୁ ପ୍ରକାର ଛୋଟ ଛୋଟ କାମ କରିବାରେ ଲାଗିଲେ । ୧୯୨୧ ମସିହାରେ ସେ ଏକ ପୁରାତନ ଛୋଟ ବିମାନ କ୍ରୟ କରିଥିଲେ, ଯାହାର ନାମ ରଖିଥିଲେ 'Canary' । ତା'ପରେ ୧୯୨୩ରେ ସେ ସରକାରୀ ସ୍ତରରେ ବିମାନ ଚାଳକର ଲାଇସେନ୍‌ସ ଲାଭ କଲେ । ଫଳରେ ସେ ସମୟରେ ସେ ହୋଇଥିଲେ ପୃଥିବୀର ଷୋହଳତମ ମହିଳା ପାଇଲଟ୍ ।

୧୯୨୭ ମସିହାରେ ଚାର୍ଲସ୍ ଲିଣ୍ଡବର୍ଗ (Charles Lindbergh) ନାମକ ଜଣେ ପାଇଲଟ୍ ଆଟ୍‌ଲାଣ୍ଟିକ୍ ଉପରେ ଏକାକୀ ଉଡ଼ିବାରେ ହେଲେ ପ୍ରଥମ ବ୍ୟକ୍ତି । ତା' ପରବର୍ଷ ସେ ଆମେଲିଆଙ୍କୁ ଅନୁରୋଧ କରିଥିଲେ ଅନ୍ୟ ମହାସାଗର ଉପରେ ଉଡ଼ିବାରେ ତାଙ୍କୁ ସାହାଯ୍ୟ କରିବାକୁ । ଆମେଲିଆ ଏଥିରେ ସମ୍ମତ ହେଲେ ଏବଂ ତାଙ୍କ ସହିତ ଓ୍ୱେଲସ୍ (Wales)କୁ ବିମାନ ଯାତ୍ରା କରିଥିଲେ ଜଣେ ଯାତ୍ରୀ ଭାବରେ, ପାଇଲଟ୍ ଭାବରେ ନୁହେଁ । ଏହି ବିମାନର ନାମ ଥିଲା 'Friendship' । ଏହାର ଅନୁଭୂତିକୁ ନେଇ ସେ ଏକ ପୁସ୍ତକ ରଚନା କରିଥିଲେ, ଯାହାର ନାମ ଥିଲା '20 hours 40 minutes' । ପ୍ରକୃତରେ ସେ ସମୟ ଥିଲା ଏହି ଐତିହାସିକ ଉଡ଼ାଣର ସମୟ ଅବଧି । ଏହି ପୁସ୍ତକର ପ୍ରକାଶକ ଥିଲେ ଜର୍ଜ ପୁଟ୍‌ନମ୍ (George Putnam), ଯିଏ ପରେ ଆମେଲିଆଙ୍କୁ ତାଙ୍କ ସହ ବିବାହ ପ୍ରସ୍ତାବ ଦେଇଥିଲେ । ମାତ୍ର ଆମେଲିଆ କହିଥିଲେ ଯେ ବିବାହ ଓ ବିମାନ ଚାଳନା ଏକ ସଙ୍ଗେ ଚାଲେ ନାହିଁ । ଏଥିରେ ପୁଟ୍‌ନମ୍ କହିଲେ, ବିମାନ ଚାଳନା ବୃତ୍ତିରେ ସେ ଆମେଲିଆଙ୍କୁ ପୂର୍ଣ୍ଣ ସମର୍ଥନ ଦେବାକୁ ପ୍ରସ୍ତୁତ ଅଛନ୍ତି । ଏହାପରେ ଆମେଲିଆଙ୍କ ସହ ପୁଟ୍‌ନମ୍‌ଙ୍କର ବିବାହ ହୋଇଥିଲା ।

୧୯୨୦ରୁ ୧୯୩୦ ମସିହା ମଧ୍ୟରେ ଆମେଲିଆ ଏକ ଘୂର୍ଣ୍ଣିବାୟୁ ପରି ବିମାନକୁ ଖୁବ୍ ବେଗରେ ଚଳାଇ ମହିଳା ବିମାନ ଚାଳିକାଙ୍କର ବେଗର ସମସ୍ତ ପୂର୍ବ କୃତିକୁ ଭଙ୍ଗ କରି ଦେଇଥିଲେ । ତାଙ୍କର ବିମାନ ଚାଳନା ବେଗ ଥିଲା ଘଣ୍ଟା

ପିଛା ୨୯୧.୪୮ କି.ମି. ବା ୧୮୧.୧୮ ମାଇଲ । ସେ ମଧ ଉଡ଼ାଣରେ ସମସ୍ତ ଉଚ୍ଚତାକୁ ଭଙ୍ଗ କରି ଉଡ଼ିଥିଲେ ୧୮,୪୦୦ ଫୁଟ ବା ୫.୬ କି.ମି.ର ଆହୁରି ଉପରକୁ ।

ଏହି ପ୍ରକାର ଉଡ଼ାଣ ମଧରେ ସେ ହୋଇଥିଲେ ଜଣେ ପ୍ରସିଦ୍ଧ ବ୍ୟବସାୟିକ ବିମାନ ଗମନାଗମନ ବ୍ୟବସ୍ଥାର ବାଣିଜ୍ୟିକ ଶାଖାର ମୁଖପାତ୍ର । ଉଦ୍ଦେଶ୍ୟ ଥିଲା ଅଧିକାଂଶ ଲୋକଙ୍କୁ ବିମାନ ଯାତ୍ରା ପାଇଁ ଆକର୍ଷିତ କରାଇବା ।

୧୯୩୨ ମସିହାରେ ଆଟ୍‌ଲାଣ୍ଟିକ୍ ମହାସାଗର ଉପରେ ଜଣେ ମହିଳା ଭାବେ ଏକାକିନୀ ପ୍ରଥମ ଥର ପାଇଁ ଏକାଦିକ୍ରମେ ୧୫ ଘଣ୍ଟା ୧୮ ମିନିଟ ବିମାନ ଚଳାଇ ନୂଆ କୃତି ସୃଷ୍ଟି କରିଥିଲେ । ଏ ସମ୍ପର୍କରେ ଏକ ସମ୍ବାଦପତ୍ର ଲେଖିଥିଲା – “Not America only, not women only, but the whole world is proud of her.” ସେ ମଧ ଏକାକିନୀ ହାୱାଇରୁ କାଲିଫର୍ଣ୍ଣିଆ ତଥା ଆଟ୍‌ଲାଣ୍ଟିକ୍ ଓ ପ୍ରଶାନ୍ତ ମହାସାଗର ଉପର ଦେଇ ଉଡ଼ିବାରେ ପ୍ରଥମ ବ୍ୟକ୍ତି ଥିଲେ । ସେ ଯେଉଁଠାକୁ ଯାଉଥିଲେ ଜନତା ଆନନ୍ଦରେ ଜୟଧ୍ୱନି କରୁଥିଲେ । ଲୋକମାନେ ତାଙ୍କୁ ପାଇଲଟ୍ ଲିଣ୍ଡ୍‌ବର୍ଗଙ୍କ ସହ ତୁଳନା କରି Lady Lindbergh ବୋଲି ଡାକୁଥିଲେ । ସେ ପୁଣି Purdue ବିଶ୍ୱବିଦ୍ୟାଳୟରେ ବିମାନ ଚାଳନା ଶିକ୍ଷା ଦେଉଥିବାରୁ ଶିକ୍ଷାର୍ଥୀମାନେ ତାଙ୍କୁ ‘The Flying Professor’ ବୋଲି ଡାକୁଥିଲେ । ଏହା ମଧରେ ସେ ତାଙ୍କ ନିଜ ନାମରେ ଏକ ପୋଷାକ ବାଣିଜ୍ୟିକ ପ୍ରତିଷ୍ଠାନ ପ୍ରତିଷ୍ଠା କରି ତାଙ୍କର ବିମାନ ଉଡ଼ାଣର ବ୍ୟୟସାଧ ବୃତ୍ତିର ଖର୍ଚ୍ଚ ଭରଣା କରୁଥିଲେ ।

ଏହା ମଧରେ ଆମେଲିଆ ଓ ତାଙ୍କ ସ୍ୱାମୀ ପୁଟ୍‌ନମ୍‌ଙ୍କୁ ରାତ୍ରୀ ଭୋଜନ ପାଇଁ ଆମେରିକା ରାଷ୍ଟ୍ରପତି Herbert Hoover ଏବଂ Mrs. Hoover ନିମନ୍ତ୍ରଣ କରିଥିଲେ । ତା’ପରେ ତାଙ୍କୁ National Geographic Society ତରଫରୁ ଗୋଟାଏ ମେଡ଼ାଲ୍ ପ୍ରଦାନ କରି କହିଥିଲେ, “The Nation is Proud” ।

ପୁନଶ୍ଚ ଆଉ ଥରେ ନୂତନ ରାଷ୍ଟ୍ରପତି Franklin Rooseveltଙ୍କ ପତ୍ନୀ ଶ୍ରୀମତୀ ରୁଜ୍‌ଭେଲ୍‌ଟ ଆମେଲିଆ ଓ ତାଙ୍କ ସ୍ୱାମୀଙ୍କୁ ରାତ୍ରୀ ଭୋଜନ ପାଇଁ White Houseକୁ ନିମନ୍ତ୍ରଣ କରିଥିଲେ । ଭୋଜନ ପରେ ଶ୍ରୀମତୀ ରୁଜ୍‌ଭେଲ୍‌ଟଙ୍କୁ ଆମେଲିଆ ପଚାରିଥିଲେ – ସେ ବିମାନରେ ଉଡ଼ିବାକୁ ଚାହାନ୍ତି କି ? ଏଥିରେ ଶ୍ରୀମତୀ ରୁଜ୍‌ଭେଲ୍‌ଟ ବହୁତ ଖୁସି ହୋଇଥିଲେ । ତା’ପରେ ଆମେଲିଆ ତାଙ୍କୁ ବିମାନରେ ନେଇଗଲେ । ଏଥିରେ ଅନ୍ୟ ଜଣେ ପାଇଲଟ୍ ଏବଂ ସମ୍ବାଦପତ୍ରର ଜନୈକ ସାମ୍ବାଦିକ ବି ଥିଲେ । ଯେତେବେଳେ ବିମାନ ବହୁତ ଉପରେ ଉଡ଼ିଲା, ଶ୍ରୀମତୀ ରୁଜ୍‌ଭେଲ୍‌ଟ୍ ବହୁତ ଖୁସି ହେଉଥିଲେ । ଏହା ଦେଖି ସାମ୍ବାଦିକ ଶ୍ରୀମତୀ ରୁଜ୍‌ଭେଲ୍‌ଟଙ୍କୁ ପଚାରିଲେ ଜଣେ ମହିଳା ପାଇଲଟ୍ ରାତ୍ରିରେ ବିମାନ ଚଳାଉଛନ୍ତି, ଆପଣ କ’ଣ ଏହା ନିରାପଦ ମଣୁଛନ୍ତି କି ? ଏଥିରେ ଶ୍ରୀମତୀ ରୁଜ୍‌ଭେଲ୍‌ଟ ଖୁସିରେ ଉତ୍ତର ଦେଇଥିଲେ ଯେ ସେ ସମ୍ପୂର୍ଣ୍ଣ ନିରାପଦ ମନେ କରୁଛନ୍ତି ।

ଏପରି ବହୁ ଚମକପ୍ରଦ ପାରଦର୍ଶିତା ସତ୍ତ୍ୱେ ଆମେଲିଆଙ୍କର ଏକ ଅନ୍ତିମ ଲକ୍ଷ୍ୟ ଥିଲା ପୃଥିବୀର ଚତୁଃପାର୍ଶ୍ୱରେ ବିଷୁବବୃତ୍ତ ନିକଟ ଦେଇ ବିମାନଯାତ୍ରାରେ ପ୍ରଦକ୍ଷିଣ କରିବା । ଏହା ଥିଲା ପ୍ରାୟ ୩୦,୦୦୦ ମାଇଲ ବା ୪୮,୨୮୦ କି.ମି. ଯାତ୍ରା । ଏହା ଥିଲା ତାଙ୍କ ଜୀବନକାଳ ମଧରେ ଏକ ବିସ୍ମୟକର ଦୁଃସାହସିକ କାର୍ଯ୍ୟ ।

ଏହି ଲକ୍ଷ୍ୟ ପୂରଣ ପାଇଁ ଆମେଲିଆ ୧୯୩୭ ମସିହା ମାର୍ଚ୍ଚ ମାସରେ ଓକ୍‌ଲାଣ୍ଡ୍ (Okland) ଠାରୁ ଯାତ୍ରା ଆରମ୍ଭ କଲେ । ତାଙ୍କ ସହିତ ଥିଲେ ବିମାନର ଜଣେ ଦିଗ୍‌ଦର୍ଶକ (ନେଭିଗେଟର୍) Fred Noonan । ଏମାନଙ୍କର ଯୋଜନା ଥିଲା ପ୍ରଥମେ ହାୱାଇରେ ପହଞ୍ଚି ପଶ୍ଚିମକୁ ଯାଇ ପୃଥିବୀର ଅବଶିଷ୍ଟାଂଶକୁ ଯାତ୍ରା କରିବେ । ମାତ୍ର ବିମାନରେ କିଛି ଯାନ୍ତ୍ରିକ ତ୍ରୁଟି ଦେଖା ଦେବାରୁ ମରାମତି ପାଇଁ ଯାତ୍ରା ସ୍ଥଗିତ ରଖାଗଲା । ଫଳରେ ସେମାନେ ପୁଣି ପୂର୍ବ ସ୍ଥାନକୁ ଫେରି ଆସିଲେ । ଏହାପରେ ସେମାନେ ଯୋଜନା କଲେ ପୂର୍ବ ଦିଗକୁ ଯାଇ ବିଶ୍ୱ ପରିକ୍ରମା କରିବେ ।

ଏହା ପରେ ଆମେଲିଆ ଓ ଫ୍ରେଡ୍ ନୁନାନ୍ କାଲିଫର୍ଣ୍ଣିଆରୁ ସଫଳତାର ସହ ଯାତ୍ରା ଆରମ୍ଭ କଲେ । ସେମାନେ ଆଟ୍‌ଲାଣ୍ଟିକ୍ ମହାସାଗର ଏବଂ ଆଫ୍ରିକା ଅତିକ୍ରମ କରି ନିଉଗିନିଆ (New Guinea)ରେ ଅବତରଣ କଲେ, ୧୯୩୭ ମସିହାର ବିଳମ୍ବିତ ଜୁନ୍‌ରେ । ସେତେବେଳକୁ ୨୨,୦୦୦ ମାଇଲ ବା ୩୫,୪୦୫ କି.ମି. ଆକାଶ ପଥ ଅତିକ୍ରମ କରି ସାରିଥିଲେ । ଆଉ ମାତ୍ର ୭,୦୦୦ ମାଇଲ ବା ୧୧,୨୬୫ କି.ମି. ପଥ ବାକି ଥିଲା । ଏହି ଦୂରତ୍ୱକୁ ଏକାଥରକେ ପ୍ରଶାନ୍ତ ମହାସାଗର ଉପର ଦେଇ ଅତିକ୍ରମ କରିବା କଥା ।

ଜୁଲାଇ ୨ ତାରିଖ ଦିନ ବିମାନ ଅବତରଣର ପରବର୍ତ୍ତୀ

ସ୍ଥାନ ଥିଲା ହାଓଲ୍ୟାଣ୍ଡ (Howland) । ଏହା ଅଷ୍ଟ୍ରେଲିଆ ଓ ହାୱାଇ ମଧ୍ୟରେ ଏକ ଛୋଟ ଦ୍ୱୀପ । ଉଡ଼ାଣ ସମୟରେ ସକ୍ରିୟ ନୌବାହିନୀର ସାହାଯ୍ୟ ଏବଂ ଉତ୍ତମ ରେଡ଼ିଓ ଯୋଗାଯୋଗ ସତ୍ତ୍ୱେ ଆମେଲିଆ ହାଓଲ୍ୟାଣ୍ଡର ଅବସ୍ଥିତି ନିରୂପଣ କରିବାରେ ଅସଫଳ ହେବାରେ ଲାଗିଲେ । ଏହି ସମୟ ମଧ୍ୟରେ ଜାଳେଣି ସରି ସରି ଆସିଲା ଏବଂ ତାଙ୍କର ରେଡ଼ିଓ ଯୋଗାଯୋଗ ମଧ୍ୟ ବନ୍ଦ ହୋଇଗଲା । ଏହାପରେ ସେମାନଙ୍କର ଉପସ୍ଥିତି ସମ୍ପର୍କରେ କେହି ନିଶ୍ଚିତ ହୋଇପାରିଲେ ନାହିଁ । ପ୍ରଶାନ୍ତ ମହାସାଗର ଉପରେ ସେମାନେ ଅଦୃଶ୍ୟ ହୋଇଗଲେ । ୧୯୩୭ ମସିହାରେ ସେମାନଙ୍କ ଉପରେ ଗବେଷଣା କରିଥିବା ଐତିହାସିକମାନଙ୍କ ମତରେ ଆମେଲିଆ ଓ ନୁନାନ୍ ହୁଏତ ମହାସମୁଦ୍ର ମଧ୍ୟରେ ବୁଡ଼ିଗଲେ । ଅନ୍ୟମାନଙ୍କ ମତରେ ହୁଏତ ସେମାନେ ଜାପାନୀମାନଙ୍କ ଦ୍ୱାରା ବନ୍ଦୀ ହୋଇ ଥାଇ ପାରନ୍ତି ।

International Group for Historic Aircraft Recovery (IGHAR) ତରଫରୁ ୧୯୮୦ ମସିହାରେ ଅନୁସନ୍ଧାନ କରାଯାଇ ଏହାର ନିର୍ଦ୍ଦେଶକ Richard Gillespie ପାଇଥିଲେ ବିମାନର କିଛି ଭଗ୍ନାଂଶ । ତଥାପି ଏଥିରୁ ସେହି ବିମାନର ଅବସ୍ଥିତି ବିଷୟରେ ଏହି ପ୍ରମାଣକୁ ଗ୍ରହଣ କରାଯାଇ ପାରିବନି । କାରଣ ଗିଲେପି କହନ୍ତି ସେହି ଭଙ୍ଗା ବିମାନ ତାଙ୍କର ଥିଲା କି ନାହିଁ ଜଣା ନାହିଁ ।

ତେବେ ଜଣାଯାଏ ଯେ ଆମେଲିଆ ତାଙ୍କ ସାହସ ପାଇଁ ବିଖ୍ୟାତ ଥିଲେ । ହୁଏତ ସେ ଶିକ୍ଷା କରିଥିବେ Radio Direction Finderକୁ କିପରି ବ୍ୟବହାର କରିବାକୁ ହୁଏ । ହୁଏତ ସେ ଶିକ୍ଷା କରିଥିବେ Morse Code ବ୍ୟବହାର କରି ନିଜକୁ ରକ୍ଷା କରିବାକୁ । ହୁଏତ ହାଓଲ୍ୟାଣ୍ଡ ଦ୍ୱୀପ ପାଇବା ପାଇଁ Coast Guard ସହିତ ଯୋଗାଯୋଗ କରିଥିବେ । ମାତ୍ର ଏସବୁଥିରେ ସେ କିପରି ବିଫଳ ହେଲେ ଜଣା ନାହିଁ ।

ତେବେ ୧୯୪୦ ମସିହାରେ ଜଣେ ପୁରୁଷ ଓ ଜଣେ ମହିଳାଙ୍କର ଅସ୍ଥି ମିଳିଥିଲା ନିକୁମାରୋରୋ ଠାରେ । ମାତ୍ର ସେତେବେଳେ ବିଜ୍ଞାନ ଏତେ ଉନ୍ନତ ନଥିଲା ଏହା ପ୍ରମାଣ କରିବାକୁ ଯେ ସେମାନେ ଆମେରିକୀୟ ଅନୁସନ୍ଧିତ୍ସୁ ଥିଲେ କି ନାହିଁ । ୧୯୩୭ ମସିହାରେ ପ୍ରଶାନ୍ତ ମହାସାଗର ଉପରେ ସେମାନଙ୍କର ଅନ୍ତର୍ଦ୍ଧାନର ବିଷୟ ବିମାନ ଉଡ଼ାଣ ଇତିହାସରେ ସବୁଠାରୁ ଏକ ବଡ଼ ରହସ୍ୟ ହୋଇ ରହିଗଲା ।

ଏସବୁ ସତ୍ତ୍ୱେ ଆମେଲିଆଙ୍କର ସ୍ୱଳ୍ପ ଅବଧିର ଜୀବନ ଥିଲା ବିସ୍ମୟକର । ସେ କେବଳ ଜଣେ ସାହସୀ ଓ ଦକ୍ଷ ବିମାନ ଚାଳିକା ନଥିଲେ, ତା' ସହ ବାଣିଜ୍ୟିକ ବିମାନ ଉଡ଼ାଣ ପାଇଁ ଜଣେ ମୁଖପାତ୍ର ଥିଲେ ଏବଂ ମହିଳାମାନଙ୍କୁ ସମାନ ସୁଯୋଗ ଦେବା ନିମନ୍ତେ ଜଣେ ପ୍ରବକ୍ତା ମଧ୍ୟ ଥିଲେ ।

ଆମେଲିଆ ପ୍ରମାଣ କରିଥିଲେ ପୁରୁଷର ସାହସ ଭଳି ନାରୀର ବି ସେପରି ସାହସ ଅଛି । ସେ ଥିଲେ ଆକାଶରେ ଉଡ଼ିବାରେ ପ୍ରଥମ ଅନ୍ୱେଷଣକାରୀ । ଆମେଲିଆଙ୍କ ପରେ ଯେଉଁମାନେ ବିମାନ ଚାଳନା ଶିକ୍ଷା କଲେ ସେମାନେ ତାଙ୍କର ଉଡ଼ାଣ ଶିକ୍ଷାକୁ ଉଦାହରଣ ଭାବେ ଗ୍ରହଣ କଲେ । ବର୍ତ୍ତମାନ ମହାସାଗର ଉପରେ ନିରାପଦରେ ବିମାନମାନ ଉଡୁଛି । ଯୁକ୍ତରାଷ୍ଟ୍ର ଆମେରିକାର ସରକାର ୧୯୬୩ ମସିହାରେ Amelia Earhartଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ (Commemorative) Air Mail ଡାକ ଟିକଟ ପ୍ରକାଶ କରିଛନ୍ତି, ଯାହାର ମୂଲ୍ୟ (denomination) ୮ ସେଣ୍ଟ୍ ।

ପ୍ରଥମ ଭାରତୀୟ ମହିଳା ଭାବରେ ୧୯୩୦ ମସିହାରେ ଶ୍ରୀମତୀ ଉର୍ମିଳା କେ. ପରେଖ ପାଇଲଟ୍ ଲାଇସେନ୍ସ ପ୍ରାପ୍ତ ହୋଇଥିଲେ । ୧୯୪୭ରେ ପ୍ରଥମ ମହିଳା ବାଣିଜ୍ୟିକ ପାଇଲଟ୍ ଲାଇସେନ୍ସ – ପ୍ରେମ ମାଥୁର, ୧୯୫୬ରେ Indian Airlineରେ ଦୁର୍ବା ବାନାର୍ଜି, ୧୯୮୫ରେ ପ୍ରଥମ କ୍ୟାପ୍‌ଟେନ୍ ଥିଲେ All-Women Crew ବିଶ୍ୱ ପରିକ୍ରମା କରିବାରେ ସୌଦାମିନୀ ଦେଶମୁଖ । ୧୯୯୫ରେ All-Women Crew ହେଲିକେପ୍ଟର ଚାଳନାରେ ଚେରିଲ୍ ଦତ୍ତ ଓ ସିମ୍ରାନ୍ ସୋଢି ଏବଂ ୧୯୯୭ରେ ଭାରତ ଜନ୍ମିତ ମହାକାଶଚାରୀ ଡକ୍ଟର କଳ୍ପନା ଚାୱଲା । ଏମାନେ ସମସ୍ତେ ଇତିହାସ ରଚିଛନ୍ତି ।

ପୃଥିବୀପୃଷ୍ଠରେ ହେ ସାହସିନୀ ବିମାନ ଚାଳିକା, ଛାତ୍ର ମୁଖନିଃସୃତ ହେ The Flying Professor, ହେ ଆକାଶର ପ୍ରଥମ ଅନ୍ୱେଷଣକାରୀ ବିମାନ ଚାଳିକା ଆମେଲିଆ ଇଅର୍‌ହାଟ୍, ଆପଣଙ୍କୁ ଆମର ଶତ ଶତ ନମସ୍କାର । ❑

**ଉତ୍ସ :** (1) Internet, (2) "Amelia Earhart" by John Parlin

(3) Brochure on Indian Women Aviation, Dept. of Posts, India, Date : 5.10.1998

# ଘଣ୍ଟା କଣ୍ଟା ଘୂର୍ଣ୍ଣନ ପଶ୍ଚାତର ଗଣିତ

## ଧର୍ମକୁମାର ଶତପଥି

ଋତୁଚକ୍ରର ଘୂର୍ଣ୍ଣନ ହୋଇ ଚାଲିଛି । ଅବିରାମ ଗତିରେ ଚାଲିଥିବା ସମଗ୍ର ପ୍ରକୃତିକୁ ସମୟ ନିୟନ୍ତ୍ରିତ ଓ ପରିଚାଳିତ କରି ଚାଲିଛି । ସେଇ ପରିଚାଳନାକୁ ଆମେ ଅନୁଭବ କରୁ ଯେତେବେଳେ ଆମ ଆଖି ଆଗରେ ପରିବର୍ତ୍ତନର ଧାରା ଦୃଶ୍ୟମାନ ହୁଏ । ଅର୍ଥାତ୍ ସମୟ ସ୍ରୋତରେ ପ୍ରତ୍ୟେକ ବସ୍ତୁ, ଜୀବ ଓ ଦୃଶ୍ୟପଟ ଗୋଟିଏ ରୂପରୁ ଅନ୍ୟ ଏକ ରୂପକୁ ବଦଳି ଥାଏ ଏବଂ ତାହା ଆମେ ବେଶ୍ ପ୍ରତ୍ୟକ୍ଷ କରିଥାଉ ।

ଏଇ ସମୟ-ଚକ ଘୂରି ଘୂରି ଅକ୍ଟୋବର ମାସ ପୁନର୍ବାର ଆମ ସମ୍ମୁଖକୁ ଆସି ଯାଇଛି । ଶରତ ଋତୁର ଶାରଦୀୟ ସମ୍ଭାର ଧୀରେ ଧୀରେ ପରିବର୍ତ୍ତିତ ହୋଇ ଆସୁଛି । ଶରତର ସେଇ ଶୁଭ୍ର, ସତେଜ ପରିବେଶର ପରିଷ୍କାର ବୋଧ କ୍ରମଶଃ ରଙ୍ଗମଞ୍ଚରୁ ଅପସରି ଯାଇ ତା' ସ୍ଥାନ ନେବାକୁ ଶୀତ ଋତୁ ଧୀର ପଦପାତରେ ଧରାପୃଷ୍ଠକୁ ମାଡ଼ି ଆସିବାର ଆରମ୍ଭ କରୁଛି । ଶୀତ ଋତୁର ପରାକାଷ୍ଠା ପୁଣି ଜୀବଜଗତକୁ ତା'ର ମଧୁର ପରଶ ଦେଇ ଚମତ୍କୃତ, ଉତ୍ସାହିତ ଓ ଆମୋଦିତ କରିବ । ଏମିତି ଦିନେ ଏହା ପୂର୍ବରୁ ଆସିଥିଲେ । ଶରତ ଋତୁ, ତା' ପୂର୍ବରୁ ବର୍ଷା ଋତୁ, ତା' ପୂର୍ବରୁ ଗ୍ରୀଷ୍ମ ... ।

ନିୟତିର ଖେଳ, ଏଇ ଧରଣୀପୃଷ୍ଠରେ ଏକ ରଙ୍ଗମଞ୍ଚକୁ କଳାକାରଙ୍କ ପ୍ରବେଶ, ଆପଣାର ବିଷୟବସ୍ତୁର ପ୍ରଖ୍ୟାପନ ଓ ପରାକାଷ୍ଠା ପ୍ରଦର୍ଶନ ଏବଂ ଧୀରେ ଧୀରେ ପ୍ରସ୍ଥାନ ପରି ସତେ ଯେପରି ଏକ ସୁସଂହତ ନାଟକ !

ଏମିତି ନରମ ଶୀତର କଅଁଳ ଛୁଆଁରେ ମୃଦୁ କିରଣର ମୃଦୁପରଶ ମୋ ମନରେ ଏକ ଅଜଣା ପୁଲକ ଭରି ଦେଉଥିଲା । ମୋ ବସାଘର ସରକାରୀ କ୍ୱାଟର ସାମନାରେ ବିସ୍ତୀର୍ଣ୍ଣ ପ୍ରାନ୍ତର । ତହିଁରେ ଘାସଫୁଲମାନେ ଆକାଶର କିଛି ଗୁପ୍ତ ବାର୍ତ୍ତା ମାଟିର କାନରେ ଫିସ୍ ଫିସ୍ କରି କହୁଥିବା ପରି ଲଟକି ରହିଥା'ନ୍ତି । ଶୀତ ଆସିଲେ ସେମାନଙ୍କ ଦେହ କାକରଭିଜା ହେବ । କାକର ବିନ୍ଦୁଗୁଡ଼ିକର ଏକ ଧଳାଚାଦରର ଆସ୍ତରଣରେ ସେମାନେ ଢାଙ୍କି ହେବେ – ହେବେ ଶିହରିତ, ହେବେ ଉତ୍ଫୁଲ୍ଲିତ । ଗଛ ଡାଳରେ ମୁକ୍ତ ପକ୍ଷୀକୁଳ ଡେଣା ଝାଡ଼ି କଳରବ ମୁଖରିତ ହୋଇ ଡିଆଡେଇଁରେ ମଗ୍ନ ରହିବେ !

ମୁଁ ମୋ ଜୀବନର ପୁରୁଣା ଘଟଣାବଳିକୁ ସ୍ମରଣ କରି ଯଥେଷ୍ଟ ଉଷ୍ମତା ସାଉଁଟୁ ଥାଏ । ଝିଅ ଆମର ବସାଘରୁ ବାହାରି ଆସି ମୋ ଭାବନା ଖିଅରେ ପ୍ରତିବନ୍ଧକ ସାଜିଲା । ''କ'ଣ ଭାବୁଛ, ବାପା ?'' ସେ ମୋ ମୁଖଭଙ୍ଗୀକୁ ନିରେଖି ନେଉ ନେଉ ପଚାରିଲା । ମୁଁ କହିଲି – ''କିଛି ନାଇଁ, ଝିଅ ! ଏଇ ଆଜି ଛୁଟି ଦିନ ତ ! ଏଣୁ କେଉଁସବୁ କାମ କରି ଆଜିର ସମୟ କଟାଇବି ଭାବୁଛି ।''

ସେ ସୁଯୋଗ ଉଣ୍ଡି ମତଦେବା ଭଙ୍ଗୀରେ ମତଟିଏ ଦେଲା, ''ବାପା, ଆଜି ଏକ ଗଣିତଭିତ୍ତିକ ସମସ୍ୟାର ବିଷୟ କହିବ ? ତୁମର ଏହା ପୂର୍ବରୁ କହିଥିବା 'ପୋଖରୀର କଥା' ଓ 'ଲସି ଗ୍ଲାସର ଗୁମର ଗଣିତ' ବହୁତ ବହୁତ ମଜାଦାର ଓ ଅଜଣା କଥାବସ୍ତୁର ଭରପୂର ଲେଖା । ସତରେ ଆମ ଶ୍ରେଣୀର ଯିଏ ବି ଏକଥା ଶୁଣୁଛି, ଖୁବ୍ ଖୁସିରେ ପ୍ରଶଂସା କରୁଛି !''

ମୁଁ ଖବରକାଗଜକୁ ବାମପାର୍ଶ୍ୱକୁ ମୋଡ଼ି ରଖିଲି । ଝିଅ ମୋର ମନୋଭାବକୁ ପଢ଼ିପାରି ତଦନୁସାରେ ଯେଉଁ ଅନୁନୟ କରୁଛି, ସେଥିରେ ସାମିଲ ହେଲେ ଆମର ଉଭୟଙ୍କର ଏଇ ମୁଖ୍ୟ ଆଗତପ୍ରାୟ ଶୀତ ସକାଳ ସରଳ ଓ ଖୁସି ମିଜାଜର ହେବ । ଭାବିହେଲି । କିନ୍ତୁ କ'ଣ କହିବି ? ପ୍ରସ୍ତୁତ ହୋଇ ନାହିଁ ଯେ !

କିଛି ସମୟ କଟିଗଲା । ତାକୁ କହିଲି – ''ଯା, ମୋ ପଢ଼ା ଟେବୁଲ ସାମନାର କାନ୍ଥ ଘଣ୍ଟାଟା ଆଣିବୁ ।''

ସେ ବୁଝିଗଲା, ମୁଁ ତା' ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଦେଇଛି । ତଥାପି ତା'ର ଆଶା ରହିଛି, କାନ୍ଥ ଘଣ୍ଟାଟା ଆଣିଦେଲା ପରେ ବାପା ସେଥିରୁ କ'ଣ କରିବେ ଓ ତା'ପରେ ମୋ ଅନୁରୋଧ ଅନୁସାରେ ଏକ ଗଣିତ ବିଷୟ କଥା କହିବେ – ଏଇଆ ଭାବିଲା । ସଙ୍ଗେ ସଙ୍ଗେ ପ୍ରଭୁଭକ୍ତ ପରି ପଢ଼ାଘରର ସେଇ ଝୁଲନ୍ତା ଘଣ୍ଟାଟି ଧରି ଫେରିଲା, ଆଖି ପିଛୁଳାକେ । ଦେଖିଲି, ତା' ହାତରେ ଖାଲି କାନ୍ଥଘଣ୍ଟା ନୁହେଁ, ଖାତା କଲମ ସୁଦ୍ଧା ଧରି ଆସିଛି ।

ମୁଁ ତାକୁ ପାଖରେ ବସିବାକୁ କହି କାନ୍ଥଘଣ୍ଟାକୁ ନିଜ ହାତକୁ ଆଣିଲି । କହିଲି – ''ଝିଅ ! ଏଇ ଘଣ୍ଟାରୁ ଆମେ ସମୟ ଜାଣିଥାଉ । ଏଇ ଦେଖ, ଏବେ ସମୟ ସାତଟା ବାଜି

ଚାଳିଶ ମିନିଟ ହୋଇଛି । ଏହା ଭିତରେ କିଛି ଲୁକ୍କାୟିତ ଗାଣିତିକ ବା ଜ୍ୟାମିତିକ ବିଷୟର ଆଲୋଚନା କରିବା ।'' ସେ ପାଖକୁ ଲାଗି ବସିଲା । ଆଖିରେ ଆଖିଏ ଆଶ୍ଚର୍ଯ୍ୟ, ଉତ୍କଣ୍ଠା ଭରି ରହିଛି । କିଛି କହିବ, କହିବ ହେଲା, ମାତ୍ର କିଛି ନକହି ଧୀରସ୍ଥିର ରହିଲା ।

ମୁଁ କହିଲି – ''ଏଇ ଘଣ୍ଟାରେ ଆମେ ଜାଣୁ ତିନି ଜଣ ଜାଗ୍ରତ୍ ପ୍ରହରୀ ଅବିରାମ ଗତିରେ ଦୌଡ଼ି ଚାଲିଛନ୍ତି । ସେମାନଙ୍କର ସ୍ଥିତିରୁ ଆମେ ସମୟ କଥା ଜାଣିପାରୁଛେ – ୭ଟା ବାଜିଲା, ୮ଟା ବାଜିଲା, ୯ଟା, ୧୦ଟା ଇତ୍ୟାଦି ଇତ୍ୟାଦି ... ।''

ଝିଅ ପାଟିରେ ନକହି, ମୁଣ୍ଡ ଟୁଙ୍ଗାରି 'ହଁ'ର ଇସାରା ଦେଲା । ପଚାରିଲି, ''ତୁ ଏତିକି ଜାଣିଛୁ ବା ଆଉ କିଛି କହିବୁ ?'' ସେ କହିଲା – ''ହଁ ବାପା, ଜାଣିଛି ।''

''ତେବେ କ'ଣ ଜାଣିଛୁ କହିଲୁ ।'' ମୁଁ ପୁଣି ଦୋହରାଇଲି ।

ସେ କହିଲା – ''ଏଇ ଘଣ୍ଟାରେ ତୁମ କଥିତ ଜାଗ୍ରତ୍ ପ୍ରହରୀ ତିନୋଟି – ଘଣ୍ଟା କଣ୍ଟା, ସେକେଣ୍ଡ କଣ୍ଟା ଓ ମିନିଟ କଣ୍ଟା ଘୂରିଘୂରିକା ସେମାନଙ୍କର ଉପସ୍ଥିତି ଅନୁସାରେ ସମୟର ସୂଚନା ଦେଇଥା'ନ୍ତି । ସେକେଣ୍ଡ କଣ୍ଟାଟି ସରୁ, ପତଳା ଓ ଚଞ୍ଚଳ ଗତିର । ମିନିଟ କଣ୍ଟାର ଗତି ସାମାନ୍ୟ ଧିମା ଓ ସେ ଅପେକ୍ଷାକୃତ ବୃହତ୍ ଆକାରର ଆଉ ଘଣ୍ଟାକଣ୍ଟାର ଗତି ସବୁଠାରୁ ମନ୍ଥର ଅଟେ । ସମୟକୁ ଏମିତି ସେକେଣ୍ଡ, ମିନିଟ ଓ ଘଣ୍ଟାରେ ଭାଗ କରି ନିୟମ ବନ୍ଧାଯାଇଛି । ୬୦ ସେକେଣ୍ଡରେ ୧ ମିନିଟ ଓ ୬୦ ମିନିଟରେ ୧ ଘଣ୍ଟା ହୋଇଥାଏ ।''

''ତୁ ଠିକ୍ କହିଛୁ । ଏଇ ସମୟର ମାପ ସେକେଣ୍ଡ, ମିନିଟ ଓ ଘଣ୍ଟାରେ ଭାଗ କରି ଆମେ ଘଣ୍ଟାରୁ ସେମାନଙ୍କ ଅବସ୍ଥିତି ଅନୁସାରେ ସମୟ ଜାଣିପାରୁ । ତଦନୁସାରେ ଆମର ସମସ୍ତ କାମ ପରିଚାଳିତ ହୋଇଥାଏ ।'' – ମୁଁ କହିଲି ।

ଝିଅ ପୁଣି ଆରମ୍ଭ କଲା – ''ବାପା, ୬୦ ସେକେଣ୍ଡରେ ୧ ମିନିଟ ଓ ୬୦ ମିନିଟରେ ୧ ଘଣ୍ଟା; ଏପରି ସମୟକୁ ଭାଗ କରିବା କେବେ ଠାରୁ ଚଳି ଆସିଛି । ଏପରି ନକରି ଅନ୍ୟ କିଛି ପ୍ରକାରର କରିଥିଲେ ହୋଇ ନଥା'ନ୍ତା ?'' – ଝିଅର ପୁଣି ଅଛିଣ୍ଡା ଜିଜ୍ଞାସା !

ମୁଁ ଅପ୍ରତିଭ ହୋଇଗଲି । ଏଇ ଜିଜ୍ଞାସାର ଉତ୍ତର ତ ମୋ ପାଖରେ ନାହିଁ । ଏଣୁ କି ଉତ୍ତର ଦେଇ ଝିଅକୁ ଏପରି ଚଳି ଆସୁଥିବାର ବିଷୟ ବୁଝାଇବି, ଭାବିହେଲି । ମୁଁ ଅସହାୟ ଭାବେ କୈଫିୟତ ଦେଲା ପରି କହିଲି – ''ଶୁଣ, ଝିଅ ! କାହିଁ କେଉଁ ଐତିହାସିକ କାଳରୁ ମଣିଷ ସମୟକୁ ମାପିବା ପାଇଁ ପ୍ରଚେଷ୍ଟା କରିଛି । ଆଦିମ ମାନବ ପ୍ରଥମେ ସୂର୍ଯ୍ୟଙ୍କ ଗତିବିଧିକୁ ଅନୁଶୀଳନ କରି ସମୟର ସୂଚନା ରଖି ମାପି ପାରୁଥିଲା । ଧୀରେ ଧୀରେ ତାହା ପରିମାର୍ଜିତ ହୋଇ ଜଳଘଡ଼ି, ବାଲିଘଡ଼ି ଏବଂ ଆଉ କେତେ ପ୍ରକାରର 'ଘଣ୍ଟା'ର ଆବିଷ୍କାର କରିଛି । ତାହା ପୁଣି ଧୀରେ ଧୀରେ ଉନ୍ନତତର ହୋଇ ଏଇ ଡିଜିଟାଲ ଘଣ୍ଟାର ଯୁଗରେ ଆମେ ଏବେ ପହଞ୍ଚିଛୁ । ତେଣୁ ସେସବୁ ବିଷୟରେ ମୁଣ୍ଡ ପୂରାଇବା ନାହିଁ । ଆମେ ସେସବୁ ଗୋଳମାଳ ଭିତରକୁ ଯିବା ନାହିଁ ।'' ଝିଅ ନୀରବ ରହିଲା । କଥାଟି ତାକୁ ଭଲ ଘେନିଲା ।

ମୁଁ ପଚାରିଲି – ''ଏଇ ଘଣ୍ଟା କଣ୍ଟା, ମିନିଟ କଣ୍ଟା ଓ ସେକେଣ୍ଡ କଣ୍ଟା ଯେଉଁ ଗତିରେ ଚାଲୁଛନ୍ତି ଏହାକୁ କି ପ୍ରକାର ଗତି କୁହାଯାଏ, ଜାଣିଛୁ ?''

ସେ ଉତ୍ତର ଦେଲା – ''ହଁ ବାପା, ସମୟସୂଚକ ଏଇ ତିନି ପ୍ରହରୀ ଏକ ଗୋଲାକାର ପଥରେ ଘୂରି ଘୂରି ସମୟର ସୂଚନା ଦେଇଥା'ନ୍ତି । ତହିଁରୁ ଆମେ ସମୟ କେତେ ହେଲା ଜାଣିଥାଉ । ଆମ ବିଜ୍ଞାନ ସାର୍ କହୁଥିଲେ; ଗତି ତିନି ପ୍ରକାରର – ଚଳନ ଗତି, ଘୂର୍ଣ୍ଣନ ଗତି ଓ ଦୋଳନ ଗତି ! ଏଠାରେ ଏମାନେ ଘୂର୍ଣ୍ଣନ ଗତିର ଉଦାହରଣ ଅଟନ୍ତି ।''

ଝିଅର ଉତ୍ତରରେ ମୁଁ ଆଶ୍ଚର୍ଯ୍ୟ ନହୋଇ ରହିପାରିଲି ନାହିଁ । ଏଡ଼େ ସୁନ୍ଦର ଉତ୍ତର ତା' ପାଖରେ ରହିଛି, ମୁଁ ତା'ଠାରୁ ଏପରି ଆଶା କରି ନଥିଲି । ଉତ୍ସାହିତ ହୋଇ ମୁଁ କହିଲି – ''ତୁ ଏକଦମ୍ ଠିକ୍ କଥା କହିଛୁ । ଘୂର୍ଣ୍ଣନ ଗତି କିପରି ହୋଇଥାଏ, ଏ ବିଷୟରେ ତୁ ଆଉ ଅଧିକ କ'ଣ ଜାଣୁ, କହିଲୁ ?''

ସେ ଆମ ସମ୍ମୁଖର ଘାସ ପଡ଼ିଆକୁ ଆଙ୍ଗୁଠି ଦେଖାଇ କହିଲା,– ''ବାପା, ଏଇ ଘାସ ପଡ଼ିଆର ମଝିଭାଗରେ ଏକ ଖୁଣ୍ଟି ଲଗାଇ ଗୋଟିଏ ଦଉଡ଼ିର ଗୋଟିଏ ପ୍ରାନ୍ତକୁ ଖୁଣ୍ଟିରେ ଓ ଅନ୍ୟ ପ୍ରାନ୍ତକୁ ବାଛୁରୀର ବେକରେ ବାନ୍ଧିଦେଲେ, ବାଛୁରୀଟି ଯେତେ ପରିମାଣର ପଡ଼ିଆକୁ ବୁଲିପାରିବ ଓ ଘାସ ଚରିପାରିବ ତାହା ଏକ ଗୋଲାକାର ଚିତ୍ର ହେବ ଏବଂ ବାଛୁରୀଟି ଖୁଣ୍ଟିର ଚାରିପାଖରୁ ଘୂରି ଘୂରି ଚରିବ । ଏହାହିଁ ତ ଘୂର୍ଣ୍ଣନ ଗତି ! ଯାହା ଆମ ସାର୍ କହୁଥିଲେ ।''

''ଆରେ ବାଃ ! ବହୁତ ସୁନ୍ଦର ଉଦାହରଣ ମନେ ରଖିଛୁ ।'' – ମୋ ଅଜାଣତରେ ମୁଁ କହି ପକାଇଲି । ଝିଅ ମୋ ମନ୍ତବ୍ୟରେ ବେଶ୍ ଉତ୍‌ଫୁଲ୍ଲିତ ଜଣାଗଲା । ମୁହଁଟି ତା'ର ଉଜ୍ଜ୍ୱଳି ଉଠିଲା । କହିଲି – ''ଏଇ ଯେଉଁ ଗୋଲାକାର ଚିତ୍ର କଥା ତୁ କହୁଛୁ, ତାହା ହେଉଛି ବୃତ୍ତର ଚିତ୍ର । ଏହାର ଧାରଣାରୁ ଆମର ଚିନ୍ତନର ପରିସର ବେଶ୍ ସମୃଦ୍ଧ ହୋଇଛି । ଗୋଲାକାର ବସ୍ତୁର ବ୍ୟବହାର ହେତୁ ଆମର ଜୀବନ ମଧ୍ୟ ବେଶ୍ ସୁଖପ୍ରଦ, ସୁବିଧାଜନକ ଓ ଉପଯୋଗୀ ହୋଇ ପାରିଛି । ଝିଅ ମୋ ଆଡ଼କୁ ଅନାଇଲା, ବେଶ୍ କୃତଜ୍ଞ ନଜରରେ । ମୁଁ କହିଲି – ''ଆମର ଏଇ ସଭ୍ୟତାର ଉତ୍ତରଣ ସକାଶେ ବୃତ୍ତର ଧାରଣା ବା ବୃତ୍ତର ଚିତ୍ରରୁ ଆଦିମ ମଣିଷ ଚକର ଧାରଣା ପାଇ ପାରିଲା । ଏବେ ଆମେ ଯେଉଁ ବିଭିନ୍ନ କିସମର ଯାନବାହନ – ଖେଳନା, ସାଇକେଲ ଅଥବା ବିଭିନ୍ନ ଗାଡ଼ିର ଚକଠାରୁ ଦୀର୍ଘକାୟ ରେଳଗାଡ଼ି ପର୍ଯ୍ୟନ୍ତ ଦେଖୁଛୁ ଓ ଆମ କାମରେ ଲଗାଉଛୁ, ତାହାର ମୂଳରେହିଁ ରହିଛି ଚକର ଧାରଣା । ଆଉ ଏଇ ଧାରଣା ବୃତ୍ତାକାର ଚିତ୍ର ବା ବୃତ୍ତରୁହିଁ ମଣିଷ ପ୍ରାପ୍ତ ହୋଇଛି ।''

''କିପରି, ବାପା ?'' ଝିଅର ପୁଣି ସେଇ ଅଛିଣ୍ଡା ଓ ଗୋଳମାଳିଆ ପ୍ରଶ୍ନ !!

ମୁଁ କହିଲି – ''ଆଦିମ ମଣିଷ ବଣ ଜଙ୍ଗଲରେ ବାସ କରୁଥିଲା । ଯେତେବେଳେ ସେ ନିଆଁର ବ୍ୟବହାର ପାଇଁ ଅଥବା ବାସସ୍ଥାନଟିଏ ତିଆରି କରିବା ପାଇଁ ବଡ଼ ବଡ଼ କାଠଗଣ୍ଡିର ସଂଗ୍ରହ କରିଥିବ ଏବଂ ସେଇ କାଠଗଣ୍ଡିକୁ ଗୋଲାକାର ରୂପ ଦେଇ ପାହାଡ଼ ଉପରୁ, ଢିପ ଜମିରୁ ଅଥବା ଦୂର ସ୍ଥାନରୁ ସମତଳ ସ୍ଥାନକୁ ବୋହି ଆଣିବା ପାଇଁ ତା'କୁ କଷ୍ଟକର ହୋଇଥିବ । ଅନ୍ୟର ସାହାଯ୍ୟ ମଧ୍ୟ ଲୋଡ଼ିଥିବ । ସେପରି ଅବସ୍ଥାରେ ସେଇ କଷ୍ଟ-ସାପେକ୍ଷ କାମକୁ ଗଡ଼ାଇ ଗଡ଼ାଇ ଆଣିବାକୁ ସହଜ ମନେ କରିଥିବ ଏବଂ ଦୂର ସ୍ଥାନରୁ ଅପେକ୍ଷାକୃତ କମ୍ ପରିଶ୍ରମରେ ତା'ର ବାସସ୍ଥାନକୁ ବୃହତ୍ କାଠଗଣ୍ଡିକୁ ଆଣିବାକୁ ସକ୍ଷମ ହୋଇଥିବ । ଏଇ ଗଡ଼ାଇ ଆଣିବା କାମଟି ତା'ପାଇଁ ବେଶ୍ ସୁବିଧା ହୋଇଥିବ, ଯେତେବେଳେ କାଠଗଣ୍ଡିଟି ଗୋଲାକାର ବା ବୃତ୍ତାକାର ହୋଇଥିବ । କାରଣ ବୃତ୍ତର ସୀମା, ଯାହା ତୋ'ର ଉପର ଉଦାହରଣରେ ବାଛୁରୀର ବେକରେ ଯେଉଁ ପ୍ରାନ୍ତଟି ବନ୍ଧା ତାହା ବକ୍ରାକାର ଓ କୌଣିକ ବିନ୍ଦୁବିହୀନ । ଏଣୁ ଗଡ଼ାଇ ଆଣିବା କାମକୁ ଅନୁଧ୍ୟାନ କରି ସିଏ ଚକର ଧାରଣା କରିଥିବ । ସୁତରାଂ ଗୋଲାକୃତି କରି ଯେକୌଣସି ବୃହତ୍ ବସ୍ତୁକୁ ଗଡ଼ାଇ ଗଡ଼ାଇ ଆଣିବା ଅତ୍ୟନ୍ତ ସହଜସାପେକ୍ଷ, ଅନ୍ୟ ଯେକୌଣସି ଉପାୟ ଅପେକ୍ଷା । ଏହା ତା'ର ହୃଦ୍‌ବୋଧ ହୋଇଥିବ । ଏହି ଭାବେହିଁ ଚକର ଜନ୍ମ ହୋଇଛି, ବୁଝିଲୁ !''

ଝିଅ ଏକ ଲୟରେ ମୋ କଥାକୁ ଶୁଣୁଥିଲା । କେଉଁ ଏକ ପ୍ରାଗୈତିହାସିକ, ଅଭାବିତ ଅବସ୍ଥାକୁ ତା'ର ମନଟି ଚାଲି ଯାଇଥିଲା ବୋଧହୁଏ । ମୁଁ ତା' ଆଡ଼କୁ ମୁହଁ ଫେରାଇ ସାମାନ୍ୟ ଉଚ୍ଚ ସ୍ୱରରେ କହିଲି, ''କ'ଣ ବୁଝିଲୁ ?''

ଝିଅ ମୋ ପ୍ରଶ୍ନରେ ଏକପ୍ରକାର ଚମକି ପଡ଼ିଲା ପରି ଜଣାଗଲା । ମୋ କଥା ମାଧ୍ୟମରେ ସେ ଯେମିତି ଚାଲି ଯାଇଥିଲା କେଉଁ ଏକ ଐତିହାସିକ ସମୟର ଏକ ଐତିହାସିକ ପରିବେଶ ଓ ପରିସ୍ଥିତି ଭିତରକୁ ! ସେ ହଡ଼ବଡ଼େଇ ଗଲା ପରି ବିଳିବିଳେଇ ଉଠିଲା, ''ହଁ, ବାପା ! ଠିକ୍ କଥା ! ତୁମେ ଠିକ୍ କହିଛ !''

ମୁଁ କହିଲି – ''ଏଇ, ସେ କାଳର ଚକର ଆବିଷ୍କାରରୁ ଆମେ ଗମନାଗମନ ପାଇଁ ଏଯାଏ ଯେତେ ସବୁ ଯାନବାହାନର ଗମନାଗମନରେ ଉନ୍ନତି ଆସିଲାଣି, ସେସବୁ ଆମ ସଭ୍ୟତାର କ୍ରମୋନ୍ନତିର ଏକ ଉନ୍ନତ ମାର୍ଗ ଅଟେ । ଏହାପରେ ଏ ଦିଗରେ ଆଉ ଆଗକୁ ଅଗ୍ରସର ନ ହୋଇ ମୁଁ କହିଲି – ''ଏଇ ବୃତ୍ତାକାର ଚିତ୍ର କଥା ଯାହା ଆମେ ଆଲୋଚନା କରୁଛେ, ଘଣ୍ଟାର କଣ୍ଟାମାନଙ୍କର ଗତି ଠିକ୍ ଏଇ ବୃତ୍ତାକାର ଗତିର ଉଦାହରଣ ଅଟେ ।''

ସିଏ ନୀରବରେ ଶୁଣୁଥିଲା । ମୁଁ ପୁଣି କହିଲି – ''ଏଇ ବୃତ୍ତାକାର କ୍ଷେତ୍ର ବା ବୃତ୍ତର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ କ'ଣ କ'ଣ ଜାଣିଛୁ ?'' ଝିଅ ଏଥର ଖିଲିଖିଲି ହୋଇ ହସି ଉଠିଲା । ସେ କାହିଁକି ହସିଲା, ବୁଝି ପାରିଲି ନାହିଁ । ପଚାରିଲି – ''ହସିଲୁ କାହିଁକି ?'' ସେ ସେମିତି ହସ ହସ ମୁହଁରେ ଉତ୍ତର ଦେଲା – ''ବାପା ! ଜୀବିତ ପଶୁପକ୍ଷୀ, ମଣିଷ ଅଥବା ଗଛଲତାମାନଙ୍କର ସିନା ଅଙ୍ଗପ୍ରତ୍ୟଙ୍ଗ ଥାଏ, ଏଇ ବୃତ୍ତମାନଙ୍କର ପୁଣି ଅଙ୍ଗପ୍ରତ୍ୟଙ୍ଗ ଥାଏ ? ଏହା କିପରି କଥା ?''

ମୁଁ ଉତ୍ତର ଦେଲି – ''ହଁ, ଶୁଣ ! ବୃତ୍ତର ମଧ୍ୟ ଅଙ୍ଗ-ପ୍ରତ୍ୟଙ୍ଗ ଥାଏ । ତାକୁ ଜାଣିବା ଓ ସେମାନଙ୍କର କ'ଣ କାମ ତାହା ମଧ୍ୟ ଜାଣିବା ନିହାତି ଜରୁରୀ, ତୋ ପରି ଛାତ୍ରମାନଙ୍କ ପାଇଁ ।''

ଝିଅ ପୁଣି କହିଲା – ''ଆଚ୍ଛା ! ବୃତ୍ତର ପୁଣି କି କି ଅଙ୍ଗପ୍ରତ୍ୟଙ୍ଗ ଥାଏ ତୁମେ କହିବ, ମୁଁ ଜାଣି ନାହିଁ !''

– ''ହଉ, ଶୁଣ ତା'ହେଲେ ! ବୃତ୍ତର କେନ୍ଦ୍ର, ପରିଧି, ବ୍ୟାସ, ବ୍ୟାସାର୍ଦ୍ଧ, ଜ୍ୟା ପ୍ରଭୃତି ଥାଏ । ବୃତ୍ତ ଏକ ଉତ୍ତଳ ସେଟ୍ ।

ସର୍ବୋପରି ବୃତ୍ତଟିଏ ଏକ ସମତଳ ଉପରେ ଥିବା ଏକ ଆବଦ୍ଧ କ୍ଷେତ୍ର । ହଁ, ଆଉ ଏକ କଥା ମନେରଖ – ବୃତ୍ତର କେନ୍ଦ୍ରବିନ୍ଦୁ ମାତ୍ର ଗୋଟିଏ ଏବଂ ପରିଧି ମଧ୍ୟ ଗୋଟିଏ । ଆଉ ଅନ୍ୟସବୁ ଅବୟବ – ଯାହା ମୁଁ କହିଲି, ସେମାନଙ୍କର ସଂଖ୍ୟା ଅସଂଖ୍ୟ ।''

– ''ଆରେ ବାପ୍‌ରେ । ଏମିତି କଥା । ମୁଁ ତ ଆଗରୁ ଜାଣି ନଥିଲି !'' ଝିଅ ଆଶ୍ଚର୍ଯ୍ୟରେ କହିଲା । ତା'ର ଆଖି ଦୁଇଟି ବଡ଼ ବଡ଼ ହୋଇଯାଇଥିଲା ।

ମୁଁ ସେଇ କାନ୍ଥ ଘଣ୍ଟାକୁ ତା'ର ସମ୍ମୁଖକୁ ଆଣି କହିଲି –''ଏଇ ଯେଉଁ ଘଣ୍ଟା ଦେଖୁଛୁ, ଲକ୍ଷ୍ୟ କର, ଏହାର ଘଣ୍ଟା, ମିନିଟ ଓ ସେକେଣ୍ଡ କଣ୍ଟା, ଘଣ୍ଟାର ଠିକ୍ ମଝି ସ୍ଥାନରେ ଲାଖି ରହି ଚାରିଆଡ଼କୁ ଘୂରିଥା'ନ୍ତି । ଏମାନେ ଘୁରୁଥିବା ସ୍ଥାନ ଓ ସେଇ ପଡ଼ିଆର ବାଛୁରୀ ଘୂରି ଘୂରି ଘାସ ଚରି ପାରୁଥିବାର ସ୍ଥାନ ଏକ ବୃତ୍ତାକାର ଅଞ୍ଚଳ । ଏଇ ଅଞ୍ଚଳର ଠିକ୍ ମଝିରେ ଖୁଣ୍ଟି ଓ କଣ୍ଟାମାନେ ଲାଖି ରହି ଚାରିଦିଗକୁ ଘୂରିଥା'ନ୍ତି, ତାହା ହେଉଛି ବୃତ୍ତର କେନ୍ଦ୍ର । ଯେଉଁ ଧାର (edge) ପର୍ଯ୍ୟନ୍ତ ବାଛୁରୀ ଚରି ବୁଲୁଛି, ଅଥବା କଣ୍ଟାମାନଙ୍କ ଅଗ୍ରଭାଗ ଛୁଇଁ ପାରୁଛି ତାହା ହେଉଛି ବୃତ୍ତର ପରିଧି । ଏଇ କେନ୍ଦ୍ରଠାରୁ ପରିଧି ପର୍ଯ୍ୟନ୍ତ ଦୂରତା, ଅର୍ଥାତ୍ ଦଉଡ଼ିର ଦୈର୍ଘ୍ୟ ବା ବୃତ୍ତର ବ୍ୟାସାର୍ଦ୍ଧ, ଏହାର ସଂଖ୍ୟା ଅନେକ । ସେହିପରି ବୃତ୍ତର ପରିଧି ଉପରେ ଥିବା ଦୁଇଟି ବିନ୍ଦୁ ଓ କେନ୍ଦ୍ର ଏକ ସରଳ ରେଖାରେ ରହିଲେ, ସେଇଟା ବ୍ୟାସ ହୁଏ । ବ୍ୟାସ ବୃତ୍ତକୁ ଦୁଇଟି ଅର୍ଦ୍ଧବୃତ୍ତରେ ପରିଣତ କରେ । ବୃତ୍ତର ବ୍ୟାସ ହେଉଛି ଏହାର ବୃହତ୍ତମ ଓସାରର ମାପ ! ଏହାର ସଂଖ୍ୟା ମଧ୍ୟ ଅସଂଖ୍ୟ !''

ଝିଅ ବେଶ୍ ମନୋଯୋଗ ସହକାରେ ମୋ କଥା ସବୁ ଶୁଣି ଯାଉଥିଲା । କେତେ କଥା ତାକୁ ନୂଆ ନୂଆ ଲାଗୁଥିଲା । ଏହା ମଧ୍ୟରେ ମୁଁ ଆଉ କ'ଣ କହିବି ସେଥିପାଇଁ ସେ ଅପେକ୍ଷା କଲା ।

ମୁଁ କହିଲି – ''ଆମର ଦୈନନ୍ଦିନ ଜୀବନରେ ଏଇ ଗୋଲାକାର ବା ବୃତ୍ତାକୃତିର ବସ୍ତୁ ବ୍ୟବହାର କରିଥାଉ । ସେମାନଙ୍କର ଏଇ ଗୋଲ ଆକୃତି ଆମକୁ ଉପାଦେୟ, ସୁବିଧାଜନକ ଓ ଆକର୍ଷଣୀୟ ହୋଇଥାଏ । ମାଆ ତିଆରି କରିଥିବା ଚକୁଳି, ରୁଟି, ପିଠା, ବିଭିନ୍ନ ଆକାରର ଥାଳି, ଥାଳିଆ, ଏପରିକି ନବୋଦିତସୂର୍ଯ୍ୟ ତଥା ପୂର୍ଣ୍ଣମୀର ଜହ୍ନ ସୁଦ୍ଧା ଗୋଲାକାର ହେତୁ ଖୁବ୍ ସୁନ୍ଦର ହୋଇଥାଏ ।

''ସବୁଠାରୁ ମଜା କଥା ଏଇ ଯେ, ବୃତ୍ତର ପରିଧି ଓ ଏହାର ବ୍ୟାସର ଅନୁପାତ ସବୁବେଳେ ଏକ ସ୍ଥିର ସଂଖ୍ୟା ହୋଇଥାଏ । ଏହି ସଂଖ୍ୟା ଅପରିବର୍ତ୍ତନୀୟ । ପରିଧି ଓ ବ୍ୟାସ ମଧ୍ୟରେ ଏଇ କୌତୁକିଆ ସମ୍ପର୍କ ବିଖ୍ୟାତ ଜ୍ୟାମିତିକ ୟୁକ୍ଲିଡ଼(Euclid) ପ୍ରଥମେ ଜାଣିବାକୁ ପାଇଥିଲେ । ବିଭିନ୍ନ ଆକୃତିର ବୃତ୍ତରୁ ପରିଧି ଓ ବ୍ୟାସର ଅନୁପାତ ସର୍ବଦା ଏକ ସ୍ଥିର ସଂଖ୍ୟା (Constant) ପ୍ରତିପାଦିତ କରିଥିଲେ । ଏଇ ସ୍ଥିର ସଂଖ୍ୟାର ଠିକ୍ ମୂଲ୍ୟ କେହି ବାହାର କରି ପାରିଲେ ନାହିଁ । ଅନେକ ବିଖ୍ୟାତ ଗାଣିତିକ, ଗବେଷକ, ଆମ ଭାରତୀୟ ଗାଣିତିକ ରାମାନୁଜନ ମଧ୍ୟ ମାସ ମାସ ଧରି ଏହାର ମୂଲ୍ୟ ନିର୍ଣ୍ଣୟରେ ନିୟୋଜିତ ହେଲେ, ମାତ୍ର ବିଫଳ ହେଲେ । ଶେଷରେ ଏଇ ଅନୁପାତର ମୂଲ୍ୟ ସୁବିଧା ଦୃଷ୍ଟିରୁ ପାଇ( $\pi$ ) ଗ୍ରୀକ୍ ଅକ୍ଷର ଦ୍ୱାରା ସଙ୍କେତରେ ସୂଚିତ କଲେ ଓ ଏହାର ପାଖାପାଖି ମୂଲ୍ୟ 22/7, ଅଥବା ( $\sqrt{10}$ ) ଅଥବା 3.1416 ବୋଲି ଗ୍ରହଣ କଲେ । ଯେହେତୁ ଏଇ ଅନୁପାତର ଦଶମିକ ପରେ ହଜାରେ, ଦୁଇ ହଜାର ବା ତଦୂର୍ଦ୍ଧ୍ୱ ସ୍ଥାନ ପର୍ଯ୍ୟନ୍ତ ବାହାର କରି ଶେଷ ସୀମା ପାଇପାରିଲେ ନାହିଁ, ତାକୁ ଏକ ଭିନ୍ନ ଧରଣର ସଂଖ୍ୟା (ଅପରିମେୟ ସଂଖ୍ୟା) ରୂପେ ଅଭିହିତ କଲେ ।''

ଝିଅ ଆମର ବେଶ୍ ଖୁସି ମନରେ ମୋ କଥା ଶୁଣୁଥିଲା । ବୃତ୍ତର ଅଙ୍ଗପ୍ରତ୍ୟଙ୍ଗ ବିଷୟ ଶୁଣି ଖୁସି ହେଉଥିଲା । ଏ ବିଷୟ ତା' ମନରେ ଅନେକ ଆଗ୍ରହ ସୃଷ୍ଟି କରୁଥିଲା; ଅନେକ ବିଷୟ ତାକୁ ଜଣାଥିଲା । ଝିଅ ତା'ର ପାଠରେ ଥିବା ବିଷୟବସ୍ତୁ ସବୁ ଦୈନନ୍ଦିନ ଜୀବନର ଚଳଣି ସହିତ ଅଙ୍ଗାଙ୍ଗୀଭାବେ କେତେ ନିବିଡ଼ ଭାବେ ଜଡ଼ିତ, ତାହା ତାକୁ ଉତ୍ସାହିତ କରୁଥିଲା । ବୃତ୍ତର ପରିମିତିରେ ଏତେ ଯେ ଉପାଦେୟ କଥା ଲୁଚି ରହିଛି, ତାହା ତାକୁ ଆଶ୍ଚର୍ଯ୍ୟ ବି କରୁଥିଲା ।

ଅନେକ ବେଳ ହୋଇ ଯାଇଥିଲା । ସମୟ ପାଖାପାଖି ସକାଳ ଦଶଟା । ମୁଁ ଗାଧୋଇବା, ଠାକୁର ପୂଜା ପ୍ରଭୃତି କାମ ବଢ଼ାଇବାର ପ୍ରୟୋଜନ ଅନୁଭବ କଲି । କହିଲି, ''ଝିଅ, ଆଜି ଏତିକି ଥାଉ । ଆଉ ଦିନେ ଏଇ ଘଣ୍ଟା ସମ୍ପର୍କରେ ଆହୁରି ଅନେକ, ଅଜଣା କଥା କହିବି । ଏଇ ସଂଖ୍ୟା ୧ ଠାରୁ ୧୨ ପର୍ଯ୍ୟନ୍ତ ସଂଖ୍ୟାର ବିଶେଷତ୍ୱ ଓ ଆହୁରି କେତେ ମନଲାଖି ତଥ୍ୟ !'' – ଏମିତି ତା' ମନରେ କିଛି ଉତ୍କଣ୍ଠା ଓ ଉତ୍ସାହର ଖୋରାକ ଯୋଗାଇ ଦେଇ ଉଠିଲି । ଝିଅ ବି କାନ୍ଥ ଘଣ୍ଟା ଓ ଖାତା କଲମ ଧରି ଉଠିଲା । ଗୋଟିଏ ଆସନରେ ଅନେକ ବେଳ ପର୍ଯ୍ୟନ୍ତ ବସିଥିବାରୁ ଠିଆ ହୋଇ ମୁଁ ନିଜକୁ ସଳଖୁ ଥିଲି ।

ଝିଅ ତା' ପଢ଼ା ଘର ଦିଗରେ ଦୌଡ଼ିଲା । ❑

ଚେତନାର ଦିଗ୍‌ବଳୟ :

# ଅସୁରର ଅହଂ

ବନସ୍ତକୁ ଲାଗି ଛୋଟ ଏକ କୁଟୀର । ଆଗରେ ବହମାନ ନଦୀ ।

କୁଟୀରରେ ରହନ୍ତି ମାଆ ଓ ପୁଅ । ମାଆ ବନସ୍ତରୁ ଫଳମୂଳ, କାଠ ଇତ୍ୟାଦି ବହନକରି ନେଇଯାଇ ସେସବୁ ବଦଳରେ ନିକଟବର୍ତ୍ତୀ ଜନପଦରୁ ସଂଗ୍ରହ କରେ ଆହାର ଓ ପରିଧାନ । ସେ ଯୁଗରେ ଜୀବନଧାରଣର ରୀତି ଥିଲା ସରଳ ଓ ସ୍ନିଗ୍ଧ । ମାଆ ଓ ପୁଅ ଚଳିଯାଉଥିଲେ ।

ପୁଅଟି ପ୍ରଭାତରେ ନଦୀରେ ସ୍ନାନ କରିବାକୁ ଯାଇ ଦେଖେ, ବିପରୀତ ଦିଗରେ ସ୍ନାନରତ ଦଳେ ବାଳକ । ସେମାନେ ମନ୍ତ୍ରପାଠ କରନ୍ତି, ସୂର୍ଯ୍ୟ ନମସ୍କାର କରନ୍ତି । ପିଲାଟିର ଭାରି ବାସନା, ସେ ମଧ୍ୟ ସେମିତି କରନ୍ତା ! ସେ ମାଆଙ୍କୁ ମନକଥା କହନ୍ତେ ମାଆ କହିଲେ କି ନଦୀର ଆରପାରି କୂଳରେ ରହିଛି ଋଷି ଗୌତମଙ୍କ ଆଶ୍ରମ ଏବଂ ଗୁରୁକୁଳ । ସେ ବାଳକମାନେ ତାଙ୍କ ଗୁରୁକୁଳବାସୀ ବିଦ୍ୟାର୍ଥୀ । ପୁଅ ସେମାନଙ୍କ ସହ ସାମିଲ ହୋଇ ପାରିବ କି ନାହିଁ ସେକଥା ଯାଇ ଋଷିଙ୍କୁ ପଚାରି ପାରେ ।

ପିଲାଟି ଯାଇ ଋଷିଙ୍କୁ ତା' ମନକଥା କହନ୍ତେ ଋଷି ପ୍ରଶ୍ନ କଲେ, ''ତୋ' ବର୍ଣ୍ଣ କ'ଣ, ବାପା ?''

ଉତ୍ତର ଦେବା ଦିଗରେ ପିଲା ନିଜର ଅଜ୍ଞତା ପ୍ରକାଶ କରନ୍ତେ ଋଷି ତାକୁ ପରାମର୍ଶ ଦେଲେ କି ସେ ଯାଇ ତା' ମାଆଙ୍କୁ ପଚାରି ଆସୁ ।

ପିଲା ତାହା କଲା । କିନ୍ତୁ ମାଆ କହିଲେ, ''ମୋତେ ଜଣା ନାହିଁ ।''

ପୁଅ ଯାଇ ଋଷିଙ୍କୁ ସେକଥା ଜଣାଇଲା । ''ଆଚ୍ଛା, ତୋ ବାପାଙ୍କର ପୂରା ନାମଟି କ'ଣ, ସେତକ ତୋ ମାଆଙ୍କୁ ପଚାରି ଆସ ।''

ପୁଅର ପଚାରିଥିବା ପ୍ରଶ୍ନର ଉତ୍ତରରେ ମାଆ ଦୀର୍ଘଶ୍ୱାସ ଛାଡ଼ି କହିଲେ, ''ଜାଣେନା । ପୂର୍ବରୁ କେତେ ପରିବାରରେ ପରିଚାରିକା ରୂପେ କାମ କରିଛି । ସେମିତି ଅବସ୍ଥାରେ ମୋତେ ଥରେ ଜଣେ ପରିଚାରକ ପତ୍ନୀ ଭାବେ ଗ୍ରହଣ କରିଥିଲେ । ହଠାତ୍ ମଡ଼କରେ ଆମ ଆଶ୍ରୟଦାତା ପରିବାର ସମେତ ସେ ମଧ୍ୟ ପରପାରିକୁ ଚାଲିଗଲେ । ତାଙ୍କ ନାମଧାମ ମୁଁ ଜାଣି ନାହିଁ ।''

ପୁଅଯାଇ ଋଷି ଗୌତମଙ୍କୁ ମାଆଙ୍କଠୁଁ ଶୁଣିଥିବା କଥା କହନ୍ତେ ଋଷିବର ତତ୍‌କ୍ଷଣାତ୍ କହିଲେ, ''ମୋ ପ୍ରଶ୍ନର ଉତ୍ତର ପାଇଗଲି । ତୁମେ ବ୍ରାହ୍ମଣ ।''

କେହି ଜଣେ ପ୍ରଶ୍ନ କଲେ, ''ଉତ୍ତର କେମିତି ପାଇଲେ ଋଷିବର ?''

''ଯିଏ ବ୍ରାହ୍ମଣ ସିଏ ସର୍ବଦା ସତ୍ୟ କହୁଥିବ ବୋଲି ଆଶା କରାଯାଏ । ଅର୍ଥାତ୍ ଯିଏ ସର୍ବଦା ସତ୍ୟ କୁହେ, ସେ ବ୍ରାହ୍ମଣ । ଏ କ୍ଷେତ୍ରରେ ମାଆ ଏବଂ ପୁଅ – ଦୁଇ ପୁରୁଷ ଧରି ସତ୍ୟହିଁ କହିଲେ । ଅତଏବ ଏ ବାଳକ ବ୍ରାହ୍ମଣ । ଶାସ୍ତ୍ର ଅଧ୍ୟୟନ ଏହାର ସ୍ୱଧର୍ମ । ଗୁରୁକୁଳରେ ସେହି ଅନୁସାରେ ତା'ର ଶିକ୍ଷାର ବ୍ୟବସ୍ଥା କରାଯିବ ।''

ସେ ବାଳକଟିର ନୂତନ ନାମ ହେଲା ସତ୍ୟକାମ । ସେ ତା'ମାଆଙ୍କ ନାମକୁ ନିଜର ସଂଜ୍ଞା ରୂପେ ଗ୍ରହଣ କଲା ଓ ଯଥା ସମୟରେ ଋଷି ସତ୍ୟକାମ ଜାବାଳି ନାମରେ ଖ୍ୟାତ ହେଲା ।

ନିଜେ ଶିକ୍ଷାର୍ଥୀ, ନହେଲେ ଦ୍ରଷ୍ଟା ଗୁରୁ ଶିକ୍ଷାର୍ଥୀର ସ୍ୱଧର୍ମ ନିରୂପଣ କରି ପାରୁଥିଲେ; ସେହି ଅନୁସାରେ ଶିଷ୍ୟଙ୍କୁ ଶିକ୍ଷାଦାନ ଦିଆଯାଉଥିଲା । କିଏ ଅସ୍ତ୍ରବିଦ୍ୟା ଶିଖୁଥିଲା ତ କିଏ ଶିଖୁଥିଲା ଶାସ୍ତ୍ର ବିଦ୍ୟା; କିଏ ଶିଖୁଥିଲା ବାଣିଜ୍ୟର ନୀତିନିୟମ ତ ଆଉ କିଏ ବା ଶିଖୁଥିଲା କୃଷିତତ୍ତ୍ୱ । ପ୍ରାଚୀନ ଭାରତରେ ଲୋକେ ସ୍ୱଧର୍ମ ଓ ସ୍ୱଭାବ ଅନୁସାରେ ଚାରିବର୍ଣ୍ଣରେ ବିଭକ୍ତ ହେଉଥିଲେ : ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୂଦ୍ର । ବୃତ୍ତି ଓ କର୍ମରେ ଉଚ୍ଚନୀଚ ଭେଦଭାବ ଏ ବର୍ଣ୍ଣ ପ୍ରଥାରେ ନଥିଲା । ସ୍ୱଧର୍ମ ଅନୁସରଣ କଲେହିଁ ଜଣେ ପ୍ରେରଣା-ଚାଳିତ ହୋଇ କର୍ମ କରିପାରେ; ନହେଲେ କର୍ମ ହୁଏ କୃତ୍ରିମ । ଅର୍ଥାତ୍ ସ୍ୱଧର୍ମ ଅନୁସାରେ ଆପଣାର କର୍ମ ବାଛି ନେବାର ସ୍ୱାଧୀନତାହିଁ ବର୍ଣ୍ଣ-ବିଭାଗର ଆଦର୍ଶ । କାଳକ୍ରମେ ସମ୍ପୂର୍ଣ୍ଣ ଓଲଟିଗଲା ସେ ଗଭୀର ମନସ୍ତତ୍ତ୍ୱ ସମ୍ମତ ପରମ୍ପରା । ସ୍ୱାଧୀନତା ପରିବର୍ତ୍ତେ ତାହା ପରିଣତ ହେଲା ଜନ୍ମଗତ ପିତୃବୃତ୍ତିର ଅଧୀନତାରେ; ଏକ ନିର୍ଦ୍ଦିଷ୍ଟ କର୍ମ କରିବାର ବାଧ୍ୟବାଧକତାରେ । କ୍ରମେ ବର୍ଣ୍ଣ ହେଲା ଜାତି

ଭେଦରେ ପରିଣତ । ଚାରିବର୍ଣ୍ଣ ଆଜି ଅଠେଇଶ ହଜାର ଜାତି ଏବଂ ଉପଜାତିରେ ବିଭକ୍ତ ! ଏଠାରେ ଆଉ କେତୋଟି ତଥ୍ୟ ଉଲ୍ଲେଖଯୋଗ୍ୟ । ପ୍ରଥମ ପୌରାଣିକ ତଥ୍ୟ ହେଲା, ଏକଦା କୃତ (ସତ୍ୟ) ଯୁଗରେ ମାତ୍ର ଗୋଟିଏ ଜାତି ଥିଲା । ଦ୍ୱିତୀୟ ତଥ୍ୟ ହେଲା, ବର୍ଣ୍ଣ ବିଭାଗ ହେବାପରେ ମଧ୍ୟ ଜଣେ ଗୋଟାଏ ବର୍ଣ୍ଣରୁ ଅନ୍ୟ ବର୍ଣ୍ଣକୁ ପରିବର୍ତ୍ତିତ ହୋଇପାରୁଥିଲା । ରାଜା ବୀତହବ୍ୟ ଥିଲେ କ୍ଷତ୍ରିୟ, କିନ୍ତୁ ସ୍ୱଭାବ ଯୋଗୁଁ ସେ ହେଲେ ବ୍ରାହ୍ମଣ । ଋଷିମାନଙ୍କର ସ୍ଥାନ ବହୁ ଊର୍ଦ୍ଧ୍ୱରେ । ସେମାନେ ବ୍ରାହ୍ମଣ ବର୍ଣ୍ଣରେ ଜନ୍ମ ନହେଲେ ମଧ୍ୟ ପରମ ବ୍ରାହ୍ମଣ ରୂପେ ସମ୍ମାନ ପାଉଥିଲେ । ମହାନ୍ ବ୍ୟାସଦେବ ଥିଲେ ଜଣେ ଧୀବର କନ୍ୟାର ସନ୍ତାନ; ବିଶ୍ୱାମିତ୍ର, ଧ୍ରୁବ – ଏମାନେ କେହି ବ୍ରାହ୍ମଣ ନଥିଲେ । ମହାଭାରତର କାୟଭରଙ୍କ ମାତା ଜଣେ ବ୍ୟାଧ କନ୍ୟା ।

ବ୍ୟକ୍ତିଟିଏ ଯେଉଁ ବର୍ଣ୍ଣୋଦ୍ଭବ ହେଉ ନା କାହିଁକି, ଯେକୌଣସି ଆଦିବାସୀ ସଂପ୍ରଦାୟର ହେଉ ନା କାହିଁକି, ଥରେ ସେ ନିଜ ବିକ୍ରମ ବଳରେ ଅଥବା ଘଟଣାଚକ୍ରରେ ରାଜା ବନିଗଲେ ତେଣିକି ସେ କ୍ଷତ୍ରିୟ ଭାବେ ପରିଗଣିତ ହେବେ ହିଁ ହେବେ । ତାଙ୍କ ପରିବାର ସହ ଅନ୍ୟ କ୍ଷତ୍ରିୟ ପରିବାର ସମୂହର ବୈବାହିକ ସମ୍ପର୍କରେ କୌଣସି ପ୍ରତିବନ୍ଧକ ରହେ ନାହିଁ ।

ଜାତିଗତ ରକ୍ତ-ସ୍ୱାତନ୍ତ୍ର୍ୟର ଧାରଣା ଏକ ଐତିହାସିକ ଜ୍ଞାନ-ବିବର୍ଜିତ, ସାଧାରଣ ଜ୍ଞାନ-ବିରହିତ ସଂସ୍କାର । ହଜାର ହଜାର ବର୍ଷର ଘାତ ପ୍ରତିଘାତ, ବନ୍ଧୁତା ବୈରତା, ଯୁଦ୍ଧ ଓ ଶାନ୍ତି, ଉଚ୍ଛେଦ ଓ ଉପନିବେଶ, ଜାତି ଜାତି ଭିତରେ ଇଚ୍ଛାକୃତ ବା ଅନିଚ୍ଛାକୃତ ବିବାହ – ଏସବୁ ଭିତରେ ଯଦି କେବେ ରକ୍ତଗତ ଭିନ୍ନତା ବୋଲି କିଛି ଥିଲା, ତାହା ଆଜି ସମ୍ପୂର୍ଣ୍ଣ ଅଳୀକ ।

ତଥାପି ଆଜି ଜାତିଗତ କୃତ୍ରିମ ଭିନ୍ନତା ଭାରତର ଦୁର୍ଦ୍ଦଶାର ପ୍ରଧାନ କାରଣରେ ପରିଣତ, ଆନ୍ତର୍ଜାତିକ ସ୍ତରରେ ଏହା ଭାରତକୁ ହାସ୍ୟାସ୍ପଦ ଅବସ୍ଥାରେ ରଖିଛି । ମଜାକଥା ହେଲା, କେରଳରେ ଅଛନ୍ତି କୁରିଚ୍ଛାନ ନାମକ ଜାତି, କର୍ଣ୍ଣାଟକରେ ଅଛନ୍ତି ହୋଲେୟ ନାମକ ଜାତି, ଯେଉଁମାନଙ୍କ ସଂସ୍କାରରେ ବ୍ରାହ୍ମଣ ହେଲେ ଅଛୁଆଁ । ସେମାନଙ୍କ ଘରେ ବ୍ରାହ୍ମଣର ପାଦ ପଡ଼ିଲେ ଅତିଥିଟି ଯିବା ପରେ ଘରକୁ ନାନା ବିଧିରେ ପବିତ୍ର କରିବାକୁ ପଡ଼େ !

ଆଜି ଏତେ କଥା ମନେ ପକାଇବାର କାରଣ, ସଦ୍ୟ* ଓଡ଼ିଶାର ଏକ ବିଦ୍ୟାଳୟରେ ଶ୍ରୀଗଣେଶ ପୂଜା ଦିନ କେତେଜଣ ତଥାକଥିତ 'ନିମ୍ନ' ଜାତିର ବାଳକବାଳିକାଙ୍କୁ ପୂଜାର୍ଚ୍ଚନା କରିବାକୁ ଦିଆଗଲା ନାହିଁ । ଏ ଦୁଃସମ୍ବାଦ 'ପ୍ରେସ ଟ୍ରଷ୍ଟ ଅଫ୍ ଇଣ୍ଡିଆ' (PTI) ଦ୍ୱାରା ପରିବେଷିତ ହୋଇ ସାରା ଭାରତର ଏବଂ ଭାରତରେ ଥିବା ବିଦେଶୀ ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆକର୍ଷଣ କରିଛି ।

ଯେଉଁମାନେ ଏଭଳି ଭେଦନୀତି ପ୍ରବର୍ତ୍ତନ କରିବା ଭଳି ନିର୍ମମ ହୋଇପାରିଲେ, ସେମାନେ କ'ଣ ପ୍ରକୃତରେ ହିନ୍ଦୁ ? ହିନ୍ଦୁ ଦର୍ଶନର ଏକ ମୌଳିକ ସତ୍ୟ ହେଲା କର୍ମଫଳ ତତ୍ତ୍ୱ । ଜାତି ନାମରେ ବ୍ରହ୍ମ-ସମ୍ବଳିତ ମଣିଷକୁ ଘୃଣା କରିବା ପାପ; ପୁଣି ପୂଜାର୍ଚ୍ଚନା ପାଇଁ ଆଗ୍ରହୀ, ଅର୍ଥାତ୍ ଭଗବତ୍ ଆରାଧନା ନିମନ୍ତେ ଆଶାୟୀ କୌଣସି ବ୍ୟକ୍ତିକୁ ସେ ଦିଗରେ ବାଧାଦେବା ମହାପାପ । ଦେବାର୍ଚ୍ଚନାଠୁଁ କାହାକୁ ଦୂରେଇ ଦେବା ଅସୁରର ଅହଂ ଏବଂ ବିଳାସ । ଆମେ ଭୁଲିଗଲେ ଚଳିବ ନାହିଁ ଯେ ଆଜି ସିନା ଅସୁରବର୍ଗ ସ୍ୱଦେହରେ ନାହାନ୍ତି, କିନ୍ତୁ ଆସୁରିକ ଚେତନା ବାତାବରଣରେ ବଳବତ୍ତର ରହିଛି । ଆମେ ସତର୍କ ରହିବା ଚାହି, ଯେପରି ଆମେ ଅବଲୀଳାକ୍ରମେ ସେହି ଚତୁର, ଦୁଷ୍ଟ ଚେତନା-କବଳିତ ହୋଇ ନଯାଉ ।

ଯେଉଁ ବାଳକବାଳିକାମାନଙ୍କୁ ପୂଜାରୁ ବଞ୍ଚିତ କରାଗଲା, ସେମାନଙ୍କ ଭିତରେ ଯଦି ଜଣେ ମଧ୍ୟ ଶିଶୁ ଭକ୍ତ ହୋଇଥିବ, ତେବେ ତା'ର ଅପମାନବୋଧ ଏକ ପ୍ରତିଶୋଧାତ୍ମକ ଶକ୍ତିରେ ପରିଣତ ହୋଇ ଖାଲି ଯେ ଅପମାନକାରୀକୁ ଆଘାତ ଦେବ, ସେତିକି ନୁହେଁ, ସେଭଳି ପରିସ୍ଥିତି ସୃଷ୍ଟି କରୁଥିବା ସମାଜ ପାଇଁ ମଧ୍ୟ ହେବ ଏକ ଦୁରନ୍ତ ଅଭିଶାପ । ଏହିଭଳି ଅସଂଖ୍ୟ ଅନୁଚ୍ଚାରିତ ଅଭିଶାପରେ ଆମ ସମାଜର ବାତାବରଣ ନିପୀଡ଼ିତ ।

– **ମନୋଜ ଦାସ**

❑❑❑

* ପ୍ରବନ୍ଧର ରଚନାକାଳ ସେପ୍ଟେମ୍ବର ୨୦୧୫ ।

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com